ବର୍ଷ-୫୫ : ସଂଖ୍ୟା-୬ ଜୁନ୍, ୨୦୨୪ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜୁନ୍, ୨୦୨୪


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ମାତୃବାଣୀ | ... | ଶ୍ରୀମା | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ମନ୍ଦ ଗତିବୃତ୍ତିର ସମର୍ପଣ | ... | ଶ୍ରୀମା | ... | ୬ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ତ୍ରୟୋଦଶ ପରିଚ୍ଛେଦ) ତର୍କବୁଦ୍ଧି ଓ ଧର୍ମ | ... | ଶେଖ ଅବଦୁଲ କାଶମ | ... | ୭ |
| ଭଗବାନ୍ (କବିତା) | ... | ଶ୍ରୀଅରବିନ୍ଦ | ... | ୧୧ |
| ଆନ୍ତର ଏକାଗ୍ରତା ଓ ବାହ୍ୟ କର୍ମ | ... | ଶ୍ରୀମା | ... | ୧୨ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୩୧) | ... | ... | ... | ୧୪ |
| ଶ୍ରୀଅରବିନ୍ଦଙ୍କ ଯୋଗରେହିଁ ଜୀବନର ପୂର୍ଣ୍ଣତା | ... | ରାମକୃଷ୍ଣ ଦାସ | ... | ୧୮ |
| ଏକ ଅଭୁଲା ସ୍ମୃତି | ... | ସଚ୍ଚିଦାନନ୍ଦ ମହାରଣା | ... | ୨୦ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୮୬) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୨ |
| ଚେତନାର ବିକାଶ ଓ ବୃଦ୍ଧିହିଁ ସମାଧାନର ଏକମାତ୍ର ପନ୍ଥା | ... | ପ୍ରପତ୍ତି | ... | ୨୫ |
| ଦ୍ୱୀପାନ୍ତରର କଥା (ସପ୍ତମ ପରିଚ୍ଛେଦ) ଧର୍ମଘଟର ଫଳାଫଳ (୨) | ... | ବାରୀନ୍ଦ୍ର କୁମାର ଘୋଷ | ... | ୨୭ |
| ନୂତନ ଶିକ୍ଷାର ଆହ୍ୱାନ (୯) | ... | ଗୟାଧର ଦାଶ | ... | ୨୯ |
| ଭବ୍ୟ ଆଚରଣ | ... | ମନୋଜ ଦାସ | ... | ୩୩ |
| ପିଟର ପାଦୁକା | ... | ସନ୍ତୋଷ ରଥ | ... | ୩୫ |
| ତୁମେ ଯେ ଆସିଲ (କବିତା) | ... | ଶରତ କୁମାରୀ ସ୍ୱାଇଁ | ... | ୩୭ |
| ପୁରସ୍କାର | ... | ପ୍ରସାଦ ତ୍ରିପାଠୀ | ... | ୩୮ |
| ଅଦ୍ଭୁତ ଅଜ୍ଞାତ ଯୁବକ | ... | ମନୋଜ ଦାସ | ... | ୪୦ |
| ଚେତନାର ଅନୁପମ ରତ୍ନ (କବିତା) | ... | ହୃଷୀକେଶ ପଣ୍ଡା | ... | ୪୨ |
| ନୟନତାରା | ... | ବନମାଳୀ ଆଚାର୍ଯ୍ୟ | ... | ୪୩ |
| ଯିଶୁ ଭାରତରେ ଥିଲେ | ... | ଆର୍ତ୍ତତ୍ରାଣ ମିଶ୍ର | ... | ୪୬ |
| ତୁମେ ସୃଷ୍ଟିର କାରଣ (କବିତା) | ... | ଗୋପାଳକୃଷ୍ଣ ପଟ୍ଟନାୟକ | ... | ୪୯ |
| କମଳା ପୂଜାରୀ | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୫୦ |
| ୨୦୨୪ ସଂଖ୍ୟାର କେତେ କୌତୁକ ! | ... | ଧର୍ମକୁମାର ଶତପଥି | ... | ୫୩ |
| ଜୀବନ ଜିଜ୍ଞାସା | ... | ମନୋଜ ଦାସ | ... | ୫୬ |


❖

# ପ୍ରାର୍ଥନା

ହେ ପ୍ରଭୁ, ଜଗତର ଅଧୀଶ୍ୱର, ତୁମକୁ ମୁଁ ପ୍ରଣାମ କରୁଛି । କର୍ମ ପ୍ରତି ଆସକ୍ତ ନ ହୋଇ କର୍ମ କରିବାକୁ ଆମ୍ଭମାନଙ୍କୁ ଶକ୍ତି ପ୍ରଦାନ କର, ବ୍ୟକ୍ତିତ୍ୱର ମୋହରେ ବାସ ନକରି, ବ୍ୟକ୍ତିଗତ ଅଭିବ୍ୟକ୍ତିର ସାମର୍ଥ୍ୟସବୁର ବିକାଶ ସକାଶେ ଶକ୍ତି ପ୍ରଦାନ କର । ଆମର ସତ୍ୟଦୃଷ୍ଟିକୁ ସୁଦୃଢ଼ କର; ଆମର ଏକତାର ଉପଲବ୍ଧିକୁ ସ୍ଥିର କର; ସକଳ ଅନ୍ଧକାର ଓ ସକଳ ଅଜ୍ଞାନରୁ ଆମକୁ ମୁକ୍ତ କର ।

ଆମ୍ଭେମାନେ ଯନ୍ତ୍ରର ପୂର୍ଣ୍ଣତା ଦାବି କରୁ ନାହୁଁ, କାରଣ ଆମ୍ଭେମାନେ ଜାଣୁ ଯେ ଏହି ବସ୍ତୁ-ଆପେକ୍ଷିକ ଜଗତରେ ସମସ୍ତ ପୂର୍ଣ୍ଣତାହିଁ ଆପେକ୍ଷିକ : ଏହି ଯନ୍ତ୍ରଟି ଗଠିତ ହୋଇଛି ଏ ଜଗତରେ କାର୍ଯ୍ୟ କରିବା ସକାଶେ, ଏବଂ ଏହା କାର୍ଯ୍ୟକ୍ଷମ ହେବାକୁ ହେଲେ ଏହାକୁ ନିଶ୍ଚିତ ରୂପେ ପୃଥିବୀର ଜଣେ ବ୍ୟକ୍ତି ହେବାକୁ ହେବ । କିନ୍ତୁ ଏହାକୁ ଯେଉଁ ଚେତନା ଅନୁପ୍ରାଣିତ କରୁଛି ତାହା ତୁମ ଚେତନା ସଙ୍ଗେ ଏକତ୍ୱପ୍ରାପ୍ତ ହେବା ପ୍ରୟୋଜନ, ଏହାହିଁ ସେହି ସର୍ବବ୍ୟାପୀ ଶାଶ୍ୱତ ଚେତନା ହେବା ଆବଶ୍ୟକ ଯାହା ନାନା ପ୍ରକାରର ଅସଂଖ୍ୟ ଶରୀରକୁ ସଞ୍ଜୀବିତ କରୁଛି ।

ହେ ପ୍ରଭୁ, ଏହାହିଁ କର ଯେପରି ଆମ୍ଭେମାନେ ସାଧାରଣ ଅଭିବ୍ୟକ୍ତ ରୂପସବୁର ଊର୍ଦ୍ଧ୍ୱକୁ ଉଠିଯାଉ, ଯଦ୍ଦ୍ୱାରା ତୁମେ ତୁମର ନୂତନ ପ୍ରକାଶ ସକାଶେ ଉପଯୁକ୍ତ ଯନ୍ତ୍ରରାଜି ପାଇପାରିବ ।

ଏହାହିଁ କର ଯେପରି ଆମ୍ଭେମାନେ ଲକ୍ଷ୍ୟ ଭୁଲି ନଯାଉ; ତୁମ ଶକ୍ତି ସହିତ ଯେପରି ସର୍ବଦା ସଂଯୁକ୍ତ ରହୁ — ଯେଉଁ ଶକ୍ତି ସମ୍ବନ୍ଧରେ ପୃଥିବୀ ଏବେ ବି କିଛି ଜାଣେ ନାହିଁ ଏବଂ ଯେଉଁ ଶକ୍ତିକୁ ପୃଥିବୀରେ ପ୍ରକାଶ କରିବାର ବ୍ରତ ତୁମେ ଆମ୍ଭମାନଙ୍କୁ ଦେଇଛ ।

ଏକ ଗଭୀର ଧ୍ୟାନାବେଶରେ, ସତ୍ତାର ଅଭିବ୍ୟକ୍ତିର ସକଳ ଅବସ୍ଥା ତୁମର ପରିପ୍ରକାଶ ସକାଶେ ନିଜକୁ ଉତ୍ସର୍ଗ କରୁଛି ।

ଜୁନ୍ ୨୬, ୧୯୧୪ — ଶ୍ରୀମା



# ମାତୃବାଣୀ

Concentrate in the heart. Enter into it; go within and deep and far, as far as you can. Gather all the strings of your consciousness that are spread abroad, roll them up and take a plunge and sink down.

A fire is burning there, in the deep quietude of the heart. It is the divinity in you – your true being. Hear its voice, follow its dictates.

The Mother

ହୃଦୟ ମଧ୍ୟରେ ଏକାଗ୍ର ହୁଅ । ତହିଁରେ ପ୍ରବେଶ କର; ଭିତରକୁ ଯାଅ – ଗଭୀରକୁ ଏବଂ ଦୂରକୁ – ଯେତେ ଦୂର ଯିବାକୁ ତୁମେ ସମର୍ଥ । ଚତୁର୍ଦ୍ଦିଗରେ ବିଚ୍ଛୁରିତ ହୋଇ ରହିଥିବା ତୁମ ଚେତନାର ସମସ୍ତ ଖିଅକୁ ଗୋଟାଇ ଆଣ । ସେସବୁକୁ ଏକତ୍ର କର ଏବଂ ଏକ ନିଷ୍ପତ୍ତିମୂଳକ ପଦକ୍ଷେପ ନେଇ ଭିତରକୁ ନିମଜ୍ଜମାନ ହୁଅ ।

ତହିଁ ଜ୍ୱଳମାନ ଏକ ଅଗ୍ନି, ହୃଦୟର ଗଭୀର ପ୍ରଶାନ୍ତିରେ । ତାହା ତୁମର ଦିବ୍ୟତା – ତୁମର ସତ୍ୟ ସତ୍ତା । ତାହାରି କଣ୍ଠସ୍ୱର ଶୁଣ, ତାହାରି ନିର୍ଦ୍ଦେଶ ଅନୁସରଣ କର ।

ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

**(The Kingdoms and Godheads of the Greater Mind)**

**(୬)**

## ଶ୍ରୀଅରବିନ୍ଦ

All things are real that here are only dreams,
In our unknown depths sleeps their reserve of truth,
On our unreached heights they reign and come to us
In thought and muse trailing their robes of light.

ଏଠାରେ ଯାହା କେବଳ ସ୍ୱପ୍ନ ସେଠାରେ ସେସମସ୍ତ ବସ୍ତୁହିଁ ବାସ୍ତବତା, ଆମର ଅଜ୍ଞାତ ଗଭୀରତା ସକଳରେ ସୁପ୍ତ ହୋଇ ରହିଛି ସେସବୁର ସତ୍ୟର ଭଣ୍ଡାର, ଅପହଞ୍ଚ ଆମ ଉଚ୍ଚତାରେ ସେମାନେ ରାଜତ୍ୱ କରନ୍ତି ଓ ଚିନ୍ତା ତଥା ଧ୍ୟାନରେ ସେମାନଙ୍କର ଆଲୋକର ବସନାଞ୍ଚଳ ପହଁରାଇ ଆମର ସମୀପବର୍ତ୍ତୀ ହୁଅନ୍ତି ।

But our dwarf will and cold pragmatic sense
Admit not the celestial visitants:
Awaiting us on the Ideal's peaks
Or guarded in our secret self unseen
Yet flashed sometimes across the awakened soul,
Hide from our lives their greatness, beauty, power.

ପରନ୍ତୁ ଆମର ବାମନ ସଙ୍କଳ୍ପ ଓ ଶୀତଳ ବାସ୍ତବବୋଧ ସ୍ୱର୍ଗୀୟ ଅଭ୍ୟାଗତମାନଙ୍କୁ ପ୍ରବେଶାନୁମତି ଦିଏ ନାହିଁ : ଆଦର୍ଶର ଶିଖରାବଳୀରେ ଆମ ଲାଗି ଅପେକ୍ଷାରତ ଅଥବା ଆମ ଗୋପନ ସତ୍ତାରେ ଅଦୃଶ୍ୟଭାବେ ସୁରକ୍ଷିତ ରହିଥା'ନ୍ତି ସେମାନେ, ତଥାପି ଆମର ଜାଗ୍ରତ ଆତ୍ମାରେ ବେଳେ ବେଳେ ଉଦ୍ଭାସିତ ହୋଇଉଠନ୍ତି, ଆମ ଜୀବନଠାରୁ ଲୁଚାଇ ରଖନ୍ତି ସେମାନଙ୍କର ମହନୀୟତା, ସୁଷମା ଓ ଶକ୍ତି ।

Our present feels sometimes their regal touch,
Our future strives towards their luminous thrones:
Out of spiritual secrecy they gaze,
Immortal footfalls in mind's corridors sound:
Our souls can climb into the shining planes,
The breadths from which they came can be our home.

ଆମର ବର୍ତ୍ତମାନ କେବେ କେବେ ଅନୁଭବ କରେ ସେମାନଙ୍କର ରାଜକୀୟ ସ୍ପର୍ଶ, ଆମର ଭବିଷ୍ୟତ୍ ସେମାନଙ୍କର ଜ୍ୟୋତିର୍ମୟ ସିଂହାସନ ଅଭିମୁଖେ ଯାତ୍ରା ଲାଗି ଉଦ୍ୟମ କରୁଥାଏ : ଆଧ୍ୟାତ୍ମିକ ଗୋପନୀୟତା ଭିତରୁ ସେମାନେ ସ୍ଥିର ଦୃଷ୍ଟିରେ ଚାହିଁ ରହନ୍ତି, ମନର ଅଳିନ୍ଦରେ ଧ୍ୱନିତ ହୁଏ ଅମର ପଦପାତସକଳ : ସଂଦୀପ୍ତ ଲୋକଚୟକୁ ଆରୋହଣ କରିପାରେ ଆମର ଆତ୍ମା, ଯେଉଁ ପ୍ରଶସ୍ତତାରୁ ସେମାନେ ଆସିଥା'ନ୍ତି ସେସବୁ ଆମର ନିବାସସ୍ଥଳରେ ପରିଣତ ହୋଇପାରେ ।

His privilege regained of shadowless sight
The Thinker entered the immortals' air
And drank again his pure and mighty source.

ତାଙ୍କ ଛାୟାହୀନ ଦୃଷ୍ଟିର ଅଧିକାର ସେ (ଅର୍ଥାତ୍ ଅଶ୍ୱପତି) ପୁନଃପ୍ରାପ୍ତ ହେଲେ, ସେହି ମନୀଷୀ ପ୍ରବିଷ୍ଟ ହେଲେ ଅମରଗଣଙ୍କର ବାତାବରଣରେ ଏବଂ ପୁନରାୟ ପାନ କଲେ ଆପଣାର ଶୁଦ୍ଧ ଓ ଶକ୍ତିଶାଳୀ ଉତ୍ସଧାରା ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ମନ୍ଦ ଗତିବୃତ୍ତିର ସମର୍ପଣ

## ଶ୍ରୀମା

### ନିଜେ ପ୍ରକୃତରେ ଯାହା, ତାହାହିଁ ଦେଖ

କୌଣସି ପ୍ରକାରେ ତୁମର ଦୁର୍ଗୁଣକୁ ଲୁଚାଇବାର କିଂବା ସେଗୁଡ଼ିକୁ ପଛକୁ ଠେଲିଦେଇ ଲୁଚାଇ ରଖିବାର ଆବଶ୍ୟକତା ନାହିଁ । ମାତ୍ର ତୁମେ କଳ୍ପନା କରୁଥାଅ ଯେ ସେଗୁଡ଼ାକ ତୁମ ଭିତରେ ନାହିଁ, କାରଣ ତୁମେ ତା' ଉପରେ ଗୋଟିଏ ପରଦା ଢାଙ୍କି ଦେଇ ଥାଅ । ଉତ୍ତମ କଥା ହେଲା ତୁମେ ପ୍ରକୃତରେ ଯାହା, ଠିକ୍ ସେହିପରି ଭାବେ ନିଜକୁ ଦେଖିବା,– ଅବଶ୍ୟ ତୁମେ ଯଦି ସତ୍ତାର ଏହି ଧାରାକୁ ପ୍ରକୃତରେ ପରିତ୍ୟାଗ କରିବା ନିମନ୍ତେ ପ୍ରସ୍ତୁତ ଥାଅ । ତୁମେ ଯଦି ତୁମ ପ୍ରକୃତି ଭିତରୁ ସବୁ ମନ୍ଦବୃତ୍ତିଗୁଡ଼ିକୁ ପଦାକୁ ବାହାରି ଆସିବାକୁ ଅନୁମତି ଦେବ, ସେଗୁଡ଼ିକୁ ତୁମ ଆଗରେ ମୁକୁଳା କରିଦେବ; ଯଦି ତୁମେ ସେଗୁଡ଼ିକୁ ସମର୍ପଣ କରିଦେବ, ଯଦି ତୁମେ କହିବ, ''ଠିକ୍ ଅଛ, ମୁଁ ତ ଏହିପରି'' ଏବଂ ଏତକ କହିଲା ପରେ ତୁମେ ଯଦି ଅନ୍ୟ କିଛି ହେବାକୁ ଅଭୀପ୍ସା କରୁଥିବ, ତା'ହେଲେ ଏହି ଉପସ୍ଥିତ ମୁହୂର୍ତ୍ତଟି ତୁମ ପାଇଁ ଖୁବ୍ ଉପକାରୀ ହୋଇଉଠିବ; ହଁ, ଠିକ୍ ସେତିକିବେଳେହିଁ ଅଳ୍ପ କେତୋଟି ମୁହୂର୍ତ୍ତ ଭିତରେ ତୁମେ ତୁମର ସେହି ଦୁର୍ଗୁଣ ବା ଦୁଷ୍ପ୍ରବୃତ୍ତି ହାତରୁ ମୁକ୍ତି ପାଇବା ଲାଗି ଆବଶ୍ୟକୀୟ ସାହାଯ୍ୟ ପାଇପାରିବ । କିନ୍ତୁ ତା' ପରିବର୍ତ୍ତେ ତୁମେ ଯଦି ନିଜକୁ ଜଣେ ଛୋଟକାଟର ସାଧୁ ବା ସନ୍ଥ ବୋଲି ଭାବି ପରିତୃପ୍ତିର ଭାବ ନେଇ କିଛି ବି ଗ୍ରହଣ ନ କରି ନିଶ୍ଚିନ୍ତ ହୋଇ ଚାଲିଯାଅ, ତେବେ ତଦ୍ୱାରା ତୁମର କିଛି ଉପକାର ହେବ ନାହିଁ ।

ଚେତନା ସ୍ୱତଃ ଏହିପରି କାର୍ଯ୍ୟ କରେ । ଦିବ୍ୟ ଆଲୋକରୁ ଏକ ଝଲକ ଆସି ପଡ଼େ, ଯାହା ପୂର୍ବରୁ କେବେ ବି ଅନୁଭୂତ ହୋଇ ନଥିଲା । କେବଳ ତୁମେ ଏପରି ଏକ ଅବସ୍ଥାରେ ଆସି ପହଞ୍ଚିବା ଉଚିତ – ଯେଉଁଠି କି ତୁମେ ତୀବ୍ରଭାବେ ଚାହୁଁଛ ଯେ ତୁମ ଭିତରୁ ଏହିସବୁ ଖରାପ ଜିନିଷ ଚାଲିଯାଉ, ଏବଂ ତୁମେ ଆଉ ସେଗୁଡ଼ିକୁ ଧରି ରଖିବାକୁ ସତକୁ ସତ ଚାହୁଁ ନାହଁ । ଯଦି ଜଣେ ନିଷ୍ପାପର ଭାବେ ନିଜ ଭିତରୁ ସେଗୁଡ଼ିକୁ ବାହାର କରିଦେବାକୁ ଚାହୁଁଥାଏ, ଏବଂ ସେଗୁଡ଼ିକୁ ନିଶ୍ଚିହ୍ନ କରିଦେବାକୁ ଚାହୁଁଥାଏ, ତେବେ ତାହା ତା' ପାଇଁ ଏକ ଉତ୍ତମ ସୁଯୋଗ ବୋଲି ଜାଣିବ ।

### ମନ୍ଦ ଗତିବୃତ୍ତିଗୁଡ଼ିକୁ ସମର୍ପଣ କର

ପ୍ରକୃତି ଭିତରେ ଥିବା ମନ୍ଦ ଗତିବୃତ୍ତିଗୁଡ଼ିକୁ ଅବଚେତନା ଭିତରେ ଚାପି ଦେବା ଅପେକ୍ଷା, ସେଗୁଡ଼ିକୁ ସମର୍ପଣ କରିଦେବା ଉଚିତ । ସେସବୁ ଗତିବୃତ୍ତିକୁ ଆଲୋକର ସମ୍ମୁଖକୁ ଆଣିବା ପାଇଁ ସେଗୁଡ଼ିକୁ ଠିକ୍ ଭାବରେ ଉପସ୍ଥାପିତ କରିବାକୁ ହେବ । ...

... ଆମେ ଯଦି ଆମର ଇନ୍ଦ୍ରିୟାନୁଭବଗୁଡ଼ିକୁ – ଅଥବା ଆମର କର୍ମ ଅଥବା ଆମର ଦୃଷ୍ଟିକୁ ସେହି ଆଲୋକ ଆଡ଼କୁ ଟୋଳି ଧରନ୍ତୁ, ତା'ହେଲେ ଆରୋଗ୍ୟ ସମ୍ଭବ ହୋଇ-ପାରନ୍ତା । ସେଗୁଡ଼ିକୁ ଅବଦମିତ କରିବା ପରିବର୍ତ୍ତେ ଅଥବା ସେଗୁଡ଼ିକୁ ନଷ୍ଟ କରିବା ଲକ୍ଷ୍ୟରେ ସେଗୁଡ଼ିକୁ ଉପେକ୍ଷା କରିବା ପରିବର୍ତ୍ତେ (ସେଗୁଡ଼ିକ କେବେ ବି ନଷ୍ଟ ହୁଅନ୍ତି ନାହିଁ !), ସେଗୁଡ଼ିକୁ ଆଲୋକରେ ପ୍ରକ୍ଷେପଣ କରିବାକୁ ହେବ । ... ତୁମ ପ୍ରକୃତିରେ ଥିବା କେତେକ ନିର୍ଦ୍ଦିଷ୍ଟ ଜିନିଷକୁ (ଯାହା ତୁମ ପ୍ରକୃତି ଦ୍ୱାରା ସହଜରେ ଗୃହୀତ ହେଉ ନାହିଁ ଓ ଯାହା ତୁମ ଭିତରେ ଅସମତା ସୃଷ୍ଟି କରୁଛି ।) ଦୂରକୁ ନିକ୍ଷେପ କରିବା ପାଇଁ ଚାହିଁବା ପରିବର୍ତ୍ତେ, ତୁମେ ସେଗୁଡ଼ିକୁ ସ୍ୱୀକାର କର, ସେଗୁଡ଼ିକୁ ଆପଣା ପ୍ରକୃତିର ଅଂଶ ବୋଲି ଗ୍ରହଣ କର ... (ମା' ତାଙ୍କର ହାତ ଦୁଇଟି ଖୋଲି ଧରିଲେ) ଏବଂ ଈଶ୍ୱରଙ୍କୁ ସମର୍ପଣ କର । ସେହି ମନ୍ଦ ଜିନିଷଗୁଡ଼ିକ କେବେ ସମର୍ପିତ ହେବାକୁ ଚାହାନ୍ତି ନାହିଁ, କିନ୍ତୁ ସେମାନଙ୍କୁ ବାଧ୍ୟ କରିବାର ଗୋଟେ ବାଟ ଅଛି : ଆମ ଭିତରେ ଆମେ ସେଗୁଡ଼ିକୁ ଯେତିକି ପରିମାଣରେ ଅଗ୍ରାହ୍ୟ କରିବା, ସେମାନଙ୍କର ବଳ ସେହି ଅନୁସାରେ କମି କମି ଯାଉଥିବ । କିନ୍ତୁ ସେସବୁକୁ ଅଗ୍ରାହ୍ୟ କରିବା ପରିବର୍ତ୍ତେ ଆମେ ଯଦି ତା' ସ୍ଥାନରେ ଏକ ଉର୍ଦ୍ଧ୍ୱସ୍ତରର ବୁଝାମଣା ଆଣିପାରୁ ତା'ହେଲେ ଆମେ ସଫଳ ହୋଇ ପାରିବା । ଏହା ଅପେକ୍ଷାକୃତ ଅନେକ ସହଜ ମଧ୍ୟ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ତ୍ରୟୋଦଶ ପରିଚ୍ଛେଦ)

## ତର୍କବୁଦ୍ଧି ଓ ଧର୍ମ

**ଶେଖ ଅବଦୁଲ କାଶମ**

ମନୁଷ୍ୟ ଜୀବନରେ ଏକ ବିରାଟ ଉଦ୍ୟମ କରିବାର ଆବଶ୍ୟକତା ରହିଛି । କେବଳ ଶରୀରଗତ ଓ ପ୍ରାଣଗତ ସ୍ତରରେ ବଞ୍ଚି ରହିବା, ଏକ ସାମୂହିକ ଅହଂ ଦ୍ୱାରା ପ୍ରେରିତ ହୋଇ ଏକ ଯୌଥ ଜୀବନ ବଞ୍ଚିବା,– ଏହାକୁ ଜୀବନର ଏକ ବିରାଟ ଉଦ୍ୟମ ବା ଆଦର୍ଶ ବୋଲି କୁହାଯାଇ ପାରିବ ନାହିଁ । ଦର୍ଶନ, ସୌନ୍ଦର୍ଯ୍ୟବୋଧ, ନୈତିକତା ଓ ଶରୀର ଚର୍ଚ୍ଚାର କ୍ଷେତ୍ରରେ ଯେଉଁ ସର୍ବାଙ୍ଗୀଣ ବିକାଶ ସାଧନର ହେଲେନୀୟ (Hellenic) ଆଦର୍ଶ ରହିଛି ତାହା ମଧ ମାନବ ସମାଜର ସର୍ବୋଚ୍ଚ ଉଦ୍ୟମ ରୂପେ ଗୃହୀତ ହୋଇପାରିବ ନାହିଁ । ଏପରିକି ସାମୂହିକ ବୁଦ୍ଧି ଓ ସଂଗଠିତ ଜ୍ଞାନ ଦ୍ୱାରା ଅନୁଶାସିତ ଅର୍ଥନୀତି ପ୍ରଧାନ ଏକ ସଫଳ ସଭ୍ୟତାର ଆଧୁନିକ ଆଦର୍ଶ ମଧ ଆମର ସର୍ବଶ୍ରେଷ୍ଠ ଲକ୍ଷ୍ୟ ହୋଇପାରିବ ନାହିଁ । ଅନ୍ୟ ପକ୍ଷରେ ଅନ୍ତର ଭିତରେ ତଥା ବାହାରେ ଏକ ସମତାଯୁକ୍ତ ଓ ସମନ୍ୱିତ ପରିପୂର୍ଣ୍ଣତା ହାସଲ କରିବା, ଜୀବନ ଭିତରେ ସଂଗୁପ୍ତ ଦିବ୍ୟ ପରମ ସତ୍ୟର ଆବିଷ୍କାର କରିବା ଏବଂ ସେହି ଉପଲବ୍ଧି ମାଧ୍ୟମରେ ମନୁଷ୍ୟ ଜୀବନକୁ ସର୍ବାଙ୍ଗ ସୁନ୍ଦର କରି ଗଢ଼ିବା ଏହା ଆମ ପାଇଁ ଏକ ଉଚ୍ଚ ଆଦର୍ଶ ହୋଇପାରେ । ଏହି ଆଦର୍ଶକୁ ଜୀବନରେ ଚରିତାର୍ଥ କରିବାକୁ ଗଲେ ବୁଦ୍ଧି କେତେ ଦୂର ସହାୟକ ହେବ ତାହା ବିଚାର୍ଯ୍ୟ । ମନୁଷ୍ୟଜାତିର ସାମଗ୍ରିକ ଅନୁଭବରୁ ଜଣାପଡ଼େ ଯେ ଏପରି ଏକ ମହାନ୍ ଲକ୍ଷ୍ୟ ପୂରଣ ପାଇଁ ମନୁଷ୍ୟର ବୁଦ୍ଧି କେବଳ ଏକ ଆଂଶିକ ସହାୟକ ରୂପେ କାର୍ଯ୍ୟ କରିପାରେ ।

ପ୍ରାଚୀନ ଗ୍ରୀକ୍ ସଭ୍ୟତାର ଆଦର୍ଶ ଥିଲା ଏକ ସୁସ୍ଥ ଶରୀରରେ ଏକ ସୁସ୍ଥ ମନର ପ୍ରତିଷ୍ଠା । ଅର୍ଥାତ୍, ଶରୀର ଏପରି ସୁସ୍ଥ, ସୁନ୍ଦର ଓ ସୁଗଠିତ ହେବା ଉଚିତ ଯେପରିକି ତାହାଦ୍ୱାରା ଜୀବନକୁ ବୁଦ୍ଧିସମ୍ମତ ଭାବରେ ଉପଯୋଗ କରାଯାଇପାରିବ । ଏହି ଆଦର୍ଶ ଅନୁସାରେ ମନକୁ ସୁସ୍ଥ ଓ ସମ୍ପନ୍ନତାଯୁକ୍ତ, ନିର୍ମଳ ଓ ଭାରସାମ୍ୟଯୁକ୍ତ କରିବାକୁ ଉଦ୍ୟମ କରାଯାଉଥିଲା । ମନୁଷ୍ୟର ବୌଦ୍ଧିକ, ନୈତିକ ଓ ସୌନ୍ଦର୍ଯ୍ୟବୋଧଗତ ସାମର୍ଥ୍ୟଗୁଡ଼ିକର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଥିଲା ଏବଂ ସେଥି ନିମନ୍ତେ ମନର ଉପଯୁକ୍ତ କର୍ଷଣ ଓ ପ୍ରଶିକ୍ଷଣ ଲାଗି ବ୍ୟବସ୍ଥା କରାଯାଉଥିଲା । ପ୍ରାଚୀନ ଗ୍ରୀକ୍ ମନ ଦର୍ଶନ, ସୌନ୍ଦର୍ଯ୍ୟବୋଧ ଓ ରାଜନୀତି କ୍ଷେତ୍ରରେ ବୁଦ୍ଧିର ମୁକ୍ତ ଓ ସ୍ୱଚ୍ଛନ୍ଦ ଉପଯୋଗ କରିପାରୁଥିଲା । ଆଧୁନିକ ମନ ଏହାଠୁ ଭିନ୍ନ ଅଟେ । ବିଜ୍ଞାନ, ଅର୍ଥନୀତି ଓ ପ୍ରୟୋଜନବାଦ ପ୍ରତି ଏହା ଅଧିକ ପ୍ରବୃତ୍ତ ଓ ଅନୁରାଗୀ ଅଟେ । ଆଧୁନିକ ମନ ସୌନ୍ଦର୍ଯ୍ୟ ଉପରେ ଅଧିକ ମହତ୍ତ୍ୱ ପ୍ରଦାନ କରେ ନାହିଁ । ବରଂ ଏହା ବୁଦ୍ଧିଗତ ଓ ବ୍ୟବହାରିକ ସମ୍ପନ୍ନତାକୁ ନିଜର ଧ୍ୟେୟ କରିଥାଏ । ଏହା ଖାପ ଖୁଆଇ ଚଳିବାର ସାମର୍ଥ୍ୟକୁ ବିକଶିତ କରିବାକୁ ଚାହେଁ । ଏକ ସୁସଂଗଠିତ ଓ ସୁଦକ୍ଷ ମନୁଷ୍ୟଜୀବନ ଏହାର କାମ୍ୟ । ମନକୁ ସକଳ ଜ୍ଞାନ ତଥ୍ୟ ଓ ବିଚାର ଦ୍ୱାରା ପରିପୂର୍ଣ୍ଣ କରିବା ଏବଂ ଏକ ଯନ୍ତ୍ର-ଆଶ୍ରିତ ଜୀବନଧାରା ଅନୁସରଣ କରିବା ହେଉଛି ଆଧୁନିକ ଯୁଗର ପ୍ରଧାନ ପ୍ରବୃତ୍ତି ।

ଉଭୟ ଗ୍ରୀକ୍ ଆଦର୍ଶ ଓ ଆଧୁନିକ ଆଦର୍ଶ ବୁଦ୍ଧିସମ୍ପନ୍ନତାକୁ ମନୁଷ୍ୟର ସର୍ବୋତ୍ତମ ସମ୍ଭାବନା ରୂପେ ଗ୍ରହଣ କରିଥା'ନ୍ତି । ମାତ୍ର ଆଶୟପ୍ରଧାନ ଯୁଗରେ ଏହି ଦୁଇ ଆଦର୍ଶଠାରୁ ଏକ ଉଚ୍ଚତର ଆଦର୍ଶକୁ ଅନୁସରଣ କରାଯାଏ । ଏକ ପରିପୂର୍ଣ୍ଣ ମନ ଓ ଶରୀରରେ ଏକ ସଚେତନ ଓ ସ୍ୱୟଂ ଆଲୋକିତ ଆତ୍ମାକୁ ଉପଲବ୍ଧି କରିବା ଆଶୟପ୍ରଧାନ ଯୁଗର ଆଦର୍ଶ ଅଟେ । ଏକ ବୁଦ୍ଧି ପ୍ରେରିତ ଭୌତିକ ଜୀବନ ନୁହେଁ ବରଂ ଆଧାତ୍ମିକତା ଉପରେ ଆଧାରିତ ଏକ ଆନ୍ତର ଓ ବାହ୍ୟଜୀବନ ହେଉଛି ଏ ଯୁଗରେ ମନୁଷ୍ୟର ପ୍ରଧାନ ଲକ୍ଷ୍ୟ । ଏକ ପରିପୂର୍ଣ୍ଣ ସଂସ୍କୃତିସମ୍ପନ୍ନ ଜୀବନ ଓ ଏକ ବୁଦ୍ଧି ପରିଚାଳିତ ସମାଜ ଗଠନ ଅପେକ୍ଷା ନିଜ ଭିତରେ ସ୍ୱର୍ଗ ରାଜ୍ୟ ପ୍ରତିଷ୍ଠା ଓ ପୃଥିବୀ ଉପରେ ଈଶ୍ୱରମୟ ସାମ୍ରାଜ୍ୟର ପ୍ରତିଷ୍ଠା ଆଶୟପ୍ରଧାନ ଯୁଗରେ ଅଧିକ କାମ୍ୟ ଅଟେ ।

ଆଶୟପ୍ରଧାନ ଯୁଗରେ ବୁଦ୍ଧି ଓ ବୁଦ୍ଧିଗତ ଇଚ୍ଛାଶକ୍ତି ଅପେକ୍ଷା ଆତ୍ମାଗତ ସାମର୍ଥ୍ୟଗୁଡ଼ିକର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଏ । କାରଣ ଆତ୍ମ-ପରିପୂର୍ଣ୍ଣତା ସକାଶେ

ଆଧ୍ୟାତ୍ମିକ ଇଚ୍ଛାଶକ୍ତି ଓ ଆଧ୍ୟାତ୍ମିକ ଜ୍ଞାନ ଅତ୍ୟାବଶ୍ୟକ ଅଟେ । ଆତ୍ମ-ପରିପୂର୍ଣ୍ଣତା ଯଦି ଆମ ଜୀବନର ଲକ୍ଷ୍ୟ ହୁଏ ତାହାହେଲେ ଆମକୁ ନିଜ ଭିତରେ ବିଦ୍ୟମାନ ଥିବା ଦିବ୍ୟସତ୍ତାଙ୍କୁ ପୂର୍ଣ୍ଣରୂପେ ଉନ୍ମୋଚିତ କରି ଆଣିବାକୁ ହେବ । ଏହା ସହିତ ଆମର ବ୍ୟକ୍ତିଗତ ଆତ୍ମା ଓ ସମଷ୍ଟିଗତ ଜୀବନରେ ପ୍ରଚ୍ଛନ୍ନ ହୋଇ ରହିଥିବା ଦିବ୍ୟ ସମ୍ଭାବନାର ମଧ୍ୟ ବିବର୍ତ୍ତନ ସଂଘଟିତ କରିବାକୁ ହେବ । ପ୍ରତ୍ୟେକ ବ୍ୟକ୍ତି ଯେପରି ଆପଣାର ସ୍ୱଭାବ, ସ୍ୱଧର୍ମ ଓ ସାମାଜିକ ବୃତ୍ତି ଅନୁଯାୟୀ ପରିପୂର୍ଣ୍ଣତା ହାସଲ କରିପାରିବେ ସେଥିପାଇଁ ଆମକୁ ସମାଜରେ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ହେବ । ପ୍ରାଚୀନ ଭାରତୀୟ ସଭ୍ୟତାରେ ଏଥିପାଇଁ ବର୍ଣ୍ଣାଶ୍ରମର ବ୍ୟବସ୍ଥା କରାଯାଇଥିଲା । ବ୍ୟକ୍ତିର ବିବର୍ତ୍ତନକୁ ସ୍ୱାଭାବିକ ଓ ସୁସଂହତ କରିବା ପାଇଁ ତା'ର ଅର୍ଥନୈତିକ, ନୈତିକ, ଚୈତ୍ୟଗତ ଓ ଆଧ୍ୟାତ୍ମିକ ସ୍ଥିତିକୁ ବିଚାରକୁ ନେଇ ତାକୁ ଏକ ନିର୍ଦ୍ଦିଷ୍ଟ ବର୍ଣ୍ଣ ଭିତରେ ଅନ୍ତର୍ଭୁକ୍ତ କରାଯାଉଥିଲା । ବୌଦ୍ଧିକ ଓ ଆଧ୍ୟାତ୍ମିକଭାବାପନ୍ନ ବ୍ୟକ୍ତିକୁ ବ୍ରାହ୍ମଣ ବୋଲି କୁହାଯାଉଥିଲା । ଗତିଶୀଳ ଇଚ୍ଛାଶକ୍ତି ଓ ରାଜସିକ କର୍ମପ୍ରବଣତା ଥିବା ବ୍ୟକ୍ତିକୁ କ୍ଷତ୍ରିୟ ବୋଲି ଅଭିହିତ କରାଯାଇଥିଲା । ସୁଖକାମୀ ଆର୍ଥିକ ମନୁଷ୍ୟ ବୈଶ୍ୟ ରୂପେ ପରିଚିତ ହେଉଥିଲା ଏବଂ ବସ୍ତୁସ୍ତରୀୟ ମନୁଷ୍ୟ ଶୂଦ୍ରବର୍ଣ୍ଣର ଅନ୍ତର୍ଭୁକ୍ତ ଥିଲା । ଏହିପରି ଭାବରେ ସମଗ୍ର ସମାଜ କ୍ରିୟାଶୀଳ ଭଗବତ ସତ୍ତାର ପୂର୍ଣ୍ଣସ୍ୱରୂପକୁ ପ୍ରତିନିଧିତ୍ୱ କରୁଥିଲା ।

କିନ୍ତୁ ମନେ ରଖିବାକୁ ହେବ ଯେ ରୀତିମୂଳ ସମାଜ ବିଚାର (typal principle)ଟି କଦାପି ଏକ ଆଦର୍ଶ ମନୁଷ୍ୟସମାଜର ମୂଳଦୁଆ ହୋଇପାରିବ ନାହିଁ । ଶ୍ରୀଅରବିନ୍ଦ କହନ୍ତି – ''The type is not the integral man, it is the fixing and emphasising of the generally prominent part of his active nature.''

(The Human Cycle, p. 127)

ଅର୍ଥାତ୍, ''କୌଣସି ରୀତିର ବୋଲ ମାନି ଅଥବା ତାହାର ପ୍ରତିନିଧିତ୍ୱ କରି ତିଆରି ହୋଇଥିବା ମନୁଷ୍ୟ କଦାପି ସମଗ୍ର ମନୁଷ୍ୟ ନୁହେଁ; କାରଣ ରୀତି ସହିତ ଖାପ ଖାଇ ଗଢ଼ି ହେଲାବେଳେ ମନୁଷ୍ୟ ଆପଣାର ସକ୍ରିୟ ପ୍ରକୃତିର କେବଳ ସାଧାରଣ ଭାବରେ ପ୍ରାଧାନ୍ୟ ବିସ୍ତାର କରିଥିବା ଅଂଶଟିକୁହିଁ ଦୃଢ଼ନିବଦ୍ଧ କରି ରଖିଥାଏ ଓ ତାହାରି ଉପରେହିଁ ସର୍ବାଧିକ ଗୁରୁତ୍ୱ ଦେଉଥାଏ ।''

ପ୍ରତ୍ୟେକ ମନୁଷ୍ୟ ଭିତରେ ସମୁଦାୟ ଦିବ୍ୟ ସମ୍ଭାବନା ଅନ୍ତର୍ନିହିତ ହୋଇ ରହିଥାଏ । ତେଣୁ ଜଣେ ଶୂଦ୍ର ବା ବ୍ରାହ୍ମଣକୁ ତା'ର ନିର୍ଦ୍ଦିଷ୍ଟ ବର୍ଣ୍ଣ ଭିତରେ ସୀମାବଦ୍ଧ କରି ରଖାଯାଇ ପାରିବ ନାହିଁ । ପ୍ରତ୍ୟେକ ମନୁଷ୍ୟ ତା' ଭିତରେ ଥିବା ଦିବ୍ୟ ମାନବତ୍ୱର ଅନ୍ୟ ଉପାଦାନଗୁଡ଼ିକୁ ମଧ୍ୟ ବିକଶିତ କରିପାରିବ ଯଦି ସେ ସେଥିପାଇଁ ଆସ୍ପୃହା ବା ଚେଷ୍ଟା କରେ । ସତ୍ୟ ଯୁଗର ବିଧାନ ଓ ଦାବି ହେଉଛି, ପ୍ରତ୍ୟେକ ବ୍ୟକ୍ତି ଆପଣା ସତ୍ତାର ସମୁଦାୟ ସତ୍ୟକୁ ଉନ୍ମୋଚନ କରି ତା'ର ବୃହତ୍ତର ବିକାଶ ସାଧନ କରିବ ।

ଆମ ଭିତରେ ଯେଉଁ ଅତିବୌଦ୍ଧିକ (suprarational) ଓ ଅବବୌଦ୍ଧିକ (infrarational) ପ୍ରବୃତ୍ତିଗୁଡ଼ିକ ରହିଛି ସେଗୁଡ଼ିକ ମଧ୍ୟରେ ଯିଏ ମଧ୍ୟସ୍ଥତା କରିଥାଏ ସେ ହେଉଛି ଆମର ବୁଦ୍ଧି । ଆମ ଭିତରର ଅତିଭୌତିକ ଓ ଆଧ୍ୟାତ୍ମିକ ତତ୍ତ୍ୱ ପରମ ନିର୍ବିଶେଷ ତତ୍ତ୍ୱ(the Absolute)ଟି ଆଡ଼କୁ ଉନ୍ମୁଖ ହୋଇଥାଏ । ଏହା ସାନ୍ତ (finite) ଭିତରେ ଅନନ୍ତ (infinite)କୁ ଏବଂ ବିଭାଜନ ଓ ବିଭେଦ ମଧ୍ୟରେ ଶାଶ୍ୱତ ଏକତ୍ୱକୁ ଉପଲବ୍ଧି କରିବା ପାଇଁ ଚାହେଁ । ଆମର ଆଧ୍ୟାତ୍ମିକ ବିବର୍ତ୍ତନଟି ଆପେକ୍ଷିକତା ମଧ୍ୟରୁ ପରମ ଶାଶ୍ୱତ ସତ୍ୟ ଆଡ଼କୁ ଏବଂ ସୀମାବଦ୍ଧତାରୁ ଅନନ୍ତତା ଆଡ଼କୁ ଏକ ଆରୋହଣ ଅଟେ । ଏହି ଲକ୍ଷ୍ୟ ପୂରଣ ପାଇଁ ଆମକୁ ଆମର ସର୍ବୋଚ୍ଚ ସାମର୍ଥ୍ୟଗୁଡ଼ିକର ଉପଯୋଗ କରିବାକୁ ହେବ । ଆଧ୍ୟାତ୍ମିକ ଇଚ୍ଛା ଶକ୍ତି ଦ୍ୱାରା ଆମେ ଯେଉଁ ଆଧ୍ୟାତ୍ମିକ ସତ୍ୟକୁ ପ୍ରାପ୍ତ ହେବା ତାହା ଆମର ପ୍ରତ୍ୟକ୍ଷ ଜ୍ଞାନ ଓ ଅନୁଭୂତିରେ ପରିଣତ ହେବା ଉଚିତ । ଆମର ଆଧ୍ୟାତ୍ମିକ ଉପଲବ୍ଧି ଏପରି ସମୃଦ୍ଧ ଓ ପରିପୂର୍ଣ୍ଣ ହୋଇଥିବ ଯେପରିକି ଆମେ ସାନ୍ତ ଓ ଅନନ୍ତ ମଧ୍ୟରେ ତଥା ଆପେକ୍ଷିକତା ଓ ପରମ ନିର୍ବିଶେଷ ତତ୍ତ୍ୱ ମଧ୍ୟରେ ସମନ୍ୱୟ ସ୍ଥାପନ କରିପାରୁଥିବା ।

ଅବବୌଦ୍ଧିକର ମୂଳ ରହିଛି ପରମ ନିଶ୍ଚେତନା ମଧ୍ୟରେ । ଏହି ନିଶ୍ଚେତନା ହେଉଛି ଏକ ଅନ୍ତହୀନ ଅନ୍ଧକାରାଚ୍ଛନ୍ନ ରାଜ୍ୟ । ସେଇଠାରୁ ଯାବତୀୟ ସହଜାତ ପ୍ରବୃତ୍ତି ଓ ଆବେଗଗୁଡ଼ିକ ଜାତ ହୋଇଥାଏ । ସେଗୁଡ଼ିକ ଆମ ଭିତରେ କାର୍ଯ୍ୟ କରୁଥିବା ଅବଚେତନ ଭୌତିକ, ପ୍ରାଣଗତ, ସଂବେଗଗତ ଓ ଇନ୍ଦ୍ରିୟବୋଧଗତ ମନ ଓ ଇଚ୍ଛାର ଅଶୋଧିତ ରୂପ । ଆମର ଅବବୌଦ୍ଧିକ ଭାଗଟି ଆତ୍ମସୃଜନ ଲାଗି ସଂଗ୍ରାମ କରୁଛି, ଆପଣାର ଅସ୍ପଷ୍ଟ ଜ୍ଞାନ ଲାଗି ସୀମିତ ବ୍ୟବସ୍ଥାଟିଏ ଲାଭ କରିବାକୁ ଚେଷ୍ଟା କରୁଛି । ଏହା ପରମ ନିର୍ବିଶେଷ ତତ୍ତ୍ୱର

ପ୍ରଗାଢ଼ ବସ୍ତୁଗୁଡ଼ିକୁ ସ୍ପର୍ଶ କରିବାକୁ ତଥା ସେହି ସ୍ପର୍ଶଗୁଡ଼ିକର କିଞ୍ଚିତ୍ ଅଂଶକୁ ଅବତରଣ କରାଇ ଆଣିବାକୁ ମଧ୍ୟ ଉଦ୍ୟମ କରୁଛି । ମାତ୍ର ଯେହେତୁ ଏହା ଅଜ୍ଞାନକୁ ନେଇହିଁ ସକ୍ରିୟ ହୋଇରହିଛି ତେଣୁ ଏହାର ଉଦ୍ୟମ ବିଫଳ ହେଉଛି । ବୁଦ୍ଧି ଓ ବୁଦ୍ଧିଗତ ଇଚ୍ଛାଶକ୍ତି ଏହି ଅବବୌଦ୍ଧିକ ଓ ଅତିବୌଦ୍ଧିକର ମଧ୍ୟବର୍ତ୍ତୀ ପର୍ଯ୍ୟାୟରେ ଥାଇ ଅବବୌଦ୍ଧିକର ସହଜାତ ପ୍ରବୃତ୍ତିଗୁଡ଼ିକୁ ଆଲୋକିତ କରୁଛି ତଥା ଊର୍ଦ୍ଧ୍ୱର ଅତିବୌଦ୍ଧିକ ସତ୍ୟ ସହ ସମ୍ପର୍କ ରଖିବାକୁ ଚେଷ୍ଟା କରୁଛି । କିନ୍ତୁ ଏହା ଆପେକ୍ଷିକତା ଭିତରେ ରହିଥିବାରୁ ଅତିବୌଦ୍ଧିକର ପରମ ସତ୍ୟକୁ ଗ୍ରହଣ କରିବାକୁ ସମର୍ଥ ହେଉ ନାହିଁ । ବୁଦ୍ଧି ମନୁଷ୍ୟର ଏପରି ଏକ ଅପୂର୍ଣ୍ଣ ସାମର୍ଥ୍ୟ ଯାହା କେବଳ ସାନ୍ତତା (definition), ବିଭକ୍ତତା (division) ଓ ସୀମାବଦ୍ଧତା (limitation) ମଧ୍ୟରେହିଁ କାର୍ଯ୍ୟ କରିପାରେ । ଆମର ସକଳ କାର୍ଯ୍ୟରେ ଅବବୌଦ୍ଧିକ, ବୁଦ୍ଧିଗତ ଓ ଅତିବୌଦ୍ଧିକ ଏଇ ତିନୋଟି ଯାକ ସାମର୍ଥ୍ୟ ଭିନ୍ନ ଭିନ୍ନ ମାତ୍ରାରେ ରହିଥିବା ଆମେ ଦେଖିବାକୁ ପାଇବା ।

ଧର୍ମଗତ ଜୀବନର ମନସ୍ତାତ୍ତ୍ୱିକ ଅଭିଜ୍ଞତାଗୁଡ଼ିକୁ ବିଚାର କରିବାରେ ବୁଦ୍ଧି ଅସମର୍ଥ୍ୟ ହୋଇଥାଏ । ଧର୍ମଗତ ଜୀବନର ସତ୍ୟଗୁଡ଼ିକ ତା' ପକ୍ଷରେ ସମ୍ପୂର୍ଣ୍ଣ ଅଜ୍ଞାତ ହୋଇଥିବାରୁ ସେଗୁଡ଼ିକୁ ବୁଝିବାକୁ ଯାଇ ସେ ନାନା ଭ୍ରାନ୍ତି ଓ ବିକୃତିକୁ ଜନ୍ମ ଦିଏ । ବୁଦ୍ଧିଗତ ଯୁକ୍ତିତର୍କ ଉପରେ ଏକାନ୍ତ ଭରସା ରଖିଥିବା ବ୍ୟକ୍ତି ଧର୍ମଗତ ଜୀବନର ଅନୁଭୂତିଗୁଡ଼ିକୁ ଅନ୍ଧବିଶ୍ୱାସ ଓ ନିରର୍ଥକ ବ୍ୟାପାର ବୋଲି ମନେ କରେ । ଅଥବା ସେ ଧର୍ମର ପୃଷ୍ଠପୋଷକତା କରିବାକୁ ବାହାରେ ଏବଂ ତା'ର ମୂଳଗୁଡ଼ିକୁ ବ୍ୟାଖ୍ୟା କରିବାକୁ ଯାଇ ସେଥିରୁ ନିଷ୍କୃତି ପାଇବାକୁ ଚେଷ୍ଟା କରେ । ଅଥବା ଧର୍ମର ଅନ୍ଧବିଶ୍ୱାସ ଓ ଅଶୁଦ୍ଧିଗୁଡ଼ିକୁ ସଂଶୋଧନ କରିବାକୁ ଯାଇ ସେ ତା'ର ଅସ୍ତିତ୍ୱକୁହିଁ ଲୋପ କରିଦେବାକୁ ବସେ । ଅଥବା ନିମ୍ନବର୍ଗର ଲୋକମାନଙ୍କୁ ଶୃଙ୍ଖଳିତ କରିବା ଲାଗି ଧର୍ମର ଆବଶ୍ୟକତା ଅଛି ବୋଲି ମନେ କରି ଏକ ବୁଦ୍ଧି ପରିଚାଳିତ ଧର୍ମ(rational religion)ର ସପକ୍ଷରେ ଯୁକ୍ତି ବାଢ଼େ ।

ବିଦେଶୀଟିଏ ଯେପରି ଆପଣାର ବିଚାରଧାରା ଓ ମାନଦଣ୍ଡକୁ ନେଇ ଅନ୍ୟ ଦେଶର ସଂସ୍କୃତି ଓ ଜୀବନ ପ୍ରଣାଳୀକୁ ବିଚାର କରେ ଏବଂ କୁହେ ଯେ ତାହା ଉଦ୍ଭଟ ଓ ନିକୃଷ୍ଟ, ଠିକ୍ ସେହିପରି ଜଣେ ବୁଦ୍ଧିପ୍ରଧାନ ବ୍ୟକ୍ତି ଧର୍ମର ଅସଲ ମର୍ମ ନ ବୁଝି ତାକୁ ଏକ ନିକୃଷ୍ଟ ସ୍ଥାନ ଦେଇଥାଏ ଏବଂ ତା' ପ୍ରତି ଅସହିଷ୍ଣୁ ହୋଇଉଠେ । ଧର୍ମ ଯେଉଁ ସୂକ୍ଷ୍ମ ଓ ଗୂଢ଼ ଅନୁଭୂତି ସବୁ ଦେଇଥାଏ, ତାହାକୁ ବୁଦ୍ଧିବାଦୀ ଅବିଶ୍ୱାସ କରେ, ତାହାର ସ୍ଥୂଳ ପ୍ରମାଣ ଦାବି କରେ । ସେ ବୁଝିପାରେ ନାହିଁ ଯେ ଜଡ଼ାତୀତ ଏକ ପରମ ଚିଦ୍‌ଗତତା ବା ଆଧ୍ୟାତ୍ମିକ ପରମସତ୍ତାର ଆବିଷ୍କାରହିଁ ଧର୍ମର ମୂଳକଥା, ଏକ ଅତିଭୌତିକ ଚେତନା ସହିତ ସମ୍ପର୍କ ସ୍ଥାପନହିଁ ଧର୍ମର ପ୍ରଥମ ଲକ୍ଷ୍ୟ । ଧର୍ମର ବାହ୍ୟଭୂମିରେ ମତବାଦ, ସମ୍ପ୍ରଦାୟ, ଉପାସନାବିଧି, ଉତ୍ସବ ଓ ପ୍ରତୀକମାନ ରହିଥାଏ । କିନ୍ତୁ ଧର୍ମର ଅସଲ କଥା ହେଲା ଭଗବାନଙ୍କୁ ଖୋଜିବା ଓ ଆବିଷ୍କାର କରିବା ।

ମନୁଷ୍ୟ ଭଗବାନଙ୍କୁ ଉପଲବ୍ଧି କରିବା ପାଇଁ ତୀବ୍ର ଆସ୍ପୃହା ପୋଷଣ କରେ,— ପ୍ରେମ, ଭକ୍ତି, ଜିଜ୍ଞାସା, ସେବା ଓ ସମର୍ପଣ ମାଧ୍ୟମରେ ସେ ଭଗବାନଙ୍କ ସହିତ ନିବିଡ଼ ସମ୍ପର୍କ ସ୍ଥାପନ କରେ । ଏହାର ଫଳସ୍ୱରୂପ ଭଗବାନ୍ ମନୁଷ୍ୟ ଭିତରକୁ ଅବତରଣ କରି ଆସନ୍ତି । ଏହି ସକଳ ପ୍ରକ୍ରିୟାରେ ବୁଦ୍ଧିର କୌଣସି ଅବଦାନ ନଥାଏ । ଏ ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦ କହନ୍ତି — ''The knowledge of God is not to be gained by weighing the feeble arguments of reason for or against his existence: it is to be gained only by a self-transcending and absolute consecration, aspiration and experience.''

(The Human Cycle, p. 131)

ଅର୍ଥାତ୍, ''ଈଶ୍ୱର ପ୍ରକୃତରେ ଅଛନ୍ତି କି ନାହିଁ ଏହି ବିଷୟରେ ତର୍କବୁଦ୍ଧିର କ୍ଷୀଣବଳ ଯୁକ୍ତିଗୁଡ଼ିକୁ ତଉଲି ଦେଖିବା ଦ୍ୱାରା ଈଶ୍ୱର କଦାପି ଉପଲବ୍ଧ ହେବେ ନାହିଁ; କେବଳ ଆପଣାକୁ ଆପଣାର ଏହି ଅଭ୍ୟସ୍ତ ସୀମାଗୁଡ଼ିକ ମଧ୍ୟରୁ ଉତ୍ତୋଳିତ କରି ନେଇପାରିଲେ, ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରି ରଖିପାରିଲେ, ଆପଣାର ଆକାଙ୍କ୍ଷା ତଥା ଅନୁଭୂତି ମଧ୍ୟରେ ସମ୍ପୂର୍ଣ୍ଣତା ଅର୍ଜନ କରି ପାରିଲେ ଯାଇ ଈଶ୍ୱର ଉପଲବ୍ଧ ହେବେ ।''

ବୁଦ୍ଧିବାଦୀ ଧର୍ମର ଗଭୀର ତତ୍ତ୍ୱ ଭିତରେ ପ୍ରବେଶ ନକରି କେବଳ ବହିରଙ୍ଗ ବିଷୟଗୁଡ଼ିକୁ ବିଚାର କରିଥାଏ । ତେଣୁ ତାହାର ସିଦ୍ଧାନ୍ତଗୁଡ଼ିକ ପ୍ରମାଦଯୁକ୍ତ ହୋଇଥାଏ, ସେଥିରେ ନାନା ବିକୃତି ରହିଥାଏ ।

ଧର୍ମଗତ ଅନୁଭୂତି ଲାଭ କରିବା ସକାଶେ କୌଣସି ବୈଜ୍ଞାନିକ ପରୀକ୍ଷା ଭଳି ବୌଦ୍ଧିକ ପ୍ରଣାଳୀ ଅବଲମ୍ବନ କରିବାକୁ

ହୁଏ ନାହିଁ । ବୁଦ୍ଧିଗତ କୌଣସି କସରତ ବା ଦାର୍ଶନିକ କୌଣସି ଚିନ୍ତନ ଦ୍ୱାରା ସେହି ଅନୁଭୂତି ପ୍ରାପ୍ତ ହୋଇ ନଥାଏ । ଧର୍ମଗତ ଜ୍ଞାନ କଳ୍ପନାଶକ୍ତି, ନ୍ୟାୟବୁଦ୍ଧି ବା ବୁଦ୍ଧିଗତ ବିଚାର ଦ୍ୱାରା ଅଧିଗତ ହୋଇ ନଥାଏ । ବରଂ ତାହା ଅନ୍ତଃଶ୍ରବଣ, ଅନ୍ତଃପ୍ରେରଣା ଓ ସମ୍ବୋଧି ମାଧ୍ୟମରେ ଉପଲବ୍ଧ ହୋଇଥାଏ । ଭଗବାନଙ୍କ ପ୍ରତି ପ୍ରେମ ହେଉଛି ଏକ ଅନନ୍ତ ତଥା ପରମ ଅନୁଭୂତି । ଏହାକୁ କୌଣସି ବୌଦ୍ଧିକ ସୀମା ଭିତରେ ଆବଦ୍ଧ କରି ହେବ ନାହିଁ । ବୌଦ୍ଧିକ ଭାଷାରେ ଭଗବତ୍ ପ୍ରେମକୁ ଅଭିବ୍ୟକ୍ତ କରି ହେବ ନାହିଁ । ଈଶ୍ୱର ଭକ୍ତି ଦ୍ୱାରା ଯେଉଁ ଆନନ୍ଦ ପ୍ରାପ୍ତ ହୁଏ ତାହାକୁ ବୁଝିବା ବୁଦ୍ଧି ପକ୍ଷରେ ସାଧ୍ୟାତୀତ । ଭଗବାନଙ୍କଠାରେ ବ୍ୟକ୍ତିର ସମ୍ପୂର୍ଣ୍ଣ ଆତ୍ମସମର୍ପଣ ଏପରି ଏକ ମହାନ୍ ଘଟଣା ଯାହାକୁ ଲାଭ କ୍ଷତି ହିସାବ କରୁଥିବା ବ୍ୟବହାରିକ ବୁଦ୍ଧି ଆଦୌ ବୁଝିବାକୁ ସମର୍ଥ ହେବ ନାହିଁ ।

ଧର୍ମଗତ ଅନୁଭବର କ୍ଷେତ୍ରରେ ତର୍କବୁଦ୍ଧିର ଏକ ଗୌଣ ଭୂମିକା ରହିଛି । ଏହା ନିଜର ଭାଷାରେ ଧର୍ମଗତ ସତ୍ୟ ଓ ଅନୁଭବଗୁଡ଼ିକୁ ଯଥାସମ୍ଭବ ବ୍ୟାଖ୍ୟା କରିଥାଏ । ଏହା ଫଳରେ ପ୍ରାଚ୍ୟ ଜଗତରେ ଆଧ୍ୟାତ୍ମିକ ଦର୍ଶନର ରଚନା ଓ ପାଶ୍ଚାତ୍ୟ ଜଗତରେ ଈଶ୍ୱର ତତ୍ତ୍ୱ ସମ୍ବନ୍ଧୀୟ ଅଧ୍ୟୟନ ସମ୍ଭବ ହୋଇଛି । ବର୍ତ୍ତମାନ ଏହା ମହତ୍ତ୍ୱପୂର୍ଣ୍ଣ ହୋଇ ଉଠିଛି, କାରଣ ମନୁଷ୍ୟର ବୁଦ୍ଧି ଏକ ଦୀର୍ଘକାଳର ବ୍ୟବଧାନ ପରେ ଦିବ୍ୟସତ୍ୟର ଅନୁସନ୍ଧାନ ଦିଗରେ ପ୍ରବୃତ୍ତ ହୋଇଛି । ବୁଦ୍ଧିର କାର୍ଯ୍ୟ ସେତେବେଳେ ନିରାପଦ ହୋଇଥାଏ ଯେତେବେଳେ ଏହା ଆଧ୍ୟାତ୍ମିକ ଜୀବନର ସତ୍ୟଗୁଡ଼ିକର ବିକୃତ ବ୍ୟାଖ୍ୟା ନଦେଇ ଯଥାସମ୍ଭବ ବୋଧଗମ୍ୟ କରି ସେଗୁଡ଼ିକୁ ଉପସ୍ଥାପିତ କରେ । ବୁଦ୍ଧିପ୍ରସୂତ ଅଧ୍ୟାତ୍ମ-ଦର୍ଶନ ଯଥାର୍ଥ ଆଭ୍ୟନ୍ତରୀଣ ଜ୍ଞାନକୁ ପ୍ରକାଶ କରିପାରେ ନାହିଁ । ମାତ୍ର ଏହା ଯଦି ବ୍ୟକ୍ତିର ବୁଦ୍ଧିଗତ ମନକୁ ସେ ବିଷୟରେ କିଞ୍ଚିତ୍ ହୃଦ୍‌ବୋଧ କରିପାରିଲା ବା ଆକର୍ଷିତ କରିପାରିଲା ତାହାହିଁ ଯଥେଷ୍ଟ ହେବ । ଅଧ୍ୟାତ୍ମ ସତ୍ୟ ବିଷୟରେ ବିଶ୍ୱାସ ଜାଗ୍ରତ୍ ହେବା ପରେ ବ୍ୟକ୍ତି ସେ ଦିଗରେ ଯଥାର୍ଥ ଜ୍ଞାନ ପ୍ରାପ୍ତି ପାଇଁ ସଚେଷ୍ଟ ହେବ ।

ଅବବୌଦ୍ଧିକ ଜୀବନ ସ୍ତରରେ ସହଜାତ ପ୍ରବୃତ୍ତି, ଆବେଗ, ଇନ୍ଦ୍ରିୟବୋଧ, ଅଶୋଧିତ ସଂବେଗ ଓ ପ୍ରାଣଗତ ନାନା କ୍ରିୟାତ୍ମକତା ରହିଛି, ସେଇଠାରୁହିଁ ସକଳ ମାନବୀୟ ଆସ୍ପୃହାର ଊର୍ଦ୍ଧ୍ୱାରୋହଣ ଆରମ୍ଭ ହୁଏ । ଆମେ ଯେତେବେଳେ ଆମର ନିମ୍ନ ଅଜ୍ଞାନମୟ ପ୍ରକୃତିକୁ ନେଇ ଧର୍ମଗତ ଜୀବନ ବଞ୍ଚିବାକୁ ଆରମ୍ଭ କରୁ ସେତେବେଳେ ଅନେକ ପ୍ରକାରର ଅନ୍ଧବିଶ୍ୱାସ, ଅଜ୍ଞାନ, ଅଶୁଦ୍ଧି ଓ ସଂଶୟପୂର୍ଣ୍ଣ ଉପାଦାନର ସମ୍ମୁଖୀନ ହେଉ । ଏଇଠାରେହିଁ ବୁଦ୍ଧିକୁ ତା'ର ନ୍ୟାଯ୍ୟ ଭୂମିକା ତୁଲାଇବାକୁ ହୋଇଥାଏ । ବୁଦ୍ଧି ସାହାଯ୍ୟରେ ଆମେ ଆମର ପ୍ରବୃତ୍ତି ଓ ଆବେଗଗୁଡ଼ିକୁ ବିଶୁଦ୍ଧ କରିପାରୁ । ଧର୍ମାଚରଣ ସମୟରେ ଯାହା କିଛି ଅବବୌଦ୍ଧିକ ଓ ଅପରିଶୁଦ୍ଧ ଉପାଦାନ ଆସି ଅଗ୍ରଗତିକୁ ବ୍ୟାହତ କରେ ସେସବୁକୁ ଆଲୋକିତ, ଶୁଦ୍ଧ ଓ ଯୁକ୍ତିସଂଗତ କରି ଆମେ ଲକ୍ଷ୍ୟ ଦିଗରେ ଆଗେଇ ଯାଉ । ସୁତରାଂ ମନୁଷ୍ୟର ଧର୍ମଗତ ବିକାଶ ପଥରେ ଏକ ଧର୍ମସଂସ୍କାର ବା ଧର୍ମ ଆନ୍ଦୋଳନ (religious reformation)କୁ ଏକ ନିଶ୍ଚିତ ଅଗ୍ରଗତି ବୋଲି କୁହାଯାଇପାରିବ ।

ଧର୍ମର ବାହ୍ୟ ରୂପ ଓ ବ୍ୟବସ୍ଥାଗୁଡ଼ିକ କାଳକ୍ରମେ ଅଚଳ ଓ ବିକୃତ ହୋଇପଡ଼େ । ସେଗୁଡ଼ିକ ନିଜର ଅସଲ ଆନ୍ତର ଅର୍ଥ ହରାଇ ବସନ୍ତି ଏବଂ ଦୂରଛଡ଼ା ହୋଇ ରହିଯା'ନ୍ତି । ବ୍ୟବହାରିକ ଆଚାରଗୁଡ଼ିକ ମଧ୍ୟ କ୍ଷତିକାରକ ହୋଇପଡ଼େ । ଏହି ବିକୃତି ଓ ଦୋଷଗୁଡ଼ିକୁ ଦୂର କରିବାରେ ବୁଦ୍ଧି ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ମାତ୍ର ବୁଦ୍ଧିଗତ ବିଚାର ଯଦି ଆଧ୍ୟାତ୍ମିକ ଜ୍ଞାନ ଦ୍ୱାରା ଆଲୋକିତ ହୋଇ ନଥାଏ ତାହା ହେଲେ ତାହା ଧର୍ମଗତ ରୂପସକଳ ଭିତରେ ଥିବା ସତ୍ୟ ଓ ଅନୁଭବକୁ ଅସ୍ୱୀକାର କରିଦେବାର ସମ୍ଭାବନା ବି ରହିଥାଏ । ଧର୍ମଗତ ଜୀବନରେ ସହଜାତ ପ୍ରବୃତ୍ତି ଓ ଆବେଗ ଆଦିକୁ ବୁଦ୍ଧି ଦ୍ୱାରା ସନ୍ତୋଷଜନକ ଭାବେ ବିଶୋଧିତ କରାଯାଇପାରେ ନାହିଁ । କିନ୍ତୁ ଯଦି ସେଗୁଡ଼ିକୁ ଅଧ୍ୟାତ୍ମ ଅଲୋକ ଆଡ଼କୁ ଉତ୍ତୋଳିତ କରି ନିଆଯାଏ, ତାହାହେଲେ ସେଗୁଡ଼ିକର ବିଶୁଦ୍ଧୀକରଣ ସମ୍ଭବ ହୁଏ । ଧର୍ମକ୍ଷେତ୍ରରେ ସ୍ୱାଭାବିକ ବିକାଶ ଆଧ୍ୟାତ୍ମିକ ଉଦ୍ଭାସନ ଦ୍ୱାରାହିଁ ସଂଘଟିତ ହୋଇଥାଏ । ଧର୍ମ ଯଦି କେବଳ ଶୁଦ୍ଧ ବୌଦ୍ଧିକତାକୁ ଆଶ୍ରୟ କରି ରହିଥାଏ, ତାହା ଶୀତଳ ଓ ଶୀର୍ଣ୍ଣ ଈଶ୍ୱରବାଦରେ ପରିଣତ ହୁଏ, ସେଥିରେ ପ୍ରାଣପ୍ରାଚୁର୍ଯ୍ୟ ନଥାଏ କି ତାହା ସ୍ଥାୟୀ ହୋଇପାରେ ନାହିଁ । ସେଥିପାଇଁ ବୁଦ୍ଧି କେଉଁ ଧରଣର ହେଲେ ତାହା ଫଳପ୍ରଦ ଭାବେ କାର୍ଯ୍ୟ କରିପାରିବ ସେ ସମ୍ପର୍କରେ ଶ୍ରୀଅରବିନ୍ଦ କହନ୍ତି –''If reason is to play any decisive part, it must be an intuitive rather than an intellectual reason, touched always by spiritual intensity and insight.''

(The Human Cycle, p. 135)

ଅର୍ଥାତ୍, ''ଯଦି ବୁଦ୍ଧିକୁ କୌଣସି ମୀମାଂସକ ଭୂମିକା ଗ୍ରହଣ କରିବାକୁ ହୁଏ, ତେବେ ତାହା କେବଳ ଏକ ମସ୍ତିଷ୍କଗତ ବୁଦ୍ଧି ଓ ବିଚାରଣା ନହୋଇ ସଂବୋଧିଗତ ବିଚାରଣା ଓ ବିବେଚନା ହେବା ଉଚିତ । ଆଧାତ୍ମିକ ପ୍ରଗାଢ଼ତା ତଥା ଆଧାତ୍ମିକ ଅନ୍ତର୍ଦୃଷ୍ଟି ସେହି ବୁଦ୍ଧିକୁ ସବୁବେଳେ ସ୍ପର୍ଶ କରି ରହିଥିବା ଉଚିତ ।''

ଆମ ଭିତରର ଅବବୌଦ୍ଧିକ ସ୍ତରରେ ମଧ୍ୟ ଏକ ସତ୍ୟ ପ୍ରଚ୍ଛନ୍ନ ହୋଇ ରହିଥାଏ । ତାହା ବୁଦ୍ଧି ଓ ତର୍କଣାର ଅଧୀନରେ ନଥାଏ, ମାତ୍ର ଆମ ଭିତରର ସଂବୋଧିଗତ ଚକ୍ଷୁ ତାହାର ସନ୍ଧାନ ପାଇପାରେ । ସୁତରାଂ ଆମର ଅବବୌଦ୍ଧିକ ସ୍ତରରେ ତଥା ଧର୍ମର ଆୟତନ ଭିତରେ ଏପରି କେତେକ ଉପାଦାନ ରହିଥାଏ ଯାହାକୁ ବହିଷ୍କାର ନକରି ଆଲୋକିତ ଓ ଶୁଦ୍ଧ କରିବା ଆବଶ୍ୟକ ।

ଚିଦ୍‌ଗତ ପ୍ରେରଣା ଓ ବୁଦ୍ଧି ମଧ୍ୟରେ କୌଣସି ବିରୋଧ ଭାବ ରହିବା ଉଚିତ ନୁହେଁ । ବୁଦ୍ଧି ଯାହାକୁ ଅସମ୍ଭବ ଓ ଉଦ୍ଭଟ ବୋଲି ଭାବୁଥାଏ, ଚିଦ୍‌ଗତ ପ୍ରେରଣା ଓ ଜ୍ଞାନ ପକ୍ଷରେ ତାହା ସମ୍ଭବ ଓ ବାସ୍ତବ ବୋଲି ଅନୁଭୂତ ହୋଇପାରେ । ବୁଦ୍ଧି ଯଦି ସମ୍ବୋଧିପ୍ରେରିତ ମନ ଦ୍ୱାରା ପରିଚାଳିତ ହୁଏ ତାହାହେଲେ ନିମ୍ନ ସ୍ତରର ଅନେକ ଉପାଦାନ ଉଚ୍ଚତର ସ୍ତରକୁ ଉତ୍ତୋଳିତ ହୋଇପାରେ । ସୁତରାଂ ଆଧ୍ୟାତ୍ମିକତାର ପ୍ରଶସ୍ତ କ୍ଷେତ୍ର ମନୁଷ୍ୟଜୀବନର କୌଣସି ମହତ୍ତ୍ୱପୂର୍ଣ୍ଣ କ୍ରିୟାକୁ ବାଦ୍ ଦିଏ ନାହିଁ । ତାହା ସବୁକିଛିକୁ ଅପୂର୍ଣ୍ଣତାର ଭୂମିରୁ ପୂର୍ଣ୍ଣତା ଆଡ଼କୁ ଉତ୍ତୋଳିତ କରିନେଇପାରେ ଏବଂ ସେଗୁଡ଼ିକର ରୂପାନ୍ତର ସାଧନ କରିପାରେ ।

❑❑❑

# ଭଗବାନ୍

## ଶ୍ରୀଅରବିନ୍ଦ

ସଙ୍କଟର ଭୀମନୃତ୍ୟ ପଶ୍ଚାତରେ ରହିଥିଲି ବସି
ମୁଖରିତ ରାଜପଥ ଭବିଷ୍ୟର ଖିଆଲ ସତେବା,
ସହସା ପ୍ରତୀତ ହେଲା ଅତିକ୍ରମି ପ୍ରକୃତିର ପନ୍ଥା,
ପରମ ତନୁଟି ତାଙ୍କ ଚତୁର୍ଦ୍ଦିଗୁଁ ମୋତେ ଆବୋରିଛି ।



ମସ୍ତକ ଉପରେ ମୋର ବିରାଜିତ ବିରାଟ ମସ୍ତକ,
ଅମୃତ ପ୍ରଶାନ୍ତି ଜ୍ୟୋତି ସୁଶୋଭିତ ଗୋଟିଏ ଆନନ୍ଦ
ସର୍ବଜୟୀ ଦୃଷ୍ଟି ଏକ ସର୍ବଦୃଶ୍ୟେ କରିଛି ଆୟତ୍ତ
ସାର୍ବଭୌମ ମହିମାରେ ବିଶ୍ୱବୃତ୍ତ କରି କରଗତ ।

ସୂର୍ଯ୍ୟ ଓ ସମୀର ସହ ତାଙ୍କ କେଶଦାମ ସମ୍ମିଳିତ;
ମୁଁ ଯେ ସେହି, ବକ୍ଷେ ଯା'ର ବିରାଜିତ ଅଖିଳ ଜଗତ୍ :
ଚିରନ୍ତନ ଦିବ୍ୟଶାନ୍ତି ହୃଦେ ମୋର କରିଲି ଧାରଣ,
ସେ ପରମ ଶୌର୍ଯ୍ୟ, ଯା'ର ବସ୍ତୁସାର ନିତ୍ୟ ଅମଳିନ ।

ସେ ମୁହୂର୍ତ୍ତ ଅନ୍ତର୍ଦ୍ଧାନ, ସବୁ ପୁଣି ହେଲା ପୂର୍ବପରି;
ଅବିନଶ୍ୱର ସେ ସ୍ମୃତି ଅନ୍ତରେ ମୋ ରହେ ସଦା ଜାଗି ।

[ଶ୍ରୀଅରବିନ୍ଦଙ୍କ ରଚିତ **"The Godhead"** କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି ❑

# ଆନ୍ତର ଏକାଗ୍ରତା ଓ ବାହ୍ୟ କର୍ମ

## ଶ୍ରୀମା

*ପ୍ରଶ୍ନ : ମା', ଅନେକ ସମୟରେ ଆନ୍ତର ଚେତନାର ପ୍ରଚେଷ୍ଟାସବୁ ବାହ୍ୟ କର୍ମ ଭିତରେ ନଷ୍ଟ ଓ ଇତସ୍ତତଃ ବିକ୍ଷିପ୍ତ ହୋଇପଡ଼େ ।*

ଶ୍ରୀମା : ବାହ୍ୟ କର୍ମରେ ସକ୍ରିୟ ଭାଗ ନେଲାବେଳେ ଭିତରର ଏକାଗ୍ରତାକୁ କିପରି ରକ୍ଷା କରିବ ?... ଏହା ବିଶେଷ କଷ୍ଟକର ହେବା ଉଚିତ ନୁହେଁ । ପ୍ରକୃତରେ ଏହା ବିଶେଷ କଷ୍ଟକର ହେବା ଉଚିତ ନୁହେଁ । ମୋ ପାଇଁ ଯାହା କଷ୍ଟକର ମନେହୁଏ ତା' ହେଉଛି ଏହି ଆନ୍ତର ଚେତନାର ଗଭୀର ଏକାଗ୍ରତାକୁ ରଖି ନ ପାରିବା, ଏହାଠାରୁ ନିଜକୁ ପୃଥକ୍ କରି ନେଇପାରିବା, ଏହା ବରଂ ମୋତେ ଅସମ୍ଭବ କିଛି ବୋଲି ମନେହୁଏ । ତୁମେ ନିଜ ଭିତରେ ଯେତେବେଳେ ଏହି ଜିନିଷଟିକୁ ଧରିନେଇ ପାରିଛ, ନିଜକୁ ତା'ଠାରୁ ପୃଥକ୍ କରି ନେଇପାରିବ କିପରି ? ତୁମର ଯଦି ଥରେ ଏହି ଅନୁଭୂତି ହୋଇଥିବ, ତୁମ ପାଇଁ ଏହା ଯଦି ଏକ ବାସ୍ତବ ସତ୍ୟ ହୋଇଥିବ; ଏହି ଚେତନା, ଚୈତ୍ୟସତ୍ତା ସଙ୍ଗେ ଏହି ଆନ୍ତର ମିଳନ, ଏହି ଚେତନା ଓ ଅଭୀପ୍ସାର ଏହି ନିବିଡ଼ତା, ନିରନ୍ତର ଦେଦୀପ୍ୟମାନ ଏହି ଜ୍ୟୋତିଃଶିଖାର ଅନୁଭୂତି ଯଦି ପାଇଥିବ ତେବେ ତୁମେ ଯେକୌଣସି କାମ କରନା କାହିଁକି, ଏହା କେବେହେଲେ ନିର୍ବାପିତ ହେବ ନାହିଁ, ଏହା ସବୁବେଳେ ସେହିପରି ଦେଦୀପ୍ୟମାନ ହୋଇ ରହିଥିବ ।

ମୋର ମନେହୁଏ ଥରେ ଏହାର ଅନୁଭୂତି ପାଇଲେ ଏହାଠାରୁ ନିଜକୁ ଅଲଗା କରିବା ପାଇଁ ତୁମକୁ ଏକ ଦ୍ୱାର ବନ୍ଦ କରିବାକୁ ପଡ଼ିବ, ଏହା ଉପରେ ଇଚ୍ଛାକୃତ ଭାବରେ ତୁମର ଚେତନାର ଦରଜାକୁ ବନ୍ଦ କରିଦେଇ କହିବାକୁ ପଡ଼ିବ, ''ଏ ସମ୍ପର୍କରେ ମୋର ଆଉ କୌଣସି ଆଗ୍ରହ ନାହିଁ ।'' କିନ୍ତୁ ଯଦି ପ୍ରକୃତରେ ଏହା ସହିତ ସଂଯୋଗ ରଖି ଚାଲିବା ପାଇଁ ତୁମର ସଂକଳ୍ପ ରହିଥାଏ ତେବେ ମୁଁ ମନେକରୁ ନାହିଁ ଏହା ଅତ୍ୟନ୍ତ କଷ୍ଟକର କିଛି । ମୋତେ ଲାଗେ ବରଂ ଏହାକୁ ଦୂରେଇ ନେବାକୁ ହେଲେ ତୁମକୁ ଏହା ଆଡ଼କୁ ପୂରା ପଛ କରି, ପିଠି ବୁଲାଇ ଚାଲି ଆସିବା ପାଇଁ ରୀତିମତ ସଂକଳ୍ପ କରିବାକୁ ହେବ; ତା' ନ ହେଲେ ଏହା ସବୁବେଳେ ରହିଛି, ସବୁକିଛିର ପଶ୍ଚାତରେ ନିରନ୍ତର ନିତ୍ୟ ବିରାଜମାନ ହୋଇ ରହିଛି । ବରଂ ଅନ୍ୟପକ୍ଷରେ ତୁମେ ଯଦି ଏପରି ଅଭ୍ୟାସ କରିଥାଅ ଯେ କୌଣସି କାମ କରିବା ବେଳେ, କୌଣସି କଥା କହିବା ବେଳେ, କୌଣସି ଗତିବୃତ୍ତି ଆରମ୍ଭ କରିବା ବେଳେ ଯଦି ବରାବର ଏହି ଆନ୍ତର ଚେତନାକୁ ତୁମେ ଜଣାଉଥିବ ଏବଂ ତାହାର ଅନୁମୋଦନ ଓ ସମର୍ଥନ ବିନା କୌଣସି କାମ କରିବାକୁ ସକ୍ଷମ ହେବ ନାହିଁ, ତେବେ ଏହି ଚେତନା ବରାବର ପଛରେ ରହି ତୁମକୁ କହିଦେଉ ଥିବ ଯେ ''ହଁ, ଏହି ଭାବରେ କାମଟି କରିବା ଉଚିତ, ସେ ଭାବରେ ନୁହେଁ, ଅମୁକ କାମଟି କରିବା ଉଚିତ, ଅନ୍ୟଟି ନୁହେଁ ।'' ତା'ଠାରୁ ଏହିପରି ନିର୍ଦ୍ଦିଷ୍ଟ ସୂଚନା ନ ପାଇଲେ ତୁମେ ଯଦି କୌଣସି କାମ କରିବାକୁ ଅକ୍ଷମ ହେବାର ଅଭ୍ୟାସ କରିଥାଅ ତା'ହେଲେ ତୁମେ ଏହି ଚେତନାକୁ ଛାଡ଼ିଦେଇ କେବେହେଲେ ରହିପାରିବ ନାହିଁ, ଏହା ବିନା ତୁମର ଜୀବନଧାରଣ ମଧ୍ୟ କଷ୍ଟକର ହେବ ।

କେତେକ ଲୋକ, ଯେହେତୁ ଏହି ଚେତନା ସେମାନଙ୍କୁ ହଇରାଣ କରୁଛି ବୋଲି ଭାବନ୍ତି, ସେମାନଙ୍କର ନାନାବିଧ ପ୍ରବୃତ୍ତି ଉପରେ ଏହା ସଂଯମ ଆଣି ଦେଉଛି ବୋଲି ମନେକରନ୍ତି ଏବଂ ଏହା ହାତରୁ ଅବ୍ୟାହତି ପାଇ ନିଜ ଆଚରଣରେ ପୂର୍ଣ୍ଣ ମୁକ୍ତ ଓ ସ୍ୱାଧୀନ ହେବାକୁ (ସେମାନେ ଯାହାକୁ କହନ୍ତି ସ୍ୱାଧୀନତା) ପସନ୍ଦ କରନ୍ତି, ସେମାନେ ଜାଣିଶୁଣି ଇଚ୍ଛାକୃତ ଭାବରେ ଏହାର ମୁଖ ବନ୍ଦ କରିଦେବା ପାଇଁ ଏହା ଉପରେ ଦରଜାର କବାଟ ସଜୋରରେ ବନ୍ଦ କରି ଦିଅନ୍ତି । ତେଣୁ ଏହା ସ୍ୱାଭାବିକ ଯେ ଥରେ ଏହି ଚେତନାର ଦ୍ୱାର ବନ୍ଦ କରିଦେଲେ, ତାହା ବନ୍ଦ ହୋଇ ରୁହେ ଓ ତୁମେ ନିତାନ୍ତ ଦୁର୍ବଳ, ଉପରଠାଉରିଆ, ସଂକୀର୍ଣ୍ଣ, ଅଜ୍ଞ ଓ ନିର୍ବୋଧ ହୋଇପଡ଼ । ଏହିଭଳି ହୋଇ ରହିବା ପାଇଁ ସହ୍ୟ କରିବ କିପରି ? ମୋର ମନେହୁଏ, ଏପରି କ୍ଷେତ୍ରରେ ସଙ୍ଗେ ସଙ୍ଗେ ତୁମର ସ୍ୱତଃସ୍ଫୂର୍ତ୍ତ ପ୍ରବୃତ୍ତି ହେବା ଉଚିତ, ପାଦେ ପଛକୁ ଫେରିଯାଇ ତୁରନ୍ତ ସେହି ଦରଜାକୁ ଖୋଲିଦେବା ଏବଂ ପୁଣିଥରେ ସେହି ଆନ୍ତର ଚେତନା ସଙ୍ଗେ ସମ୍ପର୍କ ସ୍ଥାପନ କରି କହିବା, ''ନା, ନା, ମୁଁ

ଏପରି ଅବସ୍ଥା ଚାହେଁ ନାହିଁ, ଅଜ୍ଞତାର ଏହି ଭୟଙ୍କର ଅବସ୍ଥା ମୋ' ପାଇଁ ଅସହ୍ୟ''– କାରଣ ଅନ୍ତଶ୍ଚେତନାରୁ ବିଚ୍ଛିନ୍ନ ସେପରି ଅବସ୍ଥାରେ ତୁମେ ଏପରିକି ଜାଣିପାରିବ ନାହିଁ ତୁମର କ'ଣ କହିବା ଉଚିତ, କ'ଣ ନ କହିବା ଉଚିତ, କେଉଁଠାକୁ ଯିବା ଉଚିତ, କେଉଁଠାକୁ ନ ଯିବା ଉଚିତ, କୌଣସି କିଛି ସଂପର୍କରେ ତୁମର କୌଣସି ଉଚିତ, ଅନୁଚିତ ଜ୍ଞାନ ରହେ ନାହିଁ, ତୁମେ ରହିଥାଅ ଏକ ଅଜ୍ଞ ଖାପଛଡ଼ା ଅବସ୍ଥାରେ । ଏହା ଏକ ଭୟଙ୍କର ଅବସ୍ଥା । କିନ୍ତୁ ଯେତେବେଳେ ଦରଜାଟି ଖୋଲିଯାଏ ସେତେବେଳେ ତୁମେ ତୁମ ପଛରେ ସେହି ଚେତନାର ଉପସ୍ଥିତି ଅନୁଭବ କର । ସେତେବେଳେ ପ୍ରତିଟି ମୁହୂର୍ତ୍ତ ଆରାମପ୍ରଦ ଓ ତୃପ୍ତିକର ହୁଏ, ମନେହୁଏ ସତେ ଯେପରି ତୁମର ପୃଷ୍ଠ ଭରା ଦେଇଛି ଏକ ବିପୁଳ ଆଲୋକ, ଏକ ବିପୁଳ ଚେତନା ଉପରେ । ଲାଗେ, ''ଆଃ ବର୍ତ୍ତମାନ ଆମେ ଠିକ୍ ଜାଗାରେ ଅଛୁ, ଆମେ ନିଶ୍ଚିତ ଭାବରେ ଜାଣିପାରୁଛୁ ଅମୁକ କାମଟି କରିବା ଉଚିତ, ଅମୁକ କଥାଟି କହିବା ଉଚିତ, ଅମୁକ ଗତିବୃତ୍ତିଟି ଆରମ୍ଭ କରିବା ଉଚିତ ... ... ଇତ୍ୟାଦି ।'' ସେତେବେଳେ ତୁମେ ଆରାମ ଓ ତୃପ୍ତି ଅନୁଭବ କର, ଶାନ୍ତ ହୋଇଯାଅ, ଆଉ କୌଣସି ବେଦନା, ସମସ୍ୟା ଓ ଅସ୍ଥିର ଉଦ୍‌ବେଗ ନ ଥାଏ । ଯାହା କରିବାକୁ ଚାହଁ ତାହା ସମ୍ପନ୍ନ କର, ଲୋକମାନେ ତାହା ଠିକ୍ ଭାବରେ ଗ୍ରହଣ କଲେ କି ନାହିଁ ସେଇଟା ତାଙ୍କର ସମସ୍ୟା, କିନ୍ତୁ ତୁମ ନିଜ ପାଇଁ ତାହା ବେଶ୍ ଏକ ତୃପ୍ତିକର, ଆରାମପ୍ରଦ ଅବସ୍ଥା ।

ଏବଂ ଏକଥା ମନେରଖ ଯେ ମୁଁ ତୁମକୁ ଏସବୁ କଥା କହୁଛି, କାରଣ ତୁମର ସେହି ଦରଜାର ଦ୍ୱାର ଖୋଲିଦେବା ପାଇଁ ମୁଁ ସବୁଠୁ ବେଶୀ ଯତ୍ନ ନେଉଛି, ତୁମ ସମସ୍ତଙ୍କ ଭିତରେ ଏହା ଖୋଲିଦେବା ପାଇଁ ମୋର ଗଭୀର ପ୍ରଯତ୍ନ ରହିଛି, ତୁମ ତରଫରୁ କେବଳ ଏଥିପାଇଁ ଟିକେ ସହଯୋଗ ଲୋଡ଼ା, ତୁମ ନିଜ ଭିତରେ ଏଥିପାଇଁ ସାମାନ୍ୟ ଟିକେ ଏକାଗ୍ର ହେବା ବାଞ୍ଛନୀୟ । ତା'ହେଲେ ତୁମକୁ ଆଉ ସେହି ବନ୍ଦ ଦରଜାର ରୁଦ୍ଧ ଦ୍ୱାର ଆଗରେ ଦୀର୍ଘକାଳ ବିତାଇବାକୁ ପଡ଼ିବ ନାହିଁ, ଯେଉଁ ଦ୍ୱାର ଖୋଲୁ ନାହିଁ ଓ ଯାହାକୁ ଖୋଲିବାର ଚାବି ତୁମ ପାଖରେ ନାହିଁ ଏବଂ ତାହା କିପରି ଖୋଲିବାକୁ ହୁଏ ତାହା ତୁମେ ଜାଣି ନାହିଁ । ଅନେକ ସମୟରେ ସେହି ରୁଦ୍ଧ ଦ୍ୱାର ଆଗରେ ଅପେକ୍ଷା କରି ଘଣ୍ଟା ଘଣ୍ଟା, ଦିନ ଦିନ, ମାସ ମାସ ବା ବର୍ଷ ବର୍ଷ ବିତିଯାଏ, ଏବଂ ତୁମେ ଜାଣ ନାହିଁ କ'ଣ କରିବାକୁ ହେବ ।

ତୁମମାନଙ୍କ ପାଇଁ ଅବସ୍ଥାଟା ସେପରି ନୁହେଁ ।

ଦ୍ୱାର ଉନ୍ମୁକ୍ତ ରହିଛି, କେବଳ ସେ ଦିଗରେ ଜଣକୁ ଦୃଷ୍ଟି ଫେରାଇବାକୁ ପଡ଼ିବ । ଜଣେ ଯେପରି ସେଥିପ୍ରତି ପୃଷ୍ଠ ପ୍ରଦର୍ଶନ ନକରେ ।

ବାସ୍, ସେତିକି !

(M.C.W. Vol. 7, pp. 68 - 69)

❑❑❑

ଯଦି ତୁମେ ଦିବ୍ୟକର୍ମର ଯଥାର୍ଥ କର୍ମୀ ହେବାକୁ ଚାହଁ, ତେବେ ତୁମର ଲକ୍ଷ୍ୟ ପ୍ରଥମେ ହେବ ସମସ୍ତ ବାସନାରୁ, ଆତ୍ମସର୍ବସ୍ୱ ଅହଂକାରରୁ ନିଜକୁ ପୂର୍ଣ୍ଣରୂପେ ମୁକ୍ତ କରିବା । ତୁମର ସମସ୍ତ ଜୀବନ ହେବ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ନିବେଦନ ଓ ଆତ୍ମଦାନ; କର୍ମରେ ତୁମର ଏକମାତ୍ର ଲକ୍ଷ୍ୟ ହେବ ଭାଗବତୀ ଶକ୍ତିଙ୍କ ଲୀଳାରେ ତାଙ୍କର ସେବକ ହେବା, ତାଙ୍କୁ ଧାରଣ କରିବା, ସାର୍ଥକ କରିବା, ତାଙ୍କ ପ୍ରକାଶର ଯନ୍ତ୍ର ହେବା ।

('The Mother', Ch. V) — ଶ୍ରୀଅରବିନ୍ଦ

### ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୩୧)

### ଆରୋଗ୍ୟ ଲାଭ ପରେ ଶ୍ରୀଅରବିନ୍ଦଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା (କ) :

ଇତିପୂର୍ବରୁ ଆମେ ଶ୍ରୀଅରବିନ୍ଦଙ୍କ ଦୁର୍ଘଟଣାର ଏବଂ ସେଥିରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ ପରେ ତାଙ୍କର ଦୈନନ୍ଦିନ କାର୍ଯ୍ୟକଳାପର ଏକ ପ୍ରାରମ୍ଭିକ ସୂଚନା ଦେଇଥିଲୁ । ଏହାର ପରବର୍ତ୍ତୀ ଅଧ୍ୟାୟସବୁରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଆଶ୍ରମ ପରିଚାଳନାର ଆୟାସସାଧ୍ୟ ଗୁରୁଦାୟିତ୍ୱ ବହନ, ସାମ୍ପ୍ରତିକ ବିଭିନ୍ନ ସମସ୍ୟାର ସମ୍ମୁଖୀନ, ଶହ ଶହ ଚିଠିପତ୍ର ମାଧ୍ୟମରେ ସାଧକମାନଙ୍କୁ ସାଧନା ମାର୍ଗରେ ପଥପ୍ରଦର୍ଶନ ଏବଂ ପରିଶେଷରେ ଉଭୟଙ୍କର ଅନ୍ତରାଳକୁ ଅପସରି ଯିବା ସମ୍ବନ୍ଧେ କିଞ୍ଚିତ୍ ଆଭାସ ଦେଇଛୁ ।

ବର୍ତ୍ତମାନ ଏହି ଅଧ୍ୟାୟ ଏବଂ ପରବର୍ତ୍ତୀ ଅଧ୍ୟାୟସବୁରେ ଶ୍ରୀଅରବିନ୍ଦଙ୍କର ପୃଥିବୀପୃଷ୍ଠରେ ଆବିର୍ଭାବର ଅନ୍ତିମ ପର୍ଯ୍ୟାୟ ସମ୍ବନ୍ଧେ ସାଧ୍ୟମତ ସୂଚନା ଦେବୁ । ଏହି ପର୍ଯ୍ୟାୟଟି ୧୯୪୦ରୁ ୧୯୫୦ ମସିହା ମଧ୍ୟରେ କେବଳ ତାଙ୍କର ବାହ୍ୟ ଲୀଳା ସମ୍ବନ୍ଧେ ପର୍ଯ୍ୟବସିତ ରହିବ । ତାଙ୍କର ଆନ୍ତର ଲୀଳାଖେଳା ସମ୍ବନ୍ଧେ କଦାଚିତ ତାଙ୍କ ଶ୍ରୀତୁଣ୍ଡରୁ ସ୍ୱତଃ ଉଚ୍ଚାରିତ ହୋଇଥିବା ବିବରଣୀର ଉଦ୍ଧୃତିରୁ ଲିପିବଦ୍ଧ କରିବୁ ।

ନୀରଦବରଣଙ୍କର ଉକ୍ତିରୁ : ''...୧୯୩୯ ମସିହାର ଶେଷ ଆଡ଼କୁ ହେବ, ଥରେ ଡାକ୍ତର ମଣିଲାଲ ଶ୍ରୀଅରବିନ୍ଦଙ୍କୁ ଯେତେବେଳେ ଦୁର୍ଘଟନାଟି ତାଙ୍କର କିଛି ଭଲ କରିଛି କି ନାହିଁ ପଚାରିଲେ, ସେ ଉତ୍ତର ଦେଲେ, 'ହଁ, ମୁଁ ଗତ ନଭେମ୍ବରଠାରୁ ଯଥେଷ୍ଟ ଅଗ୍ରଗତି କରିଛି । କେତେକ ବହି ଶେଷ କରିବା ପାଇଁ ମୁଁ ସମୟ ପାଇଛି । ବର୍ତ୍ତମାନ ଅଭିନିବିଷ୍ଟ ହେବା ପାଇଁ (Concentration କରିବା ପାଇଁ) ଅଧିକ ସମୟ ପାଉଛି !'

''ଦୁର୍ଘଟନା ହେତୁ ଶ୍ରୀମା'ଙ୍କର କାର୍ଯ୍ୟସୂଚୀରେ ବି ଯଥେଷ୍ଟ ପରିବର୍ତ୍ତନ ହୋଇଥିଲା । ତାଙ୍କୁ ସମସ୍ତ 'ପ୍ରଣାମ' ତଥା ସାଧକମାନଙ୍କ ସହ ବ୍ୟକ୍ତିଗତ ସାକ୍ଷାତ୍‌କୁ ବନ୍ଦ କରିବାକୁ ହୋଇଥିଲା । ପୁଣି ଏବେ ସେ ସେସବୁ ଗ୍ରହଣ କଲେ; କିନ୍ତୁ ତାହା ଅନ୍ୟ ଭାବରେ । ପୁରୁଣା ଗତିବୃତ୍ତିଗୁଡ଼ିକ ତା'ର ପୂର୍ବରୂପରେ କେବେ ବି ଫେରି ଆସେନା । ମୁଁ ଦିନେ ଶ୍ରୀମା'ଙ୍କୁ କହିଲି, 'ଶ୍ରୀଅରବିନ୍ଦ ତ ଏବେ ସୁସ୍ଥ ହୋଇଗଲେଣି, ଆମେ ଅତି ଶୀଘ୍ର ବରଖାସ୍ତ ହେବୁ !'' ସେ ତାହା ଶୁଣି ଗୋଟିଏ ଉଦାର ସ୍ମିତହାସ୍ୟ କଲେ ।

''୧୯୪୦ରେ ଆମେ ବରଂ ଶ୍ରୀଅରବିନ୍ଦଙ୍କ ସେବା ପାଇଁ ଦୃଢ଼ ଭାବରେ ପ୍ରତିଷ୍ଠିତ ହେଲୁ । ସେ ତାଙ୍କର ପୁରାତନ ଚିକିତ୍ସାକାରୀ ଦଳଟିକୁ ତ୍ୟାଗ କରିପାରିଲେ ନାହିଁ । ଜୀବନ ବର୍ତ୍ତମାନ ବେଶ୍ ଗୋଟିଏ ନିର୍ଦ୍ଦିଷ୍ଟ ପଦ୍ଧତି ନେଇ ଖୁବ୍ ସାମାନ୍ୟ ବ୍ୟତିକ୍ରମ ସହ ପ୍ରାୟ ନିୟମିତ ଧାରାରେ ଗଡ଼ି ଚାଲିଥାଏ ଏବଂ ଆମ୍ଭମାନଙ୍କର କର୍ତ୍ତବ୍ୟ ବି ନିର୍ଦ୍ଧାରିତ ହୋଇ ଯାଇଥାଏ । ପରବର୍ତ୍ତୀ ବର୍ଷଗୁଡ଼ିକ ତାଙ୍କୁ ଆମର ନିକଟରୁ ନିକଟତର ହେବାରେ ସହାୟକ ହେଉଥିଲା ଓ ପରେ ତାଙ୍କୁ ଆମଠୁଁ ବହୁଦୂରକୁ ନେଇଗଲା । ମଧ୍ୟବର୍ତ୍ତୀ କାଳର ବିଷୟବସ୍ତୁଟି ଆମର ପରମ ଅଭିନେତାଙ୍କ ସହ ବାରବର୍ଷ ରହଣି କାଳର ଦିବ୍ୟ ଘଟନାରେ ପର୍ଯ୍ୟବସିତ ହେବ । ତାଙ୍କର ବାହ୍ୟ ଜୀବନରୁ ମୁଁ ତାହା ଆରମ୍ଭ କରିବି । ସାରମର୍ମ ହେବ ପରମ ଦିବ୍ୟ ଅଭିନେତାଙ୍କ ସହ ଆମର ବାର ବର୍ଷର ରହଣିକାଳର ଦିବ୍ୟ ଘଟଣାରାଜିର ଉନ୍ମୋଚନ । ତାଙ୍କର ବାହ୍ୟ ଜୀବନଧାରାରୁ ମୁଁ ମୋର ବକ୍ତବ୍ୟ ଆରମ୍ଭ କରିବି ।

''ଏକ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମେ ଗୁରୁଙ୍କ ଗୃହରେ ଅବସ୍ଥାପିତ ହୋଇଗଲୁ । ସେହି ଗୃହରେ ପ୍ରବେଶ କରି ଆମେ ତା'ର ନିର୍ଜନତା ଭଙ୍ଗ କରିବା ପର୍ଯ୍ୟନ୍ତ ପ୍ରାୟ ଏକ ଦଶନ୍ଧି ଧରି ଶ୍ରୀଅରବିନ୍ଦ ଓ ଶ୍ରୀମା ତହିଁରେ ବାସ କରୁଥିଲେ । ସେହି ଗୃହରୁ ବାହାରି ଶ୍ରୀଅରବିନ୍ଦ ପାଦଟିଏ ବି ବାହାରକୁ ଯାଇ ନ ଥିଲେ; କୌଣସି ପରିଦର୍ଶକଙ୍କୁ ବା କୌଣସି ଅନ୍ତେବାସୀଙ୍କୁ ବି ଦେଖି ନ ଥିଲେ; କେବଳ ତାଙ୍କର ବ୍ୟକ୍ତିଗତ ପରିଚାରକ ଚମ୍ପକଲାଲ ତାଙ୍କର ଦର୍ଶନ ଲାଭ କରୁଥିଲେ । ଶ୍ରୀଅରବିନ୍ଦଙ୍କ ଶରୀର ସ୍ୱର୍ଣ୍ଣପ୍ରତିମ ଝଟକୁ ଥିବାର ସେ ଦେଖୁଥିଲେ । ଆମର ମଧ୍ୟ କାମ ଥିଲା ପ୍ରଭୁଙ୍କର ସେବା କରିବା — ଯେଭଳି ମନ୍ଦିରରେ

କରାଯାଏ ସେଇଭଳି; ଚିକିତ୍ସାକାରୀ ପରିଚାରକ ଭାବରେ ନୁହେଁ, କାରଣ ସେ ଆଉ କାହାର ବିଶେଷ ସାହାଯ୍ୟ ଲୋଡୁ ନ ଥିଲେ; କେବଳ ତାଙ୍କ ଶାରୀରିକ ସାହାଯ୍ୟ ଏବଂ ଅନ୍ୟ ଛୋଟ ଛୋଟ ପ୍ରୟୋଜନ ପାଇଁ ନିକଟରେ ରହିବା କଥା । ଏମିତିକି ଆମର କଥାବାର୍ତ୍ତା ଓ ଉପସ୍ଥିତିରେ ବରଂ ତାଙ୍କୁ ଆନନ୍ଦ ଦେବା କଥା । ତାହାହିଁ ଥିଲା ଆମର ଯୋଗ । ବ୍ୟକ୍ତିଗତ ଭାବରେ ଗୁରୁଙ୍କୁ, ଭଗବାନଙ୍କୁ ସେବା କରିବାଠାରୁ ଅଧିକତର ଉତ୍ତମ ପଥ ଆଉ କ'ଣ ଥାଇପାରେ ? ଶ୍ରୀରାମକୃଷ୍ଣ ତାଙ୍କ ଭଣଜା 'ହୃଦୟ'କୁ କହିଥିଲେ, 'ମୋ ସେବା କର, ତୋ'ର ଯାହା ପ୍ରୟୋଜନ ସବୁକିଛି ପାଇଯିବୁ ।' ଆମ୍ଭମାନଙ୍କର ସେମିତି କିଛି ନିର୍ଦ୍ଦିଷ୍ଟ ପ୍ରୟୋଜନ ସେପର୍ଯ୍ୟନ୍ତ ନ ଥିଲା ଏବଂ ଆମର ସମସ୍ତ ହୃଦୟ ଥିଲା ତାଙ୍କଠାରେ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗୀକୃତ । ଶ୍ରୀଅରବିନ୍ଦ ପ୍ରାରମ୍ଭରେ କହିଥିଲେ ଯେ ସେ ତାଙ୍କ ସେବା ପାଇଁ ଉଦ୍ଦିଷ୍ଟ ଏଭଳି ଦଳଟିଏ ପାଇ ଆନନ୍ଦିତ – ସେହି ସ୍ମୃତି ଆମକୁ କୃତଜ୍ଞତାରେ ଭରିଦିଏ । ସେବାହିଁ ଥିଲା ଆମର ଜୀବନ, 'ଚନ୍ଦ୍ରାଙ୍କିତ ପାଲ ସହ ଜଳଯାତ୍ରା' କରିବା ପରି ଆମର ସମୟ ଅତିବାହିତ ହୋଇ ଚାଲିଥାଏ । ବାସ୍ତବରେ ଶ୍ରୀଅରବିନ୍ଦ ଏତେଗୁଡ଼ିଏ ଲୋକ ଦରକାର କରୁ ନ ଥିଲେ, କାରଣ ସେ ତାଙ୍କର ଆହତ ପ୍ରାପ୍ତ ଅଙ୍ଗଟିକୁ ବ୍ୟବହାର କଲା ଭଳି ସୁସ୍ଥତା ପ୍ରାୟ ଲାଭ କରି ସାରିଥିଲେ । କିନ୍ତୁ ଶ୍ରୀଅରବିନ୍ଦ ବା ଶ୍ରୀମା'ଙ୍କର ପଥ ସେଭଳି ନ ଥିଲା ଯେ ପ୍ରୟୋଜନ ଶେଷ ହେଲା କ୍ଷଣି କୌଣସି ବ୍ୟକ୍ତିକୁ, ଏପରିକି କୌଣସି ବସ୍ତୁକୁ ବରଖାସ୍ତ କରିଦେବେ । ସେମାନଙ୍କର କରୁଣା ସଦାସର୍ବଦା ଥାଏ ତା' ସହ ।

''ଆମେ ତାଙ୍କର ସେବା କି ଭାବରେ କରୁଥିଲୁ ? ସେ ସମ୍ବନ୍ଧରେ ଏକ ସ୍ପଷ୍ଟ ଧାରଣା ଦେବାକୁ ଗଲେ ଶ୍ରୀଅରବିନ୍ଦଙ୍କ ଦୈନନ୍ଦିନ ଜୀବନର ଏକ ଚିତ୍ର ଦେବାକୁ ହେବ । ତାହା ବର୍ତ୍ତମାନ ଏକ ନିର୍ଦ୍ଦିଷ୍ଟ ଧାରାରେ ଚାଲିଥିଲା ଓ ଆମର କାର୍ଯ୍ୟାବଳି ତା' ସହ ଗୁନ୍ଥି ହୋଇ ଯାଇଥିଲା । ଯା'ହେଉ ମୋର ବଡ଼ ଭୟ ଯେ ତାଙ୍କର ବାହ୍ୟ ଜୀବନ ସମ୍ବନ୍ଧରେ ବର୍ଣ୍ଣନା କରିବାକୁ ଯାଇ ତାଙ୍କର ପ୍ରକୃତ ବ୍ୟକ୍ତିତ୍ୱ ସମ୍ବନ୍ଧରେ ପାଠକ ମନରେ କାଳେ କିଛି ଭୁଲ୍ ଧାରଣା ଜନ୍ମି ଯାଇପାରେ । ଯେହେତୁ ଲୋକେ ସାଧାରଣତଃ ଉପରର ହାବଭାବ ଓ ପ୍ରକାଶ ଦ୍ୱାରା ପରିଚାଳିତ ହୋଇଥା'ନ୍ତି, ଆମେ ହୁଏତ ତାଙ୍କର ବାହ୍ୟଭଙ୍ଗି, କଥାବାର୍ତ୍ତାକୁ ତାଙ୍କର ବ୍ୟକ୍ତିତ୍ୱ ବୋଲି ଗ୍ରହଣ କରି ନେଇପାରୁ, ଏବଂ ଏହି ବିଶାଳ ଚେତନା ସମ୍ବନ୍ଧରେ ନ୍ୟୂନତମ ଧାରଣା ବି ଆମର ନାହିଁ, ଯେଉଁଥିରୁ କି ତାଙ୍କର ବାହ୍ୟ ଭଙ୍ଗି ଓ କଥାବାର୍ତ୍ତା ଇତ୍ୟାଦି ନିଃସୃତ । ଉଦାହରଣସ୍ୱରୂପ, ଯେତେବେଳେ ସେ ଆମ ସହ ଜଣେ ବନ୍ଧୁ ରୂପେ କଥାବାର୍ତ୍ତା କରୁଥିଲେ, ଆମେ କ'ଣ କେବେ ବି କଳ୍ପନା କରୁଥିଲୁ ଯେ ସେ ଭଗବାନ୍ ଓ ଭଗବତ୍ ସତ୍ତାମାନଙ୍କୁ କହିଲା ପରି ସେ ଆମକୁ କଥା କହୁଛନ୍ତି ? ସେ ଯେତେବେଳେ ଡାକ୍ତର ମଣିଲାଲଙ୍କୁ ଦେଖିଲେ, ମଣିଲାଲ କ'ଣ ଜାଣି ପାରିଥିଲେ ଯେ, 'ସେ ଆଉ ଡାକ୍ତର ମଣିଲାଲ ନୁହନ୍ତି, ମାତ୍ର ସେ ଭଗବାନଙ୍କ ମଧ୍ୟରେ ଅବସ୍ଥିତ ଭଗବାନ୍' ଯାହାକୁ କି ଶ୍ରୀଅରବିନ୍ଦ ଦେଖୁଛନ୍ତି ? ଆମେ କିପରି ଅନୁମାନ କରି ପାରିଥା'ନ୍ତୁ ଯେ ଶରୀର ମଧ୍ୟରେ, ସେହି କ୍ଷୁଦ୍ର ପ୍ରକୋଷ୍ଠ ମଧ୍ୟରେ ଆବଦ୍ଧ ରହି ସେ 'ପ୍ୟାରିସ, ଟୋକିଓ ଓ ନିଉୟର୍କ' ଦେଖୁଛନ୍ତି ? ସେହିଁ କହିପାରନ୍ତି, 'ଦିଗନ୍ତବିହୀନ ଆତ୍ମା ମୋର ପ୍ରସାରିତ ଅପରିମିତ ଦୃଷ୍ଟିପଥେ ।' ('My soul unhorizoned widens to measureless sight.') କୌଣସି ଏକ ଉପଲକ୍ଷ୍ୟରେ ମୁଁ ତାଙ୍କୁ କହିଥିଲି, 'ଆପଣଙ୍କୁ ବିଶୁଦ୍ଧ ଓ ସରଳ ଶ୍ରୀଅରବିନ୍ଦ ଭାବରେ ପାଇ ମୁଁ ସନ୍ତୁଷ୍ଟ ।' ସେ ଉତ୍ତର ଦେଲେ, 'ଆପତ୍ତି ନାହିଁ, ମୁଁ ଖାଲି କହୁଥିଲି ସେହି ବିଶୁଦ୍ଧ ଓ ସରଳ ଶ୍ରୀଅରବିନ୍ଦଟି କିଏ, ତା' ମୁଁ ଜାଣେନା । ଯଦି ତୁମେ ଜାଣିଥାଅ, ତେବେ ମୁଁ ତୁମକୁ ଅଭିନନ୍ଦନ ଜଣାଉଛି ।'

''ବାହ୍ୟିକ କାର୍ଯ୍ୟାବଳିରୁ, ତାଙ୍କର ଆଭ୍ୟନ୍ତରୀଣ ଚେତନା ସମ୍ବନ୍ଧରେ ଜାଣିବା ମୋ ପକ୍ଷରେ ବହୁତ ଦୂରର କଥା । ଥରେ ମୁଁ ତାଙ୍କୁ ଯେଉଁମାନେ ବ୍ରହ୍ମ ଚେତନା ଉପଭୋଗ କରୁଛନ୍ତି ସେମାନଙ୍କ ନାମ ପଚାରିଲି ଯଦ୍ଦ୍ୱାରା ମୋର ସେ ବିଷୟରେ ଟିକିଏ ବ୍ୟାବହାରିକ ଜ୍ଞାନ ରହିବ ! ସେ ଉତ୍ତର ଦେଲେ, 'କାହାର ବ୍ରହ୍ମ ଚେତନା ଅଛି, ତାହା ଜାଣି ତୁମର ବ୍ୟାବହାରିକ ଜ୍ଞାନ ବା ଜନ୍ମିବ କିପରି ? ଆଇନ୍‌ଷ୍ଟାଇନ୍ ଜଣେ ବିରାଟ ଗଣିତବିଦ୍ ବୋଲି ଜାଣି ତୁମେ ଉଚ୍ଚ ଗଣିତଶାସ୍ତ୍ର ସମ୍ବନ୍ଧରେ ପ୍ରକୃତ ଜ୍ଞାନ ଥିବାର ଆଶା କରିପାର ତ !' ଚେତନା ରାଜ୍ୟର କେଉଁ ଉଚ୍ଚତାରେ ସେ ବିଚରଣ କରୁଥିଲେ, କେତେ ଗଭୀର ଯେ ତାଙ୍କର ଅନୁସନ୍ଧାନ, ସେହି ଦିବ୍ୟ ଚେତନା ରାଜ୍ୟରେ ତାଙ୍କର ଅବିରତ ସ୍ଥିତି – ଏସବୁ ସମ୍ବନ୍ଧରେ ତାଙ୍କ ଲେଖାମାନ ଆମକୁ ନିଃସନ୍ଦେହ କରି ତୋଳେ । କିନ୍ତୁ ନିତ୍ୟନିୟତ ଆଗ୍ରହ ଉତ୍ପାଦନକାରୀ ସେଇ ପ୍ରଶ୍ନଟି – ସେଗୁଡ଼ିକ ତାଙ୍କର ଦୈନନ୍ଦିନ ମାନୁଷୀ କାର୍ଯ୍ୟାବଳିକୁ କିପରି ପ୍ରଭାବିତ କରିଥିଲା ? ଅର୍ଜୁନ

ଶ୍ରୀକୃଷ୍ଣଙ୍କୁ ସେହି ପ୍ରଶ୍ନ କରି ନ ଥିଲେ କି ? ତାଙ୍କ କାର୍ଯ୍ୟାବଳିରେ ଆଭ୍ୟନ୍ତରୀଣ ଦିବ୍ୟତ୍ୱର ଆଲୋକ ବିଚ୍ଛୁରିତ ହୋଇ ନ ପାରେ — ବିଶେଷ କରି ଏକ ବାହ୍ୟ ଦୃଷ୍ଟି ପ୍ରତି । ଯାହାକିଛି ସେମାନେ କହନ୍ତି ବା କରନ୍ତି ତାହା ବାସ୍ତବରେ ଏକ ମହାନ୍ ଭାବରେହିଁ କରିଥାଆନ୍ତି । ତେଣୁ ଶ୍ରୀଅରବିନ୍ଦଙ୍କର ପାର୍ଥିବ ଅବସ୍ଥିତି ସମ୍ବନ୍ଧୀୟ ସେହି ପ୍ରହେଳିକାଟିକୁ ବିଶ୍ୱ ଚକ୍ଷୁ ସମକ୍ଷରେ ଧରି ରଖିବା ପାଇଁ ତାଙ୍କ ବହିର୍ଜୀବନର ଏକ ନିର୍ବାଚିତ ଚିତ୍ର ଦେବାର ଏ ହେଲା ମୋର ପ୍ରଚେଷ୍ଟା । ...

''ଚାଲ ଦିବାରମ୍ଭରୁ ଆରମ୍ଭ କରିବା । ସୂର୍ଯ୍ୟରଶ୍ମି ପୂର୍ବ ବାତାୟନ ଦେଇ ପ୍ରକୋଷ୍ଠରେ ପ୍ରବେଶ କରେ; ସେ ନିଦ୍ରାରୁ ଉଠନ୍ତି ଓ ମଣିଲାଲଙ୍କ ଦ୍ୱାରା ନିର୍ଦ୍ଧାରିତ ବ୍ୟାୟାମଗୁଡ଼ିକ ଶଯ୍ୟା ଉପରେ ଥାଇହିଁ ଆରମ୍ଭ କରନ୍ତି । ୬ଟା ୩୦ରେ ସେ ଶଯ୍ୟା ଉପରେ ଶ୍ରୀମା'ଙ୍କୁ ଅପେକ୍ଷା କରି ବସନ୍ତି; ଶ୍ରୀମା ବାଲ୍‌କୋନି ଦର୍ଶନ ପାଇଁ ଯିବାବେଳେ ତାଙ୍କୁ ଦର୍ଶନ କରି ଯାଆନ୍ତି । ଶ୍ରୀମା'ଙ୍କର ଆଗମନ ପୂର୍ବରୁ ତାଙ୍କୁ ନିଦରୁ ଉଠାଇବା ପାଇଁ ଶ୍ରୀଅରବିନ୍ଦ ଆମକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥା'ନ୍ତି । ଅନ୍ୟ ପକ୍ଷରେ ଶ୍ରୀମା ଚାହାନ୍ତି ଆମେ ଯେପରି ଶ୍ରୀଅରବିନ୍ଦଙ୍କର ନିଦ୍ରାରେ ବ୍ୟାଘାତ ନ ଘଟାଉ । ତେଣୁ ବେଳେ ବେଳେ ଆମେ ଅଡୁଆରେ ପଡୁ । ଚମ୍ପକଲାଲଙ୍କର ଭକ୍ତିପ୍ରବଣ ସ୍ୱଭାବ ବ୍ୟାୟାମ ପରେ ଶ୍ରୀଅରବିନ୍ଦଙ୍କର ମଧୁର ତନ୍ଦ୍ରାରେ ବ୍ୟାଘାତ ଘଟାଇବାକୁ ଚାହେଁ ନା, ଆଉ ମୁଁ — ଏକା ଥିଲାବେଳେ ତାଙ୍କୁ ଉଠାଇବା ପାଇଁ ସମସ୍ତ ପ୍ରକାର କୌଶଳ ପ୍ରୟୋଗ କରିଚାଲେ । ବେଳେ ବେଳେ ସେ ନିଜେ ଉଠିପଡ଼ନ୍ତି ଓ ଶୁଣନ୍ତି ଶ୍ରୀମା ଆସିଥିଲେ ଓ ଗଲେଣି । ଶ୍ରୀମା ଦର୍ଶନାନ୍ତେ ଫେରନ୍ତି ଓ ତାଙ୍କର ଦୈନନ୍ଦିନ କାର୍ଯ୍ୟାବଳି ଶ୍ରୀଅରବିନ୍ଦଙ୍କର ଆଶିଷ ସହ ଆରମ୍ଭ କରନ୍ତି, ଆମେ ଯେପରି କରୁ ଶ୍ରୀମା'ଙ୍କ ଦର୍ଶନ ପାଇବା ପରେ । ତା'ପରେ ଶ୍ରୀଅରବିନ୍ଦ 'ହିନ୍ଦୁ' ଖବରକାଗଜ ପଢ଼ି ବସନ୍ତି । ନ'ଟାରୁ ଦଶଟା ଭିତରେ ଶ୍ରୀମା ଆସନ୍ତି ଶ୍ରୀଅରବିନ୍ଦଙ୍କର କେଶବିନ୍ୟାସ କରିବା ତଥା ତହିଁରେ ଏକ ପ୍ରଲେପ ଲଗାଇ ଭାଙ୍ଗ ଦେବା ପାଇଁ । ଅଧିକାଂଶ ସମୟରେ ସେ ଶ୍ରୀଅରବିନ୍ଦଙ୍କ ସହ କିଛି କାମ ଏତିକିବେଳେହିଁ ସାରି ନିଅନ୍ତି । ଜଣେ ସାଧକ ଶ୍ରୀମା'ଙ୍କର ମୂଳ ଫରାସୀ ଭାଷାରେ ଲିଖିତ 'ଧ୍ୟାନ ଓ ପ୍ରାର୍ଥନା' ପୁସ୍ତକକୁ ଇଂରାଜୀରେ ଅନୁବାଦ କରିଥିଲେ ଏବଂ ଏଥି ନିମିତ୍ତ ଶ୍ରୀମା'ଙ୍କର ଅନୁମୋଦନ ଚାହିଁଥିଲେ । ଶ୍ରୀମା ତାହା ଶ୍ରୀଅରବିନ୍ଦଙ୍କର ଆଗରେ ପଢ଼ି ଶୁଣାଇଲେ ଓ ଉଭୟେ ତା'ର ପ୍ରୟୋଜନୀୟ ପରିବର୍ତ୍ତନ କଲେ । ବେଳେବେଳେ ଶ୍ରୀମା ଗୋପନୀୟ ବିଷୟ କିଛି କହନ୍ତି ଓ ସେତେବେଳେ ତାଙ୍କର ସ୍ୱର ନିମ୍ନ ହୋଇଯାଏ, ଆମେ ସଙ୍କେତ ପାଇ ଅପସରି ଯାଉ । ବହିଃପ୍ରକାଶ ଅପେକ୍ଷା ସୂକ୍ଷ୍ମ ପଦ୍ଧତିଗୁଡ଼ିକରେ ଶ୍ରୀମା'ଙ୍କର ବେଶୀ ବିଶ୍ୱାସ ଥିଲା । ଅଙ୍ଗଭଙ୍ଗୀ, ଦୃଷ୍ଟି, ସ୍ମିତହାସ୍ୟ, ଚକିତ ଅର୍ଥପୂର୍ଣ୍ଣ ଚାହାଣି, ନୀରବତା — ଆତ୍ମା ସହ ସଂଯୋଗ ସ୍ଥାପନ ପାଇଁ ସହସ୍ର ପନ୍ଥା ତାଙ୍କର । ଶ୍ରୀମା ଚାଲିଗଲା ପରେ ଶ୍ରୀଅରବିନ୍ଦଙ୍କର ମୁଖ ଓ ମୁଖମଣ୍ଡଳ ଧୋଇବା କାମ ଚାଲେ । ଏଠାରେ ଏକ କ୍ଷୁଦ୍ର ବିଷୟ ତା'ର ଅସ୍ୱାଭାବିକତା ହେତୁ ଉଲ୍ଲେଖଯୋଗ୍ୟ । ନିମ-ପେଷ୍ଟ ତାଙ୍କ ଦାନ୍ତ ପାଇଁ ବ୍ୟବହାର କରିସାରିବା ପରେ ଓ ଏକ ନିର୍ଦ୍ଦିଷ୍ଟ Mouth Wash (Vademecum) ବ୍ୟବହାର କରି ମୁଖ ଧୋଇ ସାରିବା ପରେ ସେ ତାଙ୍କ ଦାନ୍ତ ମାଢ଼ିକୁ ଓରିଏଣ୍ଟାଲ୍ ବାମ୍ ସାହାଯ୍ୟରେ ଘଷି ନିଅନ୍ତି ।

''ଏହାପରେ ତିନିଟା ବା ଚାରିଟା ପର୍ଯ୍ୟନ୍ତ ଏକ ଦୀର୍ଘ ବିରତି । ଏହି ସମୟଟିରେ ଶ୍ରୀଅରବିନ୍ଦ ଏକାକୀ ଥାଆନ୍ତି । ତାପରେ ଆସେ ପ୍ରଥମ ଭୋଜନ, ମଝିରେ କେତେବେଳେ କେମିତି ସେ ଗୋଟିଏ ଗ୍ଲାସ ଖାଲି ପାଣି ପିଅନ୍ତି । ଏକ ରହସ୍ୟଜନକ ନୀରବତା ଭିତରେ ବୁଡ଼ି ରହି ସେ ଏବେ କ'ଣ କରୁଥାଇ ପାରନ୍ତି ? ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋକପାତ ଶ୍ରୀମା'ଙ୍କ ବ୍ୟତୀତ ଅନ୍ୟ କେହି କରି ପାରିବେ ନାହିଁ । ଆମକୁ ଖାଲି କୁହାଯାଇଥାଏ, ତାଙ୍କର ଏକ ବିଶେଷ କାର୍ଯ୍ୟ କରିବାର ଅଛି ଏବଂ ତେଣୁ ତାଙ୍କର ଦୃଷ୍ଟି ଆକର୍ଷଣ କଲା ଭଳି କୌଣସି ଜରୁରୀ ପ୍ରୟୋଜନ ନ ହେଲେ ତାଙ୍କୁ ଏକାକୀ ରହିବାକୁ ଦିଆଯିବ । ଆମର ନଗ୍ନ ଚକ୍ଷୁକୁ ଯାହା ଦିଶେ, ତାହା ହେଲା ସେ ନୀରବରେ ନିଜ ଶଯ୍ୟା ଉପରେ ବସିଥା'ନ୍ତି — ପରେ ଅବଶ୍ୟ ତାଙ୍କର ପ୍ରଶସ୍ତ ଆର୍ମଚେୟାର ଉପରେ ବସୁଥା'ନ୍ତି — ଆଖିଯୋଡ଼ିକ ପୂରାପୂରି ଖୋଲା, ଠିକ୍ ଅନ୍ୟ କେହି ସାଧାରଣ ଲୋକ ଚକ୍ଷୁ ଖୋଲା ରଖିଲା ଭଳି । ଏପରି ଭାବେ ସେ ଘଣ୍ଟା ପରେ ଘଣ୍ଟା କାଟନ୍ତି, କେବେ କେବେ ନିଜ ବସିବା ଭଙ୍ଗୀ ବଦଳାନ୍ତି ନିଜକୁ ଟିକେ ଆରାମ ଦେବା ଉଦ୍ଦେଶ୍ୟରେ,— ଆଖିଯୋଡ଼ିକ ସାମାନ୍ୟ ଗତିଶୀଳ ହେଉଥାଏ, ଯଦିଓ ସେ ଯୋଡ଼ିକ ପ୍ରାୟ ସମ୍ମୁଖସ୍ଥ କାନ୍ଥ ଦେହରେ ଆବଦ୍ଧ ଥାଏ, କେବେ ବି 'ତ୍ରାଟକ' ପରି କୌଣସି ଏକ ବିନ୍ଦୁରେ ଆବଦ୍ଧ ନୁହେଁ । ବେଳେବେଳେ ମୁଖମଣ୍ଡଳଟି ଦୀପ୍ତ ହୋଇଉଠେ ଏକ ଉଜ୍ଜ୍ୱଳ ସ୍ମିତହାସ୍ୟରେ, ଯଦିଓ ଅକାରଣ; ମଜା ଲାଗେ,

ସେ ହାସ୍ୟ ଶିଶୁର ନିଦ୍ରାକାଳୀନ ହାସ୍ୟତୁଲ୍ୟ । କେବଳ ସେ ନିଦ୍ରା ଜାଗ୍ରତ୍ ନିଦ୍ରା, କାରଣ ଆମେ ଯେତେବେଳେ ପ୍ରକୋଷ୍ଠ ଭିତର ଦେଇ ଚାଲିଯାଉ, ଆମର ଛାୟାତୁଲ୍ୟ ଗତି ଅତ୍ୟନ୍ତ କ୍ଷୀଣ ଭାବରେ ସ୍ୱୀକୃତ ହୋଇଥାଏ । କେବେ କେମିତି ସେ ଦ୍ୱାର ଆଡ଼େ ଦୃଷ୍ଟିପାତ କରନ୍ତି – ସେ କିଛି ଶବ୍ଦ ଶୁଣିପାରିଲେ, ସେହି ଶବ୍ଦ ଶ୍ରୀମା'ଙ୍କର ଆଗମନର ସୂଚନା ହୋଇପାରେ ଭାବି । କିନ୍ତୁ ତାଙ୍କର ବାହ୍ୟ ଚେତନା ଯେ ଅବଲୁପ୍ତ ଥାଏ ତାହା ତ' ନିଶ୍ଚୟ ନୁହେଁ । ଯେତେବେଳେ ସେ କିଛି ଚାହାନ୍ତି, ତାଙ୍କ ସ୍ୱର ଗୋଟିଏ ଦୂରବର୍ତ୍ତୀ ଗୁମ୍ଫା ମଧ୍ୟରୁ ଆସିବା ପରି ଲାଗେ; ଆଖି ବୁଜି ଗଭୀରତା ମଧ୍ୟରେ ମଗ୍ନ ହୋଇ ଯିବାର ଆମେ ତାଙ୍କୁ ଖୁବ୍ କ୍ୱଚିତ୍ ଦେଖିଛୁ । ଯଦି ସେହି ସମୟରେ ଶ୍ରୀମା ଦୈବାତ୍ କିଛି ଜରୁରୀ କାର୍ଯ୍ୟ ପାଇଁ ବା ପାଣି ଗ୍ଲାସେ ଧରି ଆସିଥା'ନ୍ତି ତେବେ ତାଙ୍କୁ ଅନ୍ତର୍ଲୀନ ଥିବାର ଦେଖି ସେ ଆଖି ଖୋଲିବା ପର୍ଯ୍ୟନ୍ତ ସାଧାରଣତଃ ତାଙ୍କ ଶଯ୍ୟାଧାରରେ ଅପେକ୍ଷା କରନ୍ତି, ତା'ପରେ ଶ୍ରୀଅରବିନ୍ଦ ଶ୍ରୀମା'ଙ୍କୁ ଅପେକ୍ଷା କରିବାର ଦେଖି ବିସ୍ମୟସୂଚକ 'ଓଃ'ଟିଏ କରନ୍ତି ଓ ଶ୍ରୀମା'ଙ୍କର ଅଧର ଦୁଇଟିରେ ଖେଳିଯାଏ ସ୍ମିତହାସ୍ୟ । ସେ ଆମକୁ କହିଥିଲେ ଯେ ଆଖି ଖୋଲା ରଖି ଧ୍ୟାନ କରିବାର ଅଭ୍ୟାସ ତାଙ୍କର ଥିଲା । ଶଯ୍ୟାର ପଶ୍ଚାତରେ ଆମେ ଆମର ନିର୍ଦ୍ଦିଷ୍ଟ ସ୍ଥାନରେ ବସିଥାଉ; କିଏ ଆସବାବପତ୍ର ପରିଷ୍କାର କରୁଥାଏ ତ' ଆଉ କିଏ ସେଇ ପ୍ରକୋଷ୍ଠଟିରେ ଅନ୍ୟ କିଛି କାର୍ଯ୍ୟ କରୁଥାଏ – ଏଇଭଳି ଆମେ ତାଙ୍କର ଆହ୍ୱାନ ପାଇଁ ପ୍ରସ୍ତୁତ ହୋଇ ରହିଥାଉ । ଭୋଜନ ପୂର୍ବରୁ ସେ ପିପରମେଣ୍ଟ୍ ଲଜେନସ୍‌ଟିଏ ଖାଇଥା'ନ୍ତି – ତେଣୁ ସେଥିପାଇଁ ଆମ ପ୍ରତି ଆହ୍ୱାନଟି ନିୟମିତ । ଖାଦ୍ୟ ଆସିବାରେ ଯଦି ବିଳମ୍ବ ହୁଏ ତେବେ ସେ ପୁଣି ଥରେ ଲଜେନସ୍‌ଟିଏ ମାଗନ୍ତି । ଯେତେବେଳେ ଆମର ଗପସପ ଖୁବ୍ ପ୍ରାଣବନ୍ତ ହୋଇଉଠେ ଓ ସେଥିପାଇଁ ଅସ୍ୱସ୍ତି ବୋଧହୁଏ, ଆମ ଭିତରୁ ଜଣେ ଅଭିଜ୍ଞ ବ୍ୟକ୍ତି କହି ବସନ୍ତି 'ତୁମେ କ'ଣ ଭାବୁଛ ଏହି କ୍ଷୁଦ୍ର ବୁଦ୍‌ବୁଦ ତାଙ୍କର କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବ ? ସେ ଏଭଳି ଏକ ଚେତନାରେ ଉଡ୍‌ଡୀୟମାନ ଯେ ସେଠି ବୋମା ବିସ୍ଫୋରଣ ବି କିଛି ଚିହ୍ନ ଆଙ୍କିପାରେ କି ନା ସନ୍ଦେହ ।' ଅନ୍ୟ ଅବସନ୍ନ ମୁହୂର୍ତ୍ତଗୁଡ଼ିକରେ ଆକସ୍ମିକ ଗୋଳମାଳ ସମ୍ବନ୍ଧରେ ସେ ଜାଣିପାରନ୍ତି ।''...

('ଶ୍ରୀଅରବିନ୍ଦଙ୍କ ସହ ବାରବର୍ଷ'ରୁ ସଂଗୃହୀତ)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

ଜୀବନ ଏପର୍ଯ୍ୟନ୍ତ ଯାହାସବୁ କୁତ୍ସିତତା, ମିଥ୍ୟା ଓ ନିଷ୍ଠୁରତା ନିଜ ମଧ୍ୟରେ ଧାରଣ କରି ରହିଛି, ସେସବୁ ସହ ଆମକୁ ସମଗ୍ରଭାବେ ଏହାର ସମ୍ମୁଖୀନ ହେବାକୁ ହେବ, କିନ୍ତୁ ଆମକୁ ଆମ ନିଜ ଭିତରେ ଥିବା ସକଳ ଶୁଭ, ସକଳ ସୌନ୍ଦର୍ଯ୍ୟ, ସକଳ ଆଲୋକ ଓ ସକଳ ସତ୍ୟର ଉତ୍ସକୁ ଆବିଷ୍କାର କରିବା ନିମନ୍ତେ ସଯତ୍ନ ହେବାକୁ ହେବ; ଯାହାଫଳରେ ଆମେ ଏହି ଉତ୍ସ ସହ ଜଗତର ଏକ ସଚେତନ ସଂଯୋଗ ସ୍ଥାପନ କରି ପାରିବା ତାହାକୁ ରୂପାନ୍ତର କରିବା ସକାଶେ ।

ଏସବୁକୁ ଆମ ଦୃଷ୍ଟିପଥରୁ ଏଡ଼ାଇଦେବା ନିମନ୍ତେ ଆମେ ପଳାୟନ କରିବା କିଂବା ଆଖି ବୁଜିଦେବା ଅପେକ୍ଷା ଏହାକୁ ସମ୍ପନ୍ନ କରିବା ଅନନ୍ତ ଗୁଣେ କଷ୍ଟକର ହେଲେ ବି ଏହାହିଁ ଏକମାତ୍ର ସଫଳ ମାର୍ଗ – ଏ ମାର୍ଗ ସେଇମାନଙ୍କର ଯେଉଁମାନେ ବାସ୍ତବରେ ଶକ୍ତିଶାଳୀ, ଶୁଦ୍ଧ ଓ ସତ୍ୟର ପ୍ରକାଶ ନିମନ୍ତେ ସମର୍ଥ ।

(CWM, Vol. 12, p. 243) – ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ଯୋଗରେହିଁ ଜୀବନର ପୂର୍ଣ୍ଣତା

## ରାମକୃଷ୍ଣ ଦାସ

ପ୍ରତ୍ୟେକ ବ୍ୟକ୍ତିର ଜୀବନହିଁ ଯୋଗ । ବ୍ୟକ୍ତି ଗୃହସ୍ଥାଶ୍ରମରେ ହେଉ ଅଥବା ଗୃହସ୍ଥାଶ୍ରମତ୍ୟାଗୀ ସନ୍ନ୍ୟାସୀ ହେଉ ସଂସାରର ଗୋଟିଏ ବ୍ୟକ୍ତିକୁ ବାଦ୍ ନଦେଇ ଈଶ୍ୱରବାଦୀ, ନିରୀଶ୍ୱରବାଦୀ, ଚୋର, ସାଧୁ, ପାପୀ, ପୁଣ୍ୟାତ୍ମା, ଆବାଳବୃଦ୍ଧବନିତା ସମସ୍ତ ବ୍ୟକ୍ତି ପ୍ରଧାନତଃ ଚାହାନ୍ତି ଦୁଃଖବିହୀନ ପରମ ସୁଖ; ରୋଗ, ବୃଦ୍ଧତ୍ୱ, ମୃତ୍ୟୁ ତଥା ଅଜ୍ଞାନରୁ ସଂପୂର୍ଣ୍ଣ ମୁକ୍ତ ପରମାନନ୍ଦମୟ ଜୀବନ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ । ଏହାରି ପ୍ରାପ୍ତିରେ ଜୀବନର ପୂର୍ଣ୍ଣତା । ଏହାକୁହିଁ ସମସ୍ତ ବ୍ୟକ୍ତି ଅଜ୍ଞାତ, ଅସ୍ପଷ୍ଟ ରୂପେ ଚାହୁଁଛନ୍ତି ତଥା ଭ୍ରାନ୍ତ, ଭ୍ରମାତ୍ମକ ମାର୍ଗରେ ସେହି ଲକ୍ଷ୍ୟ ଆଡ଼କୁ ଗତି କରୁଛନ୍ତି । ପ୍ରତ୍ୟେକ ବ୍ୟକ୍ତିର ଅସ୍ପଷ୍ଟ ରୂପେ ପ୍ରଧାନତଃ ସେହି ଗୋଟିଏ ଚାହିଁବା ହେବାରୁ ତଥା ଭ୍ରାନ୍ତ ମାର୍ଗରେ ସେହି ଲକ୍ଷ୍ୟ ଆଡ଼କୁ ଗତି କରୁଥିବାରୁ ପ୍ରତ୍ୟେକ ବ୍ୟକ୍ତିର ଜୀବନହିଁ ଯୋଗ । କିନ୍ତୁ ଏହି ଅସ୍ପଷ୍ଟ ଲକ୍ଷ୍ୟ ସ୍ପଷ୍ଟ ହୁଏ, ଭ୍ରାନ୍ତ ମାର୍ଗ ସଂଶୋଧିତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ । ଅତଏବ ସମସ୍ତ ପ୍ରକାର ଧର୍ମସମ୍ପ୍ରଦାୟ – ଅଧାର୍ମିକ, ଧାର୍ମିକ, ଗାର୍ହସ୍ଥ୍ୟ, ସନ୍ନ୍ୟାସୀ ବ୍ୟକ୍ତିଙ୍କ ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗ ଅନିବାର୍ଯ୍ୟ । ସମୟ ଆସି ନ ଥିବାରୁ ଏହି ଚାହିଁବା ଅଥବା ଲକ୍ଷ୍ୟ ବ୍ୟକ୍ତି-ଚେତନାରେ ସ୍ପଷ୍ଟ ହୋଇ ନାହିଁ । ଏହି ଅସ୍ପଷ୍ଟତା ଯୋଗୁଁ ବ୍ୟକ୍ତି ଅତ୍ୟନ୍ତ ଆଗ୍ରହରେ ସ୍ୱଭାବ ଏବଂ ଯୋଗ୍ୟତା ଅନୁସାରେ ସମସ୍ତ ଶକ୍ତି ପ୍ରୟୋଗ କରି ବିଦ୍ୟା, ଧନ, ଐଶ୍ୱର୍ଯ୍ୟ, ସମ୍ମାନ, ଅଧିକାର ପ୍ରାପ୍ତି, କର୍ମରେ ଶାନ୍ତି, ସୁଖ ଆଶା ପୋଷଣ କରୁଛନ୍ତି । କିନ୍ତୁ ମୃଗତୃଷ୍ଣାରେ ଜଳର ଧାରଣା ସଦୃଶ ଆଶା ସର୍ବଥା ନିରାଶାରେ ପରିଣତ ହେଉଛି ।

ଅନ୍ୟପକ୍ଷରେ ପୁରାତନ ସମସ୍ତ ଯୋଗ ସଦୃଶ ଏହିସବୁ କର୍ମକୁ ତ୍ୟାଗ କଲେ ଚଳିବ ନାହିଁ । ଏଥିରେହିଁ ହେବ ଜୀବନର ପୂର୍ଣ୍ଣତା । ଦେଶ ତଥା ସଂସାରର ହେବ ମହାନ୍ ଉନ୍ନତି । କିନ୍ତୁ କର୍ମ କରିବାର ମନୋଭାବ ପରିବର୍ତ୍ତନ କରିବାକୁ ହେବ । ଅର୍ଥାତ୍, ଏହିସବୁ କର୍ମକୁ ଲକ୍ଷ୍ୟ ନ ମାନି ପରମାନନ୍ଦସ୍ୱରୂପ ଭଗବତ୍ ପ୍ରାପ୍ତିକୁ ଜୀବନର ଲକ୍ଷ୍ୟ ମାନିବାକୁ ହେବ ଏବଂ ସମସ୍ତ କର୍ମ ଲକ୍ଷ୍ୟ ପ୍ରାପ୍ତିର ସାଧନା ରୂପେ ଆଚରଣ କରି ମା'ଙ୍କ ଚରଣରେ ସମର୍ପଣ କରିବାକୁ ହେବ । ତେବେ ଏହିସବୁ କର୍ମ ଜନ୍ମମରଣର ବନ୍ଧନ ନ ହୋଇ ଲକ୍ଷ୍ୟ ପ୍ରାପ୍ତି କରାଇଦେବ ।

ଆଜି ପର୍ଯ୍ୟନ୍ତ ଆମ୍ଭମାନଙ୍କ ଜୀବନର ଯଥାର୍ଥ ଲକ୍ଷ୍ୟର ଜ୍ଞାନ ନ ଥିବାରୁ ଆମ୍ଭେମାନେ ଭ୍ରମବଶତଃ ଏହିସବୁ କର୍ମକୁ ଲକ୍ଷ୍ୟ-ଭାବେ ମାନିନେଉଛୁ । ସେହି କାରଣରୁ ଆମ୍ଭମାନଙ୍କ ଜୀବନ ପୂର୍ଣ୍ଣ ହୋଇପାରୁ ନାହିଁ କିଂବା ଦେଶର ଉନ୍ନତି ହେଉ ନାହିଁ । ବରଂ ଏହିସବୁ କର୍ମ ଆଶ୍ରୟରେ ଅସତ୍ୟ, ଅନ୍ୟାୟ, ଚୋରି, ସ୍ୱାର୍ଥ, ହିଂସା ବୃଦ୍ଧି ହେଉଛି ଏବଂ ଦରିଦ୍ରତା ମଧ ବଢ଼ୁଛି ।

ଜୀବନର ଏହି ଲକ୍ଷ୍ୟ ଜାଣିବା ତଥା ପ୍ରାପ୍ତ କରିବାର ସମୟ ଆସିଯାଇଛି । ସେହି ସକାଶେ ଶ୍ରୀମା, ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ସ୍ୱୟଂ ନୂତନ ମାର୍ଗ ଆଚରଣ କରି ଆମ୍ଭମାନଙ୍କ ସମ୍ମୁଖରେ ଆଦର୍ଶ ରଖିଛନ୍ତି । ଆମ୍ଭେମାନେ ସେହି ଆଦର୍ଶ ଗ୍ରହଣ କଲେ ଜୀବନର ଲକ୍ଷ୍ୟ ସ୍ପଷ୍ଟଭାବେ ବୁଝିପାରିବା ଏବଂ ଏହି ସାଂସାରିକ ସମସ୍ତ କର୍ମକୁ ଲକ୍ଷ୍ୟ ନମାନି ସେହି ଲକ୍ଷ୍ୟ ପ୍ରାପ୍ତିର ଉପାୟ ରୂପେ ଆଚରଣ କରିବା । ଏହି ପ୍ରଣାଳୀରେ କର୍ମ କଲେ ଆମ୍ଭେମାନେ ଅନ୍ୟାୟ, ଅସତ୍ୟ, ସ୍ୱାର୍ଥ, ମିଥ୍ୟାଚାର, ଦରିଦ୍ରତା, ଅଜ୍ଞାନ କବଳରୁ ମୁକ୍ତ ହୋଇ ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇ ପାରିବା । ଏହି ଯାତ୍ରାର ଅନୁପାତରେ ଆମ୍ଭମାନଙ୍କ ଅନ୍ତରରେ କ୍ରମଶଃ ପରମଶାନ୍ତି, ପରମାନନ୍ଦ, ପରମଜ୍ଞାନ ବୃଦ୍ଧି ହେବାକୁ ଲାଗିବ । ଏହିସବୁର ବିକାଶରେ ଜୀବନର ହେବ ପୂର୍ଣ୍ଣତା ।

ଜଡ଼ କ୍ରମବିକାଶ ଓ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ ବୃକ୍ଷଲତା, ପଶୁପକ୍ଷୀ ଅବସ୍ଥାକୁ ଅତିକ୍ରମ କରି ମନୁଷ୍ୟରେ ଉପନୀତ ହୋଇଛି । ମନୁଷ୍ୟ-ମନର ବିକାଶ ଶେଷ ସୀମାରେ ପହଞ୍ଚିଛି । କ୍ରମବିକାଶ ମନଃସ୍ତରକୁ ଅତିକ୍ରମ କରି ବିଜ୍ଞାନ ଏବଂ ଆନନ୍ଦ ଚେତନାସ୍ତରରେ ପଦାର୍ପଣ କରିବାର ସମୟ ଆସିଯାଇଛି । ଜଡ଼ରୁ ମନ ଚେତନାର ସ୍ତର ପର୍ଯ୍ୟନ୍ତ ଅଜ୍ଞାନ; ତା'ର ଧର୍ମ – ସୁଖ, ଦୁଃଖ, ସ୍ୱାର୍ଥ, ହିଂସା, ରୋଗ, ମୃତ୍ୟୁ, ବୃଦ୍ଧତ୍ୱ । ଏହାପରେ ହେଉଛି ବିଜ୍ଞାନ ଏବଂ ଆନନ୍ଦର ଚେତନାସ୍ତର । ତା'ର ଧର୍ମ ପରମାନନ୍ଦ, ପରମଶାନ୍ତି, ପରମଜ୍ଞାନ । ସେଠାରେ ରୋଗ, ମୃତ୍ୟୁ, ବୃଦ୍ଧତ୍ୱ, ଦୁଃଖକଷ୍ଟର ସର୍ବଥା ଅଭାବ । ଅଜ୍ଞାନ ଏବଂ ବିଜ୍ଞାନ ଏହି ଦୁଇ ସ୍ତରକୁ ଉପନିଷଦ୍‌ରେ କୁହାଯାଇଛି

ଅପରାର୍ଦ୍ଧ ତଥା ପରାର୍ଦ୍ଧ । ଏହି ଉଭୟ ସ୍ତର ମଧ୍ୟରେ ରହିଛି ଅକଳ୍ପନୀୟ ବ୍ୟବଧାନ । ମନୁଷ୍ୟର ଜୀବନ ପୂର୍ଣ୍ଣତାକୁ ପ୍ରାପ୍ତ ହୁଏ ଯଦି ଏହି ବ୍ୟବଧାନ ଦୂର ହୋଇ ପରାର୍ଦ୍ଧର ବିଜ୍ଞାନ ଏବଂ ଆନନ୍ଦ ଅପରାର୍ଦ୍ଧ ଚେତନା ସ୍ତରରେ ପ୍ରକାଶ ପାଏ । ଏହା ହୋଇପାରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ ଓ ଶରୀର ତା'ର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେଲେ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଜୀବନର ପୂର୍ଣ୍ଣବିକାଶ ସକାଶେ ଆବଶ୍ୟକ । ଏହି ସକାଶେ ଭଗବାନଙ୍କ ସୃଷ୍ଟି ଏବଂ ଭଗବାନଙ୍କ ସଂକଳ୍ପ । କିନ୍ତୁ ପ୍ରକୃତି କ୍ରମବିକାଶ ପ୍ରଣାଳୀରେ ମାନସ ଏବଂ ଅତିମାନସ ବିଜ୍ଞାନ ଆନନ୍ଦ ଚେତନାସ୍ତର ମଧ୍ୟରେ ଥିବା ବ୍ୟବଧାନରେ ସେତୁ ହୋଇ ମନୁଷ୍ୟ ଜୀବନରେ ପୂର୍ଣ୍ଣତା ଓ ଭଗବାନଙ୍କ ସଂକଳ୍ପ ପୂର୍ଣ୍ଣ କରିବାରେ ଅସମର୍ଥ । ଅତଏବ ଏହି କାର୍ଯ୍ୟ କରିବା ସକାଶେ ଭଗବାନଙ୍କ ସଂକଳ୍ପରେ ଶ୍ରୀମା, ଶ୍ରୀଅରବିନ୍ଦ ଏହି ପୃଥିବୀପୃଷ୍ଠରେ ଅତିମାନସ ବିଜ୍ଞାନ ଚେତନାକୁ ଅବତରଣ କରାଇଛନ୍ତି । ବ୍ୟକ୍ତି ଶ୍ରୀମା, ଶ୍ରୀଅରବିନ୍ଦଙ୍କ ଆଚରିତ ଆଦର୍ଶକୁ ଗ୍ରହଣ କଲେ ଅତିମାନସ ଶକ୍ତି ଦ୍ୱାରା ତା'ର କ୍ରମଶଃ ମନ-ପ୍ରାଣ-ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବ । ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ, କଷ୍ଟ, ଅଜ୍ଞାନରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହେବ । ବ୍ୟକ୍ତିଗତ ଉନ୍ନତି ସଙ୍ଗେ ସଙ୍ଗେ ସଂସାରରୁ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ଦରିଦ୍ରତା ଦୂର ହେବ । ସଂସାର ସ୍ୱର୍ଗରେ ପରିଣତ ହେବ ।

ଅତିମାନସ-ସତ୍ୟ ପୃଥିବୀପୃଷ୍ଠରେ ଅବତରଣ କରିସାରିଛି । ଯେଉଁମାନେ ଜ୍ଞାତରେ ବା ଅଜ୍ଞାତରେ ସେହି ସତ୍ୟ ପ୍ରତି ଉନ୍ମୁକ୍ତ ଅଛନ୍ତି ସେମାନଙ୍କ ମଧ୍ୟରେ ତଥା ସଂସାର ବାତାବରଣରେ ସେହି ଶକ୍ତି କ୍ରିୟା କରୁଛି । ଯେଉଁମାନେ ସଚେତ ଅଛନ୍ତି ସେମାନେ ସେହି ରୂପାନ୍ତରକୁ ବୁଝିପାରୁଛନ୍ତି । ମାନସ ବିକାଶ ଶେଷ ହେବାରୁ ବ୍ୟକ୍ତି ପରିବାର, ସମାଜ, ଶାସନ ପରିଚାଳିତ ହେଉଥିବା ନୈତିକତା ଅର୍ଥାତ୍, ନୀତିନିୟମ ବ୍ୟବସ୍ଥା ସବୁ ଭାଙ୍ଗି ଚୂର୍‌ମାର ହୋଇଯାଇଛି । ଏହି କାରଣରୁ ବ୍ୟକ୍ତି, ପରିବାର, ଛାତ୍ରସମାଜ ତଥା ରାଜନୀତିରେ ଅସତ୍ୟ, ଅନ୍ୟାୟ, ମିଥ୍ୟାଚାର, ବିଶୃଙ୍ଖଳା, ସ୍ୱାର୍ଥ ସ୍ପଷ୍ଟଭାବେ କ୍ରିୟାଶୀଳ ହୋଇଛି । ଆମ୍ଭେମାନେ ଉପସ୍ଥିତ ଅଛୁ ଆଗମନୀ ଅତିମାନସ ବିଜ୍ଞାନ ଯୁଗ ଓ ସମାପ୍ତପ୍ରାପ୍ତ ଅଜ୍ଞାନାଶ୍ରିତ ମାନସ ଯୁଗର ମଧ୍ୟ ଅବସ୍ଥାରେ । ଆମ୍ଭେ ଆଗମନୀ ସତ୍ୟକୁ ଗ୍ରହଣ କଲେ ଭବିଷ୍ୟତ୍ ସତ୍ୟଯୁଗ ଅତିମାନବଜାତିର ଅଗ୍ରଦୂତ ହୋଇପାରିବା ଅଥବା ପୁରାତନ ଅଜ୍ଞାନ ଆଶ୍ରିତ ସ୍ୱଭାବ, ବିଧିବିଧାନ ଏବଂ ଗତାନୁଗତିକ ସ୍ୱାର୍ଥପୂର୍ଣ୍ଣ କର୍ମକୁ ଜାବୁଡ଼ି ଧରି ରହିଲେ ରସାତଳକୁ ଯିବା । ସେହି ସକାଶେ ଶ୍ରୀମା କହିଛନ୍ତି :

''ମନୁଷ୍ୟ, ଦେଶ, ମହାଦେଶ ସକଳ,
ବାଛିନିଅ — ପୂର୍ଣ୍ଣ ସତ୍ୟ ଅଥବା ରସାତଳ ।''

— ଶ୍ରୀମା

ଯେଉଁ ସତ୍ୟକୁ ବାଛିନେବା ସକାଶେ ଶ୍ରୀମା କହିଛନ୍ତି ସେହି ଅତିମାନସ ସତ୍ୟକୁ ଶ୍ରୀମା ପୃଥିବୀପୃଷ୍ଠରେ ଅବତରଣ କରାଇଛନ୍ତି ଏବଂ ତାହାରି ଦ୍ୱାରା ରୂପାନ୍ତର କାର୍ଯ୍ୟ କରାଉଛନ୍ତି । ଆମ୍ଭେମାନେ ମା'ଙ୍କ ପ୍ରତି ଉନ୍ମୁକ୍ତ ହୋଇ ପାରିଲେ ଅର୍ଥାତ୍, ତାଙ୍କ ପ୍ରତି ଦୃଢ଼ବିଶ୍ୱାସ ଭରସା ରଖି ତାଙ୍କ ଚରଣରେ ନିଜକୁ ସମର୍ପଣ କରିପାରିଲେ ଅଜ୍ଞାନ, ଦୁଃଖ, କଷ୍ଟ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ହୋଇପାରିବା ଏବଂ ସମ୍ପୂର୍ଣ୍ଣରୂପେ ରୂପାନ୍ତରିତ ମନ, ପ୍ରାଣ, ଶରୀର ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରି ପାରିବା । ଆମେ ପରିଚାଳିତ ହେବା ଭଗବତ୍ ଶକ୍ତି ଦ୍ୱାରା, ନିବାସ କରିବା ପରମାନନ୍ଦ, ପରମ ଜ୍ଞାନରେ । ଏହାର ସହଜ ସାଧନା ହେଲା ନିଜେ ନିଜର ଘର, ପରିବାର, ସମ୍ପତ୍ତିସବୁକୁ ମା'ଙ୍କର ମାନି ମା'ଙ୍କ ସେବା ରୂପେ ସମସ୍ତ କର୍ମ କରି ମା'ଙ୍କୁ ସମର୍ପଣ କରିବା । ଏଥିରେ ଅଧିକ ସାହାଯ୍ୟ କରେ 'ମା' ଏହି ନାମ ସ୍ମରଣ । ଆମ୍ଭେମାନେ ଏହି ଆଦର୍ଶ ଆନ୍ତରିକତା ସହ ଗ୍ରହଣ କରିବା ସଙ୍ଗେ ସଙ୍ଗେ କ୍ରମଶଃ ଆମ୍ଭମାନଙ୍କର ସୁପ୍ତ ଜ୍ଞାନ, ବିବେକ, ଭକ୍ତି, ବିଶ୍ୱାସ, କାର୍ଯ୍ୟକାରୀ ଶକ୍ତି ଜାଗ୍ରତ୍ ହେବ । ବୁଦ୍ଧି ଶୁଦ୍ଧ ଏବଂ ବିକାଶପ୍ରାପ୍ତ ହେବ । ଆମ୍ଭେମାନେ ଗୂଢ଼ ବିଷୟ ବୁଝିପାରିବା, ଜଟିଳ ସମସ୍ୟା ସମାଧାନ କରିପାରିବା । ବିଦ୍ୟାଶିକ୍ଷା, ଗୃହକାର୍ଯ୍ୟ, କୃଷି, ବାଣିଜ୍ୟ, ଦେଶସେବା, ଶାସନ ବିଭାଗାଦି ସମସ୍ତ କ୍ଷେତ୍ରରେ ଉନ୍ନତି କରିପାରିବା ।

ଆମ୍ଭମାନଙ୍କ ମଧ୍ୟରୁ କ୍ରମଶଃ ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର, ଠକାମି, କର୍ମରେ ଫାଙ୍କିଦେବା ଦୁର୍ଗୁଣ ଦୂର ହେବ । ଲାଞ୍ଚନେବା ବନ୍ଦ ହେବ । ଦେଶର ଉନ୍ନତିମୂଳକ କାର୍ଯ୍ୟ ଉତ୍ତମ ରୂପେ ହୋଇପାରିବ । ଦେଶ ଏବଂ ସଂସାରର ଉନ୍ନତି ସକାଶେ ସୃଷ୍ଟି ଆରମ୍ଭରୁ ଯେଉଁସବୁ ପ୍ରୟାସ ହୋଇ ବ୍ୟର୍ଥତାରେ ପରିଣତ ହୋଇଥିଲା ତାହାସବୁ ନିଃସନ୍ଦେହ ଭାବରେ ସଫଳ ହୋଇପାରିବ । ଆମ୍ଭମାନଙ୍କ ଲକ୍ଷ୍ୟ ସିଦ୍ଧିରେ ପୃଥିବୀରେ ପ୍ରତିଷ୍ଠା ହେବ ଦିବ୍ୟ-ମାନବସମାଜ, ସଂସାର ପରିଣତ ହେବ ସ୍ୱର୍ଗରେ ।

('ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ', ପ୍ରଥମ ଖଣ୍ଡ, ପୃଷ୍ଠା : ୬୫୩-୬୫୫) ❑

ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# ଏକ ଅଭୁଲା ସ୍ମୃତି

## ସଚ୍ଚିଦାନନ୍ଦ ମହାରଣା

ଦିନ ଚାଲିଯାଏ, କିନ୍ତୁ ଚିହ୍ନ ରହିଯାଏ । ସେଭଳି ଏକ ସ୍ମୃତି, ଯାହା ମନେ ରହିଲା ଭଳି ଆଉ ରଖିଲା ଭଳି ମଧ୍ୟ । ପ୍ରପତ୍ତିଜିଙ୍କର ଓଡ଼ିଶା ଗ୍ରସ୍ତ କାର୍ଯ୍ୟକ୍ରମ ମଧ୍ୟରେ ଆମ ବାରଦାର ମାତୃଭବନ ପରିଦର୍ଶନ କରିବାର ଥାଏ । ଅନେକ ଦିନ ତଳର କଥା ହେଲେ ମଧ୍ୟ ଗତ କାଲିର ଘଟଣା ଭଳି ଆଖିକୁ ଜଳ ଜଳ ଦେଖା ଯାଉଛି । ଆଜି ଏଠିକାର ସଦୃଶ୍ୟ ରେଲିକ୍ସ ମନ୍ଦିର ସେତେବେଳେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରାଯାଇ ନଥିଲା । ମାତୃଭବନ ପାହାଡ଼ ଉପରେ କେବଳ ଥାଏ ସେଇ ପୁରୁଣା ପାଠଚକ୍ର ଘରଟି । ନିକଟକୁ ଲାଗି ବର୍ଷା ଦିନିଆ ଫୁଲ ବଗିଚାଟିରେ ନୂଆ ନୂଆ ହୋଇ ଫୁଲ ଫୁଟିଥା'ନ୍ତି । ସତେ ଯେପରି ନୂତନ ଅତିଥିଙ୍କୁ ଅଭ୍ୟର୍ଥନା ଜଣେଇବା ପାଇଁ ହସ ହସ ମୁହଁରେ ଚାହିଁ ରହିଥା'ନ୍ତି । ମା'ର କୋଳକୁ ଆସୁଛନ୍ତି ମା'ଙ୍କର ଏକ ମାନସ ପୁତ୍ର । ବର୍ଷା ଦିନ ଯୋଗୁଁ ଆସିବା ବାଟ ଠାଆକୁ ଠାଆ କାଦୁଅ ହୋଇଥାଏ ବୋଲି ଆମ ଭିତରୁ କେତେକ ଯାଇ ରାସ୍ତାରେ ପଥର ମାଟି ପକାଇ ସଜାଡୁ ଥାଉ । ବର୍ଷା ଦିନ ହେଲେ ମଧ୍ୟ ପାଗ ଭଲ, ବାଟ ସଫା ଓ ଆକାଶ ନିର୍ମଳ ଥାଏ । ମୋଟାମୋଟି ପ୍ରକୃତି ଯେପରି ଶାନ୍ତ, ସ୍ଥିର, ନୀରବ ନିଶ୍ଚଳ ଥାଏ, ପରିବେଶ ମଧ୍ୟ ଠିକ୍ ସେହିପରି ନିର୍ମଳ, ପବିତ୍ର ଓ ମନୋରମ ଦେଖା ଯାଉଥାଏ । ଏପରି ଏକ ଦିବ୍ୟ ମନୋମୁଗ୍ଧକର ପରିବେଶ ମଧ୍ୟରେ ପ୍ରପତ୍ତିଜି ଆସି ପହଞ୍ଚିଥା'ନ୍ତି ମାତୃଭବନ ପାଦଦେଶରେ । ପାଠଚକ୍ର ତଥା ଶିକ୍ଷାକେନ୍ଦ୍ରର ଭାଇ, ଭଉଣୀଙ୍କ ଆନନ୍ଦ, ଉତ୍ସାହ କହିଲେ ନସରେ । କାରରୁ ଓହ୍ଲାଇବା ମାତ୍ରେ ଉତ୍କଣ୍ଠିତ ଭାବେ ଚାହିଁଥିବା ମାତୃପ୍ରେମୀମାନେ ଘେରି ଯାଇ ଜଣକ ପରେ ଜଣେ ପ୍ରଣାମ କରି ପାଦଧୂଳି ନେଲେ । ତା'ପରେ ପ୍ରପତ୍ତିଜି ପାହାଡ଼ ଉପରକୁ ଯାଇ ମା'ଙ୍କୁ ଦର୍ଶନ କରି ତଳକୁ ବିଶ୍ରାମ ପାଇଁ ଗଲେ । ବିଶ୍ରାମ କକ୍ଷରେ ମଧ୍ୟାହ୍ନ ଭୋଜନ ସାରି ବିଶ୍ରାମ ନେଉଥା'ନ୍ତି । ସେହି ଅବସରରେ ଶିକ୍ଷାକେନ୍ଦ୍ରର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ସମସ୍ତଙ୍କ କଥା ଟିକିନିଖି ପଚାରି ବୁଝୁଥା'ନ୍ତି । ଆମେ ମଧ୍ୟ ନୂଆ ଘର, ନୂଆ ଶିକ୍ଷକ, ଶିକ୍ଷୟିତ୍ରୀ ଓ ନୂଆ ଯୋଜନା ସମ୍ପର୍କରେ ତାଙ୍କୁ ଅବହିତ କରାଉଥାଉ । ବିଶେଷ ଖୁସୀ ହେଉଥା'ନ୍ତି ସେ ଏହାର ପ୍ରଗତି ଦେଖି । ସବୁ ଅଭାବ ଅସୁବିଧା କଥା ତାଙ୍କୁ ମଧ୍ୟ ଆମେ ଜଣାଉ ଥାଉ । ବ୍ୟକ୍ତିଗତ ଭାବେ ସମସ୍ତଙ୍କ ଭଲମନ୍ଦ କଥା ପଚାରି ବୁଝି ନେଉଥା'ନ୍ତି । ସମସ୍ତଙ୍କ ସହ କଥାବାର୍ତ୍ତା ପରେ ଆମ ପରିଚାଳକମାନଙ୍କୁ ଡାକି ଆବଶ୍ୟକ ପରାମର୍ଶ ଓ ପ୍ରେରଣା ଦେଲେ । ବ୍ୟକ୍ତି ଯେପରି ନିଜର ଅଭାବ ଓ ଅସୁବିଧାଗୁଡ଼ିକୁ ସୁବିଧା ସମୟ ଦେଖି ନିଜ ଅଭିଭାବକଙ୍କ ନିକଟରେ ବ୍ୟକ୍ତ କରି ସେମାନଙ୍କ ଠାରୁ ଯଥାର୍ଥ ନିଷ୍ପତ୍ତି ଓ ସମାଧାନ ପାଇ ସାରିବା ପରେ ଗଭୀର ଆତ୍ମତୃପ୍ତି ଲାଭ କରେ, ସେହିପରି ଆମେ ସମସ୍ତ ପରିଚାଳକ, ଶିକ୍ଷକ କିଂବା ପାଠଚକ୍ର ସଭ୍ୟ ମାତୃଭକ୍ତମାନେ ତାଙ୍କୁ ଆମର ଅଭିଭାବକ ତୁଲ୍ୟ ମନେ କରି ଥାଉ । ସେ କେବଳ ଆମର ଅଭିଭାବକ ନଥିଲେ ବରଂ ଏକାଧାରରେ ଦିଗ୍‌ଦର୍ଶକ, ପୃଷ୍ଠପୋଷକ, ପରିଚାଳକ, ବିଚାରକ, ପରାମର୍ଶଦାତା ଓ ପ୍ରେରଣାଦାତା ସବୁକିଛି । ତାଙ୍କୁ ସବୁକଥା କହିଦେଇ ସାରିଲା ପରେ ମନେ କଲୁ ଯେପରି ବହୁଦିନର ଗୁରୁଭାର ଆମର ମୁଣ୍ଡରୁ ଓହ୍ଲାଇଗଲା ଯେମିତି, ଆଉ ଆମେ ପରମ ଶାନ୍ତିରେ ନିଃଶ୍ୱାସ ମାରି ରହିଲୁ । ପରେ ପରେ ଅନୁଭବ କଲୁ ଯେପରି ଆମ ଭିତରେ ଏକ ନୂତନ ଶକ୍ତି, ଉତ୍ସାହ ଓ ଉଦ୍ଦୀପନା ସଞ୍ଜୀବିତ ହେଉଛି । ଅଧିକରୁ ଅଧିକ ମା'ଙ୍କ କାର୍ଯ୍ୟ କରିବାକୁ ମନ ପ୍ରାଣରେ ଦିବ୍ୟ ଚେତନା ମଧ୍ୟ ଜାଗ୍ରତ୍ ହୋଇଛି । ଏକଥା ନିରାଟ ସତ୍ୟ ଯେ ତାଙ୍କର ବିରାଟ ମହିମାମୟ ବ୍ୟକ୍ତିତ୍ୱ ନିକଟରେ ସମସ୍ତଙ୍କର ରାଶି ରାଶି ଅଭିଯୋଗ ମାତ୍ର ତାଙ୍କର ପଦେ ଦିପଦ କଥାରେ କୁଆଡ଼େ ମିଳେଇ ଯାଏ ଯେପରି । କି ଅଦ୍ଭୁତ ତାଙ୍କର ଚେତନା ଶକ୍ତି, କି ଦୁର୍ବାର ତାଙ୍କର ସମ୍ମୋହନ ଆକର୍ଷଣ, କି ବ୍ୟାପକ ସତ୍ୟାନ୍ୱେଷୀ ମନ, କି ଉଦାର ତାଙ୍କ ସାଧକୋଚିତ ହୃଦୟ !

ଏପରି କଥୋପକଥନ ହେଉଥିବା ସମୟରେ ସେ ହଠାତ୍ ସ୍ଥିର, ଏକାଗ୍ର ଓ ଅଭିନିବିଷ୍ଟ ହୋଇ କ୍ଷଣକ ପରେ କହିବାକୁ ଆରମ୍ଭ କଲେ, ''ଭାସ୍କର ବାବୁ, (ମାତୃଭବନର ମୁଖ୍ୟ ପରିଚାଳକ) କେତେବେଳେ କେଉଁକଥା, ବର୍ତ୍ତମାନ ଏ

ସରକାର ଅଛନ୍ତି, ରେଲିକ୍ସ ପ୍ରତିଷ୍ଠା ପାଇଁ ଶୀଘ୍ର କାମ ଆରମ୍ଭ କର ।'' ତାଙ୍କର ସେ ତୀକ୍ଷ୍ଣ, ଗଭୀର ଚେତନା ଶକ୍ତି ବଳରେ ଯେପରି ଜାଣି ପାରିଲେ ବୋଧହୁଏ ରେଲିକ୍ସ ପ୍ରତିଷ୍ଠା ପାଇଁ ସମୟ ଆସି ଯାଇଛି – ଅବିଳମ୍ବେ ତାକୁ କାର୍ଯ୍ୟରେ ପରିଣତ କରିବାକୁ ହେବ । ଏବେ ବୁଝାପଡୁଛି ତାଙ୍କର ତତ୍‌କାଳୀନ ପରାମର୍ଶ କି ସମୟୋଚିତ ଓ ଶ୍ରେୟସ୍କର । ଏକଥା କେବଳ ଦିବ୍ୟଦ୍ରଷ୍ଟା ସାଧକଙ୍କ ପକ୍ଷରେ ସମ୍ଭବ, ଅନ୍ୟ ପକ୍ଷରେ ନୁହେଁ । ପ୍ରପତ୍ତିଜିଙ୍କ ଦିବ୍ୟଇଙ୍ଗିତ ବା ପରାମର୍ଶକୁ ଅପରପକ୍ଷରେ କହିଲେ ତଡ଼ିତ୍ ନିର୍ଦ୍ଦେଶକୁ ଗ୍ରହଣ କରିନେଇ କାର୍ଯ୍ୟ କରିବାକୁ ନୀରବରେ 'ହଁ' ଭରିଥିଲେ ଭାସ୍କର ବାବୁ । କାରଣ ସାଧକଙ୍କ କଥା ଅନ୍ୟଥା ହୁଏ ନାହିଁ । ମା' କରୁଣାମୟୀ ବୋଧେ କରୁଣାବଶ ହୋଇ ତାଙ୍କରି ସନ୍ତାନ ମୁଖରେ ଏକଥା ପ୍ରକାଶ କରି ଦେଲେ । ଶେଷରେ ଉପସ୍ଥିତ ମାତୃପ୍ରେମୀମାନଙ୍କୁ ଆୟୋଜିତ ବୈଠକରେ ଉଦ୍‌ବୋଧନ ଦେଇ ସାରିବା ପରେ ସମ୍ବଲପୁର ଅଭିମୁଖେ ସେ ବିଦାୟ ନେଲେ ।

ଠିକ୍ ତା' ପରେ ପରେ ଆମ ମନକୁ ଅହେତୁକ ଚିନ୍ତା ଗ୍ରାସ କଲା । ସତରେ ଏହା କ'ଣ ସମ୍ଭବ ? କେତେ ଆଶଙ୍କା ଓ ଅବିଶ୍ୱାସ ଆସିଲା । ରେଲିକ୍ସ ପ୍ରତିଷ୍ଠା କ'ଣ ସହଜ କଥା ! ଲକ୍ଷାଧିକ ଟଙ୍କା ଆବଶ୍ୟକ । ଇଏତ ଅସମ୍ଭବ ପରିକଳ୍ପନା ଆମ ପକ୍ଷରେ ବର୍ତ୍ତମାନ । କିନ୍ତୁ ମନରେ ଆତ୍ମପ୍ରତ୍ୟୟ ଆସିଲା – ସାଧୁଙ୍କ କଥାନୁଯାୟୀ ଅନତିବିଳମ୍ବେ କାର୍ଯ୍ୟ ଆରମ୍ଭ କରାଯିବ । ସେହି ଅନୁସାରେ ଦୃଢ଼ ମନବଳ ନେଇ ଇଚ୍ଛାମୟୀଙ୍କ ଇଚ୍ଛା ପୂର୍ଣ୍ଣ କରିବା ପାଇଁ ଯୋଜନା ହେଲା ଏବଂ ରେଲିକ୍ସ କାର୍ଯ୍ୟ ଶୁଭାରମ୍ଭ ହେଲା ସେଇ ବର୍ଷ – ୧୯୮୪ ମସିହା ନଭେମ୍ବର ୨୪ ତାରିଖ – ପବିତ୍ର ସିଦ୍ଧି ଦିବସରେ । ଦୀର୍ଘ ତିନିବର୍ଷର ନିରବଚ୍ଛିନ୍ନ ସଂଗ୍ରାମ ପରେ ତା'ର ପରିସମାପ୍ତି ଓ ପ୍ରତିଷ୍ଠା ହେଲା ୧୯୮୭ ମସିହା ଜାନୁଆରୀ ୨୧ ତାରିଖରେ ପୂଜ୍ୟ ଚମ୍ପକଲାଲଜିଙ୍କ ଦ୍ୱାରା । ମଝିରେ ଥରେ ଅଧେ ସେ ଏହାର ନିର୍ମାଣ କାର୍ଯ୍ୟ ଦେଖି ଯାଇଥିଲେ ଓ ସନ୍ତୋଷ ପ୍ରକାଶ କରିଥିଲେ । କିନ୍ତୁ ବିଧିର କି ବିଡ଼ମ୍ବନା, ନିର୍ଦ୍ଧାରିତ ପ୍ରତିଷ୍ଠା ଦିବସରେ ଓଡ଼ିଶାରେ ଥାଇ ମଧ୍ୟ ନିଜର ଅସୁସ୍ଥତା ଯୋଗୁଁ ପରିକଳ୍ପିତ ରେଲିକ୍ସ ପ୍ରତିଷ୍ଠା ଉତ୍ସବରେ ସେ ଯୋଗଦାନ କରିପାରି ନଥିଲେ । ଅଭୁଲା ସେ ସ୍ମୃତି । ଆଉ ଅଲିଭା ସେ ଦାଗ ଆମ ହୃଦୟ ମଧ୍ୟରେ । କାରଣ ପ୍ରପତ୍ତିଜି ସ୍ୱଚକ୍ଷୁରେ ଆଉ ତାକୁ ଦେଖିପାରି ନଥିଲେ ।

(୨୮ ଜୁନ୍, ୧୯୯୦ରେ ମାତୃଭବନ ଦ୍ୱାରା ପ୍ରକାଶିତ "A Flame of Gratitude" ଶୀର୍ଷକ ସ୍ମରଣିକାରୁ ସଂଗୃହୀତ) ❑

ଏଠାରେ ପ୍ରତ୍ୟେକ କାର୍ଯ୍ୟ ଦିଆଗଲା ବେଳେ, କାର୍ଯ୍ୟଟିକୁ ସମୁଚିତ ଭାବରେ କରିବା ନିମନ୍ତେ ଯୁଗପତ୍ ଭାବରେ ଆବଶ୍ୟକ ପୂର୍ଣ୍ଣ ଶକ୍ତି ତଥା କରୁଣା ମଧ୍ୟ ପ୍ରଦତ୍ତ ହୋଇଥାଏ । ଯଦି ତୁମେ ସେହି ଶକ୍ତି ଏବଂ କରୁଣାକୁ ଅନୁଭବ କରି ପାରୁ ନାହଁ, ତେବେ ସେଥିରୁ ପ୍ରମାଣିତ ହେଉଛି ଯେ ତୁମର ଦୃଷ୍ଟିକୋଣରେ କିଛି ଭୁଲ୍ ରହିଯାଇଛି । ହୁଏତ ବିଶ୍ୱାସର ଅଭାବ ରହିଛି ଅଥବା ତୁମେ ପୁନର୍ବାର ସେହି ପୂର୍ବ ପଥ ତଥା ପୂର୍ବ ବିଶ୍ୱାସଗୁଡ଼ିକ ଉପରେ ଯାଇ ନିପତିତ ହୋଇଛ ଏବଂ ତେଣୁ ସମସ୍ତ ଗ୍ରହଣଶୀଳତାକୁ ହରାଇ ବସିଛ ।

(୧ ଅକ୍ଟୋବର, ୧୯୫୨) — ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୮୬)

## ମହେନ୍ଦ୍ରନାଥ ସ୍ୱାଇଁ

**ସତ୍ୟ-ଚେତନା :**

ଫେବ୍ରୁଆରୀ ୧୬, ୧୯୧୪ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଲେଖନ୍ତି –

"O SUPREME, sole Reality, true Consciousness, permanent Oneness, sovereign repose of perfect light, with what an intensity I aspire to be conscious of only Thee, to be only Thyself. This incessant whirl of unreal personalities, this multiplicity, this complexity, this excessive inextricable confusion of conflicting thoughts, struggling tendencies, battling desires, seems to me more and more frightful. I must emerge from this raging sea, land on Thy serene and peaceful shore. Give me the energy of an indefatigable swimmer. I would conquer Thee however great may be the effort needed for that. ... O Lord, ignorance must be vanquished, illusion dispelled, this sorrowful universe must come out of its hideous nightmare, end its terrible dream, and awaken at last to the consciousness of Thy sole Reality.

O immutable Peace, deliver men from ignorance; may Thy plenary and pure Light reign everywhere!"

"ହେ ସର୍ବୋତ୍ତମ ପ୍ରଭୁ, ଏକମାତ୍ର ବାସ୍ତବସତ୍ୟ, ପ୍ରକୃତ ସତ୍ୟଚେତନା, ଚିରନ୍ତନ ଏକତ୍ୱ, ସମ୍ପୂର୍ଣ୍ଣ ଆଲୋକର ସାର୍ବଭୌମ ଆଶ୍ରୟସ୍ଥଳ, କେତେ ନିବିଡ଼ ସଘନ ଭକ୍ତିର ସହିତ ମୁଁ କେବଳ ତୁମ ସମ୍ପର୍କରେ ସଚେତନ ହେବା ପାଇଁ ଅଭୀପ୍ସା ନକରେ; କେବଳ ମାତ୍ର ତୁମେ ହୋଇଉଠିବା ପାଇଁ । ଏହି ଅବାସ୍ତବ ବ୍ୟକ୍ତିତ୍ୱମାନେ, ଏହି ବିବିଧତା, ଏହି ଜଟିଳତା, ପରସ୍ପର ବିରୋଧାତ୍ମକ ଚିନ୍ତା ସକଳର ଆଶୋଧନୀୟ ବିଶୃଙ୍ଖଳା, ସଂଘର୍ଷମୟ ଚିନ୍ତାଧାରା ଓ ଭାବନା, ଯୁଦ୍ଧ ପ୍ରବଣତାର ନିରବଚ୍ଛିନ୍ନ ଘୂର୍ଣ୍ଣି ସତେ ଯେପରି ଅଧିକରୁ ଅଧିକ ପରିମାଣରେ କଷ୍ଟଦାୟକ ବୋଲି ମନେ ହେଉଛି । ଏହି ଉତ୍ତାଳ ସମୁଦ୍ର ଭିତରୁ ନିଶ୍ଚିତ ଭାବରେ ମସ୍ତକ ଉତ୍ତୋଳନପୂର୍ବକ ଉପରକୁ ଉଠି ଆସିବି, ତୁମର ସ୍ଥିର ନିଶ୍ଚଳ ପ୍ରଶାନ୍ତ ବେଳାଭୂମି ଉପରେ ଦଣ୍ଡାୟମାନ ହୋଇପାରିବି । ଏକ କ୍ଳାନ୍ତହୀନ ସନ୍ତରଣକାରୀର ଶକ୍ତି ମୋତେ ପ୍ରଦାନ କରନ୍ତୁ । ମୁଁ ତୁମକୁ ନିଶ୍ଚିତ ରୂପେ ଲାଭ କରିପାରିବି, ସେଥିପାଇଁ ଯେତେ ବିପୁଳ ପରିମାଣରେ ପ୍ରଚେଷ୍ଟାର ଆବଶ୍ୟକତା ହେଉନା କାହିଁକି । ... ହେ ପ୍ରଭୁ, ଅଜ୍ଞାନତା ସମ୍ପୂର୍ଣ୍ଣ ରୂପେ ପରାଭୂତ ହେଉ (vanquished), ଭ୍ରମ ଦୂରୀଭୂତ ହେଉ, ଏହି ଦୁଃଖପୂର୍ଣ୍ଣ ଜଗତ୍, ଏହାର କୁତ୍ସିତ, କଦାକାର, ଭୟଙ୍କର ଦୁଃସ୍ୱପ୍ନ ଭିତରୁ ବାହାରକୁ ବାହାରି ଆସୁ, ଏହାର ଭୟଙ୍କର ସ୍ୱପ୍ନର ପରିସମାପ୍ତି ଘଟୁ, ଏବଂ ପରିଶେଷରେ ତୁମର ଏକମାତ୍ର ଅଦ୍ୱିତୀୟ ଦିବ୍ୟ-ବାସ୍ତବତାର ଚେତନା ସମ୍ପର୍କରେ ଜାଗ୍ରତ ହୋଇଉଠୁ ।

"ହେ ଅପରିବର୍ତ୍ତନୀୟ ପ୍ରଶାନ୍ତି, ମନୁଷ୍ୟକୁ ଅଜ୍ଞାନତାରୁ ମୁକ୍ତ କର; ତୁମର ପରିପୂର୍ଣ୍ଣ ଓ ବିଶୁଦ୍ଧ ଜ୍ୟୋତିଃ ସର୍ବତ୍ର ଶାସନ କରୁ !"

ପରମ ପ୍ରଭୁ ହେଉଛନ୍ତି ଏହି ଅନିତ୍ୟ ସଂସାରରେ ଏକମାତ୍ର ନିତ୍ୟ ବାସ୍ତବ; ଆଉ ସବୁକିଛି ଅବାସ୍ତବ ବା ପ୍ରକୃତ ସତ୍ୟଠାରୁ ବହୁ ଦୂରରେ ଅବସ୍ଥିତ । ଆମେ ସମସ୍ତେ ନିଜସ୍ୱ ଏକ ନିର୍ଦ୍ଦିଷ୍ଟ ଚେତନାକୁ ଧରି ଚଳପ୍ରଚଳ ହେଉଛେ, ସେହି ଅନୁସାରେ ଆମ ପାଇଁ ଆସ୍ଥାନମାନ ସୃଷ୍ଟି ହୋଇଛି, ସେଠାରେ ଉପବେଶନପୂର୍ବକ ଆମେ ଆମର କାର୍ଯ୍ୟ କରୁଛେ; ଚେତନା ଊର୍ଦ୍ଧ୍ୱକୁ ଉଠି ଗଲେ ଆସ୍ଥାନ ମଧ ବଦଳି ଯାଉଛି, ପୁନଶ୍ଚ ନିମ୍ନଗାମୀ ହେଲେ ସେହି ଚେତନା ସହିତ ତାଳ ଦେଇ ଅବଲୀଳା କ୍ରମେ ଆମ ସ୍ୱଭାବ, ଚାଲିଚଳନ, ବେଶଭୂଷା, କଥା କହିବାର

ଢଙ୍ଗ ମଧ୍ୟ ବଦଳି ଯାଉଛି । ତାହାହେଲେ ପ୍ରକୃତ ଦିବ୍ୟ-ଚେତନାଟି କ'ଣ ?

ଆଲୋଚ୍ୟ ପ୍ରାର୍ଥନାରେ ଶ୍ରୀମା' କହୁଛନ୍ତି ପରମପ୍ରଭୁ ହେଉଛନ୍ତି ପ୍ରକୃତ ସତ୍ୟଚେତନା – ସେହିଁ ଆମ୍ଭମାନଙ୍କର ଶରଣଦାତା । ସେ ସାଧାରଣ ଆଲୋକ ନୁହଁନ୍ତି, ସକଳ ଜଗତକୁ ଆଲୋକିତ କରୁଥିବା, ସମସ୍ତଙ୍କୁ ଏକତ୍ରିତ କରି ବାନ୍ଧି ପାରୁଥିବା ଏକ ସାର୍ବଭୌମ୍ୟ ଚେତନାକୁ ଆଶ୍ରୟ କରି ଆମକୁ ବଞ୍ଚିବାକୁ ପଡ଼ିବ । ବାହାରକୁ ଯାଇ ଯେଉଁ ଲୋକମାନଙ୍କୁ ଆମେ ଭେଟୁଛେ, ଯେଉଁମାନଙ୍କ ସହିତ କଥାବାର୍ତ୍ତା ହେଉଛେ, ମନେ ହେଉଛି ଯେପରି ସେମାନେ ଗୋଟିଏ ପ୍ରକାର କଥା ସତର୍କତାର ସହିତ କହୁଛନ୍ତି, ଭିତରେ କିଛି ଲୁଚାଇ ରଖୁଛନ୍ତି, ସେମାନଙ୍କର ଚିନ୍ତା ଓ ଭାବନା ଯେପରି ଠିକ୍ ବାଟ ଖୋଜି ପାଉ ନାହିଁ, ସେମାନେ ଇତସ୍ତତଃ ହେଉଛନ୍ତି, ଦ୍ୱନ୍ଦ୍ୱ ଭିତରେ ରହିଛନ୍ତି । ଖବରକାଗଜ ପୃଷ୍ଠା ଲେଉଟାଇଲେ, ଟେଲିଭିଜନ ଖୋଲି ସମ୍ବାଦ ଦେଖିଲେ ମନେ ହେଉଛି ଯେପରି ପୃଥିବୀର ଶକ୍ତିଶାଳୀ ଓ ଧନୀ ରାଷ୍ଟ୍ରମାନେ କେବଳ ପରସ୍ପର ମଧ୍ୟରେ ଯୁଦ୍ଧ କରିବାର ଇଚ୍ଛାପୋଷଣ କରି ବସିଛନ୍ତି; ଗବେଷଣାଗାର ଭିତରେ ବିଭିନ୍ନ ପ୍ରକାରର କ୍ଷେପଣାସ୍ତ୍ର ପରୀକ୍ଷା କରି ଚାଲିଛନ୍ତି । କେଉଁ କ୍ଷେପଣାସ୍ତ୍ର ବିନା ଶବ୍ଦରେ ସବୁଠାରୁ ଅଧିକ ଦ୍ରୁତ ଗତିରେ ଯାଇପାରିବ, ଶତ୍ରୁ ପକ୍ଷର 'ରାଡ଼ାର୍' ତା'ର ଟେର୍ ପାଇପାରିବ ନାହିଁ ଏବଂ କେତେ 'ମେଟ୍ରିକ୍‌ଟନ୍' ପରମାଣୁ ଅସ୍ତ୍ରଶସ୍ତ୍ର ବହନ କରି ନେଇ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇ ଦେଇପାରିବ – ଏହି ସବୁ ବିଷୟରେ ବୈଜ୍ଞାନିକମାନଙ୍କର ସର୍ବୋତ୍କୃଷ୍ଟ ଜ୍ଞାନକୁ ପ୍ରୟୋଗ କରାଯାଉଛି, ଏହାକୁ ଶ୍ରୀମା ଉକ୍ତ ପ୍ରାର୍ଥନାରେ battling desires ବା 'ଯୁଦ୍ଧ-ବାସନା' ବୋଲି କହିଛନ୍ତି । ଏହାରି ଯୋଗୁଁ ଆମ ବିଶ୍ୱ ଏକ ପ୍ରଚଣ୍ଡ ବିକ୍ଷୁବ୍ଧ, ଅଶାନ୍ତ ସମୁଦ୍ରର ବକ୍ଷ ସଦୃଶ ପ୍ରତୀୟମାନ ହେଉଛି । ଦିବ୍ୟଜନନୀ ଏହି ବିକ୍ଷୁବ୍ଧ ସାଗର ବକ୍ଷ ଭିତରୁ ଉପରକୁ ମଥା ଟେକି ଉଠିଆସିବା ନିମନ୍ତେ ପ୍ରଭୁଙ୍କ ସମକ୍ଷରେ ଦୃଢ଼ୋକ୍ତି ଉପସ୍ଥାପନ କରି ପ୍ରାର୍ଥନା କରିଛନ୍ତି । ସମୁଦ୍ରର ବକ୍ଷ ଯଦିଓ ଅଶାନ୍ତ ତା'ର ବେଳାଭୂମି କିନ୍ତୁ କ୍ଳାନ୍ତି ଅପନୋଦନର ପ୍ରକୃଷ୍ଟ କ୍ଷେତ୍ର, ଏବଂ ଶାନ୍ତିପ୍ରଦ । ଦିବ୍ୟଜନନୀ ଏତାଦୃଶ ଏକ ଅପୂର୍ବ ବେଳାଭୂମିରେ ପାଦ ଥାପି ପୃଥିବୀପୃଷ୍ଠରେ ଦେଖା ଦେଇଥିବା ଅଶାନ୍ତ ପରିବେଶ, ପରସ୍ପର ବିରୋଧାତ୍ମକ ଭାବନା, ସଂଘର୍ଷ ମନୋବୃତ୍ତି ଏବଂ ଯୁଦ୍ଧ-ପିପାସାକୁ ସମ୍ପୂର୍ଣ୍ଣ ରୂପେ ଦୂରୀଭୂତ କରିଦେଇ ଶାନ୍ତ ଓ ସଙ୍ଗତିମୟ ବାତାବରଣ ପ୍ରତିଷ୍ଠିତ କରିପାରିବେ – ଏହାହିଁ ପରମପ୍ରଭୁଙ୍କ ନିକଟରେ ମା'ଙ୍କର ଏକ ଦୃଢ଼ ପ୍ରତିଶ୍ରୁତି । ସେଥିପାଇଁ ଶ୍ରୀମାଙ୍କୁ ଯିଏ ଡାକେ ମା ତତ୍‌କ୍ଷଣାତ୍ ତା'ର ଡାକ ଶୁଣନ୍ତି ଏବଂ ସାହାଯ୍ୟର ହାତ ବଢ଼ାଇ ଦିଅନ୍ତି । ଏହି ପରିପ୍ରେକ୍ଷୀରେ ଜନୈକ ସାଧକ-ଭକ୍ତଙ୍କୁ ଶ୍ରୀମା ତାଙ୍କର ଆପଦ-ବିପଦ ସମୟରେ କିପରି ସୁରକ୍ଷା ପ୍ରଦାନ କରିଥିଲେ ତାହା ଆଲୋଚନା କରିବା । ତାହା ହେଲା –

'' 'C' ଏବଂ ତାଙ୍କ ବନ୍ଧୁ 'D' ୧୯୫୯ ମସିହାରେ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀକୁ ପାଞ୍ଚ ଦିନ ନିମନ୍ତେ ତୀର୍ଥ ଯାତ୍ରାରେ ଆସିଥିଲେ । ଶ୍ରୀମା'ଙ୍କ ଅନୁମତି ପ୍ରାପ୍ତ ହୋଇ ସେମାନେ ଗୋଲକୋଣ୍ଡ(Golconde) ଅତିଥିଭବନରେ ଅବସ୍ଥାନ କରିଥିଲେ । ଅବସ୍ଥାନ କରିବାର ପ୍ରଥମ ରାତ୍ରିରେ 'C' ଅନୁଭବ କଲେ ଯେ ସେଠାକାର ବାତାବରଣରେ ଏକ ଅପୂର୍ବ ଦିବ୍ୟଶକ୍ତି ଭରପୂର ହୋଇ ରହିଛି । ଦ୍ୱିତୀୟ ରାତ୍ରିର ପ୍ରାୟ ୧୧ଟା ବେଳେ 'C' ଅନୁଭବ କଲେ ଯେ ଯେପରି ଏକ ବିଶାଳକାୟ ଅମଙ୍ଗଳକାରୀ ସତ୍ତା (huge evil being) ତାଙ୍କ ଛାତି ଉପରେ ତା'ର ଶକ୍ତ ହସ୍ତର ପାପୁଲିକୁ ରଖିବା ପାଇଁ ଚେଷ୍ଟା କରୁଛି । ଏହି ରାକ୍ଷସିକ ସତ୍ତାର ଦାନ୍ତଗୁଡ଼ିକ ଦୁଇ ଫୁଟ ଲମ୍ବା ଏବଂ ତା'ର ଗୋଡ଼ ପ୍ରଥମ ମହଲାରୁ ନିମ୍ନ ମହଲା ପର୍ଯ୍ୟନ୍ତ ଲମ୍ବିଛି । ତାକୁ ଦେଖି 'C'ଙ୍କ ଦେହରୁ ଝାଳ ବୋହିଗଲା । ପାଖ ଖଟରେ ତାଙ୍କ ବନ୍ଧୁ 'D' ଶୋଇଥିଲେ । ସେ ତାଙ୍କୁ ଉଠାଇଲେ ଏବଂ ସବୁକଥା କହିଲେ । ଯଦିଓ 'D' ସେହି ରାକ୍ଷସକୁ ଦେଖି ନଥିଲେ, କିନ୍ତୁ ପ୍ରକୋଷ୍ଠ ଭିତରେ ଏକ ପ୍ରକାର ଭୟର ବାତାବରଣ ଖେଳି ଯାଇଥିବା ଅନୁଭବ କରୁଥିଲେ । କିଛି ସମୟ ସେମାନେ ନଶୋଇ ବସି ରହିଲେ ଏବଂ ତା'ପରେ ବିଛଣାକୁ ଯାଇ ଶୋଇ ପଡ଼ିଲେ । ଏଥରକ 'C' ଶୋଇ ପଡ଼ିବା ମାତ୍ରକେ ସେହିପରି ଦୁଇଟି ଅମଙ୍ଗଳକାରୀ ସତ୍ତାକୁ ଦେଖିଲେ । ସେ ସାହସ ବାନ୍ଧି ନିଜ ପାଟି ଖୋଲି ଉଚ୍ଚ ସ୍ୱରରେ ଚିତ୍କାର କରିବାକୁ ଆରମ୍ଭ କଲା ମାତ୍ରକେ ସେହି ଦୁଇ ଦୁଷ୍ଟ ସତ୍ତାଙ୍କ ଭିତରୁ ଜଣେ ଦୌଡ଼ି ଆସି ତାଙ୍କ ମୁହଁକୁ ଚାପି ଧରିଲା । ତତ୍ପରେ ସେମାନେ 'C'ଙ୍କ ସହିତ ସେ ଶୋଇଥିବା ଖଟକୁ ଉପରକୁ ଉଠାଇ ତଳେ କଚାଡ଼ି ଦେବା ପୂର୍ବରୁ କିଛି ସମୟ ଦୋଳି ପରି ଉପର ତଳ କରି ଦୋହଲାଇବାକୁ ଲାଗିଲେ । 'C' ଭାବିଲେ, ସେ ନିଶ୍ଚିତ ଭାବରେ ମୃତ୍ୟୁ ମୁଖରେ ପଡ଼ିବାକୁ ଯାଉଛନ୍ତି; ହଠାତ୍ ତାଙ୍କ ପାଟିରୁ ବାହରି ଆସିଲା

''ମା'... ମୋତେ ବଞ୍ଚାଅ ...'' ''Mother save me'' ତତ୍‌କ୍ଷଣାତ୍ ତାଙ୍କର ମନେ ହେଲା ଯେପରି ଏକ ନରମ-କୋମଳ ହସ୍ତ ତାଙ୍କ ଆଡ଼କୁ ଲମ୍ବି ଆସୁଛି ଏବଂ ତାଙ୍କ ମଥା ଉପରେ ଦିବ୍ୟ-ସ୍ପର୍ଶ ପ୍ରଦାନ କରୁଛି । ସେ ଅନୁଭବ କଲେ ସେହି ସୁନ୍ଦର, କୋମଳ, ନରମ ହସ୍ତଟି ଦିବ୍ୟଜନନୀ ଶ୍ରୀମା'ଙ୍କ ବ୍ୟତୀତ ଆଉ କ'ଣ କାହାର ହୋଇପାରେ ? ସେ ବହୁତ ଭୟଭୀତ ହୋଇ ଯାଇଥିବାରୁ ତାଙ୍କ ବନ୍ଧୁଙ୍କୁ କହିଲେ, ''ମୁଁ ତ' ମା'ଙ୍କୁ କେବେହେଲେ ଛାଡ଼ିପାରିବି ନାହିଁ; କିନ୍ତୁ, ଯେହେତୁ ଏହି ଭୟାବହ ଘଟଣାଟି ଗତ କାଲି ରାତିରେ ଥରେ ନୁହେଁ, ଦୁଇ ଦୁଇ ଥର ଘଟିଗଲା, ଆସନ୍ତାକାଲି ମା'ଙ୍କର ଅନୁମତି ନେଇ ଆମେ ଦୁଇଜଣ ଏହି ସ୍ଥାନ ଛାଡ଼ି ଚାଲିଯିବା, ନହେଲେ ସେହି ଦୁଇଟାଯାକ ରାକ୍ଷସ ଆମକୁ ଶେଷ କରି ଦେବେ ।''

ତା' ପରଦିନ ସକାଳୁ 'C' ଏବଂ 'D' ଦୁଇ ଜଣଯାକ ''ବାଲକୋନି ଦର୍ଶନ''କୁ ଗଲେ । ଦର୍ଶନ କରିସାରି ଫେରିଲା ବେଳେ ତାଙ୍କ ସହ ଦେଖା ହେଲେ 'ଚନ୍ଦ୍ରଦୀପ' ନାମକ ଜୈନକ ସାଧକ ବନ୍ଧୁ । ତାଙ୍କ ଆଗରେ ଦୁଇଜଣ ଯାକ ଏକାବେଳକେ ଗତ ରାତ୍ରିର ଘଟଣା ବର୍ଣ୍ଣନା କରିଦେଲେ ଏବଂ ସେହି କାରଣରୁ ସେହିଦିନ ସନ୍ଧ୍ୟାରେ ପଣ୍ଡିଚେରୀ ଛାଡ଼ୁଛନ୍ତି ବୋଲି କହିଲେ । ଚନ୍ଦ୍ରଦୀପ ସବୁ କଥା ଧୈର୍ଯ୍ୟର ସହିତ ଶୁଣିଲେ ଏବଂ କହିଲେ, ''ଏହି ସ୍ଥାନ ହେଉଛି ଯୋଗ ଓ ସାଧନାର କ୍ଷେତ୍ର, ଏହା ହେଉଛି ବୀର-ଯୋଦ୍ଧାମାନଙ୍କର ସ୍ଥାନ । ତୁମେ ଦୁହେଁ ନିଜକୁ ଭାଗ୍ୟବାନ୍ ମନେ କରିବା ଉଚିତ, କାରଣ ଶ୍ରୀମା ଏତେ ଶୀଘ୍ର ତୁମମାନଙ୍କୁ ଏହି ପ୍ରକାର ଅନୁଭୂତି ଦେବା ପାଇଁ ନିର୍ବାଚନ କରିଛନ୍ତି; ତୁମ ସାଧନାର ଭବିଷ୍ୟତର ପଥ ପରିଷ୍କାର କରି ଦେଇଛନ୍ତି । ଏକ ଉନ୍ନତ ଜୀବନ ଏବଂ ବିସ୍ତୃତ ଅନୁଭୂତି ନିମନ୍ତେ ବାଟ ଦେଖାଇ ଦେଇଛନ୍ତି ।'' ତତ୍ପରେ ଚନ୍ଦ୍ରଦୀପ ସେହି ଦୁଇବନ୍ଧୁଙ୍କୁ କହିଲେ, ''ତୁମେମାନେ ଯାଇ ପ୍ରଭୁ ଶ୍ରୀଅରବିନ୍ଦଙ୍କ ସମାଧିରେ ପ୍ରଣାମ କରି ସବୁକଥା ଜଣାଇ ଦିଅ ଏବଂ ସେଠାରୁ ଦୁଇଟି ଛୋଟ ଫୁଲ ଆଣି ତୁମର ତକିଆ ତଳେ ରଖିଦିଅ, ଦେଖିବ 'ଗୋଲକୁଣ୍ଡ'ରେ ତୁମ ସହିତ ଆଉ କୌଣସି ପ୍ରକାରର ଅଘଟଣ ଘଟିବ ନାହିଁ । ଏହି ଘଟଣା ବିଷୟରେ ଶ୍ରୀମା'ଙ୍କୁ ସୂଚୀତ କରିଦେବା ପାଇଁ ମୁଁ ନଳିନୀଦା'ଙ୍କୁ ଅନୁରୋଧ କରିବି ।''

ଚନ୍ଦ୍ରଦୀପ ପୁନଶ୍ଚ କହିଲେ, ସେ ଯେତେବେଳେ କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତାହା ଲେଖି ଶ୍ରୀମା'ଙ୍କୁ ଜଣାଇ ଦେଇଥା'ନ୍ତି; ଶ୍ରୀମା ଥରେ ଉତ୍ତରରେ କହିଥଲେ, "You will have to conquer fear by conscious effort. My help will be there, but you will have to fight and win the battle against fear. This is a trial of sadhana but nothing bad will happen to you. All these things will arise to make you fearless. Keep telling me about them and I will help you in solving them one by one."

''ତୁମକୁ ସଚେତନ ପ୍ରଚେଷ୍ଟା ଦ୍ୱାରା ଭୟ ଉପରେ ବିଜୟ ହାସଲ କରିବାକୁ ପଡ଼ିବ । ମୋର ସାହାଯ୍ୟ ଏବଂ ସୁରକ୍ଷା ସେଠାରେ ନିଶ୍ଚିତ ରୂପେ ତୁମକୁ ପ୍ରାପ୍ତ ହେବ; କିନ୍ତୁ ଭୟ ବିରୋଧରେ ତୁମକୁ ଯୁଦ୍ଧ କରିବାକୁ ହେବ ଏବଂ ସେହି ଯୁଦ୍ଧରେ ବିଜୟ ହାସଲ କରିବାକୁ ପଡ଼ିବ । ଏହା ହେଉଛି ସାଧନା ପଥରେ ଏକ ପରୀକ୍ଷା, କିନ୍ତୁ ଏଥିରେ ତୁମର କୌଣସି କ୍ଷତି ହେବ ନାହିଁ । ଏହିସବୁ କଥା ମୁଣ୍ଡ ଟେକିବ ତୁମକୁ ଭୟ ମୁକ୍ତ କରିଦେବା ନିମନ୍ତେ । ସଦାସର୍ବଦା ମୋତେ ସେହି ବିଷୟରେ କହୁଥିବ ଏବଂ ସେଗୁଡ଼ିକୁ ଗୋଟି ଗୋଟି କରି ସମାଧାନ କରିବାରେ ମୁଁ ତୁମକୁ ସାହାଯ୍ୟ କରିବି ।''

'C' ଏବଂ 'D' ଚନ୍ଦ୍ରଦୀପଙ୍କ ଉପଦେଶ ଗ୍ରହଣ କଲେ, ସମାଧି ଉପରୁ ଦୁଇଟି ପୁଷ୍ପ ନେଇ ନିଜ ନିଜ ତକିଆ ତଳେ ରଖିଦେଲେ ଏବଂ ସେହିଦିନ ଠାରୁ ତାଙ୍କର ଆଉ କୌଣସି ପ୍ରକାରର ଅସୁବିଧା ହୋଇ ନାହିଁ ବୋଲି ସେମାନେ ଚନ୍ଦ୍ରଦୀପଙ୍କୁ କହିଥିଲେ ଏବଂ ମା'ଙ୍କ ଉଦ୍ଦେଶ୍ୟରେ ବିନମ୍ର ପ୍ରଣତି ଜଣାଇଥିଲେ ।

('How they came to Sri Aurobindo and The Mother' ପୁସ୍ତକର ପୃଷ୍ଠା. ୧୬୪-୧୬୫)

(କ୍ରମଶଃ) ❑

---

### ତଥ୍ୟ ନିର୍ଦ୍ଦେଶିକା

(୧) Prayers and Meditations – The Mother

(୨) Musing on the Mother's Prayers and Meditations, Vol. I, Shyam Kumari

# ଚେତନାର ବିକାଶ ଓ ବୃଦ୍ଧିହିଁ ସମାଧାନର ଏକମାତ୍ର ପନ୍ଥା

## ପ୍ରପତ୍ତି

ଜନୈକ ଗ୍ରୀକ୍ ଦାର୍ଶନିକ ଡାୟୋଜିନିସ୍ ଦିନ ଦ୍ୱିପ୍ରହର ବେଳେ ରାସ୍ତାରେ ଗୋଟିଏ ଲଣ୍ଠନ ଧରି ଯାଉଥିଲେ । କେତେକ ବନ୍ଧୁ ତାଙ୍କୁ ପ୍ରଶ୍ନ କଲେ ଦିନ ଦ୍ୱିପ୍ରହରରେ ଲଣ୍ଠନର କୌଣସି ଆବଶ୍ୟକତା ଅଛି କି ? ସେ ଉତ୍ତର ଦେଇ କହିଲେ, ''ମୁଁ ଚାରିଆଡ଼ ଦେଖୁଛି ଘୋର ଅନ୍ଧକାରରେ ପୂର୍ଣ୍ଣ । ସୁତରାଂ ଏ ଆଲୋକଟିର ଆବଶ୍ୟକତା ଅଛି ।'' କଥାଟିର ସାରମର୍ମ ହେଉଛି – ଦିନ ଦ୍ୱିପ୍ରହର ହୋଇଥିଲେ ସୁଦ୍ଧା ଜନସାଧାରଣଙ୍କ ମଧ୍ୟରୁ ଅଜ୍ଞାନତାରୂପକ ଅନ୍ଧକାର ଯାଇ ନାହିଁ ବା ଚେତନାରେ ପ୍ରଦୀପ୍ତତା ଆସି ନାହିଁ; ଯଥାର୍ଥରେ କହିବାକୁ ଗଲେ ଚେତନାର ବିକାଶ ଓ ଅଭିବୃଦ୍ଧି ଘଟି ନାହିଁ ।

ବର୍ତ୍ତମାନ ପୃଥିବୀ ସେହିପରି ଘୋର ଅନ୍ଧକାର ଭିତରେ ଗତି କରୁଛି । ଚତୁର୍ଦ୍ଦିଗରେ ବିକ୍ଷୋଭ, ବିପର୍ଯ୍ୟୟ ଓ ବ୍ୟସ୍ତତା ବଢ଼ି ଚାଲିଛି । ସେଥିପାଇଁ ନାନା ପ୍ରକାର ହିଂସାକାଣ୍ଡ, ଦ୍ୱନ୍ଦ୍ୱ, କଳହ, ବିବାଦ ଓ ବିଶୃଙ୍ଖଳା ଦେଖା ଦେଉଛି । ମାନବ ଇତିହାସରେ ଏପରି ଏକ ସର୍ବବ୍ୟାପୀ ବିକ୍ଷୋଭ କେବେ ଦେଖା ଦେଇ ନଥିଲା । ସବୁ କ୍ଷେତ୍ରରେ ବିପର୍ଯ୍ୟୟ, ସବୁ କ୍ଷେତ୍ରରେ ବିକ୍ଷୋଭ – ବ୍ୟକ୍ତିଗତ ଓ ସାମାଜିକ ତଥା ବୃହତ୍ତର ମାନବ ସମାଜରେ ବି ଏହି ବିକ୍ଷୋଭ ବଡ଼ ବିକଟ ରୂପ ଧାରଣ କରିଛି । ଅସ୍ତ୍ରଶସ୍ତ୍ରର ନିର୍ମାଣ ଲାଗି ଯେଉଁ ପ୍ରତିଯୋଗିତା ବୃହତ୍ ରାଷ୍ଟ୍ର (Super Powers)ମାନଙ୍କ କ୍ଷେତ୍ରରେ ଚାଲିଛି ତାହା ଶୁଣିଲେ ଲୋମ ଟାଙ୍କୁରି ଉଠେ । ଯଦି କୌଣସି କାରଣରୁ ଅନ୍ଧ ଓ ଅଜ୍ଞାନୀ ମନୁଷ୍ୟ ଏହି ଅସ୍ତ୍ରର ବ୍ୟବହାର କରେ ତେବେ ପୃଥିବୀରୁ ମନୁଷ୍ୟ ସମାଜ ଲୋପ ପାଇବ । ଏଥିପାଇଁ ସମସ୍ତଙ୍କ ଜୀବନରେ ଭୟ, ବିଷାଦ, କମ୍ପନ, ଜ୍ୱଳନ ବଢ଼ି ଚାଲିଛି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଦୁଇଟି ପରସ୍ପର ବିରୋଧୀ ଶକ୍ତି ମଧ୍ୟରେ ତୀବ୍ର ପ୍ରତିଯୋଗିତା ଚାଲିଛି । ଗୋଟିଏ ହେଲା ବିଧ୍ୱଂସକାରିଣୀ ଶକ୍ତି ଏବଂ ଅନ୍ୟଟି ହେଲା ସୃଷ୍ଟିକାରିଣୀ ଶକ୍ତି । ଏହି ପ୍ରତିଯୋଗିତାରେ କିଏ ଜିତିବ କହିବା ବଡ଼ କଠିନ ହୋଇ ପଡ଼ୁଛି । ବିଧ୍ୱଂସକାରିଣୀ ଶକ୍ତି ଚାହେଁ ଏହି ସୃଷ୍ଟିକୁ ସମୂଳେ ଧ୍ୱଂସ କରିଦେବାକୁ ଏବଂ ସୃଷ୍ଟିକାରିଣୀ ଶକ୍ତି ଚାହାନ୍ତି ଏ ପୃଥିବୀରେ ଏକ ନୂତନ ସୃଷ୍ଟି ପ୍ରତିଷ୍ଠା ପାଇଁ । ଏପରି ପ୍ରତିଯୋଗିତା ପୃଥିବୀ ଇତିହାସରେ କେବେ ଘଟି ନଥିଲା । ସହଜରେ ପରସ୍ପରକୁ କେହି ବାଟ ଛାଡ଼ି ଦେବାକୁ ଚାହୁଁ ନାହାନ୍ତି । ଦିନକୁ ଦିନ ଏହି ପ୍ରତିଯୋଗିତା ଏତେ ତୀବ୍ର ଆକାର ଧାରଣ କରୁଛି ଯେ ସେ ବିଷୟ ଚିନ୍ତା କଲେ ବଡ଼ ବିବ୍ରତ ଲାଗେ । ସେଥିପାଇଁ ସମସ୍ତେ ଖୋଜୁଛନ୍ତି ଏକ ସମାଧାନର ପଥ । ପ୍ରଶ୍ନ ହେଉଛି ଏହା ପରେ କ'ଣ ହେବ ? କାହାକୁ ଆଶ୍ରୟ କରି ଆମେ ଚାଲିବା ? ଏହାର ଉତ୍ତର ସହଜରେ ମିଳୁ ନାହିଁ । ମନୁଷ୍ୟ ଚାହୁଁଛି ଯେମିତି ଅଛି ସେମିତି ରହିଥିବ ଏବଂ ତା' ପାଇଁ ଏକ ନୂଆ ପୃଥିବୀ ଗଢ଼ି ହୋଇଯିବ ।

ଗୋରୁ ଖୁରାରେ ଯେତିକି ପାଣି ଧରେ ତତ୍ତୁଲ୍ୟ ଏକ କ୍ଷୁଦ୍ର, ସୀମିତ ଏବଂ ସଂକୀର୍ଣ୍ଣ ଚେତନା ମଣିଷ ଭିତରେ ଅଛି । ଏହି ଚେତନାକୁ ଧରି ମଣିଷ ଏହି ବିପଦକୁ ଅତିକ୍ରମ କରିପାରିବ ନାହିଁ । ଅର୍ଦ୍ଧ ବିକଶିତ ମାନସ ଚେତନାରେ ବା ପାର୍ଥିବ ଚେତନାରେ କୌଣସି ସମାଧାନ ହୋଇ ପାରିବ ନାହିଁ । ଯଥାର୍ଥରେ କହିବାକୁ ଗଲେ ଏହି ସମାଧାନର ପଥ ମଣିଷ ଚେତନାର ବିକାଶ ଉପରେହିଁ ନିର୍ଭର କରୁଛି । ଏକ ସୀମିତ ଅନ୍ଧକାରମୟ ଅଜ୍ଞାନ ଚେତନାରେ କୌଣସି ସମାଧାନ କେବେ ଆସିପାରିବ ନାହିଁ । ବର୍ତ୍ତମାନ ଯେଉଁ ଆହ୍ୱାନ ଆସିଛି ତା'ର ସମ୍ମୁଖୀନ ହେବା ପାଇଁ ମନୁଷ୍ୟ ହାତରେ କିଛି ନାହିଁ । ଯଥାର୍ଥ ସମାଧାନ ରହିଛି ଚେତନାର ବିକାଶ, ତା'ର ଊର୍ଦ୍ଧ୍ୱାୟନବର୍ତ୍ତିତା ଓ ତା'ର ପ୍ରଦୀପ୍ତତା ଉପରେ । ଚେତନା-ବିକାଶର ସର୍ବୋଚ୍ଚ ପାହାଚ ଅର୍ଦ୍ଧ ବିକଶିତ ମନୋମୟ ଚେତନା ନୁହେଁ । ଏହାର ଊର୍ଦ୍ଧ୍ୱରେ ରହିଛି ଏକ ପ୍ରୋଜ୍ଜ୍ୱଳ, ପୂର୍ଣ୍ଣ ପ୍ରଦୀପ୍ତ, ସୁବିଶାଳ ଚେତନା । ଏହି ଚେତନାହିଁ ପୃଥିବୀପୃଷ୍ଠରେ ପ୍ରତିଷ୍ଠିତ ହେବା ପାଇଁ ସତତ ସଚେଷ୍ଟ । ଏହାହିଁ ଋତ-ଚିତ୍ ଦିବ୍ୟ-ଅତିମାନସ ଚେତନା, ଯେଉଁ ଚେତନାକୁ ଶ୍ରୀଅରବିନ୍ଦ ଦୀର୍ଘ କାଳ ତପସ୍ୟା କରି ନିଜ ମଧ୍ୟରେ ଉତାରି ଆଣିଥିଲେ । ଏହି ଭୂମା ଚେତନାହିଁ

ଚତୁର୍ଥ ସ୍ତରର । ବର୍ତ୍ତମାନ ଯେଉଁ ସୃଷ୍ଟି ଚାଲିଛି ସେଥିରେ ଚେତନାର ତିନୋଟି ବର୍ଗ ଯଥା : ଭୌତିକ, ପ୍ରାଣିକ ଓ ମାନସିକ ଚେତନା ପ୍ରକାଶିତ ହୋଇଛି । ଏହାର ବହୁ ଊର୍ଦ୍ଧ୍ୱରେ ଚେତନାର ଚତୁର୍ଥ ବର୍ଗ ହେଲା ଅତିମାନସ ଚେତନା । ଏହାହିଁ ପରାର୍ଦ୍ଧର ଚେତନା । ଏପର୍ଯ୍ୟନ୍ତ ଏ ଚେତନା ପୃଥିବୀପୃଷ୍ଠରେ ଅବତରଣ କରି ନଥିଲା । ବର୍ତ୍ତମାନ ଏହି ଚେତନାର ଅବତରଣ ଓ କ୍ରିୟା ଫଳରେ ଯେଉଁ ଘୋର ଯୁଦ୍ଧର ସୂତ୍ରପାତ ହୋଇଛି ତାକୁ ସହଜରେ ଏଡ଼ାଇ ଦେଇ ହେବ ନାହିଁ । କାରଣ ଯୁଦ୍ଧରତ ଏହି ଶକ୍ତିଦ୍ୱୟ କେହି କାହାକୁ ରାସ୍ତା ଛାଡ଼ିବାକୁ ନାରାଜ । ଏହି ସଭ୍ୟତା ଓ ଏହି ସଂସ୍କୃତିର କିଛି ଅଂଶ ହୁଏତ ଧ୍ୱଂସ ହୋଇ ଯାଇପାରେ । ଯାହା ଏହି ଉଚ୍ଚତର ଚେତନା ସହିତ ଯୁକ୍ତ ହୋଇପାରିବ ନାହିଁ; ତା'ର ବିନାଶ ଅବଶ୍ୟମ୍ଭାବୀ । ଏଥିପାଇଁ ଯେଉଁ ସଙ୍କଟ ଦେଖା ଦେଇଛି ତାହାକୁ ଚେତନାର ସଙ୍କଟ ବୋଲି କୁହାଯାଇ ପାରେ । ଅତଏବ ପୃଥିବୀ ସମସ୍ୟାର ସମାଧାନ ହେବ ଏହି ଚେତନା ସହିତ ଯୁକ୍ତ ହେବା ଏବଂ ତାକୁ ବ୍ୟଷ୍ଟି ଓ ସମଷ୍ଟି ମଧ୍ୟରେ କ୍ରିୟା କରିବାକୁ ଦେବା ଫଳରେ ।

ଏଥିପାଇଁ ନାନା ଭାବରେ ପ୍ରତ୍ୟେକ ଦେଶରେ କିଛି ନା କିଛି ଲୋକ ଅଜ୍ଞାତସାରରେ ପ୍ରସ୍ତୁତ ହେଲେଣି । ଯେଉଁ ଅନାଗତ ଭବିଷ୍ୟତ୍ ଆସୁଛି ତାହା ଏକ ପ୍ରୋଜ୍ଜ୍ୱଳ ଭବିଷ୍ୟତ୍ । ଏକ ନୂତନ ଜଗତରେ ପ୍ରବେଶ କରିବାକୁ ହେବ । ଶ୍ରୀମା'ଙ୍କର ଏ ସମ୍ପର୍କରେ ଗୋଟିଏ ବାଣୀ ହେଲା :

"A new world, based on Truth and refusing the old slavery to falsehood, wants to take birth.

"In all countries there are people who know it, at least feel it. To them we call:

'Will you collaborate?' "

(CWM, Vol. 15, page - 62)

ଅର୍ଥାତ୍, ''ଏକ ନୂତନ ଜଗତ୍ ଦିବ୍ୟ-ସତ୍ୟ ଉପରେ ପ୍ରତିଷ୍ଠିତ ହୋଇ ଜନ୍ମ ନେବାକୁ ଚାହେଁ, ଏହା ମିଥ୍ୟାର ପୁରାତନ ଦାସତ୍ୱକୁ ସ୍ୱୀକାର କରିବାକୁ ଆଉ ଚାହେଁନି ।

''ସବୁ ଦେଶରେ କିଛି ଲୋକ ଅଛନ୍ତି ଯେଉଁମାନେ ଏକଥା ଜାଣନ୍ତି, ଅନ୍ତତଃ ଅନୁଭବ କରୁଛନ୍ତି । ଆମ୍ଭେମାନେ ସେହିମାନଙ୍କୁହିଁ ଆହ୍ୱାନ କରୁଛୁ :

'ତୁମେମାନେ ଏହି କାର୍ଯ୍ୟରେ ସହଯୋଗ କରିବ କି ?' ''

ଏହି ସହଯୋଗ ଯେତେ ଯେତେ ବଢ଼ି ଚାଲିବ ସେତେ ପରିମାଣରେ ଏହି ପୃଥିବୀ ଅଜ୍ଞାନ ଶକ୍ତି ହାତରୁ ରକ୍ଷା ପାଇବ । ଏହାହିଁ ସମାଧାନର ଏକମାତ୍ର ପନ୍ଥା । ❑

ତୁମର ଅତୀତ ଯାହା ହେଉ ନା କାହିଁକି, ଯେତେ ଦୋଷତ୍ରୁଟି ତୁମେ କରି ଥାଅ ନା କାହିଁକି, ଯେତେ ଅଜ୍ଞାନତା ଭିତରେ ତୁମେ ବାସ କରି ଥାଅନା କାହିଁକି, ତୁମେ ତୁମ ଗଭୀର ଅନ୍ତରରେ ପରମ ଶୁଦ୍ଧତାକୁ ବହନ କରି ଚାଲିଛ ଯାହାକି ନିଜକୁ ଏକ ଅନୁପମ ଉପଲବ୍ଧିରେ ପରିଣତ କରିପାରିବ ।

ସମଗ୍ର କଥାଟି ହେଉଛି କେବଳ ସେଇ କଥା ଚିନ୍ତା କରିବା, ତାହାରି ଉପରେ ଏକାଗ୍ର ହେବା, ନିଜର ଅସୁବିଧା, ବାଧା ବିପତ୍ତି, ପ୍ରତିବନ୍ଧକଗୁଡ଼ିକୁ ନେଇ ବିଶେଷ ବିବ୍ରତ ନ ହେବା ।

ଯାହା ତୁମେ ହେବାକୁ ଚାହୁଁଛ ତା' ଉପରେ ଏକାନ୍ତ ଭାବରେ ଏକାଗ୍ର ହୁଅ, ଯାହା ତୁମେ ହେବାକୁ ଚାହୁଁନା ତାକୁ ଯେତେଦୂର ସମ୍ଭବ ସମ୍ପୂର୍ଣ୍ଣ ରୂପେ ଭୁଲିଯାଅ ।

(୦୭. ୦୩. ୧୯୫୮)

(CWM, Vol. III, page -215) — ଶ୍ରୀମା

# ଦ୍ୱୀପାନ୍ତରର କଥା

## (ସପ୍ତମ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ଧର୍ମଘଟର ଫଳାଫଳ
### (୨)

ନନିଗୋପାଳ ମଧ୍ୟ ତା'ର ସମସ୍ତ ଇତିହାସ ବିବୃତ କଲା; ମହାମାନ୍ୟ କ୍ରାଡ଼କ୍ ସାହେବ କେବଳ ଉତ୍ତର ଦେଲେ, ''ତୁମେ ସରକାରଙ୍କ ଶତ୍ରୁ, ତୁମକୁ ମାରି ଦେବା ଉଚିତ ଥିଲା ।''

''ତାହା ଯଦି ଉଚିତ, ତେବେ ଆଇନ ଅଦାଲତର ଏଇ ଥାଟ ବାଟ ସଜାଇ ରଖି ବୃଥା ପଇସା ଖର୍ଚ୍ଚ କାହିଁକି ? କାର୍ଯ୍ୟଟିକୁ ସଂକ୍ଷେପରେ ସାରି ଦେଇଥିଲେ ତ ଭଲ ହୋଇ ଥାଆନ୍ତା ।''

ବିଚାର ତ ଏହିଠାରେହିଁ ଶେଷ ହେଲା । ବର୍ତ୍ତମାନ ଉପାୟ ? ନିରୁପାୟର ଯେ ହେଉଛନ୍ତି ଉପାୟ, ସେ ମୁଖ ଉପରକୁ ଉଠାଇ ନଚାହିଁଲେ ଆଉ ଗତ୍ୟନ୍ତର ନାହିଁ । କିନ୍ତୁ ଏଥରକ ତାଙ୍କର ବି ସିଂହାସନ ବୋଧହୁଏ ଟଳମଳ ହୋଇଥିଲା ।

ଜଣ ଜଣ କରି ପ୍ରାୟ ସମସ୍ତେହିଁ ପୁନରାୟ କାର୍ଯ୍ୟ କରିବା ଛାଡ଼ି ଦେଲେ । ଜେଲର କର୍ତ୍ତୃପକ୍ଷ ଶାସ୍ତି ଦେଇ ଯେତେବେଳେ ଥକି ଗଲେ, ସେତେବେଳେ ଯେଉଁମାନେ ଯାବଜ୍ଜୀବନ ଦ୍ୱୀପାନ୍ତରର ଦଣ୍ଡରେ ଦଣ୍ଡିତ ନୁହନ୍ତି, ସେମାନଙ୍କୁ ମାଜିଷ୍ଟ୍ରେଟଙ୍କ ନିକଟକୁ ବିଚାର ନିମନ୍ତେ ପଠାଇ ଦେଲେ । ଡେପୁଟି କମିଶନର ଲୁଇସ୍ ସାହେବଙ୍କ ଉପରେ ସେଇ ଭାର ନ୍ୟସ୍ତ ହେଲା । ସେ ବିଚାର ପୂର୍ବରୁ ଦିନେ ଧର୍ମଘଟର କାରଣ ସମ୍ବନ୍ଧରେ କଥାବାର୍ତ୍ତା କରି ଅନୁସନ୍ଧାନ କରିବାକୁ ଆସିଲେ ।

ଆମ ପ୍ରତି ଯେଉଁ ଭଳି ବ୍ୟବହାର କରା ହୋଇଥିଲା, ତାହା ଶୁଣି ସେ କହିଲେ, ''ଭାରତ ସରକାରଙ୍କର ଇଚ୍ଛା ଯେ ଆମମାନଙ୍କ ପ୍ରତି ସାଧାରଣ କଏଦୀଙ୍କ ଅପେକ୍ଷା ଯେପରି ଭଲ ବ୍ୟବହାର କରା ନହୁଏ; ଏ ବିଷୟରେ ପୋର୍ଟ ବ୍ଲେୟାରର କୌଣସି ବ୍ୟକ୍ତିର ବି ହାତ ନାହିଁ ।'' ''କିନ୍ତୁ ସାଧାରଣ କଏଦୀର ଯେଉଁ ସମସ୍ତ ସୁବିଧା ଅଛି, ଆମମାନଙ୍କର ସେ ସମସ୍ତ କିଛି ବି ନାହିଁ । ସାଧାରଣ କଏଦୀ ଲେଖାପଢ଼ା ଜାଣିଥିଲେ ଅଫିସରେ ଭଲ କାର୍ଯ୍ୟ ପାଏ; ସେମାନେ ଲେଖାପଢ଼ା ଜାଣି ନଥିଲେ ବି ଓ୍ୱାର୍ଡର, ପେଟି ଅଫିସର୍ ହୋଇ ପାରନ୍ତି, ଆମେମାନେ ଯେ ସେ ସମସ୍ତ ଅଧିକାରରୁ ବଞ୍ଚିତ । ଅନ୍ୟପକ୍ଷେ ସେମାନେ ପାଞ୍ଚ ବର୍ଷ ପରେ ମାସକୁ ୧୨ ଅଣା କରି ଦରମା ପାଆନ୍ତି ଏବଂ ଦଶ ବର୍ଷ ପରେ ନିଜେ ଉପାର୍ଜନ କରି ଖାଇ ପାରନ୍ତି; ଆଉ ଆମର ଯେ ଚିରଦିନହିଁ ଜେଲରେ ମରି ପଚି ଶଢ଼ିବାର ବ୍ୟବସ୍ଥା !'' ଲୁଇସ୍ ସାହେବ ଉତ୍ତର ଦେଲେ, ''ଏଇ ସମସ୍ତ ବ୍ୟବହାର ଏବଂ ଦାୟିତ୍ୱ ଭାରତ ସରକାରଙ୍କର ।'' ଜଣେ ପଚାରିଲେ, – ''ସାହେବ, ଭଲ କରିବାର କୌଣସି ଅଧିକାର ତ ତୁମମାନଙ୍କର ନାହିଁ, କେବଳ କ'ଣ ଶାସ୍ତି ଦେବାର ଅଧିକାର ଟିକକ ତୁମେ ହାତରେ ରଖିଛ ?''

ସାହେବ ହସି ପକାଇ କହିଲେ – ''କ'ଣ କରିବି ? ଜେଲର ଶାନ୍ତି ଓ ଶୃଙ୍ଖଳା ତ ରକ୍ଷା କରିବାକୁ ହେବ ।''

''ନ୍ୟାୟରେ ହେଉ କିଂବା ଅନ୍ୟାୟରେ ହେଉ, ଶୃଙ୍ଖଳାଟା ରକ୍ଷା କରିବାକୁହିଁ ହେବ; ମୋଟ କଥାଟା ଏଇଆ ନା ?''

ସାହେବ ଏକଥାର କୌଣସି ଉତ୍ତର ଦେଲେ ନାହିଁ । ବ୍ୟାପାରଟି କ'ଣ, ସେକଥା ସେ ବେଶ୍ ଜାଣିଥିଲେ; କିନ୍ତୁ ସେ ବି ତ ସରକାରୀ ଚାକର । ତେଣୁ ସେ କାହାର ଏକ ମାସ, କାହାର ତିନି ମାସ, କାହାର ବି ଛ'ଅ ମାସ ଶାସ୍ତି ବଢ଼ାଇ ଦେଇ ଚାଲିଗଲେ । ଭବିଷ୍ୟତରେ ତାଙ୍କ ସଙ୍ଗେ ଆମର ଥରେ ଦେଖା ହୋଇଥିଲା । କଥା ପ୍ରସଙ୍ଗରେ ଉଲ୍ଲାସକରର କଥା ଉଠିବାରୁ ସେ କହିଲେ – "Ullaskar is one of the noblest boy I have ever seen; but he is too idealistic." ''ଉଲ୍ଲାସ ପରି ଉଦାରମନା ପିଲା ମୁଁ ଖୁବ୍ କମ୍ ଦେଖିଛି; ତେବେ ସେ ଖୁବ୍ ବେଶୀ ଆଦର୍ଶବାଦୀ ।'' ଅଥଚ ଚାକିରିର ଖାତିରରେ ତାଙ୍କୁ ଉଲ୍ଲାସକରକୁ ଶାସ୍ତି ଦେବାକୁହିଁ ପଡ଼ିଥିଲା ।

ଶୃଙ୍ଖଳା, ଆଇନକାନୁନ ରକ୍ଷା ନିମନ୍ତେ ତ ଶାସ୍ତି, – କିନ୍ତୁ କ୍ରମଶଃ ସେଇ ଶାସ୍ତି ବିପଦ ସୃଷ୍ଟି କଲା । ଆମମାନଙ୍କୁ

ଦେଖି ସାଧାରଣ କଏଦୀମାନଙ୍କ ମଧ୍ୟରେ ବି ଧର୍ମଘଟର ଦଳ ବଢ଼ିବାକୁ ଲାଗିଲା । ଜେଲର କାର୍ଯ୍ୟକ୍ରମରେ କ୍ଷତି ହେବାକୁ ଲାଗିଲା । କର୍ତ୍ତୃପକ୍ଷ ଦେଖିଲେ କିଛି ଗୋଟାଏ ନକଲେ ନଚଳେ ।

ରାଜନୈତିକ ଅପରାଧୀମାନଙ୍କ ମଧ୍ୟରେ ଯେଉଁମାନେ ମିଆଦୀ କଏଦୀ (Term convict) ସେମାନଙ୍କ ମଧ୍ୟରୁ ସାତ, ଆଠ ଜଣଙ୍କୁ ହଠାତ୍ ଦିନେ ଦେଶୀୟ ଜେଲକୁ ପଠାଇ ଦିଆଗଲା, ଏବଂ ଯେଉଁ ଜେଲର୍ ଆମକୁ ଗାଳିଗୁଲଜ କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ, ସେହିଁ ଦିନେ ନିତାନ୍ତ ଭଦ୍ର ଭାବରେ ଆମକୁ ଧର୍ମଘଟ ଛାଡ଼ିବାକୁ ଅନୁରୋଧ କରି କହିଲେ – “Now you can retreat with honour” – ‘‘ବର୍ତ୍ତମାନ ତୁମେମାନେ ନିଜ ସମ୍ମାନ ବଜାୟ ରଖି କାମ ଆରମ୍ଭ କରିପାର ।’’ ସେ ବି କ’ଣ ଖବର ପାଇଛନ୍ତି ଯେ ଅଧିକାଂଶ ମିଆଦୀ କଏଦୀଙ୍କୁ ଦେଶୀୟ ଜେଲକୁ ପଠାଇ ଦିଆ ହେବ; ଏବଂ ଯେଉଁମାନେ ପୋର୍ଟ ବ୍ଲେୟାରରେ ରହି ଯିବେ, ସେମାନଙ୍କର କାର୍ଯ୍ୟକ୍ରମ ଏବଂ ଆହାରାଦିର ଟିକିଏ ବିଶେଷ ବ୍ୟବସ୍ଥା ହେବ ।

ଆମେ କହିଲୁ, – ‘‘ତଥାସ୍ତୁ, କିନ୍ତୁ ଦୁଇ ମାସ ମଧ୍ୟରେ ଯଦି ଆପଣମାନଙ୍କର ବିଶେଷ ବ୍ୟବସ୍ଥାର ନମୁନା ଦେଖା ନଯାଏ, ତା’ହେଲେ ପୁନର୍ମୂଷିକ ହୋଇ ଆମେହିଁ ବିଶେଷ ବ୍ୟବସ୍ଥା କରି ପକାଇବୁ ।’’

ଏହି ପ୍ରକାରରେ ଉଭୟ ପକ୍ଷରେ ସନ୍ଧିପତ୍ର ସ୍ୱାକ୍ଷରିତ ହୋଇ ଯିବାରୁ ଧର୍ମଘଟର ଦ୍ୱିତୀୟ ପର୍ବ ସମାପ୍ତ ହେଲା ।

ଅଳ୍ପ ଦିନ ମଧ୍ୟରେ ଆଲିପୁରର ବାରୀନ୍ଦ୍ର, ହେମଚନ୍ଦ୍ର ଓ ଉପେନ୍ଦ୍ର, ଢାକାର ପୁଲିନ ବିହାରୀ ଓ ସୁରେଶଚନ୍ଦ୍ର ଏବଂ ନାସିକର ସାଭାରକର ଭ୍ରାତୃଦ୍ୱୟ ଓ ଯୋଶୀ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ଦେଶୀୟ ଜେଲକୁ ପଠାଇ ଦିଆଗଲା । ବିଶେଷ ବ୍ୟବସ୍ଥାର ମଧ୍ୟ ସମ୍ବାଦ ଆସିଲା । ତାହା ଏହିପରି :

(୧) କ୍ଷମା ପାଇବାର ୧୪ ବର୍ଷ ପର୍ଯ୍ୟନ୍ତ ଆମକୁ ଜେଲରେ ରହିବାକୁ ହେବ ଏବଂ ତା’ପରେ ଆମକୁ ପରିଶ୍ରମରୁ ଅବ୍ୟାହତି ଦେଇ ବେକାର କଏଦୀର ସୁବିଧା ଦିଆଯିବ । ଜେଲର ବାହାରକୁ ଛାଡ଼ିବାର କଥା ୧୪ ବର୍ଷ ପରେ ବିବେଚିତ ହେବ ।

(୨) ଜେଲରେ ରହିବା ସମୟରେ ଆମେ ବାହାରର କଏଦୀମାନଙ୍କ ପରି ସମସ୍ତ ସୁବିଧା ପାଇବୁ । ଅର୍ଥାତ୍ – ପାଞ୍ଚ ବର୍ଷ ପରେ ଆମେ ଜଂଘିଆ ବଦଳରେ ବସ୍ତ୍ର ପିନ୍ଧି ପାରିବୁ; ମାସକୁ ଆମକୁ ନଗଦ ୧୨ ଅଣା ଦିଆଯିବ ଏବଂ ଆମେ ସ୍ୱହସ୍ତରେ ରାନ୍ଧି ଖାଇବାର ଅଧିକାର ପାଇବୁ ।

(୩) ପ୍ରତ୍ୟେକ ବର୍ଷ ଆମର ଆଚରଣ ସମ୍ବନ୍ଧରେ ରିପୋର୍ଟ ଭାରତ ସରକାରଙ୍କ ନିକଟକୁ ଯିବ ଏବଂ ଦଶ ବର୍ଷ ଅତୀତ ହେଲେ ସରକାର ବାହାଦୁର ଆମମାନଙ୍କ ପାଇଁ ଆହୁରି ଭଲ ବ୍ୟବସ୍ଥା କରି ପାରିବେ କି ନାହିଁ ତାହା ବିବେଚନା କରିବେ ।

(୪) ଏହା ପରେ ଆମେ ସବୁପ୍ରକାର ସାଧାରଣ କଏଦୀର ସୁଖ ସୁବିଧା ପାଇବୁ, ହେଲେ (ରାଜନୈତିକ କହି) ବେତର ଶାସ୍ତିରୁ ଅବ୍ୟାହତି ପାଇବୁ ନାହିଁ !

ଯା’ ହେଉ, ମନ୍ଦରୁ ଭଲ । କର୍ତ୍ତୃପକ୍ଷମାନେ ଏକେବାରେ ବଞ୍ଚିତ ନକରି ତେବେ କିଞ୍ଚିତ୍ ଦେଇଛନ୍ତି ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

ନିଷ୍ଠାପର ହୁଅ, ସର୍ବଦା ନିଷ୍ଠାପର, ଅଧିକରୁ ଅଧିକ ନିଷ୍ଠାପର ।

ନିଷ୍ଠାପରତା ସମସ୍ତଙ୍କଠାରୁ ଦାବି କରେ ଯେ ପ୍ରତ୍ୟେକେ ତାଙ୍କର ସମସ୍ତ ଚିନ୍ତା, ସକଳ ଅନୁଭୂତି, ସକଳ ଭାବାବେଗ ଓ ସକଳ କର୍ମରେ ନିଜ ସତ୍ତାର କେନ୍ଦ୍ରୀୟ ସତ୍ୟ ବ୍ୟତୀତ ଅନ୍ୟ କିଛିକୁ ପ୍ରକାଶ କରିବେ ନାହିଁ ।

(୦୪. ୦୪. ୧୯୫୦) – ଶ୍ରୀମା

# ନୂତନ ଶିକ୍ଷାର ଆହ୍ୱାନ

## (୯)

## ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### ମଧ୍ୟଯୁଗୀୟ ଶିକ୍ଷା

ଖ୍ରୀ.ଅ. ୬୪୭ରୁ ଖ୍ରୀ.ଅ. ୧୭୦୭ ପର୍ଯ୍ୟନ୍ତ ସମୟକୁ ମଧ୍ୟଯୁଗ କୁହାଯାଏ । ଖ୍ରୀ.ଅ. ୬୪୭ରୁ ପ୍ରାୟ ଖ୍ରୀ.ଅ. ୧୨୦୦ ପର୍ଯ୍ୟନ୍ତ ସମୟଟି ଐତିହାସିକମାନଙ୍କ ମତରେ 'ଅନ୍ଧାର ଯୁଗ' ନାମରେ ପରିଚିତ । ଏହି ସମୟରେ ସମଗ୍ର ଭାରତ ବର୍ଷରେ ଅନେକ ଛୋଟ ଛୋଟ ରାଜ୍ୟ ଥିଲା ଏବଂ ସେମାନେ ନିଜ ନିଜ ରାଜ୍ୟରେ ଶାସନ ଭାର ଗ୍ରହଣ କରୁଥିଲେ । ଦକ୍ଷିଣରେ ଚାଲୁକ୍ୟ, ପଲ୍ଲବ, ଚୋଳ ଓ ଚେର ବଂଶର ଶାସକମାନେ ଶାସନ କରୁଥିଲେ । ହର୍ଷବର୍ଦ୍ଧନଙ୍କ ପରେ ଉତ୍ତର ଭାରତରେ ରାଜପୁତ ଶାସନ ଥିଲା । ପଶ୍ଚିମରେ ଗୁର୍ଜର-ପ୍ରତିହର ବଂଶର ଶାସକମାନେ ଆଧିପତ୍ୟ ବିସ୍ତାର କରିଥିଲେ ଏବଂ ପୂର୍ବାଞ୍ଚଳ ପଲସବଂଶର ଶାସନାଧୀନ ଥିଲା । ଏହି ସମୟରେ ଜାତିପ୍ରଥା ସମାଜକୁ ଅଧିକାର କରିଥିଲା । ଶିକ୍ଷା ଅବହେଳିତ ହେଉଥିଲା । ବ୍ରାହ୍ମଣ ଓ କ୍ଷତ୍ରିୟ କୁଳର ପିଲାମାନଙ୍କୁ ଉଚ୍ଚତର ଶିକ୍ଷା ମିଳୁଥିଲା । ସାମାଜିକ ଜୀବନ କଳା, ସଂସ୍କୃତି, ବିଜ୍ଞାନ, ସାହିତ୍ୟ କ୍ଷେତ୍ରରେ ସେପରି ଉଲ୍ଲେଖନୀୟ ବିକାଶ ଘଟି ନଥିଲା । ଖ୍ରୀ.ଅ. ୫୨୬ରେ ଖ୍ରୀଷ୍ଟାବ୍ଦ ଶବ୍ଦଟି ପ୍ରଚଳନ ହୋଇଛି ବୋଲି ଐତିହାସିକମାନେ ମତପ୍ରକାଶ କରନ୍ତି । ଖ୍ରୀଷ୍ଟଙ୍କର ଜନ୍ମର ପୂର୍ବକୁ BC ଏବଂ ପରବର୍ତ୍ତୀ ସମୟକୁ AD ବୋଲି କୁହାଯାଏ । BCର ଅର୍ଥ ହେଲା 'Before Christ' ଏବଂ ADର ଅର୍ଥ ହେଲା 'Anno Domini' – ଯାହା ଏକ ଲାଟିନ ଖଣ୍ଡବାକ୍ୟ ଅଟେ । ଏହାର ଅର୍ଥ 'In the year of our Lord' । ରୋମ ସାମ୍ରାଜ୍ୟର ପତନ ପରେ ଏହି ଅନ୍ଧାର ଯୁଗ (Dark age)ର ଆରମ୍ଭ ହୋଇଛି ବୋଲି କୁହାଯାଇଛି ।

ଏହି ଛୋଟ ଛୋଟ ରାଜ୍ୟମାନଙ୍କ ମଧ୍ୟରେ ଏକତା ନଥିବାରୁ ଏବଂ ଶାସନ ପ୍ରଣାଳୀ ଦୁର୍ବଳ ଥିବାରୁ ଆରବୀୟ ମୁସଲମାନମାନେ ଭାରତରେ ପ୍ରବେଶ କରି ନିଜର ଆଧିପତ୍ୟ ବିସ୍ତାର କଲେ ଏବଂ ଦିଲ୍ଲୀରେ ଦ୍ୱାଦଶ ଶତାବ୍ଦୀରେ ସୁଲତାନୀ ଶାସନ ଆରମ୍ଭ ହେଲା । ସୁଲତାନ କୁତବୁଦ୍ଦିନ୍ ଆଇବାକ୍ ଏହି ଶାସନର ପ୍ରତିଷ୍ଠାତା ଥିଲେ । ଏହି ସୁଲତାନୀ ଶାସନ ଖ୍ରୀ.ଅ. ୧୫୨୬ ପର୍ଯ୍ୟନ୍ତ ଚାଲିଥିଲା । କୁତବୁଦ୍ଦିନ୍‌ଙ୍କ ସେନାପତି ବାଖ୍‌ତିଆର ଖିଲିଜ୍ ଅସୁସ୍ଥ ଥିବା ସମୟରେ ତୁର୍କୀଦେଶର ବୈଦ୍ୟମାନଙ୍କର ଆପ୍ରାଣ ପ୍ରଚେଷ୍ଟା ସତ୍ତ୍ୱେ ସେ ସୁସ୍ଥ ହୋଇ ନଥିଲେ । ନାଳନ୍ଦା ବିଶ୍ୱବିଦ୍ୟାଳୟର ବୈଦ୍ୟ ଶ୍ରୀଭଦ୍ରଙ୍କ ଦ୍ୱାରା ସେ ଆରୋଗ୍ୟ ଲାଭ କରିଥିଲେ । ଭାରତର ଶିକ୍ଷା, ସଂସ୍କୃତି ଓ ଧର୍ମର ପରାକାଷ୍ଠା ଉତ୍ତୁଙ୍ଗ ଶିଖରରେ ଥିବାରୁ ସେ ଈର୍ଷାପରାୟଣ ହୋଇ ୧୧୯୩ ଖ୍ରୀଷ୍ଟାବ୍ଦରେ ନାଳନ୍ଦା ବିଶ୍ୱବିଦ୍ୟାଳୟ ଉପରେ ଆକ୍ରମଣ କରି ସମଗ୍ର ବିଦ୍ୟାପୀଠକୁ ଜାଳି ଦେଲେ । ଅନେକ ବୌଦ୍ଧ ଭିକ୍ଷୁଙ୍କୁ ହତ୍ୟା କରିଥିଲେ । ନାଳନ୍ଦା ବିଶ୍ୱବିଦ୍ୟାଳୟର ପାଠାଗାରରେ ପ୍ରାୟ ୯୦ ଲକ୍ଷ ପୁସ୍ତକ, ପାଣ୍ଡୁଲିପି ପୋଥି ଥିବାର ଅନୁମାନ କରାଯାଏ ଏବଂ ତାହା ତିନି ମାସ ଧରି ଜଳିବାରେ ଲାଗିଥିଲା । ଶେଷରେ ନାଳନ୍ଦା ବିଦ୍ୟା ମନ୍ଦିରଟି ସମ୍ପୂର୍ଣ୍ଣଭାବେ ନଷ୍ଟ ହୋଇଗଲା । ଏ.ପି.ଜେ. ଅବଦୁଲ୍ କଲାମ୍ ରାଷ୍ଟ୍ରପତି ଥିବା ସମୟରେ ନାଳନ୍ଦା ବିଶ୍ୱବିଦ୍ୟାଳୟର ପୁନରୁତ୍ଥାନ ପାଇଁ ଆଇନ ଆସିଲା ଏବଂ ତାହା ୨୦୧୦ ମସିହାରେ ସଂସଦରେ ସମର୍ଥନ ଲାଭ କରିବା ପରେ ୨୦୧୪ ମସିହା ସେପ୍ଟେମ୍ବର ୧ ତାରିଖରେ ବିହାର ରାଜ୍ୟର ରାଜଗିରି ଠାରେ ନାଳନ୍ଦା ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲା ।

### ସୁଲତାନୀ ଶାସନ କାଳର ଶିକ୍ଷା
(ଖ୍ରୀ.ଅ. ୧୨୦୦-୧୫୨୬)

ଦିଲ୍ଲୀରେ ଦାସବଂଶ (୧୨୦୬-୧୨୯୦), ଖିଲିଜ୍ ବଂଶ (୧୨୯୦-୧୩୨୦), ତୋଗଲକ୍ ବଂଶ (୧୩୨୦-୧୩୯୯)ର ଶାସନ କାଳ ପରେ ସୟଦ ବଂଶ ଓ ଲୋଦୀ ବଂଶର ଶାସକମାନେ ରାଜୁତି କରୁଥିଲେ । ସୁଲତାନୀ

ଶାସକମାନେ ନିଷ୍ଠୁର ଓ ଅତ୍ୟାଚାରୀ ଥିବା ସତ୍ତ୍ୱେ ବି ଶିକ୍ଷା ପ୍ରତି ଶୁଭଦୃଷ୍ଟି ଥିଲା, କାରଣ ଇସଲାମ ଧର୍ମର ପ୍ରଣେତା ମହାତ୍ମା ମହମ୍ମଦଙ୍କ ଉକ୍ତି ଥିଲା – ''It is better to educate one's child than to give gold in charity.'' ଅର୍ଥାତ୍, ସୁବର୍ଣ୍ଣ ଦାନ କରିବା ଅପେକ୍ଷା ଜଣେ ଶିଶୁକୁ ଶିକ୍ଷିତ କରିବା ଉତ୍ତମ ଅଟେ ।

ହିନ୍ଦୁ ପିଲାମାନେ ଗୁରୁକୁଳରେ ଶିକ୍ଷାଲାଭ କରୁଥିଲେ; କିନ୍ତୁ ଗୁରୁକୁଳ ଶିକ୍ଷା ପ୍ରତି ସୁଲତାନୀ ଶାସକମାନଙ୍କର ଶୁଭଦୃଷ୍ଟି ନଥିଲା । ସାଧାରଣ ଶିକ୍ଷାଟି ଇସଲାମ ଶିକ୍ଷାର ଏକ ଅଂଶ ଥିଲା । ସୁଲତାନୀମାନେ ଇସଲାମ ଧର୍ମ ପ୍ରଚାର କରିବାକୁ ଆସିଥିଲେ । ସୁତରାଂ ସେ ସମୟର ଶିକ୍ଷା ସମ୍ପୂର୍ଣ୍ଣଭାବେ ଧାର୍ମିକ ଶିକ୍ଷା ଥିଲା । ଇସଲାମ ଧର୍ମର ନୀତି ଓ ବାଣୀକୁ ଅନୁସରଣ କରିବା ପାଇଁ ହିନ୍ଦୁମାନଙ୍କୁ ବାଧ୍ୟ କରାଯାଉଥିଲା ଏବଂ ଧର୍ମାନ୍ତର କାର୍ଯ୍ୟ ମଧ୍ୟ ଅନୁଷ୍ଠିତ ହେଉଥିଲା । ବିଦ୍ୟାଳୟମାନଙ୍କରେ ଧାର୍ମିକ ମନୋଭାବର ବିକାଶ ନିମିତ୍ତ ଶାସନ ବ୍ୟବସ୍ଥା ଥିଲା । ଭୌତିକ ସୁଖ ସମ୍ପଦ ଲାଭ କରିବା ମୁସଲମାନଙ୍କର ଲକ୍ଷ୍ୟ ଥିଲା । ସେଥିପାଇଁ ମୁସଲମାନ ଶାସକମାନେ ବୌଦ୍ଧ ଓ ହିନ୍ଦୁ ମନ୍ଦିରମାନ ଧ୍ୱଂସ କରି ମସଜିଦ ନିର୍ମାଣ କଲେ ଏବଂ ମସଜିଦ ସହ 'ମକ୍ତବ୍' ଓ ମଦ୍ରାସା ମଧ୍ୟ ନିର୍ମାଣ କଲେ । ମକ୍ତବ୍‌ଗୁଡ଼ିକରେ ପ୍ରାଥମିକ ଶିକ୍ଷାକେନ୍ଦ୍ର ଥିଲା । 'ମକ୍ତବ୍'(Maktab) ଶବ୍ଦଟି 'କୁତୁବ୍'(Kutub) ଶବ୍ଦରୁ ଆସିଛି ଯାହାର ଅର୍ଥ ହେଉଛି ଲିଖନ । ତେଣୁ ସେହି ଶିକ୍ଷାକେନ୍ଦ୍ରଗୁଡ଼ିକରେ ଲିଖନ ବ୍ୟବସ୍ଥା ଥିଲା । ବିଶେଷତଃ କୋରାନର ଅୟତ (ପଦ)ଗୁଡ଼ିକୁ ସେଠାରେ ଶିକ୍ଷା ଦିଆଯାଉଥିଲା । ମଦ୍ରାସା (Madrasa)ଗୁଡ଼ିକରେ ଉଚ୍ଚତର ଶିକ୍ଷା ଦିଆଯାଉଥିଲା । 'ମଦ୍ରାସା' (Madrasa) ଶବ୍ଦଟି 'ଦରାସ୍' (Daras)ରୁ ଆସିଛି ଯାହାର ଅର୍ଥ ହେଉଛି ଅଧ୍ୟାପନ (to lecture) । ମକ୍ତବ୍‌ଗୁଡ଼ିକ ସାଧାରଣ ଜନତା ଏବଂ ମଦ୍ରାସାଗୁଡ଼ିକ ବଣିକଗୋଷ୍ଠୀ ଓ ଶାସକ ଦଳମାନଙ୍କ ପୃଷ୍ଠପୋଷକତାରେ ଚାଲୁଥିଲା । ହିନ୍ଦୁମାନଙ୍କର ଗୁରୁକୁଳରେ ସଂସ୍କୃତ ଓ ମୁସଲମାନଙ୍କର ମଦ୍ରାସାରେ ପାର୍ସି ଭାଷାରେ ଶିକ୍ଷା ଦିଆ ଯାଉଥିଲା । ସଂସ୍କୃତ ଓ ପାର୍ସିର ସମ୍ମିଶ୍ରଣରେ ଅମିର ଖସ୍ରୁ ଉର୍ଦ୍ଦୁଭାଷା ସୃଷ୍ଟି କରିଥିଲେ ବୋଲି ଐତିହାସିକମାନେ ମତପ୍ରକାଶ କରିଛନ୍ତି ।

ମକ୍ତବ୍ ଓ ମଦ୍ରାସାର ଶିକ୍ଷକମାନଙ୍କୁ ସମ୍ମାନ ଦିଆ ଯାଉଥିଲା । ଶ୍ରେଣୀରେ ପିଲା ସଂଖ୍ୟା କମ୍ ଥିବାରୁ ବ୍ୟକ୍ତିଗତଭାବେ ପ୍ରତ୍ୟେକଙ୍କୁ ଦୃଷ୍ଟି ଦେବା ସମ୍ଭବପର ହେଉଥିଲା । ଶୃଙ୍ଖଳା ରଖିବା ଓ ଚରିତ୍ରଗଠନ ଉପରେ ପ୍ରାଧାନ୍ୟ ଦିଆ ଯାଉଥିଲା । ବିଶୃଙ୍ଖଳିତ ଆଚରଣ ପାଇଁ ଦଣ୍ଡ ବ୍ୟବସ୍ଥା ମଧ୍ୟ ଥିଲା ।

ସୁଲତାନୀ ସମୟର ଶିକ୍ଷା ବ୍ୟବସ୍ଥାରେ ଦୁଇ ପ୍ରକାର ପାଠ୍ୟକ୍ରମ ଥିଲା । ଯଥା – ପାରମ୍ପରିକ ବିଜ୍ଞାନ (traditional science) ଓ ବିଚାରକ୍ଷମ ବିଜ୍ଞାନ (rational science) । ପାରମ୍ପରିକ ବିଜ୍ଞାନରେ ମୁଖ୍ୟତଃ ଇସଲାମ ଧର୍ମର ନୀତି, ନିୟମ, ଆଇନ, ସୁଫି ସନ୍ନ୍ୟାସୀମାନଙ୍କର ବାଣୀ, କୋରାନ ପାଠ, ମହମ୍ମଦଙ୍କର ଜୀବନୀ ଆଦି ଧାର୍ମିକ ଶିକ୍ଷା ସହିତ ବ୍ୟାକରଣ, ଇତିହାସ, ଗଣିତ, ସାହିତ୍ୟ ମଧ୍ୟ ରହୁଥିଲା ଏବଂ ବିଚାରକ୍ଷମ ବିଜ୍ଞାନରେ ଧର୍ମ ସମ୍ବନ୍ଧୀୟ ନୀତି ବିଚାର ସହ ତର୍କଶାସ୍ତ୍ର, ଦର୍ଶନଶାସ୍ତ୍ର, ଭେଷଜବିଦ୍ୟା, ଜ୍ୟୋତିଷବିଦ୍ୟା ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ଏତତ୍ ବ୍ୟତୀତ ପାର୍ସି ବ୍ୟାକରଣ ସହ ଫକିରମାନଙ୍କର ଜୀବନ କାହାଣୀ ମଧ୍ୟ ପ୍ରାଥମିକ ଶ୍ରେଣୀରେ ଶିକ୍ଷା ଦିଆ ଯାଉଥିଲା । ସେ ସମୟରେ ପାର୍ସି ଭାଷାକୁ ପ୍ରାଧାନ୍ୟ ଦିଆ ଯାଉଥିଲା ଏବଂ ପର୍ଦ୍ଦା ପ୍ରଥା ଥିବାରୁ ନାରୀ ଶିକ୍ଷା ଅବହେଳିତ ହୋଇ ରହିଥିଲା । ନିର୍ମାଣ କୌଶଳ ଓ କଳା ଶିକ୍ଷାର ବ୍ୟବସ୍ଥା ମଧ୍ୟ ଥିଲା । ସମସ୍ତଙ୍କ ପାଇଁ ମୁକ୍ତ ଶିକ୍ଷା ପ୍ରଚଳିତ ଥିଲା । ବିଶେଷତଃ ସୁଲତାନୀ ଶାସନ କାଳରେ ଶିକ୍ଷାର ବିକାଶ ଧାରା ମନ୍ଥର ଓ କଠୋର ନୀତିମୂଳକ ଧାର୍ମିକ ଶିକ୍ଷା ଥିଲା । ଏହା ସୃଜନାତ୍ମକ ନଥିଲା ଏବଂ ସାମାଜିକ ବିକାଶ ପାଇଁ ହିତକର ନଥିଲା ।

## ମୋଗଲ ଶାସନ କାଳର ଶିକ୍ଷା
(ଖ୍ରୀ.ଅ. ୧୫୨୬-୧୭୦୭)

ଖ୍ରୀ.ଅ. ୧୫୨୬ରେ ଇବ୍ରାହିମ୍ ଲୋଦୀଙ୍କୁ ପରାସ୍ତ କରି ବାବର ମୋଗଲ ରାଜ୍ୟ ପ୍ରତିଷ୍ଠା କରିଥିଲେ । ମୋଗଲମାନେ ଇସଲାମ ଧର୍ମ ପ୍ରଚାର କରିବାକୁ ଆସି ନଥିଲେ । ସେମାନେ ସାମ୍ରାଜ୍ୟ ପ୍ରତିଷ୍ଠା କରିବାକୁ ଆସିଥିଲେ । ଉତ୍ତର ଭାରତରେ ମୋଗଲ ସାମ୍ରାଜ୍ୟ ଥିବାବେଳେ ଦକ୍ଷିଣରେ ବାହମନି ନାମକ ମୁସଲମାନ ରାଜ୍ୟ ଓ ବିଜୟନଗର ନାମକ ହିନ୍ଦୁ ରାଜ୍ୟ ପ୍ରସିଦ୍ଧ ଥିଲା । ଖ୍ରୀ.ଅ. ୧୫୨୬ରୁ ଖ୍ରୀ.ଅ. ୧୭୦୭ ପର୍ଯ୍ୟନ୍ତ ମୁଖ୍ୟତଃ ବାବର, ହୁମାୟୁନ୍, ଶେରଶାହା, ଆକବର, ଜାହାଙ୍ଗିର,

ଶାହାଜାହାନ ଓ ଆଉରଙ୍ଗଜେବ ଶାସନଭାର ଗ୍ରହଣ କରିଥିଲେ । ମୋଗଲ ଶାସନ କାଳରେ ହିନ୍ଦୁ ଓ ମୁସଲମାନ ସଂସ୍କୃତିର ମିଳନ ହେଲା ଏବଂ ଭାରତରେ ନୂତନ ସଭ୍ୟତାର ବିକାଶ ହେଲା ।

ମୋଗଲ ଶାସନ କାଳରେ ପାଠଶାଳା, ବିଦ୍ୟାପୀଠ, ମକ୍ତବ୍ ଓ ମଦ୍ରାସାରେ ଶିକ୍ଷା ଦିଆଯାଉଥିଲା । ସମ୍ରାଟ ଆକବର ଶିକ୍ଷାନୁଷ୍ଠାନଗୁଡ଼ିକୁ ଆର୍ଥିକ ସହାୟତା ଦେଉଥିଲେ ଏବଂ ଜମା ମସଜିଦ ପାଖରେ ଗୋଟିଏ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ସେତେବେଳେ ଶିକ୍ଷା ରାଜ୍ୟ ତାଲିକାରେ ନଥିଲା । ପ୍ରାଥମିକ ଶିକ୍ଷା ମନ୍ଦିର ଓ ମସଜିଦରେ ଦିଆଯାଉଥିଲା । ସଂସ୍କୃତ ଓ ପାର୍ସି ଭାଷାରେ ଶିକ୍ଷାଦାନ କରାଯାଉଥିଲା । ନାରୀ ଶିକ୍ଷା ଯଦିଓ ପ୍ରଚଳନ ନଥିଲା ତଥାପି ସମ୍ଭ୍ରାନ୍ତ ଓ ରାଜ ପରିବାରର ନାରୀମାନେ ଘରେ ଶିକ୍ଷାର୍ଜନ କରୁଥିଲେ । ବୈଷୟିକ ଶିକ୍ଷା ସହ ବୃତ୍ତିଗତ ଶିକ୍ଷାର ପ୍ରଚଳନ ଥିଲା । କାରିଗରି ଶିକ୍ଷା, ତନ୍ତ କାର୍ଯ୍ୟ, କାଠ କାମ, ମାଟି କାମ, ହସ୍ତଶିଳ୍ପ, ବସ୍ତ୍ରଶିଳ୍ପ, ଅଳଙ୍କାର ତିଆରି କରିବା ବିଦ୍ୟାମାନ ପ୍ରଚଳିତ ଥିଲା ଯଦ୍ଦ୍ୱାରା ସମାଜରେ ଦକ୍ଷତା ଓ ବୃତ୍ତିଗତ କୌଶଳର ବିକାଶ ହୋଇ ପାରୁଥିଲା । ମକ୍ତବ୍‌ରେ ଲିଖନ, ପଠନ, ଗଣିତ ସହ ଧର୍ମ ଶିକ୍ଷା ଦିଆଯାଉଥିଲା । ମକ୍ତବ୍‌ରୁ ଶିକ୍ଷା ସମାପ୍ତ କରି ଜଣେ ଉଚ୍ଚତର ଶିକ୍ଷା ସକାଶେ ମଦ୍ରାସାରେ ପ୍ରବେଶ କରୁଥିଲା । ମଦ୍ରାସାରେ ଧର୍ମଶିକ୍ଷା ସହ ବିଭିନ୍ନ ବିଷୟରେ ତାଲିମ ଦିଆଯାଉଥିଲା । ସମସ୍ତଙ୍କୁ ସେ ସମୟରେ ଇସଲାମ ଧର୍ମ ଶିକ୍ଷା ଦିଆଯାଉଥିଲା । ଏହି ପରମ୍ପରାଟି ଆକବରଙ୍କ ସମୟରେ ବନ୍ଦ ହୋଇ ଯାଇଥିଲା । ସେ ମଦ୍ରାସାରେ ହିନ୍ଦୁଧର୍ମ ଓ ଦର୍ଶନ ଶିକ୍ଷାର ବ୍ୟବସ୍ଥା ପ୍ରଚଳନ କରିଥିଲେ । ମଦ୍ରାସାରେ ଗଣିତ, ସାହିତ୍ୟ, ଭୂଗୋଳ, ଅର୍ଥନୀତି, ରାଜନୀତି, ଭେଷଜ ବିଦ୍ୟା, ଜ୍ୟୋତିଷ ବିଦ୍ୟା ଓ ଆଇନ ଶିକ୍ଷା ଦିଆଯାଉଥିଲା ।

ମକ୍ତବ୍‌ରେ କଥୋପକଥନ ଓ ସ୍ମରଣ ପଦ୍ଧତିରେ ଶିକ୍ଷାଦାନ କରାଯାଉଥିଲା । ଅକ୍ଷର, ଶବ୍ଦ ଓ ବାକ୍ୟଗୁଡ଼ିକୁ ଲେଖିବା, ପଢ଼ିବା, ମନେ ରଖିବାର ବ୍ୟବସ୍ଥା ରହିଥିଲା । ଶିକ୍ଷକ ଓ ଶିକ୍ଷାର୍ଥୀ ମଧ୍ୟରେ ସମ୍ପର୍କ ଭଲ ଥିଲା । ଅର୍ଦ୍ଧବାର୍ଷିକ ଓ ବାର୍ଷିକ ପରୀକ୍ଷା ବଦଳରେ ବାସ୍ତବ ପରିସ୍ଥିତିକୁ ଦେଖି ପରୀକ୍ଷା କରାଯାଉଥିଲା । କଳା, ହସ୍ତଶିଳ୍ପ ଓ ସେନା ତାଲିମ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଯଦ୍ଦ୍ୱାରା ଶିକ୍ଷାଧାରାରେ ଅନେକ ପରିବର୍ତ୍ତନ ଆସିଥିଲା ।

ଆକବରଙ୍କର ସଂଗୀତ, ସାହିତ୍ୟ, କଳା, ସ୍ଥାପତ୍ୟ, ଦର୍ଶନ, ଧର୍ମ ପ୍ରତି ଆଦର ଥିଲା । ତାଙ୍କର ଦରବାରରେ ବୀରବଲ, ତାନସେନ୍, ଅବୁଲଫଜଲ, ଫୈଜି, ରାଜା ମାନସିଂହ, ରାଜା ତୋଡ଼ରମଲ, ମୁଲ୍ଲାଦୋପିଆଜା, ଫକିର ଅଜୁଦ୍ଦିନ ଆଦି ନବରତ୍ନ ଶୋଭା ପାଉଥିଲେ । ସବୁ ଧର୍ମ ପ୍ରତି ସହାନୁଭୂତି ଥିବାରୁ ଆକବରଙ୍କ ସମୟରେ ହିନ୍ଦୁ, ମୁସଲମାନ, ଶିଖ ଧର୍ମର ପ୍ରସାର ହୋଇଥିଲା । ମୋଗଲ ଶାସନ ସମୟରେ ସନ୍ଥ ତୁଳସୀଦାସ, ଶ୍ରୀଚୈତନ୍ୟ, ସନ୍ଥ ଜ୍ଞାନେଶ୍ୱର, କବୀର, ସୁରଦାସ, ନାନକ, ନାମଦେବ, ତୁକାରାମ ଆଦି ମହାତ୍ମାମାନେ ଭକ୍ତି ଆନ୍ଦୋଳନର ପୁରୋଧା ଥିଲେ । ମୋଗଲ ଶାସନ କାଳରେ ଓଡ଼ିଶାରେ ସାରଳା ଦାସ, ଜଗନ୍ନାଥ ଦାସ, ବଳରାମ ଦାସ ଆଦି ମହାତ୍ମାମାନେ ପୁରାଣ, ରାମାୟଣ, ମହାଭାରତ, ଭାଗବତ ଆଦିକୁ ଓଡ଼ିଆ ଭାଷାରେ ରଚନା କରିଥିଲେ । ବିଭିନ୍ନ ଧର୍ମର ଶାସ୍ତ୍ରଗୁଡ଼ିକ ବିଭିନ୍ନ ଆଞ୍ଚଳିକ ଭାଷାରେ ରଚନା କରାଯାଇଥିଲା । ବିଶେଷତଃ ମୋଗଲ ଶାସନ କାଳରେ ଶିକ୍ଷା, କଳା, ସ୍ଥାପତ୍ୟ, ସାହିତ୍ୟ, ସଂଗୀତ, ନୃତ୍ୟ, ବିଜ୍ଞାନ, ଜ୍ୟୋତିଷ ବିଦ୍ୟା, ଭେଷଜ ବିଦ୍ୟା, ଅର୍ଥଶାସ୍ତ୍ର ଆଦି କ୍ଷେତ୍ରରେ ବିକାଶ ଲାଭ ହୋଇ ପାରିଥିଲା । କିନ୍ତୁ ନାରୀ ଶିକ୍ଷାର ବିକାଶ ହୋଇ ପାରି ନଥିଲା । ସୁଲତାନୀ ଶାସନ ପରି ମୋଗଲ ଶାସନ କାଳରେ ମଧ୍ୟ ସମାଜରେ ଦାସତ୍ୱ ପ୍ରଥା ପ୍ରଚଳନ ଥିଲା । ଆଉରଙ୍ଗଜେବଙ୍କ ଧର୍ମାନ୍ଧତା ଓ ହିନ୍ଦୁ ବିଦ୍ୱେଷ ନୀତି ଯୋଗୁଁ ରାଜ୍ୟରେ ବିଦ୍ରୋହ ଦେଖା ଯାଇଥିଲା । ସେ ୧୭୦୭ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କରିବା ପରେ ମୋଗଲ ଶାସନ ଦୁର୍ବଳ ହୋଇପଡ଼ିଲା । ମୋଗଲ ଶାସନ କାଳରେ ଫରାସୀ ଓ ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତର ବିଭିନ୍ନ ସ୍ଥାନରେ ବାଣିଜ୍ୟ ବ୍ୟବସାୟ କରୁଥିଲେ । ମୋଗଲ ଶାସକଙ୍କ ଦୁର୍ବଳତାର ସୁଯୋଗ ନେଇ ନାଦିର ଶାହା, ଅହମ୍ମଦ ଶାହା ଆଦି ବୈଦେଶିକ ଶତ୍ରୁମାନେ ଆକ୍ରମଣ କରି ଭାରତରୁ ପ୍ରଚୁର ଧନରତ୍ନ ଲୁଣ୍ଠନ କରିଥିଲେ । ପର୍ତ୍ତୁଗୀଜ, ଓଲନ୍ଦାଜ୍, ଦିନାମାର ଆଦି ବୈଦେଶିକ ବଣିକମାନେ ମଧ୍ୟ ଭାରତରେ ପ୍ରବେଶ କରି ବାଣିଜ୍ୟ କାରବାର କରୁଥିଲେ । ଶେଷରେ ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଇଂରେଜମାନେ ଅଧିକ ଶକ୍ତିଶାଳୀ ହୋଇ ଭାରତରେ ରାଜ୍ୟ ବିସ୍ତାର କରିଥିଲେ ।

ମଧ୍ୟଯୁଗୀୟ ଶିକ୍ଷା ବିଶେଷତଃ ଧର୍ମକୈନ୍ଦ୍ରିକ ଥିଲା । ବନାଞ୍ଚଳ ଅଥବା ନଗରର ବାହ୍ୟ ଅଞ୍ଚଳରେ ଶିକ୍ଷାନୁଷ୍ଠାନ

ରହିଥିଲା । ପୁରୋହିତ, ଡାକ୍ତର, ବିଚାରକ ବୃତ୍ତି ପାଇଁ ବିଶେଷଭାବେ ଉଚ୍ଚଶିକ୍ଷା ଦିଆଯାଉଥିଲା । ବୌଦ୍ଧିକ ଓ ନୈତିକ ବିକାଶ ପାଇଁ ଶିକ୍ଷା ଦିଆଯାଉଥିଲା ।

ଯଥାର୍ଥ ଶିକ୍ଷା ଚେତନାର ଶିକ୍ଷା ହୋଇଥିବାରୁ ଚେତନାର ବିକାଶ ଧାରାରେ ଭାରତୀୟ ସଂସ୍କୃତି ତଥା ଜାତି ଆତ୍ମାର ଅଭିବୃଦ୍ଧି ସକାଶେ ମଧ୍ୟଯୁଗରେ ଅନେକ ମହାତ୍ମାମାନଙ୍କର ଆବିର୍ଭାବ ଘଟିଥିଲା । ବୁଦ୍ଧଙ୍କ ପରେ ତାଙ୍କର ଶିଷ୍ୟମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବାରୁ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଦେଖାଗଲା ଏବଂ ଶୀଳରେ ଅଶ୍ଳୀଳତା, ସମାଧିରେ ବ୍ୟାଧି, ପ୍ରଜ୍ଞାରେ ଅଜ୍ଞତା ପ୍ରବେଶ କଲା । ବେଦ ତଥା ଈଶ୍ୱରଙ୍କ ଉପରୁ ଲୋକମାନଙ୍କର ବିଶ୍ୱାସ କ୍ଷୀଣ ହୋଇଗଲା । ଧୀରେ ଧୀରେ ବୌଦ୍ଧ ଭିକ୍ଷୁମାନେ ତନ୍ତ୍ର ବା ଭୈରବ ସାଧନାକୁ ପ୍ରାଧାନ୍ୟ ଦେଲେ । ଏଥିରେ ଚମତ୍କାରିତା ଥିଲା; କିନ୍ତୁ ତାହା ପ୍ରକୃତ ଲକ୍ଷ୍ୟ ଠାରୁ ଦୂରେଇ ଗଲା । ସମାଜରୁ ଧୀରେ ଧୀରେ ଜ୍ଞାନ ଶକ୍ତି ଲୋପ ପାଇଲା ଏବଂ ମନୁଷ୍ୟ ରାଜସିକ ଓ ତାମସିକ କାର୍ଯ୍ୟରେ ଲିପ୍ତ ରହିବାକୁ ପସନ୍ଦ କଲା । ଲୋକମାନେ ବୈଦିକ ଧର୍ମର ମହାନ୍ ଆଦର୍ଶକୁ ଭୁଲିଯାଇ ସାଂସାରିକ କ୍ରିୟାନୁଷ୍ଠାନକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । ବାହ୍ୟ ଉପଚାର ଉପରେ ଅଧିକ ଦୃଷ୍ଟି ଦିଆଯାଉଥିଲା ଏବଂ ସମାଜରେ ଜାତିପ୍ରଥା ଉତ୍କଟ ରୂପ ଧାରଣ କରିଥିଲା । ଧୀରେ ଧୀରେ ବିଭିନ୍ନ ଧର୍ମ ସଂପ୍ରଦାୟମାନଙ୍କ ମଧ୍ୟରେ ସଂଘର୍ଷ ଲାଗି ରହିବାରୁ ସମାଜରେ ଐକ୍ୟ ନଷ୍ଟ ହେବାକୁ ଲାଗିଲା । ଏପରି ଏକ ସଂକଟମୟ ପରିସ୍ଥିତିରେ ବେଦ ଓ ଉପନିଷଦ୍‌ର ମହାନ୍ ସତ୍ୟକୁ ସିଦ୍ଧ କରିବା ପାଇଁ ଏବଂ ମନୁଷ୍ୟକୁ ତା'ର ପୂର୍ଣ୍ଣତା ଅଭିମୁଖେ ଆଗେଇ ନେବା ପାଇଁ ଶଙ୍କରାଚାର୍ଯ୍ୟ, ରାମାନୁଜ, ମାଧ୍ୱ, ନିମ୍ବାର୍କ, ବଲ୍ଲଭାଚାର୍ଯ୍ୟ, ଶ୍ରୀଚୈତନ୍ୟ ଆଦି ମହାତ୍ମାମାନଙ୍କର ଆବିର୍ଭାବ ଘଟିଥିଲା ଏବଂ ଜ୍ଞାନ ଓ ଭକ୍ତି ମାଧ୍ୟମରେ ଚେତନାର ଅଭିବୃଦ୍ଧି ଘଟିବା ସମ୍ଭବ ହୋଇଥିଲା । ଏହା ସହିତ ସୁଫି ବା ଇସଲାମ ଧର୍ମର ପ୍ରସାର ମଧ୍ୟ ହୋଇଥିଲା । ଚେତନାର ବିକାଶ ଅନୁସାରେ ଶିକ୍ଷାର ବିକାଶ ଧାରାରେ ପରିବର୍ତ୍ତନ ଘଟୁଥିଲା । ଖ୍ରୀଷ୍ଟଧର୍ମର ବିକାଶ ଭାରତବର୍ଷରେ ଘଟି ନଥିଲା । ପ୍ରାଚ୍ୟ ଓ ପାଶ୍ଚାତ୍ୟର ସଂସ୍କୃତି, ଧର୍ମ, ସାହିତ୍ୟ, କଳା ସ୍ଥାପତ୍ୟ, ଶିକ୍ଷା ଓ ସଭ୍ୟତାର ମିଶ୍ରଣରୁ ଏକ ନୂତନ ଶିକ୍ଷାର ଅଭ୍ୟୁଦୟ ଘଟିବାର ସମ୍ଭାବନା ଥିବାରୁ ଇଂରେଜମାନେ ଭାରତରେ ଶାସନ କରିବାର ଆବଶ୍ୟକତା ଥିଲା ।

(କ୍ରମଶଃ) ❑

**ବିଶେଷ ସୂଚନା**

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ । ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ଭବ୍ୟ ଆଚରଣ

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କ ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତ ଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି । ...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍‌ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ଭବ୍ୟ ଆଚରଣ**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

ଜଣେ ଜ୍ଞାନୀ ବ୍ୟକ୍ତିଙ୍କୁ ତରୁଣଟିଏ ଜିଜ୍ଞାସା କଲା, ''ଭବ୍ୟ ଆଚରଣ (Good Manners) କାହାକୁ କହିବା ? ମୁଁ ତାହାକୁ ଆୟତ୍ତ କରିବାକୁ ଆରମ୍ଭ କରିଛି ବୋଲି କେମିତି ଜାଣିବି ?''

''ଯେତେବେଳେ ତୁମେ ଅଖାଡୁଆ ଆଚରଣ କରୁଥିବା ଲୋକଙ୍କ ସାଙ୍ଗରେ ବିନା ପ୍ରତିବାଦରେ ଚଳିପାରିବ, ସେତେବେଳେ ତୁମେ ଭବ୍ୟ ଆଚରଣ ଆୟତ୍ତ କରିଛ ବୋଲି ବୁଝିବ । ତେବେ...''

ଜ୍ଞାନୀ ରହିଗଲେ ।

''ତେବେ ? ଆପଣଙ୍କ ଉପଦେଶ ସମାପ୍ତ ହୋଇ ନାହିଁ ବୋଲି ମନେ ହେଲା !'' ତରୁଣ କହିଲା ।

''ତେବେ ଯେତେବେଳେ ଅଖାଡୁଆ ଆଚରଣ କରୁଥିବା ଲୋକଙ୍କ ସହ ତୁମେ ବିନା ପ୍ରତିକ୍ରିୟାରେ ଚଳିପାରିବ, ତେବେ ତୁମେ ଭବ୍ୟ ଆଚରଣ ଉପଲବ୍ଧି କରିଛ ବୋଲି ବୁଝିବ ।''

''ଟିକିଏ ବିସ୍ତାରି କୁହନ୍ତୁ ଆଜ୍ଞା !'' ତରୁଣ ଅଳି କଲା ।

''ମନେ ମନେ ବିରକ୍ତ ହେଲେ ମଧ୍ୟ ଭବ୍ୟ ଆଚରଣ କରିବା, ଅର୍ଥାତ୍ ସହିଯିବା, ସରସ ଭାବେ ସ୍ୱାଭାବିକ କଥାବାର୍ତ୍ତା କରିବା – ଏସବୁ ବୁଦ୍ଧିମାନ୍‌ର କାମ । ତୁମେ ଭିତରେ ବିଦ୍ରୋହ ଅନୁଭବ କରୁଛ, କିନ୍ତୁ ଆଚରଣରେ ସଂଯତ ଓ ଶାନ୍ତ ତଥା ଭଦ୍ର । ଏହା କରିପାରିଲେ ଲାଭ ତିନୋଟି, ପ୍ରଥମ ଲାଭ ତୁମ ନିଜର ଶାନ୍ତି ନଷ୍ଟ ହେବ ନାହିଁ । ତୁମ ପ୍ରତିବାଦରେ ସେମାନେ ତୁମ ପ୍ରତି ରୁକ୍ଷ ଆଚରଣ କରି ପରିବେଶକୁ ଅଧିକ ଅସହନୀୟ କରିବେ ନାହିଁ । ଦ୍ୱିତୀୟ ଲାଭ, ମନେରଖ, କଦାପି ସେମାନଙ୍କୁ ଉପଦେଶ ଦେବା ପାଇଁ ମନ ବଳାଇବ ନାହିଁ ! ତୁମ ଆଚରଣ ସେମାନଙ୍କୁ ଧୀରେ ଧୀରେ ପ୍ରଭାବିତ କରିବ । ତୁମେ ଏହା ପରୀକ୍ଷା କରି ଦେଖିପାର । ତୃତୀୟ ଲାଭ, ତୁମ ନିଜ ଆତ୍ମ-ସମ୍ବରଣ ଶକ୍ତି ଉପରେ ତୁମ ନିଜର ଆସ୍ଥା ଆସିବ । ଏହି ଆସ୍ଥା ଜୀବନରେ ବହୁ ସାହାଯ୍ୟ କରିବ ।

ହଁ – ଯେତେବେଳେ ଏଇଆ କରିପାରିବ, ସେତେବେଳେ ତୁମେ ଭବ୍ୟ-ଆଚରଣ ଆୟତ୍ତ କରିଛ ବୋଲି କହିବ । ଯେତେବେଳେ ତୁମେ ସ୍ୱାଭାବିକ ଭାବରେ, ଅର୍ଥାତ୍ କୌଣସି ଯୁକ୍ତି ପାଇଁ ନୁହେଁ, ଗୋଳମାଳ ଏଡ଼ାଇବା ପାଇଁ ନୁହେଁ, ଟିକିଏ ଆଗରୁ ମୁଁ କହିଥିବା ତିନୋଟି ଲାଭ ପାଇଁ ମଧ୍ୟ ନୁହେଁ, ଯେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ତୁମେ ଉତ୍ତମ ବ୍ୟବହାର

କରୁଥିବ, ସେତେବେଳେ ତାହା ତୁମେ ଉପଲବ୍ଧି କରିଛ ବୋଲି କହିବାକୁ ହେବ; ଅର୍ଥାତ୍ ସେଭଳି ଆଚରଣ ତୁମର ସ୍ୱଭାବରେ ପରିଣତ ହୋଇଛି ।''

ଭବ୍ୟ ଆଚରଣ ଜଣକର ସ୍ୱଭାବଗତ ହୋଇପାରେ, ତଥାପି ସାମାଜିକ ଆଦବକାଇଦା ଓ ସୌଜନ୍ୟ ସମ୍ପର୍କରେ କେତେକ ନୀତିନିୟମ ପାଳନ କରିବାକୁ ଶିଖିବା ଭଲ । ପ୍ରତ୍ୟୁତ୍ପନ୍ନମତି ହୋଇ ପାରିଲେ ତୁମର ଗୌରବ ବଢ଼ିବ । ଧର, ତୁମେ ହଠାତ୍ ସ୍ନାନକକ୍ଷର କବାଟ ଖୋଲି ଦେଖିଲ, ଜଣେ ମହିଳା ସ୍ନାନରତା । ଚଟାପଟ ''ଦୁଃଖିତ'' ବୋଲି କହି କବାଟ ବନ୍ଦ କରିଦେବା ଭବ୍ୟ ଆଚରଣ । କିନ୍ତୁ ତୁମେ ଯଦି କହିବ ''ଦୁଃଖିତ, ସାର୍ !'' ସେଇଟା ହେବ ପ୍ରତ୍ୟୁତ୍ପନ୍ନମତି-ସମର୍ଥିତ ଭବ୍ୟ ଆଚରଣ । ମହିଳା ଜଣକ ଆଶ୍ୱସ୍ତ ଅନୁଭବ କରିବେ । ଜାଣିବେ, ତୁମେ ତାଙ୍କୁ ଚିହ୍ନି ପାରି ନାହଁ । ଏ କଥାଟି କହିଥିଲେ ବିଖ୍ୟାତ ଫରାସୀ ଚିତ୍ର ନିର୍ଦ୍ଦେଶକ ଫ୍ରାଁସୁଆ ତ୍ରୁଫୋଙ୍କର Baisers Voles ନାମକ ଚଳଚ୍ଚିତ୍ରର ଏକ ଚରିତ୍ର ।

ତେବେ ଏଭଳି ପ୍ରତ୍ୟୁତ୍ପନ୍ନମତି ହେବା ନିମନ୍ତେ ପ୍ରୟାସ କରିବା ଅନାବଶ୍ୟକ । ଆମ ଆଚରଣକୁ ତାହା କୃତ୍ରିମତା ଦ୍ୱାରା ଆକ୍ରାନ୍ତ କରିବାର ସମ୍ଭାବନା ରହିଛି । ସ୍ୱଭାବରେ ଆମେ ଭବ୍ୟ ହୋଇପାରିବାହିଁ ଯଥେଷ୍ଟ ।

(ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ'ରୁ ସଂଗୃହୀତ, ପୃ. ୭୭-୭୯)

❑❑❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ପିଟର ପାଦୁକା

## ସନ୍ତୋଷ ରଥ

ପରିଦର୍ଶନର ଶେଷ ପର୍ବ । ବେଢ଼ା ପଇଁତରା ମାରିଲାବେଳକୁ ଶୁଣାକଥାଗୁଡ଼ାକ ଫେରି ଆସି ଭିଜାଇ ଦେଉଥା'ନ୍ତି ତାଙ୍କ ମନକୁ – ଫେରନ୍ତା ମୌସୁମୀ ପରି । ଗାଇଡ୍‌ର ଡାହାଣ ବାଁ ହୋଇ ଚାଲିଥା'ନ୍ତି ମହେଶ ବାବୁ । ମହେଶ ବାବୁ ଜଣେ ଗବେଷକ ନହେଲେ ବି ପର୍ଯ୍ୟଟନରେ ବଡ଼ ସଉକ । ତଉଲନ୍ତି କିଂବଦନ୍ତୀ ଓ ଇତିହାସକୁ । ବେଳେବେଳେ ତାଙ୍କ ପ୍ରଶ୍ନଜାଲ ଗାଇଡ୍ ପାଇଁ ନାଗଫାଶ ପାଲଟେ । ଏଥର ବି ସେଇ ସମାନ କଥା ।

''ଏ ତ ବହୁ ପୁରାତନ ମନ୍ଦିର ! ଭାସ୍କର୍ଯ୍ୟରେ ଦ୍ରାବିଡ଼ କଳା ଓ ସଂସ୍କୃତିର ଚିତ୍ରକଳ୍ପ ସ୍ପଷ୍ଟ । ଆଚ୍ଛା, ଦେବୀ ମୀନାକ୍ଷୀଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏ ମନ୍ଦିର ଦେବାଧିଦେବ ମହାଦେବଙ୍କ ସହ ଯୋଡ଼ା ହେଲା କାହିଁକି ?'' – ପ୍ରଶ୍ନ କଲେ ମହେଶ ବାବୁ ।

ଗାଇଡ୍ ଖୋଲିଲେ ତାଙ୍କର ଉତ୍ତର ପେଡ଼ି, ''ଏ କିଂବଦନ୍ତୀ ପ୍ରାଚୀନ ହେଲେ ବି ଜୀବନ୍ତ । ସେତେବେଳେ ଦାକ୍ଷିଣାତ୍ୟରେ ପାଣ୍ଡିଆନ୍ ବଂଶାଧିକାରୀ ଯେତିକି ପରାକ୍ରମୀ ସେତିକି ପ୍ରଜାବତ୍ସଳ । ମାତ୍ର ଚଡ଼କ ପଡ଼ିଲା ରାଜା ମଳୟଧ୍ୱଜ ଓ ରାଣୀ କାଞ୍ଚନମାଳାଙ୍କ ଉପରେ । ଦୁହେଁ ଚିନ୍ତିତ ଉତ୍ତରାଧିକାରୀ ପାଇଁ । ପଣ୍ଡିତମାନଙ୍କ ପରାମର୍ଶ କ୍ରମେ ଆୟୋଜିତ ହେଲା ପୁତ୍ରେଷ୍ଟି ଯଜ୍ଞ । ସାଧୁ ସନ୍ଥମୟ ସାରା ମଦୁରାଇ ସହର ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ । ରାଜାରାଣୀଙ୍କ କାଷ୍ଠା ବ୍ରତରେ ବରଦ ହେଲେ ଦେବଗଣ । ପୂର୍ଣ୍ଣାହୁତି ସମୟରେ ସ୍ୱର୍ଗରୁ ପୁଷ୍ପବୃଷ୍ଟି ଶୁଭ ସଙ୍କେତର ସୂଚନା ଦେଲା । ସମସ୍ତେ ଚକିତ, ରାଣୀଙ୍କ କୋଳରେ ତିନି ବର୍ଷର କନ୍ୟା ସନ୍ତାନ । ତନିମା ହେଲେ ବି ଅପରୂପା ତାଙ୍କ ରୂପଶ୍ରୀ । ଗୋଲାପୀ ଅଧର, କୁନ୍ଦ କାନ୍ତି ଦନ୍ତ ପଙ୍‌କ୍ତି ସାଙ୍ଗକୁ ଶ୍ରାବଣୀ ମେଘ ଆଉଟା କେଶଗୁଚ୍ଛ ନିତମ୍ବ ଛୁଆଁ । ସତେ ଯେମିତି ଯୋଗମାୟାଙ୍କ ହାତଗଢ଼ା ପ୍ରତିମା । ପଣ୍ଡିତମାନେ ସ୍ୱସ୍ତି ମନ୍ତ୍ର ପାଠ କଲେ, ରାଜାରାଣୀ କୃତାଞ୍ଜଳି ପୁଟରେ ପୁନରାବୃତ୍ତି କଲେ ।''

– ''ଏ ତ ବଡ଼ ଅଦ୍ଭୁତ କଥା । ମହାଭାରତ ଯୁଗର ଯାଜ୍ଞସେନୀଙ୍କ ଅନୁରୂପ ଜନ୍ମଜାତକ । ତା'ପରେ ?'' ପ୍ରଶ୍ନ କଲେ ମହେଶ ବାବୁ ବଡ଼ ଉଦ୍‌ବିଗ୍ନରେ ।

– ''ଶୁଭିଲା ଜୟ ଜୟକାର । ପଣ୍ଡିତଙ୍କଠାରୁ ପ୍ରଜାମଣ୍ଡଳୀ ସଭିଏଁ ତୁଷ୍ଟ । ଦୃଷ୍ଟି କନ୍ୟାରତ୍ନ ଉପରେ । ଆଖି ଦୁଇଟି ତାଙ୍କର ମୀନ ସଦୃଶ ହୋଇଥିବାରୁ ନାମାଙ୍କନ ହେଲା ମୀନାକ୍ଷୀ ।'' ଗାଇଡ୍ କହି କହି ବୁଲାଇ ଦେଖାଉଥା'ନ୍ତି ମନ୍ଦିରର ସ୍ଥାପତ୍ୟ । ଉତ୍ତୁଙ୍ଗ ଗୋପୁରମ୍ ଖୁବ୍ ଆକର୍ଷଣୀୟ । ତା' ସହିତ ସହସ୍ର ଖମ୍ବକକ୍ଷ ଆଉ ଏକ ବିସ୍ମୟ । ଖମ୍ବରେ ଖୋଦିତ ଚିତ୍ରକଳା ଆମ ଐତିହ୍ୟର ଏକ ଏକ ବ୍ୟାଖ୍ୟାନ । ନିଖୁଣ ସେ କାରୁକାର୍ଯ୍ୟ, ସତେ ଯେମିତି ନିହଣ ନୁହେଁ ତୁଳୀ ଅଙ୍କା ଚିତ୍ରପଟ । ଠାଏ ଠାଏ ସଂକ୍ଷେପରେ ସୂଚାଇ ଦେଉଥା'ନ୍ତି ଗାଇଡ୍ ମହାଶୟ । ସବୁଠାରୁ ବଡ଼ କଥା – ପ୍ରତିଟି ଖମ୍ବକୁ ଛୁଇଁଲେ ଭିନ୍ନ ଭିନ୍ନ ସ୍ୱରର ଝଙ୍କାର, ଧ୍ୱନିରୁ ପ୍ରତିଧ୍ୱନି । ସତରେ ବିଜ୍ଞାନ ବି ଠଉରାଇ ପାରିବନି ଏ କାରିଗରୀ ରହସ୍ୟ ।

ମହେଶ ବାବୁ ସ୍ଥାପତ୍ୟକୁ ତନ୍ନ ତନ୍ନ କରି ଦେଖୁଥା'ନ୍ତି, ହେଲେ ଭୁଲି ନଥା'ନ୍ତି ମୂଳ କିଂବଦନ୍ତୀର ଅଶୁଣା କାହାଣୀକୁ । ଚେତାଇ ଦେବାରୁ କାଲୁଆମରା କଣ୍ଠରେ କହିବାକୁ ଆରମ୍ଭ କଲେ ଗାଇଡ୍ – ''ମୀନାକ୍ଷୀଙ୍କ ଅପରୂପ ରୂପସମ୍ଭାର ଭିତରେ ଥିଲା ଏକ କାଳିମା; ଚନ୍ଦ୍ରରେ କଳଙ୍କ ପରି । ରାଜା ଓ ରାଣୀ ମ୍ରିୟମାଣ । ସାଷ୍ଟାଙ୍ଗ ଆକୁତି ଜଣାଇଲେ ଭଗବାନଙ୍କୁ ସେଇ ଯଜ୍ଞ ମଣ୍ଡପ ଉପରେ । ହଠାତ୍ ଶୂନ୍ୟ ବାଣୀ ହେଲା – 'ହେ ରାଜନ୍ ! କନ୍ୟା ତୁମ୍ଭର ଦୈବୀ ସମ୍ଭୂତା । ସେ ପ୍ରଜ୍ଞା ଧାରିଣୀ ଓ ପ୍ରମାଥିନୀ । ଦୁର୍ବାର ତାଙ୍କର ସଂକଳ୍ପ । ସେ ଅପରାଜିତା । ମାତ୍ର ସେ ଯେତେବେଳେ ଯୋଗେଶଙ୍କୁ ତାଙ୍କ ଈଶ ରୂପେ ପାଇବା ପାଇଁ ତପସିଦ୍ଧ ହେବେ, ସେତିକି ବେଳେ ତାଙ୍କର ତୃତୀୟ ସ୍ତନଟି ଆପେ ଆପେ ନିଶ୍ଚିହ୍ନ ହୋଇଯିବ । ସେ ହେବେ ଅଦ୍ୱିତୀୟା ।'

''ଆସନ୍ତୁ ପହଡ଼ ପଡ଼ିବା ପୂର୍ବରୁ ଦେବୀଙ୍କୁ ଦର୍ଶନ କରି ନେବେ ।'' – ଗାଇଡ୍‌ଙ୍କ ପ୍ରସ୍ତାବରେ ସହମତ ହୋଇ ଗର୍ଭଗୃହ ଆଡ଼କୁ ମୁହାଁଇଲେ ଦୁହେଁ ।

ସୂର୍ଯ୍ୟ ତେଜ ସେତେବେଳକୁ ରକ୍ତିମ ହୋଇ ନଥାଏ । ବାହାରେ ଶୁଭୁଥାଏ ଘଣ୍ଟା ଘଣ୍ଟିର ଶବ୍ଦ, ଭିତରେ ଭୟଙ୍କର ଭିଡ଼ । ପେଶୀ ପଡ଼ିଲେ ପେଷି ହୋଇଯିବ ସତେ । ଯୋଗକୁ

ପାଦ ଦୁଇଟା ଭୂଇଁଲଗା ହେବାର ହରାଇଥିବା ସୁଯୋଗକୁ ଫେରି ପାଇଲା । ମହେଶ ବାବୁ ଆଉ ଗୋଟିଏ ଖମ୍ଭ ପାଲଟି ଗଲେ କାନ୍ଥ ଆଉଜା ହୋଇ, କିନ୍ତୁ ପୂରାପୂରି ଦେବୀଙ୍କ ସାମନାସାମନି । ଅନୁଭବ କଲେ ମା ପାର୍ବତୀ ଓ ମହାଦେବଙ୍କ ସ୍ପନ୍ଦନ, କୈଳାଶର ଅଭିନବ ଦୃଶ୍ୟ ।

ମହେଶ ବାବୁଙ୍କ ଦର୍ଶନାନୁଭୂତି ଶୁଣି ଗାଇଡ୍ ମୁଗ୍ଧ – ''ବାସ୍ତବିକ ଆପଣଙ୍କ ସମ୍ବିତ୍‌ହିଁ ଆପଣଙ୍କ ସାରଥି । କଥାଟା ଠିକ୍ ସେଇଆ । ରାଜାଙ୍କ ଅନ୍ତେ ଦେବୀ ମୀନାକ୍ଷୀହିଁ ରାଜ୍ୟ ଶାସନର ଭାର ଗ୍ରହଣ କଲେ । ଅଦ୍ଭୁତ ତାଙ୍କର ଶାସନରୀତି । କେତେବେଳେ ସେ ପାଳୟିତ୍ରୀ ତ କେତେବେଳେ ପୁଣି ନିହନ୍ତ୍ରୀ; ମଳୟ ଓ ଝଞ୍ଜାର ମଧୁର ସଙ୍ଗମ । ସାମ୍ରାଜ୍ଞୀ ହେବା ପରେ ବି ଦିଗ୍‌ବିଜୟର ତୃଷା ମେଣ୍ଟିଲାନି । ସ୍ୱର୍ଗାଭିଯାନ ପାଇଁ ଦୁନ୍ଦୁଭି ନାଦ କଲେ ଦେବୀ ମୀନାକ୍ଷୀ । ଥରହର ଦେବଗଣ । ନିରୁପାୟ ହୋଇ ବିନତି ବାଢ଼ିଲେ କୈଳାଶପୁରରେ । ଦେବୀଙ୍କୁ ସାମ୍ନା କରିବା ପାଇଁ ସ୍ୱୟଂ ମହାଦେବ ଉଭା ହେଲେ । ମାତ୍ର ହଠାତ୍ ଯମୁନା ଉଜାଣି ବହିଲା । ଦେବୀ କାତ୍ୟାୟନୀ ରୂପ ତ୍ୟାଗ କରି ପାଲଟି ଗଲେ ତପସ୍ୱିନୀ, ପହିଲି ଦର୍ଶନରେ । ଆକାଂକ୍ଷା – ଯୋଗେଶଙ୍କୁ ଈଶ ରୂପେ ବରଣ କରିବେ । ତଲ୍ଲୀନ ହେଲେ ତପସ୍ୟାରେ ।''

ସନ୍ଧ୍ୟା ଆଳତିର ପ୍ରସ୍ତୁତି ପର୍ବ । ବେଢ଼ା ଭିତରର ଭିଡ଼ ବଢ଼ିବାକୁ ଲାଗୁଥାଏ । ଦୁହେଁ ଠିଆ ହୋଇଥା'ନ୍ତି ପୁଦୁମଣ୍ଡପ ଆଡ଼କୁ, ଶବ୍ଦ କୋଳାହଳକୁ ଅଣଆଡ଼ିଆ କରି । ମହେଶ ବାବୁଙ୍କର ସେଇ ସମାନ ପ୍ରଶ୍ନ – ''ତା'ପରେ ?''

– ''ମହାଦେବଙ୍କ ଆଜ୍ଞାକୁ ଅବଜ୍ଞା ନକରି କୈଳାସରୁ ମଦୁରାଇ ଫେରି ଆସିଲେ ସିନା, ମାତ୍ର ଦେବୀ ଥାଆନ୍ତି ନିଜ ବ୍ରତରେ ଅଟଳ । ପ୍ରଭୁ ନିରୁପାୟ । ଠିକ୍ ଆଠ ଦିନ ଅନ୍ତେ ମହାଦେବ ସୁନ୍ଦରେଶ୍ୱର ନାମ ଧାରଣ କରି ମର୍ତ୍ତରେ ଆବିର୍ଭୂତ ହେଲେ । ଦେବୀ ସେତେବେଳକୁ ଅନନ୍ୟ ସୁନ୍ଦରୀ । ମଦୁରାଇରେହିଁ ସମାପନ ହେଲା ବିବାହ କାର୍ଯ୍ୟ ବହୁ ଦେବଦେବୀଙ୍କ ଗହଣରେ । ସେହିଦିନଠାରୁ ଚୈତ୍ରମାସର 'ଥିରୁକଲ୍ୟାଣମ୍' ପର୍ବ ହେଲା ମଦୁରାଇର ସବୁଠାରୁ ବଡ଼ ମହୋତ୍ସବ ଏବଂ ମନ୍ଦିର ହେଲା ତାଙ୍କରି ଉଦ୍ଦେଶ୍ୟରେ ସମର୍ପିତ ।

''ଯେତେ ବର୍ଣ୍ଣିଲେ ବି ରାତି ପାହାନ୍ତା ହୋଇ ଯିବ ପଛେ ଦେବୀଙ୍କ ମାହାତ୍ମ୍ୟ ଅସରା ରହିଯିବ । ଇତିହାସର ପୃଷ୍ଠା – ଇଂରେଜ ସେତେବେଳକୁ ଦାକ୍ଷିଣାତ୍ୟ ଅକ୍ତିଆର କରି ସାରିଲେଣି । ପାଖାପାଖି ୧୮୧୨ ରୁ ୧୮୨୮ ମସିହାର କଥା । ପିଟର ସାହେବ ମଦୁରାଇର କଲେକ୍ଟର ଭାବରେ ନିଯୁକ୍ତି ପାଇଥା'ନ୍ତି । ବଡ଼ ଉଚ୍ଚମିଜାଜୀ । ଖ୍ରୀଷ୍ଟିଆନ ହେଲେ ବି ହିନ୍ଦୁ ଧର୍ମର ଦେବଦେବୀଙ୍କ ପ୍ରତି ତାଙ୍କ ଶ୍ରଦ୍ଧା ଓ ସମ୍ମାନ ଅଣତଉଲ । ଶାସନ କାର୍ଯ୍ୟ ସହିତ ମନ୍ଦିରର ପରିଚାଳନା ଭାର ମଧ୍ୟ ମୁଣ୍ଡେଇ ଥା'ନ୍ତି – ନିଜକୁ ସେବକ ଭାବି । ତାଙ୍କର ଭାବଭକ୍ତି ଦେଖି ଥୋକେ ତାଙ୍କୁ ପିଟର ପାଣ୍ଡିଆନ୍ ନାମରେ ଡାକନ୍ତି ।

''ସାହେବଙ୍କ ଆଚରଣ ଖୁବ୍ ରକ୍ଷଣଶୀଳ । ପ୍ରତିଦିନ ଅଫିସ ଯିବା ସମୟରେ ମନ୍ଦିର ସାମନାରେ ଘୋଡ଼ାରୁ ଓହ୍ଲାଇ ପଡ଼ନ୍ତି । ଏମିତିକି ମୁଣ୍ଡରୁ ଟୋପି ଓ ପାଦରୁ ଯୋତା ମଧ୍ୟ ଖୋଲି ଦିଅନ୍ତି, ଦେବୀଙ୍କ ସମ୍ମାନାର୍ଥେ । ଥରକର ଘଟଣା ଦୀର୍ଘ ଦୁଇଦିନ ଧରି ବର୍ଷା ଲାଗି ରହିଥାଏ ମଦୁରାଇରେ । ଗର୍ଜିଲା ମେଘ ସାଙ୍ଗକୁ ତୋଫାନୀ ତୁହାକୁ ତୁହା । ଭାଇଗାଇ ନଈର ଜଳପତନ ବଢ଼ିବାରେ ଲାଗିଲା । ରାତି ସେତେବେଳକୁ ଅଧାଅଧି । ସାହେବଙ୍କ ନିଘୋଡ଼ ନିଦରେ ବ୍ୟାଘାତ ସୃଷ୍ଟି କଲା କାହାର କୋମଳ କଣ୍ଠ ସ୍ୱର – 'ପିଟର, ଏଇ ଦିଗରେ ଚାଲି ଆସ ।' ସାହେବ ଉଠି ପଡ଼ି ଦେଖନ୍ତି ଘରର କବାଟ ଡେଇଁ ବାହାରି ଯାଉଛି ସୁନ୍ଦରୀ କନ୍ୟାଟିଏ । ଦେହରେ ସିଲ୍‌କ୍ ଶାଢ଼ୀ ଓ ଅଳଙ୍କାରର ଆଭୂଷଣ । ସାହେବ ଡେରି ନକରି ଘୋଡ଼ା ଧରି ଅନୁସରଣ କଲେ ସେହି କନ୍ୟାକୁ । ତଥାପି ପାରିଲେନି କି ପାଇଲେନି । କିଛି ସମୟ ପରେ ସେ କେଉଁ ଆଡ଼େ ଅଦୃଶ୍ୟ ହୋଇଗଲା । ସାହେବ ସେତେବେଳକୁ ଘରଠାରୁ ଅଳ୍ପ କିଛି ଦୂରରେ । ପଛକୁ ଫେରି ଦେଖନ୍ତି – ଭାଇଗାଇ ନଈର ବଢ଼ନ୍ତା ସୁଅ ତାଙ୍କ ବଙ୍ଗଳାକୁ ନିଶ୍ଚିହ୍ନ କରିଦେଲା । ପରଖି ନେଲେ ନିଜକୁ; ସେ ସ୍ୱପ୍ନ ଦେଖୁ ନାହାନ୍ତି ତ ! ଘୋଡ଼ାକୁ ଆଉଁସି ଦେଇ ଭାବିଲେ – ଏ ତ ଏକ ଅଲୌକିକତା । ଦୁଇଟା ଜୀବନ ଜଳ ସମାଧିରୁ ନିମିଷକେ ବର୍ତ୍ତିଗଲା । କାହାର ଏ ନିର୍ଦ୍ଦେଶ !''

ଗାଇଡ୍‌ଙ୍କ ବର୍ଣ୍ଣନାରେ ମହେଶବାବୁ ସ୍ତବ୍ଧ । ସ୍ୱତଃ ବାହାରି ଆସିଲା, ''ତା'ପରେ''... ?

– ''ପରଦିନ ଲୋକମୁଖର ହେଲା ଦେବୀଙ୍କ ମାହାତ୍ମ୍ୟ । ବତାସୀ ବାହୁଡ଼ି ଗଲା, ହେଲେ ସାକ୍ଷୀ ରହିଗଲା ସାହେବଙ୍କ ବଙ୍ଗଳାର ସୁଅଧୁଆ ସେଇ ଧ୍ୱଂସ ସ୍ତୂପ ।

''ମା'ଙ୍କ ଯୋଗୁଁ ଏତେ ବଡ଼ ଅଘଟଣରୁ ବର୍ତ୍ତି ଯାଇଥିବାରୁ ପିଟର କିଛି ଗୋଟାଏ ଉପହାର ଦେବା ପାଇଁ

ମନ୍ଦିର ପୂଜକଙ୍କୁ ଅନୁରୋଧ ଜଣାଇଲେ । ଗୃହୀତ ହେଲା ତାଙ୍କ ଅନୁରୋଧ । ହେଲେ କି ଉପହାର ଦେବେ ସେକଥା ସେ ସ୍ଥିର କରିପାରୁ ନଥା'ନ୍ତି । ମନ ଦୋ ଦୋ ପାଞ୍ଚ । ଦେବୀଙ୍କର କ'ଣ ନାହିଁ ଯେ ସେ ପୁଣି କ'ଣ ଦେବେ । ମନେ ପଡ଼ିଗଲା ସେଦିନ ରାତିର ସେ ଦୃଶ୍ୟ । ଶିହରି ଉଠିଲା ସାହେବଙ୍କ ଦେହ । ସେ ସ୍ପଷ୍ଟ ଦେଖୁଛନ୍ତି ଫୁଙ୍ଗୁଳା ଥିଲା ଦେବୀଙ୍କ ପାଦ ।

''ପର ବର୍ଷ 'ଥିରୁକଲ୍ୟାଣମ୍' ପର୍ବ ପୂର୍ବରୁ ଶେଷ ହେଲା ଉପହାର ଗଢ଼ଣ କାର୍ଯ୍ୟ । ଭେଟି ଦେଲେ ନେଇ ମନ୍ଦିରର ବଡ଼ ପୂଜାରୀଙ୍କୁ । ହୀରାନୀଳା ଖଚିତ ସୁବର୍ଣ୍ଣ ପାଦୁକା ହଳକ ଦେଖି ସମସ୍ତେ ଚକିତ ହୋଇ ଉଠିଲେ । 'ପିଟର ସାହେବ, ଆପଣ ଏଭଳି ସିଦ୍ଧାନ୍ତ ନେଲେ କାହିଁକି'– ପ୍ରଶ୍ନ କରିଥିଲେ ପୂଜାରୀ ମହାଶୟ ।

'' 'ଭାବିଲି, ମୋ ଭଳି ଅଧମର ଜୀବନ ରକ୍ଷା ପାଇଁ ମା ଯେମିତି ଖାଲି ପାଦରେ ଧାଇଁ ଆସିଥିଲେ, ଆଉ କାହା ପାଖକୁ ଯିବା ପାଇଁ ସେମିତି କଷ୍ଟ ତାଙ୍କୁ ଯେମିତି ନପଡ଼େ ।' – କହିଥିଲେ ପିଟର ପଣ୍ଡିତ ମଣ୍ଡଳୀଙ୍କୁ । 'ଧନ୍ୟ ତୁମେ, ଧନ୍ୟ ତୁମର ଭକ୍ତିଭାବ ! ଆଜିଠାରୁ ନଗର ପରିକ୍ରମା ସମୟରେ ଏଇ ପାଦୁକା ହଳକ ମା'ଙ୍କ ଚରଣ ତଳେ ଶୋଭା ପାଇବ, ଏହାର ନାମ ହେଲା 'ପିଟର ପାଦୁକା' । – ବଡ଼ ପୂଜାରୀ ଖୁସୀରେ ଘୋଷଣା କରିଥିଲେ ।''

ମହେଶ ବାବୁଙ୍କର ପୁଣି ସେଇ ସମାନ ପ୍ରଶ୍ନ – ''ତା'ପରେ ?''

– ''ଅବସର ନେବା ପରେ ମଧ୍ୟ ପିଟର ସାହେବ ତାଙ୍କ ଦେଶକୁ ଫେରିଯାଇ ନଥିଲେ । ତାଙ୍କରି ଅନ୍ତିମ ଇଚ୍ଛାକୁ ରକ୍ଷା କରାଯାଇ ଦେହାନ୍ତ ପରେ ତାଙ୍କୁ ମଦୁରାଇରେ ମନ୍ଦିର-ମୁହାଁ କରି କବର ଦିଆ ଯାଇଥିଲା ।'' – ଶେଷ ପୂର୍ଣ୍ଣଚ୍ଛେଦ ଟାଣି ଦେଇ ଗାଇଡ୍ ସଜ ହେଲେ ଯିବା ପାଇଁ ।

ମହେଶ ବାବୁଙ୍କ ଆଖି ଛଳ ଛଳ । ଗାଇଡ୍‌ଙ୍କୁ ପାଉଣା ବଢ଼ାଇ ଦେଇ ଭିଡ଼ ଭିତରେ ହଜି ଗଲେ ପୁଣି ଥରେ ମିନାକ୍ଷୀ ଦେବୀଙ୍କୁ ଦର୍ଶନ କରିବା ପାଇଁ । ❑

# ତୁମେ ଯେ ଆସିଲ

## ଶରତ କୁମାରୀ ସ୍ୱାଇଁ

ଗୋପନେ ସପନେ ତୁମେ ଯେ ଆସିଲ
ମୋ' ହୃଦୟ ଅଗଣାରେ
ଜଣା ତ ନଥିଲା ଆସିବ ବୋଲି ଗୋ
ଅନେକ ଯାତନା ପରେ ।୦।

ଗହନ ନିଦର ବହଳ ପ୍ରଲେପ
ନୟନ ପତାରେ ଭରି
କାମନା-ବାସନା ମିଛ କଳପନା –
ସାଥେ ହେଉ ଥିଲି ଘାରି ।
ଦେଲ ଦୃଷ୍ଟିଶକ୍ତି ଜ୍ଞାନଭରା ଜ୍ୟୋତିଃ
ଅବରୁଦ୍ଧ ନୟନରେ । ।୧।

ଖୋଲିଗଲା ଯେବେ ମନ ବାତାୟନ
ସଂଶୟେ ଜଡ଼ିତ ଆଶା
ରୂପାନ୍ତରକାରୀ ପରମ ରୋମାଞ୍ଚେ
ନିରେଖି ପବିତ୍ର ଦିଶା
ପ୍ରୀତିର ଗୁଞ୍ଜନେ ହେଲା ଆମୋଦିତ
ଅନ୍ଧକାର ଗଲା ଦୂରେ । ।୨।

ଦିବ୍ୟକଣ୍ଠୁ ସ୍ଫୁରି ସୁଲଳିତ ବାଣୀ
ମଧୁମୟ ପରିବେଶେ –
ଉପେକ୍ଷା, ଅପେକ୍ଷା କଲ ଏକାକାର
ତୋଳି ନେଲ ବାହୁପାଶେ ।
ଥାପି ସୂର୍ଯ୍ୟଦୀପ୍ତ ପଦଚିହ୍ନ ତବ !
ବିଭୋର ମୋ ହୃଦୟରେ । ।୩।

❑❑❑

# ପୁରସ୍କାର

## ପ୍ରସାଦ ତ୍ରିପାଠୀ

ପୁରସ୍କାର ଏକ ସ୍ୱର୍ଗୀୟ ଶବ୍ଦ । ଏହା କେତେଜଣଙ୍କୁ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର କରିଦିଏ । କୌଣସି କାର୍ଯ୍ୟରେ କିଂବା କୌଣସି କ୍ଷେତ୍ରରେ ଜଣେ ଯଦି ସ୍ୱତନ୍ତ୍ର କିଛି ସାମର୍ଥ୍ୟ ପ୍ରକାଶ କରେ ତାକୁ ପୁରସ୍କୃତ କରାଯାଏ । ଏଥିରେ ସେ ତ କିଛି ଗର୍ବିତ ହୁଏ ନିଶ୍ଚୟ, ମାତ୍ର ସେଥିପାଇଁ ଠିକ୍ ସେହିପରି ପରିଶ୍ରମ କରିଥିବା ବେଶ୍ କିଛି ବ୍ୟକ୍ତି ମନସ୍ତାପ ମଧ କରିଥା'ନ୍ତି । ଏପରିକି ପୁରସ୍କୃତ ବ୍ୟକ୍ତିଟି ମଧ ବେଶ୍ ସମାଲୋଚିତ ହୋଇଥାଏ । ଯେଉଁମାନେ ପୁରସ୍କାର ପାଇ ନଥା'ନ୍ତି ସେମାନେ କୁହନ୍ତି, ''ତା'ର ପରିଚିତ କିଂବା ଜଣାଶୁଣା ବ୍ୟକ୍ତିମାନଙ୍କ ସିଦ୍ଧାନ୍ତକୁ ନେଇ ତାକୁ ପୁରସ୍କୃତ କରାଯାଇଛି, ନଚେତ୍ ଆମ ଭିତରେ ନିଶ୍ଚୟ ତା'ଠାରୁ ଅଧିକ ଭଲ କରିଥିବା ଅନେକ ବ୍ୟକ୍ତି ଅଛନ୍ତି, ମାତ୍ର ସେମାନଙ୍କୁ ପୁରସ୍କାର ଦିଆଯାଇ ନାହିଁ ।'' ଏହିପରି ଭାବରେ ଆମେ ଯେତେ ଚେଷ୍ଟା କଲେ ମଧ ସଂସାରରେ ଏପର୍ଯ୍ୟନ୍ତ କୌଣସି ପ୍ରକାରର ବ୍ୟବସ୍ଥା ସୃଷ୍ଟି ହୋଇ ନାହିଁ ଯାହା ଜରିଆରେ ତୁମେ ଜଣକୁ ସବୁଠାରୁ ଯୋଗ୍ୟ ବୋଲି ସିଦ୍ଧାନ୍ତ ନେଇ ପାରିବ । ତେଣୁ ପୁରସ୍କାର ଯେ ସମ୍ପୂର୍ଣ୍ଣ ନ୍ୟାୟ ସଙ୍ଗତ ଭାବରେ ଦିଆଯାଇଥାଏ ତାହା ଆଦୌ ଠିକ୍ ନୁହେଁ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଆମେ ପୁରସ୍କାର ଦେଉ କାହିଁକି ? ଧରାଯାଉ, ଶ୍ରେଣୀରେ ଜଣେ ସବୁଠାରୁ ଭଲ ଫଳାଫଳ କରିବା କାରଣରୁ ଆମେ ତାକୁ ପୁରସ୍କାର ଦେଲୁ । ଯଦି ଆମେ ପୁରସ୍କାର ନଦେଉ ତେବେ ମଧ ସେ ଶ୍ରେଣୀରେ ସବୁଠାରୁ ଭଲ କରିବ । ଯେଉଁମାନେ କୌଣସି ନା କୌଣସି କାର୍ଯ୍ୟରେ ଖୁବ୍ ଦକ୍ଷ, ସେମାନେ କେବେହେଲେ ପୁରସ୍କାର ଲାଳସାରେ ତାହା କରୁ ନଥା'ନ୍ତି । ତେଣୁ ଦେଖାଯାଏ ଶ୍ରେଣୀରେ ଯେଉଁ କେତେଜଣ ପୁରସ୍କାର ପାଉଥା'ନ୍ତି, ସେମାନେହିଁ ପାଇ ଚାଲିଥା'ନ୍ତି । ତେଣୁ ସେମାନଙ୍କୁ କେବେହେଲେ ପୁରସ୍କାର କୌଣସି ପ୍ରକାରେ ସାହାଯ୍ୟ କରି ନଥାଏ । ପୁଣି କିଛି ଦିନ ପୁରସ୍କାର ପାଇଲା ପରେ ସେମାନେ ପୁରସ୍କାରର ଦାମ୍ ଇତ୍ୟାଦି ବିଚାର କରନ୍ତି ଏବଂ ସେଇ ବସ୍ତୁମାନଙ୍କୁ ହେୟଜ୍ଞାନ କରନ୍ତି ।

ଚିନ୍ତା କରାଯାଉ, ଯେଉଁମାନେ ଶ୍ରେଣୀରେ ଭଲ କରନ୍ତି, ସେମାନେ ସେମାନଙ୍କର ଦାୟିତ୍ୱକୁହିଁ ଭଲ ଭାବରେ ପାଳନ କରିଥା'ନ୍ତି; କିଛି ଗୋଟାଏ ଦାୟିତ୍ୱ ବାହାରର କାର୍ଯ୍ୟ କରି ନଥା'ନ୍ତି, କୌଣସି କୋଣାର୍କ ମନ୍ଦିର ଗଢ଼ି ନଥା'ନ୍ତି କି ପ୍ରଥମ ଥର ପାଇଁ କୌଣସି ବିସ୍ମୟଜନକ କାର୍ଯ୍ୟ କରି ନଥା'ନ୍ତି । ଯଦି ଜଣେ କେବଳ ନିଜର ଦାୟିତ୍ୱଟିହିଁ ଭଲ ଭାବରେ ପାଳନ କରିଥାଏ ତେବେ ତାକୁ ପୁରସ୍କାର ଦିଆଯିବାର ଆବଶ୍ୟକତା କ'ଣ ? କାରଣ ସେ ତ' ତା'ର ଦାୟିତ୍ୱହିଁ ପାଳନ କରିଛି । ତେଣୁ ତା'ର ପ୍ରାପ୍ୟ ହେଉଛି ତାକୁ କିଛି ଉତ୍ସାହିତ କରିବା ଏବଂ ପ୍ରଶଂସା କରିବା । ନଚେତ୍ ପୁରସ୍କାର ପାଉ ପାଉ ଧୀରେ ଧୀରେ ତା'ର ପୁରସ୍କାର ପ୍ରତି ଅଜାଣତରେ ଗୋଟିଏ ଦାବି ରହିଯାଏ ଏବଂ ପରବର୍ତ୍ତୀ ଅବସ୍ଥାରେ ସେ କୌଣସି ଦାୟିତ୍ୱସମ୍ପନ୍ନ ସ୍ଥାନରେ ଯଦି କାର୍ଯ୍ୟ କରେ ତା'ର ନିଜର ଦାୟିତ୍ୱ ପାଳନ କରିବା ପାଇଁ ମଧ ସେ ଦାବିକୁ ଦୋହରାଏ ଏବଂ ଆମେ ତାକୁ ଲାଞ୍ଚ ବୋଲି କହୁ । ପ୍ରକୃତରେ ଆମେ ତାକୁ ପଢ଼ିଲା ବେଳେ ପୁରସ୍କାର ଦେଇ ଦେଇ ତା' ଭିତରେ ପ୍ରକାରାନ୍ତରେ ଲାଞ୍ଚ ନେବା ଶିଖାଇ ଥାଉ ।

ପୁଣି ଆଉ ଏକ ମାରାତ୍ମକ ଘଟଣା ମଧ ଘଟିପାରେ । ଯେଉଁମାନେ ପୁରସ୍କାର ପାଆନ୍ତି ଏବଂ ଯେଉଁମାନେ ପାଉ ନଥା'ନ୍ତି, ସେମାନଙ୍କ ମଧରେ ଏକ ଅଦୃଶ୍ୟ ଶତ୍ରୁତା ମଧ ସୃଷ୍ଟି ହୁଏ । କାରଣ ଏଇ ଦୁଇ ଗୋଷ୍ଠୀ ପ୍ରାୟତଃ ସ୍ଥିର । ଅର୍ଥାତ୍, ଯିଏ ପୁରସ୍କାର ପାଏ, ସିଏ ବରାବର ପାଇ ପାଇ ଚାଲିଥାଏ, ଆଉ ଯିଏ ପାଉ ନଥାଏ ସେ କେବେହେଲେ ପାଇ ନଥାଏ । ସମାଜରେ ପୁରସ୍କାର ପାଉ ନଥିବା ପିଲାଙ୍କ ସଂଖ୍ୟା ଅନେକ ଅଧିକ । ଆମେ ପୁରସ୍କାର ଦେବା ବେଳେ ସେମାନଙ୍କ କଥା ଆଦୌ ଚିନ୍ତା କରି ନଥାଉ ଏବଂ ପ୍ରକାରାନ୍ତରେ ଦୁଇଟି ଗୋଷ୍ଠୀ ସୃଷ୍ଟି କରିଥାଉ । ପ୍ରାୟତଃ ବଡ଼ ଗୋଷ୍ଠୀଟି ସବୁବେଳେ ଗଣ୍ଡଗୋଳ ସୃଷ୍ଟି କରିଥା'ନ୍ତି, କାରଣ ସେମାନେ ବରାବର ଅବହେଳିତ ହୋଇଥା'ନ୍ତି । ତେଣୁ ପୁରସ୍କାର ବ୍ୟବସ୍ଥା ନ ରହିଲେ ଏ ସମସ୍ୟା ଅନେକ କଟି ଯାଆନ୍ତା ।

ଯଦି ସାନପିଲାମାନଙ୍କ କଥା ଭାବିବା ତେବେ ସେମାନଙ୍କ ମଧରୁ ଯେଉଁମାନେ ପୁରସ୍କାର ପାଇ ନଥା'ନ୍ତି, ସେମାନେ ଆମକୁ କାହିଁକି ମିଳିଲା ନାହିଁ ବୋଲି ଅଝଟ କରି

କନ୍ଦାକନ୍ଦି କରନ୍ତି । ଏହା ସେମାନଙ୍କ ପ୍ରତି ଏକ ଜଘନ୍ୟ ଅନ୍ୟାୟ । କାରଣ ସେମାନେ ଭଲ ଫଳାଫଳ ବା ଖରାପ ଫଳାଫଳ ବିଷୟରେ କିଛି ବି ଜାଣି ନଥା'ନ୍ତି । ତେଣୁ ସେମାନଙ୍କ ପ୍ରତି ଘୋର ଅନ୍ୟାୟ କରାଯାଏ ।

କୁହାଯାଏ ଉତ୍ସାହିତ କରିବା ପାଇଁ ପୁରସ୍କାର ଦିଆଯାଏ । ଯଦି କେହି ପୁରସ୍କାର ପାଇବା ଆଶାରେ କିଛି କରୁଥାଏ ତେବେ ପୁରସ୍କାର ନପାଇଲେ ତା'ର ଘୋର ମନସ୍ତାପ ହୁଏ ।

ଏହି ଭଳି ଭାବରେ ଦେଖିଲେ ପୁରସ୍କାର ପ୍ରଦାନ ଏକ ଅତ୍ୟନ୍ତ ଅନାବଶ୍ୟକ ଏବଂ ଦୋଷାବହ କାର୍ଯ୍ୟ । ବହୁତ ସମୟରେ ଆଦୌ ଉପଯୁକ୍ତ ହୋଇ ନଥିଲେ ମଧ୍ୟ କାହାଠାରୁ କୌଣସି ନା କୌଣସି ସୁବିଧା ପାଇବା ଆଶାରେ ତାଙ୍କୁ ପୁରସ୍କୃତ କରାଯାଏ । ପୁଣି କେତେବେଳେ ଲୋକ ଖୋଜାଯାଏ — କ, ଖ, ଗ, ଘ ପାଇ ସାରିଲେଣି, ଏ ବର୍ଷ ପୁଣି କାହାକୁ ଦେବା ? ତେଣୁ ନିଜ ରାଜ୍ୟରୁ ନମିଳିଲେ ମଧ୍ୟ ଅନ୍ୟ ରାଜ୍ୟରୁ ବ୍ୟକ୍ତିଙ୍କୁ ଆଣି ପୁରସ୍କୃତ କରାଯାଏ ।

ଏବେ ପୁଣି ପୁରସ୍କାର ପ୍ରଦାନକୁ ନେଇ କେହି କେହି କୋର୍ଟ କଚିରି ଗଲେଣି । ଏଇଟା ମତେ ଦେବା ଦରକାର, ତାଙ୍କୁ କାହିଁକି ଦିଆଗଲା । ପୁଣି କେହି କେହି ଆଜି ପର୍ଯ୍ୟନ୍ତ ମୋତେ କାହିଁକି ପୁରସ୍କାର ଦିଆଯାଇ ନଥିଲା ବୋଲି ଅପମାନିତ ଅନୁଭବ କରି ପୁରସ୍କାର ଗ୍ରହଣ କରୁ ନାହାନ୍ତି । ଏହିଭଳି ଅନେକ ପ୍ରକାରର ହାସ୍ୟାସ୍ପଦ ତଥା ଦୋଷାବହ କଥାମାନ ଘଟୁ ଅଛି ।

ତେବେ ଏହାର ସମାଧାନ କ'ଣ ? ଅନ୍ତତଃ ଆମ ଅନୁଷ୍ଠାନମାନଙ୍କରେ ଏଭଳି କୌଣସି ଦୋଷାବହ କାର୍ଯ୍ୟକ୍ରମ ନହେବା ଉଚିତ । କାରଣ ପୁରସ୍କାର ସେହି ପୁରାତନ ଦୋଷାବହ କାର୍ଯ୍ୟକ୍ରମମାନଙ୍କ ମଧ୍ୟରୁ ଗୋଟିଏ । ଯଦି ଆମେ ପୁରସ୍କାର ଶବ୍ଦ ପ୍ରୟୋଗ କରୁଚୁ, ନିଶ୍ଚୟ ଜାଣିବୁ ଯେ ଆମେ ବେଶ୍ କେତେକଙ୍କ ପ୍ରତି ଅନ୍ୟାୟ କରୁଚୁ । ତେଣୁ ସେ କାର୍ଯ୍ୟଟି ନକରି ସମସ୍ତଙ୍କର ଏକ ଉଚ୍ଚତର ସତ୍ତା ପ୍ରତି ଉନ୍ମୁଖତାକୁ ବୃଦ୍ଧି କରିବା ପାଇଁ ଉଦ୍ୟମ କଲେ ତାହା ନିଶ୍ଚୟ ଅନେକ ଅଧିକ ଫଳପ୍ରଦ ହେବ ।

ଆମେ ମନେ ରଖିବା ଉଚିତ ଯେ ଏକ ଆଧ୍ୟାତ୍ମିକ ଜୀବନ ପାଇଁ ପୁରସ୍କାରର କୌଣସି ଆବଶ୍ୟକତା ନାହିଁ, ଏପରିକି ଏକ ନୈତିକ ଜୀବନ ପାଇଁ ମଧ୍ୟ ନୁହେଁ । ଏକଦମ୍ ସାଧାରଣରୁ ସାଧାରଣ ଜୀବନ ପାଇଁ ହୁଏତ ତା'ର ସେହିଭଳି ଆବଶ୍ୟକତା ଥାଇପାରେ ।

ମୁଁ ଥରେ ଅଧ୍ୟାପକ ମନୋଜ ଦାସଙ୍କୁ କହିଲି — ସାର୍, ଆମେ ସବୁ ଅପେକ୍ଷା କରିଚୁ ଆପଣ କେବେ ନୋବେଲ ପୁରସ୍କାର ପାଇବେ । ସେ ତୁରନ୍ତ କହିଲେ, ତୁମର ଏହି ବିଶ୍ୱାସହିଁ ନୋବେଲ ପୁରସ୍କାରଠାରୁ ଅଧିକ ମୂଲ୍ୟବାନ୍ ।

ଯଦି ଆମେ ମଲ୍ଲୀ, ତେବେ ନିଶ୍ଚୟ ବାସିବୁ; ପୁରସ୍କାର ଦେଇ କେହି ବି ଆମର ସୁବାସ ବୃଦ୍ଧି କରି ପାରିବେ ନାହିଁ ।

❑❑❑

*ପ୍ରଶ୍ନ : ''ଯାହାକୁ ଭଗବାନ୍ ନେତୃତ୍ୱ ଦେଉଥାଆନ୍ତି ତାହାର ବିଫଳତା ଏକ ବିଫଳତା ନୁହେଁ ।'' କାରଣ ଏହା ହେଉଛି ଲୀଳାର ଅଂଶ ବିଶେଷ ।*

**ଶ୍ରୀମା** : ମଣିଷର ମନହିଁ ସଫଳତା ଓ ବିଫଳତାର ଧାରଣା କରିଥାଏ । ମଣିଷର ମନହିଁ ଏଇଟା ଚାହେଁ ବା ସେଇଟା ଚାହେଁ ନାହିଁର ବିଚାର କରିଥାଏ । କିନ୍ତୁ ଭଗବାନଙ୍କ ଯୋଜନାରେ ପ୍ରତ୍ୟେକଟି ଜିନିଷର ସ୍ଥାନ ଓ ଗୁରୁତ୍ୱ ରହିଛି । ତେଣୁ କେବଳ ସଫଳତାହିଁ ସବୁକିଛି ନୁହେଁ । ଯାହା ଆବଶ୍ୟକ ତାହା ହେଉଛି ନମ୍ରତା ଓ ବିନୟ ଏବଂ ଯଦି ସମ୍ଭବ ହୁଏ ତେବେ ଭଗବତ୍ ସଂକଳ୍ପର ଏକ ସଚେତନ ଯନ୍ତ୍ର ହେବା ।

ଭଗବାନ୍ ଯାହା ଚାହୁଁଛନ୍ତି ତାହା ହୋଇ ଉଠିବା ଓ ତାହା କାର୍ଯ୍ୟକାରୀ କରିବା ହେଉଛି ଏକମାତ୍ର ଓ ଯଥାର୍ଥ ଗୁରୁତ୍ୱପୂର୍ଣ୍ଣ ବିଷୟ ।

(୩ ଡିସେମ୍ବର, ୧୯୬୮)

**କାହାଣୀ :**

# ଅଦ୍ଭୁତ ଅଜ୍ଞାତ ଯୁବକ

## ମନୋଜ ଦାସ

ବିଖ୍ୟାତ ଖଲିଫା ହାରୁନ-ଅଲ୍-ରସିଦ୍ ମଝେ ମଝେ ତାଙ୍କ ପ୍ରାସାଦର ଅଦୂରବର୍ତ୍ତୀ ନିଜର ଏକ ଉଦ୍ୟାନକୁ ବୁଲି ଯାଉଥା'ନ୍ତି । ସେ ଅବସରରେ ବହୁ ଲୋକ ପଥପ୍ରାନ୍ତରେ ଠିଆ ହୋଇ ତାଙ୍କୁ ଅଭିବାଦନ ଜଣାଉଥା'ନ୍ତି । ସେମାନଙ୍କ ଅନ୍ତର୍ଭୁକ୍ତ ଥିଲେ ତାଙ୍କ କୃପାପ୍ରାର୍ଥୀ ନାଗରିକବୃନ୍ଦ ତଥା କୌତୂହଳୀ ଜନତା । ଖଲିଫାଙ୍କ ବେଶଭୂଷାର ଚାକଚକ୍ୟ କାହାର ବା ଦୃଷ୍ଟି ଆକର୍ଷଣ ନ କରିବ !

ଦିନେ ଖଲିଫା ଉଦ୍ୟାନ ଅଭିମୁଖେ ପ୍ରାସାଦରୁ ବାହାରିବା ମାତ୍ରେ ତାଙ୍କ ଦର୍ଶନାର୍ଥୀ ଭିଡ଼ ଭିତରୁ ଜଣେ ଲୋକ ତାଙ୍କ ଉଜିରଙ୍କ ପାଖକୁ ଲାଗି ଆସି କହିଲା, ''ଆଜ୍ଞା, ମୁଁ ଧର୍ମାବତାର ଖଲିଫାଙ୍କ ସହ ଟିକିଏ କଥାବାର୍ତ୍ତା କରିପାରିବି ?''

''ପାଗଳ ?'' ତାଚ୍ଛଲ୍ୟଭରେ ଉତ୍ତର ଦେଲେ ଉଜିର ।

''ବେଶ୍ ! ତେବେ ଦୟାକରି ତାଙ୍କୁ ଏ ଗୋଟିକ ଦେଇଦେବେ !'' ଏହା କହି ସେ ଅଜ୍ଞାତ ଲୋକଟି ଉଜିରଙ୍କୁ ଗୋଟିଏ ଛୋଟ ମୁଣି ଧରାଇଦେଲା । ଉଜିର ତତ୍‌କ୍ଷଣାତ୍ ମୁଣିଟି ଖୋଲି ଦେଖିଲେ, ତହିଁ ଭିତରେ ରହିଛି ଖଣ୍ଡିଏ ଦୁର୍ମୂଲ୍ୟ ପଦ୍ମରାଗମଣି !

କାଳ ବିଳମ୍ବ ନକରି ଉଜିର ତାହା ଖଲିଫାଙ୍କୁ ଦେବାମାତ୍ରେ ଖଲିଫା ମୁହୂର୍ତ୍ତକପାଇଁ ସ୍ତବ୍ଧ ହୋଇ ରହିଲେ । ତା'ପରେ ଗମ୍ଭୀର ଭାବରେ ଲୋକଟିକୁ ତାଙ୍କ ପାଖକୁ ଆଣିବା ନିମନ୍ତେ ଉଜିରଙ୍କୁ ନିର୍ଦ୍ଦେଶ ଦେଇ ଉଦ୍ୟାନ ଦର୍ଶନ ସ୍ଥଗିତ ରଖି ପ୍ରାସାଦକୁ ଫେରିଲେ ।

ଉଜିର ସେ ଅଜ୍ଞାତ ଲୋକକୁ ଖୋଜି ବାହାର କଲେ । ସେ ଆସିଥିଲେ ଦୂର ଦେଶରୁ । ତାଙ୍କୁ ନେଇ ସେ ଖଲିଫାଙ୍କ ପାଖରେ ପହଞ୍ଚାଇଲେ ।

ଖଲିଫା ପ୍ରଶ୍ନ କଲେ, ''ଏ ପଦ୍ମରାଗମଣି ତୁମେ କେଉଁଠାରୁ ପାଇଲ ? ମୋତେ ଦେବାର ବା ଉଦ୍ଦେଶ୍ୟ କ'ଣ ?''

ଦୂରାଗତ ଭଦ୍ରଲୋକ ବଖାଣିଲେ ସେ ମଣି ପାଇବାର ବୃତ୍ତାନ୍ତ :

ଦିନେ ସେ ତାଙ୍କ ଘରେ ଗୋଟାଏ ବିଶେଷ ଶ୍ରମସାଧ କାମ କରିବା ନିମନ୍ତେ ମୂଲିଆ ଖୋଜିବାକୁ ବାହାରି ଜଣେ ସୁଠାମ ସକ୍ଷମ ଯୁବକକୁ ଦେଖିଲେ ଓ ପଚାରି ବୁଝିଲେ ଯେ ସେ କାମ କରିବାକୁ ପ୍ରସ୍ତୁତ । ଭଦ୍ରଲୋକ ଦିନକର ମଜୁରି ଯାହା ଦେବେ, ତାହା କହିଲେ ଏବଂ ଯୁବକ ସେଥିରେ ଆପତ୍ତି କଲେ ନାହିଁ ।

ଯୁବକ ଜଣକ କାମ କଲେ ଏକାଗ୍ର ଏବଂ ଏକନିଷ୍ଠ ଭାବରେ । ଯେଉଁ କାମ ଶେଷ କରିବାକୁ ତାଙ୍କୁ ଦିନଟିଏ ଲାଗିବ ବୋଲି ଭଦ୍ରଲୋକ ଭାବୁଥିଲେ ବାସ୍ତବରେ ଯୁବକ ସେ କାମଟି ଅଧା ଦିନରେ ଶେଷ କରିଦେଲେ । ତାଙ୍କ ଆଚରଣରେ ଏଭଳି କୌଣସି ବିଶେଷତ୍ୱ ଥିଲା, ଯାହା ଭଦ୍ରଲୋକଙ୍କୁ ବିଶେଷ ଆକୃଷ୍ଟ କରୁଥାଏ ।

''ତୁମେ ଏଥର ମଜୁରି ନେଇ ଯାଇପାର !'' ସେ କହିଲେ ।

''ନା, ମୁଁ ପୂରା ଦିନଟିଏ ପାଇଁ କାମ କରିବା କଥା । ମୋତେ ଅନ୍ୟ କିଛି କାମ ଦିଅନ୍ତୁ ।'' ଯୁବକ ନମ୍ର ଭାବରେ କହିଲେ ।

ଭଦ୍ରଲୋକ ତାଙ୍କୁ ସନ୍ଧ୍ୟା ପର୍ଯ୍ୟନ୍ତ ଖଟାଇ ତାଙ୍କ ପ୍ରାପ୍ୟ ଠାରୁ କିଛି ଅଧିକ ଦେଲେ । କିନ୍ତୁ ଯେତିକି ମୂଲରେ ଯୁବକ କାମ କରିବାକୁ ରାଜି ହୋଇଥିଲେ ତାହାଠୁଁ ଅଧିକ ଗ୍ରହଣ କଲେ ନାହିଁ ।

ରାତିରେ ଜଣେ ପରିଚାରକଠାରୁ ଭଦ୍ରଲୋକ ଶୁଣିଲେ, ଯୁବକ ତାଙ୍କ ଉପାର୍ଜନର ଏକ-ତୃତୀୟାଂଶ ଯୋଗେ ଗୋଟାଏ ଭୋଜନାଳୟରୁ କିଛି ଖାଦ୍ୟ କିଣି ନେଇ ବାକିତକ ଭୋଜନାଳୟ ଆଗରେ ଥିବା କ୍ଷୁଧାର୍ତ୍ତମାନଙ୍କୁ ଦେଇଦେଲେ ।

ପରଦିନ ଭଦ୍ରଲୋକ ଗୋଟିଏ ସାର୍ବଜନୀନ ଉଦ୍ୟାନ ଭିତରେ ପଦାଚାରଣା କରିବାକୁ ଯାଇ ଦେଖିଲେ ଯୁବକ ଗୋଟିଏ ଗଛ ତଳେ ଶୋଇଛନ୍ତି । ଆଖପାଖରେ କେହି ନାହିଁ । ଭଦ୍ରଲୋକ ତାଙ୍କୁ କିଛି ସମୟ ପର୍ଯ୍ୟନ୍ତ ନିରୀକ୍ଷଣ କଲେ । ତାଙ୍କର ମନେ ହେଲା ସେମିତି ଜଣେ ମହତ୍, ଅସାଧାରଣ ମଣିଷ ସେ ଜୀବନରେ କଦାଚ ଦେଖି ନାହାନ୍ତି । ସେ ତାଙ୍କ

ପାଖକୁ ଯାଇ ବସି ପଡ଼ିଲେ ଏବଂ କହିଲେ, ''ମୋର କାହିଁକି ଉଦ୍‌ବେଳ ଆକାଂକ୍ଷା, ମୁଁ ତୁମର କୌଣସି କାମରେ ଲାଗନ୍ତି !''

''ସତେ ?'' ଯୁବକ ଜଣକ କହିଲେ, ''ଭଲ କଥା । କିନ୍ତୁ ମୁଁ ଯାହା କହିବି ତାହା ଗୋପନ ରଖିପାରିବ ?''

''ନିଶ୍ଚୟ ! ଜବାବ ଦେଲେ ଭଦ୍ରଲୋକ ।

''ତେବେ ଆଗାମୀ କାଲି ସକାଳେ ଏଠାକୁ ଆସି ଦେଖିବ — ମୁଁ ପରପାରିକୁ ପ୍ରସ୍ଥାନ କରିଥିବି । ମୋର ସତ୍କାର କରିବ । ମୋ କାମିଜ ମୁଣିରେ ପାଇବ ଗୋଟାଏ ଚିଜ । ସେ ଗୋଟିକ ବାଗଦାଦ ଯାଇ ଖଲିଫାଙ୍କୁ ଦେଇଦେବ । ଏହା ମୋର ଅନୁରୋଧ ।''

ଯୁବକଙ୍କର ଏ ଅପ୍ରତ୍ୟାଶିତ ଅନୁରୋଧରେ ମର୍ମାହତ ହେଲେ ଭଦ୍ରଲୋକ । କିନ୍ତୁ ତାଙ୍କର ମନେ ହେଲା ଯୁବକଙ୍କୁ କିଛି କହିବାର ଯୋଗ୍ୟତା ତାଙ୍କର ନାହିଁ । ସେ କିଛି ସମୟ ବସି ରହି ସ୍ଥାନ ତ୍ୟାଗ କଲେ । ଯୁବକ ତାଙ୍କ ଆଡ଼େ ଥରେ ଅନାଇ ଦେଇ ଅଳ୍ପ ହସିଲେ । ସେ ହସ ଭଦ୍ରଲୋକଙ୍କ ଭିତରେ ଏକ ଅଦ୍ଭୁତ ଶିହରଣ ସଞ୍ଚାର କଲା ।

ଭଦ୍ରଲୋକ ରାତିଯାକ ଶୋଇପାରିଲେ ନାହିଁ । ପ୍ରଭାତରେ ନିଜର କେତେଜଣ ବିଶ୍ୱସ୍ତ ମିତ୍ରଙ୍କୁ ନେଇ ଉଦ୍ୟାନ ଭିତରକୁ ଗଲେ । ଯୁବକଙ୍କ ପ୍ରାଣଶୂନ୍ୟ ଦେହ ନେଇ ଯଥାବିଧି ସତ୍କାର କଲେ । ଏକ ସପ୍ତାହ ପରେ ସେ ବାଗଦାଦ ଅଭିମୁଖେ ଯାତ୍ରାରମ୍ଭ କଲେ — ଯୁବକଙ୍କଠୁଁ ମିଳିଥିବା ରତ୍ନଟି ଧରି ।

ଭଦ୍ରଲୋକ ତାଙ୍କ କଥା ଗପିଲାବେଳେ ଖଲିଫା ଅଶ୍ରୁପାତ କରୁଥା'ନ୍ତି । କେତେବେଳେ ତାଙ୍କ ରାଣୀ ଆସି ତାଙ୍କ ପଛରେ ଠିଆ ହୋଇଥିଲେ । ସବୁ ଶୁଣିସାରିବା ପରେ ସେ ଚେତା ହରାଇ ପଡ଼ିଗଲେ ।

ବିସ୍ମିତ ଆଗନ୍ତୁକଙ୍କୁ ଖଲିଫା ଜଣାଇଲେ : ''ମହାଶୟ ! ସେ ଯୁବକଟି ଆଉ କେହି ନୁହେଁ, ଏହି ହତଭାଗ୍ୟ ପିତାର ପୁତ୍ର । ଆବାଲ୍ୟ ସେ କୌଣସି ଜାକଜମକ, ମଉଜ-ମଜଲିସରେ ଆଗ୍ରହୀ ନଥାଏ । ଦୀର୍ଘ ସମୟ ଉଦ୍ୟାନରେ ବସି ରହୁଥାଏ । କେହି ବିପଦ ଆପଦରେ ପଡ଼ିଲେ ନିଜର ପରିଚୟ ଗୋପନ ରଖି ସେମାନଙ୍କୁ ସାହାଯ୍ୟ କରୁଥାଏ । ଥରେ ସେ ବିଦେଶ ଭ୍ରମଣରେ ଯିବାକୁ ବାହାରନ୍ତେ ତା' ମା ତାକୁ ଏ ପଦ୍ମରାଗମଣି ଖଣ୍ଡିକ ଦେଇ କହିଥିଲେ, ''ଯଦି ସେ କେବେ ହଠାତ୍ ଅଭାବରେ ପଡ଼ିଯିବ, ତେବେ କୌଣସି ରତ୍ନ ବ୍ୟବସାୟୀକୁ ସେଖଣ୍ଡିକ ବିକ୍ରୟ କରି ଖର୍ଚ୍ଚ ତୁଲାଇ ପାରିବ ।''

ଏହାପରେ ଖଲିଫା ଯାହା କହିଲେ, ତା'ର ସଂକ୍ଷିପ୍ତ ବିବରଣୀ ହେଲା — ରାଜପୁତ୍ର କ୍ରମେ ଅଧିକରୁ ଅଧିକ ଅଣ-ରାଜକୀୟ ଆଚରଣ କରିବାକୁ ଲାଗିଲେ । ପ୍ରାସାଦର କୌଣସି ଅନୁଷ୍ଠାନରେ ଯୋଗ ଦେଲେ ନାହିଁ । କୌଣସି ରାଜକୀୟ ଅତିଥି ଆସିଲେ ତାଙ୍କୁ ସାକ୍ଷାତ୍ କଲେ ନାହିଁ । ଅଧିକାଂଶ ବେଳ ବାଗଦାଦ ନଗରୀ ଭିତରେ ବୁଲାବୁଲି କରୁଥା'ନ୍ତି ଓ ଲୋକଙ୍କୁ ସାହାଯ୍ୟ କରୁଥା'ନ୍ତି — ନିଜ ପରିଚୟ ନଦେଇ ।

ଦିନେ ସେ ଅତି ସାଧାରଣ ବେଶରେ ରାଜଉଦ୍ୟାନ ଭିତରେ ବୁଲୁଥା'ନ୍ତି । ଖଲିଫାଙ୍କ ମିଜାଜ ସେଦିନ ଭଲ ନଥାଏ । ସେ ମଧ ଉଦ୍ୟାନ ଭିତରକୁ ଯାଇଥା'ନ୍ତି । ପୁଅକୁ ପାଖକୁ ଡାକି କହିଲେ, ''ତୋ ଭଳି କୁଳାଙ୍ଗାର ପୁଅଟିଏ ମୋ'ରି ଭାଗ୍ୟରେ ଥିଲା ! ତୁ ଖଲିଫାଙ୍କ ପୁଅ; ଆଚରଣ କରୁଛୁ ଗୋଟାଏ ବାରବୁଲା ଅପଦାର୍ଥ ଭଳି । ତୋ ବାପାଙ୍କ ଆଦେଶରେ ସମସ୍ତେ ନତମସ୍ତକ ହୁଅନ୍ତି । ତୋ କଥାକୁ କୀଟପତଙ୍ଗ ମଧ ପରୁଆ କରିବେ ନାହିଁ । ହାୟରେ ହତଭାଗ୍ୟ !''

ରାଜପୁତ୍ର ଖଲିଫାଙ୍କୁ ଅନାଇଲେ । ତାଙ୍କ ଦୃଷ୍ଟିରେ କ'ଣ ଥିଲା କେଜାଣି, ଖଲିଫା ଆହୁରି କଡ଼ା ଗାଳିଗୁଲଜ ବର୍ଷଣ କରିବାକୁ ଚାହୁଁଥିଲେ ମଧ ଚୁପ୍ ରହିଲେ ।

''ହେ ମହାମହିମ ପିତୃଦେବ ! ଆପଣ ଅବଶ୍ୟ ପ୍ରଭାବଶାଳୀ ! ତେବେ ଟିକିଏ ପରୀକ୍ଷା ହୋଇଯାଉ !'' ଏତକ କହି ରାଜପୁତ୍ର ଗୋଟିଏ ଉଚ୍ଚ ବୃକ୍ଷ ଡାଳରେ ବସିଥିବା ପକ୍ଷୀକୁ ଚାହିଁ କହିଲା, ''ପକ୍ଷୀ ! ତୁ ଟିକିଏ ମୋ ହାତରେ ଆସି ବସନ୍ତୁ ନାହିଁ ?''

ତତ୍‌କ୍ଷଣାତ୍ ପକ୍ଷୀଟି ତଳକୁ ଉଡ଼ିଆସି ରାଜପୁତ୍ରଙ୍କ ପ୍ରସାରିତ ପାପୁଲି ଉପରେ ବସିପଡ଼ିଲା ।

''ବେଶ୍ ! ଏଥର ଯା' !'' ରାଜପୁତ୍ର କହିଲେ ।

ପକ୍ଷୀଟି ଉଡ଼ି ଚାଲିଗଲା ଏବଂ ଥରେ ଦୁହିଁଙ୍କ ମୁଣ୍ଡ ଉପରେ ଚକ୍କର ମାରି ଗଛ ଉପରେ ବସିଲା ।

''ଶୁଣ, ଶୁଣ ! ତୁ ଟିକିଏ ମହାମାନ୍ୟ ଖଲିଫାଙ୍କ ହାତରେ ବା କାନ୍ଧିରେ ଆସି ବସନ୍ତୁ ନାହିଁ ?''

ପକ୍ଷୀଟି ଏ ନିର୍ଦ୍ଦେଶ ଶୁଣି ଗଛ ଛାଡ଼ି ଉଡ଼ି ଉଡ଼ି ଅଦୃଶ୍ୟ ହୋଇଗଲା ।

''ମହାମାନ୍ୟ ପିତୃଦେବ ! ଏଥର ଆପଣଙ୍କ ପ୍ରଭାବର ମୂଲ୍ୟ ହୃଦୟଙ୍ଗମ କଲେ ବୋଲି ଆଶା !'' ମନ୍ତବ୍ୟ ଦେଲେ ରାଜପୁତ୍ର ।

ତାହାହିଁ ଖଲିଫାଙ୍କ ସହ ତାଙ୍କର ଶେଷ ବାକ୍ୟ ବିନିମୟ ! ରାଜପୁତ୍ର କୁଆଡ଼େ ଗଲେ ଅନୁସନ୍ଧାନ କରି ମଧ୍ୟ ଖଲିଫା ତା'ର ସୂତ୍ର ପାଇଲେ ନାହିଁ ।

ଆଗନ୍ତୁକ ଭଦ୍ରଲୋକ ନୀରବରେ ବସି ରହିଲେ । ଖଲିଫାଙ୍କ ନିର୍ଦ୍ଦେଶରେ ତାଙ୍କୁ ରାଜ-ଅତିଥି ଭାବରେ ରଖାଗଲା । ସେ ବିଦାୟ ନେବା ବେଳେ ଖଲିଫା ଅଶ୍ରୁପାତ କଲେ ଏବଂ ତାଙ୍କୁ ନାନାଦି ଉପହାର ଦେଇ ନିଜ କୃତଜ୍ଞତା ଜ୍ଞାପନ କଲେ ।

('ମନୋଜ କିଶୋର ସାହିତ୍ୟ ସଙ୍କଳନ'ରୁ ସଂଗୃହୀତ, ପୃଷ୍ଠା ୭୩୪ - ୭୩୮)

❑❑❑

# ଚେତନାର ଅନୁପମ ଋତୁ

## ହୃଷୀକେଶ ପଣ୍ଡା

ଯୁଝି ଜୀଇଁବାର ଶେଷ ଦୃଶ୍ୟ ପରି
ଥୁଣ୍ଟା ଗଛରେ ଲଟକି ଥାଏ ପତ୍ରଟିଏ
ସେହି ଲଟକିବାରେ ଥାଏ
ବସନ୍ତର ଅତୁଟ ବିଶ୍ୱାସ
ଫଗୁଣର ପ୍ରତିଶ୍ରୁତି ।

ସେକଥା ହୁଏତ ଗଛ ଜାଣି ନ ଥାଏ,
ଯେଉଁଦିନ ସେ ବୁଝିଯାଏ
ଚଇତାଳି ବାଆରେ
ପତ୍ରସବୁ ଏଇମିତି ଝଡ଼େ
ଆଉ ଏକ ରୂପାନ୍ତର ପାଇଁ
ପୁରୁଣାକୁ ଛାଡ଼ିବାକୁ ପଡ଼େ
ସେହି ଦିନ କେହି ଜଣେ
ଢାଳି ଦିଏ ମୃତ୍ୟୁ ସଞ୍ଜୀବନୀ
ସେ ଗଛର ଶିରା ପ୍ରଶିରାରେ
ଶିଖାଇ ଦିଏ ଗଛକୁ
ପୁଣି ଜୀଇଁବାର ମନ୍ତ୍ର
ପିନ୍ଧାଇ ଦିଏ ସମ୍ଭାବନାର
ଅସୁମାରି ବସ୍ତ୍ର ।

ଗଛ ପ୍ରକୃତିସ୍ଥ ହୁଏ
ତା' ଦେହରେ ଉଙ୍କିମାରେ
ନବ କିଶଳୟ
ଗତାୟୁ ଗଛକୁ ବଉଳରେ ମଣ୍ଡି
କିଏ ତାକୁ ଭରି ଦିଏ ସବୁଜିମାରେ
ଖଞ୍ଜି ଦିଏ ଫଳଶ୍ରୁତି ପତ୍ରରେ ଫୁଲରେ
ଗହଳ ଶାଖାରେ କୋଇଲିର ସପ୍ତନାଦ
ଜଣାଇ ଦିଏ ନବ ଏକ ସୃଷ୍ଟିର ସୂଚନା,
ହେ ଚେତନାର ଅନୁପମ ଋତୁ
ରୂପାନ୍ତର ଯାତ୍ରା ପଥେ
ତୁମେହିଁ ତ ଦେଇଥାଅ
ମଣିଷକୁ ଯୁଝିବାର, ଜିତିବାର
ସକଳ ପ୍ରେରଣା ॥

❑❑❑

ଏପରି କେହି ନାହିଁ ଯାହା ପକ୍ଷରେ ଭଗବାନଙ୍କୁ ଉପଲବ୍ଧି କରିବା ଅସମ୍ଭବ । କେବଳ କେତେକଙ୍କ କ୍ଷେତ୍ରରେ ଏହା ଅନେକ, ଅନେକ ଜନ୍ମ ନେଇପାରେ, ଅନ୍ୟମାନଙ୍କ କ୍ଷେତ୍ରରେ ଏହା ଏହି ଜୀବନକାଳ ମଧ୍ୟରେ ସାଧିତ ହୋଇପାରେ । ଏହା ଏକ ସଂକଳ୍ପର କଥା । ବାଛି ନେବାଟା ତୁମ ଉପରେ ନିର୍ଭର କରେ ।

କିନ୍ତୁ ମୁଁ କହିପାରେ ବର୍ତ୍ତମାନ ମୁହୂର୍ତ୍ତରେ ଅବସ୍ଥା ବିଶେଷଭାବେ ଅନୁକୂଳ ।

— ଶ୍ରୀମା

**ପୂରାଣ କଥା :**

# ନୟନତାରା

## ବନମାଳୀ ଆଚାର୍ଯ୍ୟ

ପୁରାକାଳର କଥା । ଇନ୍ଦ୍ରଲୋକରେ ଉର୍ବଶୀ, ରମ୍ଭା ଓ ମେନକାଙ୍କ ଭଳି ନୟନତାରା ଜଣେ ଅପସରା ଥିଲେ । ପ୍ରତୀକାତ୍ମକ ଇନ୍ଦ୍ରସଭାରେ ଅପସରାମାନେ ନୃତ୍ୟ କରନ୍ତି । ଅପସରା ଏକ ସ୍ୱର୍ଗୀୟ ସତ୍ତା, ଯିଏ ଜଣେ ନାରୀ । ନିଜର ଅନିନ୍ଦ୍ୟ ସୌନ୍ଦର୍ଯ୍ୟ ଏବଂ ମନମୋହକାରୀ ନୃତ୍ୟଛନ୍ଦରେ ସେ ଦେବଗଣ ଓ ନରମାନଙ୍କୁ ସମ୍ମୋହିତ କରିପାରେ । ନୟନତାରା ନିଜର ସୌନ୍ଦର୍ଯ୍ୟ ଓ ଚାତୁର୍ଯ୍ୟ ବଳରେ ଇନ୍ଦ୍ରଦେବଙ୍କର ପ୍ରେୟସୀ ହୋଇ ପାରିଥିଲେ । ସେତେବେଳେ ପୃଥିବୀରେ ବଜ୍ରା ନାମକ ଜଣେ ଋଷି ଘୋର ତପସ୍ୟାରେ ମଗ୍ନ ଥିଲେ । ତାଙ୍କର ତପଃଶକ୍ତିର ପ୍ରଭାବ ତିନିଲୋକରେ କମ୍ପନ ସୃଷ୍ଟି କରୁଥିଲା । ସ୍ୱୟଂ ଇନ୍ଦ୍ରଦେବ ତାଙ୍କର ଇନ୍ଦ୍ରାସନ ହରାଇବା ଭୟରେ ବିଚଳିତ ହୋଇ ପଡ଼ିଲେ । ଋଷି ବଜ୍ରାଙ୍କର ତପସ୍ୟା ଭଙ୍ଗ କରାଇବା ସକାଶେ ସେ ନୟନତାରାଙ୍କୁ ମର୍ତ୍ତ୍ୟଲୋକକୁ ପ୍ରେରଣ କଲେ । ନୟନତାରା ନିଜର ସୌନ୍ଦର୍ଯ୍ୟ ଓ ନୃତ୍ୟ ଦ୍ୱାରା ଋଷିଙ୍କ ତପସ୍ୟା ଭଙ୍ଗ କଲେ । ଏଥିରେ କ୍ରୋଧିତ ହୋଇ ଋଷି ନୟନତାରାଙ୍କୁ ରାକ୍ଷସୀ ହୋଇ ଜନ୍ମ ହେବାକୁ ଅଭିଶାପ ଦେଲେ । ନୟନତାରା ନିଜର ସ୍ୱାମୀ ଇନ୍ଦ୍ରଦେବଙ୍କ ଆଦେଶ ପାଳନ କରିବାକୁ ଯାଇ ବିବଶ ହୋଇ ଏପରି କରିଥିଲେ ବୋଲି ବିନମ୍ର ଭାବରେ ଋଷିଙ୍କ ଆଗରେ ପ୍ରକାଶ କଲେ । ଏହା ସହିତ ତାଙ୍କ ଅଭିଶାପରୁ ମୁକ୍ତି ଲାଭ ସକାଶେ ବ୍ୟାକୁଳ ଚିତ୍ତରେ ପ୍ରାର୍ଥନା କଲେ । ଋଷି ସମସ୍ତ କଥା ଶୁଣିବା ପରେ ଶାନ୍ତ ହେଲେ । ନୟନତାରାଙ୍କ ପ୍ରତି ତାଙ୍କ ହୃଦୟରେ ଦୟାଭାବ ଜାଗ୍ରତ୍ ହେଲା । ସେ ଅନୁଚ୍ଚ ସ୍ୱରରେ କହିଲେ – ''ଜନ୍ମ ଜନ୍ମ ଧରି ତପଃ ଆଚରଣ କରି ମଧ୍ୟ ମୁନୀ, ଋଷି ଓ ଦେବତାମାନେ ଭଗବାନଙ୍କ ସ୍ୱରୂପ ଦର୍ଶନ କରି ପାରନ୍ତି ନାହିଁ । ରାକ୍ଷସୀ ହୋଇଥିଲେ ବି ତୁମେ ତ୍ରେତୟା ଯୁଗରେ ଭଗବାନ୍ ଶ୍ରୀବିଷ୍ଣୁଙ୍କ ଅବତାର ପ୍ରଭୁ ଶ୍ରୀରାମଙ୍କ ଦର୍ଶନ ଲାଭ କରିବ ।'' ନୟନତାରା ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ଇନ୍ଦ୍ରଦେବଙ୍କୁ ସମସ୍ତ କଥା କହିଲେ । ଇନ୍ଦ୍ରଦେବ ତାଙ୍କୁ ମହର୍ଷି ବିଶ୍ରବା ଓ ତାଙ୍କର ପତ୍ନୀ କୈକେଶୀଙ୍କ କନ୍ୟା ଭାବରେ ଜନ୍ମ ନେବାକୁ ବାଟ ଦେଖାଇଲେ ।

ତ୍ରେତୟା ଯୁଗରେ ନୟନତାରା ମହର୍ଷି ବିଶ୍ରବାଙ୍କ ସହଧର୍ମିଣୀ କୈକେଶୀଙ୍କ ଗର୍ଭରୁ ଜାତ ହେଲା ଏବଂ ସୂର୍ପଣଖା ନାମରେ ପରିଚିତା ହେଲା । ମହର୍ଷି ବିଶ୍ରବା ଋଷି ପୁଲସ୍ତ୍ୟଙ୍କ ପୁତ୍ର ଥିଲେ । ତେଣୁ ସୂର୍ପଣଖା ଜଣେ ଋଷିକୁମାରୀ ଥିଲା । ଅନ୍ୟ ପକ୍ଷରେ ତା'ର ଅଜା ସୁମାଳି ଜଣେ ବଳଶାଳୀ ରାକ୍ଷସ ଥିଲା । ତା'ର ମାତା କୈକେଶୀ ଜଣେ ରାକ୍ଷସର କନ୍ୟା ଥିଲେ । ସୂର୍ପଣଖା ଉପରେ ମାଆଙ୍କର ପ୍ରଭାବ ଅଧିକ ଥିବାରୁ ତା' ମଧ୍ୟରେ ରାକ୍ଷସୀ ସ୍ୱଭାବଟି ବଳବତ୍ତର ଥିଲା । ସେ ମହାପରାକ୍ରମୀ ଓ ମାୟାବୀ ବିଦ୍ୟାରେ ପାରଙ୍ଗମ ଲଙ୍କପତି ରାବଣର ଭଗ୍ନୀ ଥିବାରୁ ଅତି ମାତ୍ରାରେ ଗର୍ବୀ ଥିଲା । ଶୈଶବରେ ତା'ର ନାମ ଥିଲା ମୀନାକ୍ଷୀ । ତାହାର ଚକ୍ଷୁ ମାଛର ଆଖି ଭଳି ସୁନ୍ଦର ଥିଲା । ପରେ ବଡ଼ ବଡ଼ ନଖ ଥିବା କାରଣରୁ ତା'ର ନାମ ସୂର୍ପଣଖା ହୋଇଥିଲା । ପିଲାଦିନେ ସେ ସୁନ୍ଦରୀ ଓ ଚାଲାକ ଥିଲା । ତା'ର ବିବାହ ବିଦ୍ୟୁତ୍‌ଜିହ୍ୱା ନାମକ ଜଣେ ରାକ୍ଷସ ସହ ହୋଇଥିଲା । ବିଦ୍ୟୁତ୍‌ଜିହ୍ୱା ଅତ୍ୟନ୍ତ ପରାକ୍ରମଶାଳୀ ଥିଲା ଏବଂ ରାବଣ ଭଳି ତିନିଲୋକର ଅଧିପତି ହେବାର ସ୍ୱପ୍ନ ଦେଖୁଥିଲା । ବିଦ୍ୟୁତ୍‌ଜିହ୍ୱା ରାବଣର ସମ୍ପର୍କୀୟ ହୋଇଥିଲେ ବି ସେମାନଙ୍କ ଭିତରେ ଶତ୍ରୁତା ଥିଲା । ଶେଷରେ ଦୁଇଜଣଙ୍କ ଭିତରେ ଯୁଦ୍ଧ ଲାଗିଲା ଏବଂ ସ୍ୱାର୍ଥପର ଅହଂକାରୀ ରାବଣ ନିଜର ଭଗ୍ନୀପତି ବିଦ୍ୟୁତ୍‌ଜିହ୍ୱାକୁ ବଧ କଲା । ଏଥିରେ ସୂର୍ପଣଖା ପ୍ରତିହିଂସା ପରାୟଣ ହୋଇ ଉଠିଲା । ତାକୁ ବିଧବା ସଜାଇଥିବା ଭାଇ ରାବଣର ବଂଶକୁ ନିପାତ କରିବାର ମନ୍ଦ ଇଚ୍ଛା ତା' ଭିତରେ ସୃଷ୍ଟି ହେଲା । କୁଟନୀତି ବିଶାରଦ ରାବଣ ସୂର୍ପଣଖାକୁ ବୁଝାଇ ସୁଝାଇ ଦଣ୍ଡକାରଣ୍ୟରେ ବାସ କରୁଥିବା ନିଜ ସମ୍ପର୍କୀୟ ଖର ଦୂଷଣଙ୍କ ପାଖକୁ ପଠାଇ ଦେଲା ।

ସେତେବେଳେ ପ୍ରଭୁ ଶ୍ରୀରାମ ଦଣ୍ଡକାରଣ୍ୟର ପଞ୍ଚବଟୀରେ ପତ୍ନୀ ଜାନକୀ ଓ ଭ୍ରାତା ଲକ୍ଷ୍ମଣଙ୍କ ସହ ବନବାସ ଜୀବନ ଅତିବାହିତ କରୁଥିଲେ । ଅରଣ୍ୟ ମଧ୍ୟରେ ଭ୍ରମଣ କରୁଥିବା ସମୟରେ ଦିନେ ସୂର୍ପଣଖା ପଞ୍ଚବଟୀରେ ପହଞ୍ଚିଲା । ସେଠାରେ ଶ୍ରୀରାମ ଓ ଜାନକୀଙ୍କୁ ଦେଖିଲା । ଶ୍ରୀରାମଙ୍କ

ଅପରୂପ ସୁନ୍ଦର ଶରୀରକୁ ଦେଖି ତାଙ୍କ ପ୍ରତି ଆକର୍ଷିତ ହୋଇ ପଡ଼ିଲା । ତାଙ୍କର ଶୌର୍ଯ୍ୟ ଓ ତେଜରେ ବିମୋହିତ ହୋଇ ତାଙ୍କ ସମ୍ମୁଖରେ ଉପସ୍ଥିତ ହେଲା । ସେତେବେଳକୁ ସେ ମାୟାବୀ ବିଦ୍ୟାବଳରେ ନିଜକୁ ଜଣେ ରୂପସୀ ତରୁଣୀରେ ପରିଣତ କରି ସାରିଥିଲା ।

ଭଗବାନ୍ ଶ୍ରୀରାମ ସୂର୍ପଣଖାକୁ ମର୍ଯ୍ୟାଦାର ସହ ପ୍ରଶ୍ନ କଲେ :

''କିଏ ତୁମେ ତରୁଣୀ ? କେଉଁ ଅଭିଳାଷ ନେଇ ଏଠାକୁ ଆସିଛ ?''

''ମୁଁ ଲଙ୍କପତି ରାବଣର ଭଗ୍ନୀ ସୂର୍ପଣଖା । ମୁଁ ଆପଣଙ୍କ ସୁନ୍ଦର ରୂପକୁ ପ୍ରଶଂସା କରୁଛି । ମୋର ଇଚ୍ଛା, ଆପଣ ମୋତେ ପତ୍ନୀ ଭାବରେ ଗ୍ରହଣ କରନ୍ତୁ । ମୋତେ ଲାଗୁଛି, ଆପଣଙ୍କର ଏହି ସୁନ୍ଦର ଶରୀର ପଛରେ ଏକ ଅସାଧାରଣ ପରିଚୟ ଛପି ରହିଛି ।''

– ''ମୁଁ ଅଯୋଧ୍ୟା ନରେଶ ଦଶରଥଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀରାମ । ସେ ମୋର ଧର୍ମପତ୍ନୀ ଜାନକୀ । ସେଠାରେ ଫୁଲ ତୋଳୁଥିବା ଯୁବକ ମୋର ସାନ ଭାଇ ଲକ୍ଷ୍ମଣ । ମୁଁ ଏକ ପତ୍ନୀବ୍ରତ ଗ୍ରହଣ କରିଛି । ତୁମକୁ କେବେହେଲେ ବିବାହ କରିପାରିବି ନାହିଁ । ଲକ୍ଷ୍ମଣ ତୁମକୁ ସବୁକଥା ବୁଝାଇ ପାରିବେ ।''

ଶ୍ରୀରାମ ସୂର୍ପଣଖାର କାମନାସିକ୍ତ ପ୍ରାଣାବେଗକୁ ଆକଳନ କରି ପାରୁଥିଲେ । ବଳଶାଳୀ ତେଜସ୍ୱୀ ଲକ୍ଷ୍ମଣଙ୍କୁ ଦେଖି ସୂର୍ପଣଖା ତାଙ୍କ ସମୀପରେ ଉପସ୍ଥିତ ହେଲା ଏବଂ ନିଜର ପରିଚୟ ଓ ମନକଥା ପ୍ରକାଶ କଲା । ସେ ଲକ୍ଷ୍ମଣଙ୍କୁ ବିବାହ କରିବାକୁ ଚାହେଁ ବୋଲି କହିଲା । ନାରୀ ଜାତିର ସମ୍ମାନ ଓ ସୁରକ୍ଷା ବିଷୟରେ ଲକ୍ଷ୍ମଣ ସଚେତନ ଥିଲେ । ଯଥାସମ୍ଭବ ଅନୁଚ୍ଚ ସ୍ୱରରେ ସେ କହିଲେ, ''ହେ ରାଜଭଗିନୀ, ମୁଁ ଭ୍ରାତା ଶ୍ରୀରାମ ଓ ମାତା ଜାନକୀଙ୍କର ଜଣେ ଦାସ । ମୋର ସମସ୍ତ ସମୟ ତାଙ୍କ ସେବା ପାଇଁ ଉଦ୍ଦିଷ୍ଟ । ଆଉ କାହା ପାଇଁ ମୋର ସମୟ ନାହିଁ । ଏହା ଛଡ଼ା ଜଣେ ଦାସ କୌଣସି ରାଜକନ୍ୟାଙ୍କୁ ବିବାହ କରିବା ଶୋଭନୀୟ ନୁହେଁ । ମୁଁ ତୁମକୁ ବିବାହ କରିପାରିବି ନାହିଁ ।''

ରାମ ଓ ଲକ୍ଷ୍ମଣଙ୍କ ଠାରୁ ନିରାଶ ହୋଇ ସୂର୍ପଣଖା ବିବ୍ରତ ଓ କ୍ରୋଧିତ ହୋଇ ପଡ଼ିଲା । ସେ ତା'ର ରାକ୍ଷସୀ ରୂପକୁ ଧାରଣ କଲା । ଜାନକୀଙ୍କୁ ସକଳ ଅନର୍ଥର କାରଣ ମନେ କରି ତାଙ୍କ ଉପରେ ସହସା ଆକ୍ରମଣ ଆରମ୍ଭ କରି ଦେଲା । ଶେଷନାଗଙ୍କ ଅବତାର ଲକ୍ଷ୍ମଣ ତୁରନ୍ତ ସଜାଗ ହୋଇ ଉଠିଲେ । ଜାନକୀଙ୍କୁ ରକ୍ଷା କରିବାକୁ ଯାଇ ସୂର୍ପଣଖାର ନାସାକର୍ଣ୍ଣ ଛେଦନ କଲେ ଏବଂ ସେଠାରୁ ବିଦା କରି ଦେଲେ ।

ଲକ୍ଷ୍ମଣ ସୂର୍ପଣଖାର ନାସାକର୍ଣ୍ଣ ଛେଦନ କଲେ କାହିଁକି ?

ଶେଷନାଗଙ୍କ କୋଳରେ ଭଗବାନ୍ ଶ୍ରୀବିଷ୍ଣୁ ଯୋଗ ନିଦ୍ରାରେ ଶୟନ କରିଥା'ନ୍ତି । ଶେଷନାଗ ହେଲେ ଅନନ୍ତ । ସର୍ପ ଶକ୍ତିର ପ୍ରତୀକ । ତେଣୁ ଶେଷନାଗ ଶ୍ରୀବିଷ୍ଣୁଙ୍କର ଦିବ୍ୟଶକ୍ତି ଓ ସେବକ । ଅବତାର କ୍ଷେତ୍ରରେ ମଧ୍ୟ ଲକ୍ଷ୍ମଣ ପ୍ରଭୁ ଶ୍ରୀରାମଙ୍କ ସେବକ । ସେବା ସକାଶେ ସେ ଆହାର ଓ ନିଦ୍ରାକୁ ବର୍ଜନ କରିଥିଲେ । ସେ ଥିଲେ ପରିପୂର୍ଣ୍ଣ ଭାବେ ସେବା, ଭକ୍ତି ଓ ଶକ୍ତିର ପ୍ରତୀକ । ସେ ସୂକ୍ଷ୍ମବୋଧରେ ସୂର୍ପଣଖା ଆଗମନର ରହସ୍ୟ ବୁଝିଥିଲେ । ପ୍ରତ୍ୟହ ପ୍ରଭାତ କାଳରେ ମାତା ଜାନକୀ କୁଟୀର ନିକଟସ୍ଥ ସ୍ୱଚ୍ଛ ଝରଣା ଜଳରେ ସ୍ନାନ କରୁଥିଲେ । ସେତେବେଳେ ସେ ଗଭାରେ ପିନ୍ଧିଥିବା ବାସି ବଣମଲ୍ଲୀ ମାଳଟିକୁ ଝରଣା ଜଳରେ ଭସାଇ ଦେଉଥିଲେ । ଝରଣାରୁ ଜଳପାନ କାଳରେ ସୂର୍ପଣଖା ସୁବାସିତ ମଲ୍ଲୀମାଳର ସଂସ୍ପର୍ଶରେ ଆସିଥିଲା । ନିଜର ଘ୍ରାଣଶକ୍ତି ବଳରେ ସେଥିରେ ଥବା ମନୁଷ୍ୟ ଦେହର ଗନ୍ଧକୁ ସେ ବାରି ପାରିଥିଲା । ତା'ପରେ ଝରଣାର କୂଳେ କୂଳେ ଅଗ୍ରସର ହୋଇ ପଞ୍ଚବଟୀ କୁଟୀରରେ ପହଞ୍ଚିଲା । ଲକ୍ଷ୍ମଣଙ୍କ ବିଚାରରେ ଯେଉଁ ନାକ ମା' ଜାନକୀଙ୍କ ଦେହର ବାସ୍ନାକୁ ଆଘ୍ରାଣ କରିପାରିଲା ଅଥଚ ତାହାଦ୍ୱାରା ପ୍ରକୃତିରେ ତା'ର କୌଣସି ପରିବର୍ତ୍ତନ ଆସିଲା ନାହିଁ, ସେ ନାକ ନଥିବା ସହ ସମାନ । ସେହିପରି ସୂର୍ପଣଖାର କାନ ପ୍ରଭୁ ଶ୍ରୀରାମଙ୍କ ସ୍ୱରକୁ ଶ୍ରବଣ କରି ପାରିଲା; ମାତ୍ର ସେଥିରେ ତା' ପ୍ରକୃତିରେ କୌଣସି ପରିବର୍ତ୍ତନ ସମ୍ଭବ ହେଲା ନାହିଁ । ସେପରି କାନ ନଥିବା ସହ ସମାନ । ଏହି ବିଚାରରେ ଲକ୍ଷ୍ମଣ ସୂର୍ପଣଖାର ନାସାକର୍ଣ୍ଣ ଛେଦନ କଲେ ।

ଶ୍ରୀରାମଙ୍କ ସହ ସାକ୍ଷାତ୍‌ର ଉପରାନ୍ତେ ସୂର୍ପଣଖାର ପ୍ରତିହିଂସା ମନୋଭାବ କାରଣରୁ ରାବଣ ବଂଶ ନିଧନର ପର୍ବ ଆରମ୍ଭ ହୋଇଗଲା । ଖର, ଦୂଷଣ ଏବଂ ସେମାନଙ୍କର ଅନୁଗତମାନଙ୍କର ବଧ ହେଲା । ଲଙ୍କପତି ରାବଣ ମାତା ସୀତାଙ୍କୁ କପଟରେ ଅପହରଣ କରି ଲଙ୍କାଗଡ଼କୁ ନେଇଯିବା ପରେ ତା'ର ଦୁର୍ଦ୍ଦଶା ଆରମ୍ଭ ହୋଇଗଲା । ରାମ ଓ ରାବଣଙ୍କ ଭିତରେ ସଂଘଟିତ ଏକ ମହାଯୁଦ୍ଧରେ ରାବଣ, କୁମ୍ଭକର୍ଣ୍ଣ ଓ

ଇନ୍ଦ୍ରଜିତ ଆଦି ଅମିତ ପରାକ୍ରମଶାଳୀ ମହାଯୋଦ୍ଧାମାନଙ୍କର ମୃତ୍ୟୁ ଘଟିଲା । ରାକ୍ଷସ କୁଳର ବିନାଶ ଘଟିଲା । ଲଙ୍କାର ପତନ ହେଲା । ଶ୍ରୀରାମଙ୍କ ମିତ୍ର ତଥା ରାବଣର ଭାଇ ବିଭୀଷଣ ଲଙ୍କା ଅଧିପତି ହେଲେ । ସୂର୍ପଣଖା ତା'ର ଦୁର୍ଭାଗ୍ୟର କାରଣ ଭ୍ରାତା ରାବଣ ଉପରେ ପ୍ରତିଶୋଧ ନେଇ ପାରିଲା । ମାତ୍ର ଶ୍ରୀରାମଙ୍କୁ ପତି ରୂପରେ ପ୍ରାପ୍ତ ହେବାର ଇଚ୍ଛାକୁ ସେ ପରିତ୍ୟାଗ କରିପାରି ନଥିଲା । ଏଥିସକାଶେ ସେ ବହୁବର୍ଷ ଧରି ତପସ୍ୟାରେ ମଗ୍ନ ରହିଲା । ପରିଶେଷରେ ଭଗବାନ୍ ଶିବ ସୂର୍ପଣଖାକୁ ଦର୍ଶନ ଦେଲେ । ଦ୍ୱାପର ଯୁଗରେ ସେ ଭଗବାନ୍ ଶ୍ରୀକୃଷ୍ଣଙ୍କ ସାନ୍ନିଧ ପ୍ରାପ୍ତ ହେବାର ବରଦାନ ଦେଲେ ।

ଦ୍ୱାପର ଯୁଗରେ ସୂର୍ପଣଖାର ନାମ କୁବ୍‌ଜା ଥିଲା । ସେ ମହାରାଜା କଂସଙ୍କର ଜଣେ ସେବିକା ଥିଲା । ପିଠିରେ ଗୋଟିଏ ବଡ଼ ଆକାରର କୁଜ ଥିବାରୁ ତା'ର ଶରୀର ବକ୍ର ଥିଲା ଏବଂ ସେ ଅସୁନ୍ଦର ଦେଖା ଯାଉଥିଲା । ଏଥିପାଇଁ ସେ ମନ ଓ ଦେହରେ ଯନ୍ତ୍ରଣା ପାଉଥିଲା । ସେତେବେଳେ ଭଗବାନ୍ ଶ୍ରୀକୃଷ୍ଣ ଓ ବଡ଼ଭାଇ ବଳରାମ ଗୋପପୁରରେ ରହୁଥିଲେ । ମଥୁରା ନଗରରେ ଧନୁଯାତ୍ରା ଦେଖିବା ସକାଶେ ଦିନେ ଦୁଇଭାଇ ମଥୁରା ଦାଣ୍ଡରେ ପହଞ୍ଚି ଗଲେ । ଦୁଇ ଭାଇଙ୍କୁ ଦେଖିବା ସକାଶେ ନଗ୍ରବାସୀଙ୍କର ଭିଡ଼ ଜମିଲା । ତାଙ୍କରି ଗହଣରେ କୁବ୍‌ଜା ବି ଥିଲା । ସେ ଶ୍ରୀକୃଷ୍ଣଙ୍କୁ ଦେଖିବା ମାତ୍ରେ ତାଙ୍କ ପ୍ରତି ଆକର୍ଷିତ ହେଲା ଏବଂ ତାଙ୍କ ସୁନ୍ଦର ଦେହକୁ ଅଗୁରୁ, ଚନ୍ଦନ ଓ ଫୁଲରେ ଆହୁରି ଆକର୍ଷଣ କରିଦେଲା । ହସି ହସି ଶ୍ରୀକୃଷ୍ଣ କୁବ୍‌ଜାର ଶରୀରକୁ ସଳଖ କରି ଦେଲେ । କୁଜଟି ଚାଲିଗଲା । ଶ୍ରୀକୃଷ୍ଣଙ୍କ ସ୍ପର୍ଶ ଲାଭ କରି ତା'ର ତନୁମନ ପୁଲକିତ ହୋଇ ଉଠିଲା । ସେ ଜଣେ ଅପରୂପା ସୁନ୍ଦରୀ ତରୁଣୀ ହୋଇଗଲା । ପରବର୍ତ୍ତୀକାଳରେ ଶ୍ରୀକୃଷ୍ଣ ଓ ସତ୍ୟଭାମା ନରକାସୁରକୁ ବଧ କରି ବନ୍ଦିନୀ ତରୁଣୀମାନଙ୍କୁ ଉଦ୍ଧାର କରିଥିଲେ । ସେମାନଙ୍କ ମଧ୍ୟରେ କୁବ୍‌ଜା ଜଣେ ଥିଲା । ସେ ଶ୍ରୀକୃଷ୍ଣଙ୍କୁ ବିବାହ କଲା ଏବଂ ଭଗବାନଙ୍କ ସାନ୍ନିଧ ପ୍ରାପ୍ତ ହେଲା । ଠିକ୍ ବା ଭୁଲ୍ ବାଟରେ ହେଉ, ତା'ର ଜୀବନଯାତ୍ରାରେ ଭଗବାନଙ୍କ ଅନ୍ୱେଷଣ ଲାଗି ରହିଥିଲା ।

ମହାକାବ୍ୟ ସାବିତ୍ରୀରେ ଉଲ୍ଲେଖ ଅଛି – 'ସବୁକିଛି ହୁଅଇ ସମ୍ଭବ ଯଦି ଥାଏ ଭଗବତ୍ ସ୍ପର୍ଶ ।' ନୟନତାରାର ଜୀବନରେ ବଜ୍ରା ଋଷିଙ୍କର ନିକଟତର ହେବା, ସୂର୍ପଣଖା ହୋଇ ଶ୍ରୀରାମ, ଲକ୍ଷ୍ମଣ ଓ ଜାନକୀଙ୍କୁ ଦର୍ଶନ କରିବା, ଶ୍ରୀରାମଙ୍କୁ ପ୍ରାପ୍ତ ହେବା ସକାଶେ ତପସ୍ୟା କରିବା, ଭଗବାନ୍ ଶିବଙ୍କର ଦର୍ଶନ ଲାଭ କରିବା ଏବଂ ଶ୍ରୀକୃଷ୍ଣଙ୍କ ସ୍ପର୍ଶ ଲାଭ କରିବା – ଜାଣତରେ ବା ଅଜାଣତରେ ତାହା ତା' ସକାଶେ ଏକ ସାଧନାର ମାର୍ଗ ସୃଷ୍ଟି କରିଥିଲା । ବାହ୍ୟ ଜୀବନରେ ପରିସ୍ଥିତି ଯାହା ବି ହୋଇ ଥାଉ ନା କାହିଁକି, ଅନ୍ତରରେ ଭଗବାନଙ୍କୁ ନିଜ ଜୀବନର ଲକ୍ଷ୍ୟ ବୋଲି ସ୍ୱୀକାର କରିନେଲେ ସମସ୍ତ କିଛି ତାଙ୍କରି ଚେତନାରେ ଭରିଯାଏ ଏବଂ ପରିବର୍ତ୍ତିତ ହୋଇଚାଲେ ।

ଦିବ୍ୟଜନନୀ ଶ୍ରୀମା ମାତୃରଚନାବଳିରେ ଉଲ୍ଲେଖ କରିଛନ୍ତି : –

''ଏହି ପୃଥିବୀରେ ଆମେ ସବୁ କାହିଁକି ରହିଛୁ ?

''ଏଠାରେ ଆମେ ଦିବ୍ୟସତ୍ତାକୁ ପାଇବା ଲାଗି ରହିଛୁ । ସିଏ ଆମ ସମସ୍ତଙ୍କ ଭିତରେ ଅଛନ୍ତି, ପ୍ରତ୍ୟେକ ବସ୍ତୁ ମଧ୍ୟରେ ରହିଛନ୍ତି ।''

*

''କେବଳ ଗୋଟିଏ କଥାକୁହିଁ ମହତ୍ତ୍ୱପୂର୍ଣ୍ଣ ବୋଲି ଜାଣିବାକୁ ହେବ । ତାହା ହେଉଛି ପରମ ଦିବ୍ୟସତ୍ତାଙ୍କର ପରିଚୟ ଲାଭ କରିବା । ସେହି ଦିବ୍ୟସତ୍ତାଙ୍କୁ ଖୋଜି ପାଇବାରେ ଯାହାକିଛି ସହାୟକ ହୋଇ ପାରିବ, ଆମ ପ୍ରତ୍ୟେକଙ୍କ ସକାଶେ ଓ ସମଗ୍ର ଜଗତ୍ ସକାଶେ, ଆମେ ତାହାକୁହିଁ ପ୍ରକୃତରେ ଆବଶ୍ୟକ ବୋଲି ଜାଣିବା ।''

(CWM, Vol. 14, page - 3) ❑

ସର୍ବଦା ଆମକୁ ଦିବ୍ୟପରମଙ୍କ ସମ୍ମୁଖରେ ସମ୍ପୂର୍ଣ୍ଣ ଅଲେଖା ପୃଷ୍ଠାଟିଏ ପରି ରହିବାକୁ ହେବ, ଯେପରିକି କୌଣସି ଅସୁବିଧା କିଂବା ମିଶ୍ରଣ ବ୍ୟତିରେକେ ଦିବ୍ୟ-ଇଚ୍ଛା ଆମ ଭିତରେ ଆପଣାକୁ ଖୋଦିତ କରିଦେଇ ପାରିବ ।

(୨୦ ନଭେମ୍ବର, ୧୯୫୪) – ଶ୍ରୀମା

# ଯିଶୁ ଭାରତରେ ଥିଲେ

**ଆର୍ତ୍ତତ୍ରାଣ ମିଶ୍ର**

ଅତୀତରେ ଯେତେବେଳେ କୌଣସି ମହାପୁରୁଷ ବା ଅବତାର ମନୁଷ୍ୟଜାତିର ଦୁଃଖ ଯନ୍ତ୍ରଣା ଉପଶମ କରିବା ପାଇଁ ପୃଥିବୀପୃଷ୍ଠକୁ ଆସିଛନ୍ତି, ସେମାନଙ୍କୁ ମଧ ଦୁଃଖଯନ୍ତ୍ରଣା ମଧ ଦେଇ ଯିବାକୁ ହୋଇଛି । ଏହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ କ୍ରୁସବିଦ୍ଧ ଯିଶୁଖ୍ରୀଷ୍ଟ । ସେ ପ୍ରେମ, ଦୟା, କରୁଣା ବିତରଣ କରିବାକୁ ଆସି କ୍ରୁସବିଦ୍ଧ ହୋଇଥିଲେ । ସାବିତ୍ରୀ ମହାକାବ୍ୟରେ ଶ୍ରୀଅରବିନ୍ଦ ଏହାର ଅନନ୍ୟ ବର୍ଣ୍ଣନା କରିଛନ୍ତି –

"The Great who came to save
this suffering world
And rescue out of Time's shadow
and the Law,
Must pass beneath the yoke of grief and pain;
They are caught by the Wheel
that they had hoped to break,
On their shoulders they must bear
man's load of fate.
Heaven's riches they bring,
their sufferings count the price
Or they pay the gift of knowledge
with their lives.
The Son of God born as the Son of man
Has drunk the bitter cup,
owned Godhead's debt,
The debt the Eternal owes to the fallen kind
His will has bound to death and struggling life
That yearns in vain for rest and endless peace.
Now is the debt paid, wiped off
the original score.
The Eternal suffers in a human form,
He has signed salvation's testament
with his blood:
He has opened the doors of his undying peace.
The Deity compensates the creature's claim,
The Creator bears the law of pain and death;
A retribution smites the incarnate God.
His love has paved the mortal's road
to Heaven:
He has given his life and light to balance here
The dark account of mortal ignorance.
It is finished, the dread mysterious sacrifice,
Offered by God's martyred body for the world;
Gethsemane and Calvary are his lot,
He carries the cross on which
man's soul is nailed;
His escort is the curses of the crowd;
Insult and jeer are his right's acknowledgment;
Two thieves slain with him mock
his mighty death.
He has trod with bleeding brow
the Saviour's way."

(Savitri, P. 445)

ଏତେ ବଡ଼ ମହାପୁରୁଷ, ଯାହାଙ୍କର କ୍ରୁସବିଦ୍ଧ ଶରୀରର ଫଟୋଚିତ୍ର ପୃଥିବୀସାରା ଚର୍ଚ୍ଚମାନଙ୍କରେ ପୂଜିତ, କିନ୍ତୁ ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସଯୋଗ୍ୟ ଜୀବନୀ ଏପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ । ବାଇବେଲରେ କେବଳ ତାଙ୍କର ଜନ୍ମ, ତିରିଶ ବର୍ଷ ବୟସରେ ଜେରୁଜାଲମ୍‌ରେ ଆବିର୍ଭାବ, ସେଠାରେ ତାଙ୍କର ଅନୁଗାମୀମାନଙ୍କୁ ପ୍ରେମ ଓ କରୁଣାର ବାର୍ତ୍ତା ଏବଂ କେତେକ ଅଲୌକିକ ଶକ୍ତିର ପ୍ରଦର୍ଶନ ଏବଂ ସେଠାକାର ପୂଜକମାନଙ୍କୁ ସେମାନଙ୍କର ହୀନ ଆଚରଣ ପାଇଁ ଭର୍ତ୍ସନା ଏବଂ ଶେଷରେ ପରିଣାମସ୍ୱରୂପ କ୍ରୁସବିଦ୍ଧ ହେବାର ବର୍ଣ୍ଣନା ରହିଛି । ଯେଉଁ ତିନି, ଚାରିଜଣ ଅନୁଗାମୀଙ୍କ ଦ୍ୱାରା ଏହାର ବର୍ଣ୍ଣନା ଦିଆଯାଇଛି ତା' ମଧ ପରସ୍ପର ମେଳ ଖାଉ ନାହିଁ । କ୍ରୁସବିଦ୍ଧ ଶରୀରକୁ କବର ଦିଆ-

ଯାଇଛି, କିନ୍ତୁ ପରଦିନ ସକାଳେ ଦେଖାଗଲା ସେହି କ୍ରୁସବିଦ୍ଧ ଶରୀର ସେଠାରୁ ଉଭେଇ ଯାଇଛି, ପଡ଼ି ରହିଛି କେବଳ ସେହି ଶରୀରକୁ ଆବୃତ କରିଥିବା ଖଣ୍ଡିଏ ବସ୍ତ୍ର । ସେଥିରୁ ଉଦ୍ଭୂତ ହେଲା ବିଶ୍ୱାସ – ଯିଶୁଙ୍କର Resurrection ମୃତ୍ୟୁରୁ ପୁନରୁତ୍ଥାନ ।

ବୈଜ୍ଞାନିକ ଯୁଗର ଧର୍ମବିଶ୍ୱାସୀମାନେ ଏସବୁକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିବାକୁ ଅନିଚ୍ଛୁକ । ବିଂଶ ଶତାବ୍ଦୀରେ ଜର୍ମାନୀର theologist – Holger Kerstenଙ୍କ ଅନୁସନ୍ଧାନମୂଳକ ଗବେଷଣା ଦ୍ୱାରା ଐତିହାସିକ ଯିଶୁଙ୍କୁ ସମ୍ପୂର୍ଣ୍ଣ ରୂପେ ଜାଣିବାକୁ ଚେଷ୍ଟା କରିଛନ୍ତି । କିଏ ସେହି ବ୍ୟକ୍ତି, କେଉଁଠାରୁ ସେ ଜେରୁଜାଲମ୍‌କୁ ଆସିଥିଲେ, ତାଙ୍କର ପ୍ରେରଣାର ଉତ୍ସ କ'ଣ ଥିଲା, ସେ କ'ଣ କହିବାକୁ ଚାହୁଁଥିଲେ ଇତ୍ୟାଦି ତାଙ୍କର ଗବେଷଣାଲବ୍ଧ ତଥ୍ୟ ସଂଗ୍ରହ କରି ସେ ୧୯୯୮ରେ ଗୋଟିଏ ପୁସ୍ତକ ରଚନା କଲେ – "Jesus Lived in India, His unknown life." (Penguin Bookରେ ପ୍ରକାଶିତ) । ଏଥି ପାଇଁ ସେ ଭାରତ ଆସିଥିଲେ ଏବଂ ବିଭିନ୍ନ ସ୍ଥାନ ଭ୍ରମଣ କରିଥିଲେ ।

ତାଙ୍କର ଅନୁସନ୍ଧାନକୁ ପ୍ରଥମେ ଖୋରାକ ଯୋଗାଇଛନ୍ତି ରୁଷ ଦେଶର ଜଣେ ବିଦ୍ୱାନ୍ Nicolai Notovitch । ତାଙ୍କର ଗୋଟିଏ ଲେଖା ଲଣ୍ଡନରେ ୧୮୯୪ରେ ପ୍ରକାଶିତ ହୋଇଥିଲା – "Unknown Life of Jesus Christ" । ସେ ଭାରତକୁ ଆସି କାଶ୍ମୀର ଓ ଲଦାଖକୁ ଯାଇଛନ୍ତି । ସେଠାରେ ଘୋଡ଼ାରୁ ପଡ଼ି ଗୋଡ଼ ଭାଙ୍ଗି ଯିବାରୁ Hemis ଠାରେ ଥିବା ବୌଦ୍ଧ ବିହାରରେ ତାଙ୍କୁ ରହିବାକୁ ପଡ଼ିଛି ଏବଂ ସେଠାକାର ପ୍ରଧାନ ଲାମାଙ୍କ ସହିତ ବନ୍ଧୁତ୍ୱ ବୃଦ୍ଧି ପାଇଛି । ଖ୍ରୀଷ୍ଟ ଧର୍ମ ସମ୍ପର୍କରେ ଆଲୋଚନା ହେବା ସମୟରେ ସେହି ଲାମା କହିଛନ୍ତି – 'ତାଙ୍କର ବୌଦ୍ଧ ଗ୍ରନ୍ଥରେ ସେହି ଯିଶୁ ଯାହାଙ୍କୁ ସେମାନେ Issa ବୋଲି ନାମିତ କରିଛନ୍ତି ତାଙ୍କ ବିଷୟରେ ସବିଶେଷ ବିବରଣୀ ଅଛି'; କାରଣ ସେମାନେ ବିଶ୍ୱାସ କରନ୍ତି ଯେ ବୁଦ୍ଧଙ୍କ ପରେ ସେ ଜଣେ Prophet ଭାବରେ ଆସିଥିଲେ । Notovitchଙ୍କର ଅନୁରୋଧରେ ସେ ତାଙ୍କର ଧର୍ମଗ୍ରନ୍ଥରୁ ପାଲି ଭାଷାରେ ଲିଖିତ ବିବରଣୀ ପାଠ କରନ୍ତି, ଯାହାକୁ ସେ ଜଣେ ଅନୁବାଦକଙ୍କ ସାହାଯ୍ୟରେ ଲିପିବଦ୍ଧ କରିଛନ୍ତି । ତାଙ୍କର ବିସ୍ତୃତ ବର୍ଣ୍ଣନାରୁ ସଂକ୍ଷେପରେ ଏତିକି –

''ଯିଶୁ ୧୪ ବର୍ଷ ବୟସରେ କେତେକ ବଣିକଙ୍କ ସହ ଆସି ଭାରତରେ ପହଞ୍ଚିଛନ୍ତି, – ବୌଦ୍ଧ ଧର୍ମ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ ନିମନ୍ତେ । ସେ ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରିଛନ୍ତି, ଯଥା : ହିମାଳୟ, ନେପାଳ ପ୍ରଭୃତି ସ୍ଥାନ ଯାଇ ଛଅ ବର୍ଷ କାଳ ବୌଦ୍ଧ ଧର୍ମ, ବିଶେଷତଃ ମହାଯାନ ପନ୍ଥୀମାନଙ୍କ ସମ୍ପର୍କରେ ଅଧ୍ୟୟନ କରିଛନ୍ତି । ସେଥିରୁ ତାଙ୍କର ଦୀନ, ଦରିଦ୍ର, ଦୁର୍ବଳମାନଙ୍କ ପ୍ରତି ପ୍ରେମ, ଦୟା, କରୁଣାର ଭାବ ତାଙ୍କୁ ଅନୁପ୍ରାଣିତ କରିଛି । ଶେଷରେ ପଶ୍ଚିମକୁ ଫେରି ଜେରୁଜାଲମ୍‌ରେ ପହଞ୍ଚିଛନ୍ତି ।

ଏହି ଲେଖାକୁ ସେ ସମୟର ଖ୍ରୀଷ୍ଟିଆନ ଜଗତ୍ ଗ୍ରହଣ କଲା ନାହିଁ । କିନ୍ତୁ Kerstin ଏହାକୁ ଧରି ତାଙ୍କର ଅନୁସନ୍ଧାନ ଆରମ୍ଭ କରିଛନ୍ତି । ଯିଶୁଙ୍କର ଶୈଶବରେ ଜେରୁଜାଲମ୍‌ର ଶାସକ Herodର ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ତାଙ୍କର ମାତାପିତା ଇଜିପ୍ଟ୍‌ର ଆଲେକ୍‌ଜାଣ୍ଡ୍ରିଆକୁ ପଳାଇ ଆସିଥିଲେ । ଆଲେକ୍‌ଜାଣ୍ଡରଙ୍କର ଭାରତ ଅଭିଯାନର ଫଳସ୍ୱରୂପ ସେଠାରେ ଗୋଟିଏ ବୌଦ୍ଧ ଧର୍ମାବଲମ୍ବୀ ଗୋଷ୍ଠୀ ରହିଥିଲା । ଯିଶୁ ସେଠାରେ ବୌଦ୍ଧ ଧର୍ମ ସମ୍ପର୍କରେ ଆସି ୧୪ ବର୍ଷ ବୟସରେ ଭାରତ ଯାଇଥିଲେ । ଭାରତରୁ ୩୦ ବର୍ଷ ବୟସରେ ଫେରି ଆସି ଜେରୁଜାଲମ୍‌ରେ ପ୍ରେମ, ଦୟା, କରୁଣାର ବାର୍ତ୍ତା ପ୍ରସାର ପାଇଁ ଚେଷ୍ଟା କଲେ । ତାଙ୍କର ଏହି ବାର୍ତ୍ତାର ପ୍ରଭାବରେ ଅନେକେ ତାଙ୍କର ଅନୁଗାମୀ ହେଲେ । ଯିଶୁ ସେ ସମୟର ଜେରୁଜାଲମ୍‌ର ମନ୍ଦିର ପୂଜକମାନଙ୍କୁ ସେମାନଙ୍କର ହୀନ ଆଚରଣ ପାଇଁ ତିରସ୍କାର କରନ୍ତି । ଏଥିରେ ସେମାନେ କ୍ଷୁବ୍ଧ ହୋଇ ସେତେବେଳକାର ରୋମାନ ଶାସକ Justin Pilotଙ୍କ ନିକଟରେ ନାନା ଅଭିସନ୍ଧିମୂଳକ ଅଭିଯୋଗମାନ ଆଣନ୍ତି ଏବଂ ଯିଶୁଙ୍କୁ କ୍ରୁସବିଦ୍ଧ ଦଣ୍ଡ ଦେବାକୁ ଦାବି କରନ୍ତି । ଯଦିଓ ସେ ସେସବୁ ଅଭିଯୋଗକୁ ଗ୍ରହଣ କରୁ ନଥିଲେ କିନ୍ତୁ ପୂଜକମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ କ୍ରୁସବିଦ୍ଧ ଦଣ୍ଡ ତାଙ୍କୁ ଦେଲେ । ସେହି ଦଣ୍ଡକୁ କାର୍ଯ୍ୟକାରୀ କରାଗଲା ଶୁକ୍ରବାର ଦିନ ୧୨ଟା ବେଳେ । କିନ୍ତୁ ଯିଶୁଙ୍କର ଦୁଇ ତିନଜଣ ଜଣ ଘନିଷ୍ଠ ଅନୁଗାମୀ ତାଙ୍କର ଜୀବନ ରକ୍ଷା ପାଇଁ ସଚେଷ୍ଟ ଥିଲେ । ଯଦିଓ ଯିଶୁ କ୍ରୁସରେ ମୃତବତ୍ ରହିଥିଲେ, ସେମାନେ ତାଙ୍କର ଶରୀରକୁ କବର ଦେବା ବାହାନାରେ ସନ୍ଧ୍ୟା ସମୟରେ ନେଇ ଆସିଲେ କବର ଦେବା ସ୍ଥାନକୁ । ସେଠାରେ ସେମାନେ ନାନା ପ୍ରକାରର ଜଡ଼ିବୁଟି ଯାହା ସେ ସମୟରେ କ୍ଷତ ଉପଶମ ପାଇଁ ବ୍ୟବହାର ହେଉଥିଲା, ତା'ର ଗୋଟିଏ ପ୍ରଲେପ ଶରୀରରେ ଦେଇଥିଲେ । ସେହି

ସେବା ଫଳରେ ଯିଶୁ ସଚେତ ହୁଅନ୍ତେ ସେମାନେ ତାଙ୍କୁ ଅତି ଶୀଘ୍ର ଅନ୍ୟତ୍ର ସ୍ଥାନାନ୍ତରିତ କଲେ । ଯିଶୁଙ୍କର ଅନ୍ୟ କେତେକ ଅନୁଗାମୀ ଯେଉଁମାନେ ଏହି ପ୍ରଚେଷ୍ଟା ବିଷୟରେ ଅବଗତ ନଥିଲେ ସେମାନେ ପ୍ରାତଃ ସମୟରେ କବର ସ୍ଥାନକୁ ଆସି ତାଙ୍କର ଶରୀରକୁ ନଦେଖି ଯିଶୁଙ୍କର ମୃତ୍ୟୁରୁ ପୁନରୁତ୍ଥାନ (resurrection) ହୋଇଛି ବୋଲି ପ୍ରଚାର କଲେ ।

ସେଠାରେ ତାଙ୍କର ଜୀବନ ବିପନ୍ନ ବୋଲି ଜାଣି ତାଙ୍କର କେତେକ ଅନୁଗତଙ୍କ ସହ ସେ ପୁଣି ପୂର୍ବ ଦିଗରେ ଭାରତ ଆଡ଼କୁ ଅଗ୍ରସର ହେଲେ, କାରଣ ସେ ପୂର୍ବରୁ ଭାରତ ସହିତ ପରିଚିତ ଥିଲେ । ପଥରେ ଘମାସ୍‌କସ୍ ଠାରେ Paul ତାଙ୍କୁ ସାକ୍ଷାତ୍ କରନ୍ତି । ଏହି Paul ଯେ ପୂର୍ବରୁ ଖ୍ରୀଷ୍ଟିଆନମାନଙ୍କୁ ଦମନ କରୁଥିଲେ, ମାତ୍ର ଯିଶୁଙ୍କ ସାକ୍ଷାତ୍ ପରେ ତାଙ୍କର ଅନୁଗତ ହୋଇ ଯାଇଥିଲେ ଏବଂ ତାଙ୍କର ବାର୍ତ୍ତା ପ୍ରସାର କରିବାକୁ ଆରମ୍ଭ କରନ୍ତି । ଯିଶୁ ଭାରତ ଆସିବା ପଥରେ ତାଙ୍କର ଜଣେ ଏକାନ୍ତ ଅନୁଗତ Thomasଙ୍କୁ ଭାରତ ପ୍ରେରଣ କରନ୍ତି । Thomas ଦକ୍ଷିଣ ଭାରତରେ ଯିଶୁଙ୍କ ବାର୍ତ୍ତା ପ୍ରସାର କରିଛନ୍ତି । ଚେନ୍ନାଇ ନିକଟସ୍ଥ ଗୋଟିଏ ପର୍ବତ Mount Thomasରେ ତାଙ୍କର ସମାଧି ଅଛି । ଯିଶୁଙ୍କର ଭାରତ ଆଗମନର ଆଉ ଏକ ଚିହ୍ନ ମିଳେ Taxila (ପୁରାତନ ତକ୍ଷଶିଳା) ପାକିସ୍ତାନରେ, ନିକଟସ୍ଥ Mari ନାମକ ଏକ ଛୋଟ ସହରରେ । ସେଠାରେ ଗୋଟିଏ କବର ଅଛି ଯାହାର ନାମ Mai Mari da Asthan – ମଦର ମାରିଙ୍କ ଶେଷ ବିଶ୍ରାମ ସ୍ଥଳ । ଏଥିରୁ ଅନୁମାନ ହୁଏ ଯେ ଯିଶୁଙ୍କ ମାତା Mari ତାଙ୍କ ସହିତ ଆସି ସେଠାରେ ଦେହତ୍ୟାଗ କରିଥିଲେ ଓ ତାଙ୍କୁ ସେଠାରେ କବର ଦିଆ ହୋଇଥିଲା ।

ଯିଶୁ କାଶ୍ମୀରର ଶ୍ରୀନଗରରେ ବହୁ କାଳ ବାସ କରିଛନ୍ତି ଏବଂ ଜଣେ ବିଶିଷ୍ଟ ସନ୍ଥ ରୂପେ ତାଙ୍କର ଖ୍ୟାତି ଥିଲା । ଶ୍ରୀନଗରରେ ତାଙ୍କର କବର ସ୍ଥାନକୁ Yuz Asaf ଭାବରେ ନାମିତ ହୋଇଛି । ଯିଶୁ ଭାରତରେ ବାସ କରୁଥିବାର ଅନେକ ପ୍ରମାଣ Kersten ସଂଗ୍ରହ କରିଛନ୍ତି । ସେଥିରୁ ପ୍ରଧାନତଃ କେତୋଟି ଏଠାରେ ଉଲ୍ଲେଖ କରାଯାଉଛି ।

୧. ଶୈବ ଭକ୍ତ ନାଥଯୋଗୀମାନଙ୍କର ପ୍ରମୁଖ ପୀଠ ସ୍ଥାନ ଗୋରଖ ନାଥ । ସେଠାରେ 'ନାଥ ନାମାବଳି' ନାମକ ଏକ ପୁସ୍ତକ ଅଛି । ସେଥିରେ ପ୍ରଖ୍ୟାତ ନାଥସନ୍ଥମାନଙ୍କ ମଧ୍ୟରେ ଇଶାନାଥଙ୍କ ନାମ ଉଲ୍ଲେଖ ଅଛି । ତାଙ୍କ ବିଷୟରେ ଉଲ୍ଲେଖ ଅଛି ଯେ ସେ ୧୪ ବର୍ଷ ବୟସରେ ଭାରତକୁ ଆସିଥିଲେ ଏବଂ ନିଜ ଜାଗାକୁ ଫେରି ଯାଇ କ୍ରୁସବିଦ୍ଧ ହୋଇଥିଲେ । କିନ୍ତୁ ଯୌଗିକ ଶକ୍ତି ବଳରେ ଜୀବନ ରକ୍ଷା କରି ପାରିଥିଲେ । ସେ ପୁଣି ଭାରତ ଫେରି ଆସି ହିମାଳୟରେ ଗୋଟିଏ ଆଶ୍ରମ ପ୍ରତିଷ୍ଠା କରିଥିଲେ ।

୨. ଭବିଷ୍ୟ ମହାପୁରାଣର ୯ମ ଖଣ୍ଡରେ ବର୍ଣ୍ଣନା କରାଯାଇଛି – ଶକମାନଙ୍କର ରାଜା ଶାଳିବାହନ ହିମାଳୟରେ ଜଣେ ଧବଳକାନ୍ତି ପୁରୁଷଙ୍କୁ ଦେଖି ତାଙ୍କର ପରିଚୟ ମାଗିଲେ । ସେ ଉତ୍ତର ଦେଲେ ଯେ ସେ କୁମାରୀ ଗର୍ଭ ସମ୍ଭୂତ ଈଶାପୁତ୍ର – ଈଶା ମସିହା । ସେ ମ୍ଳେଚ୍ଛମାନଙ୍କର ସତ୍ୟକୁ ଧାରଣ କରି ଅବିଶ୍ୱାସୀମାନଙ୍କ ମଧ୍ୟରେ ଧର୍ମର ସନ୍ଧାନ ଦେଉଛନ୍ତି । ରାଜା ଏହା ଶୁଣି ମ୍ଳେଚ୍ଛମାନଙ୍କର ଗୁରୁଙ୍କ ସମ୍ମୁଖରେ ମସ୍ତକନତ କଲେ ।

୩. କାଶ୍ମୀରରେ ତଖତ୍-ଇ-ସୁଲେମାନ୍ ସ୍ମୃତିସ୍ତମ୍ଭ – ସୋଲମନ୍‌ଙ୍କର ସିଂହାସନ ଭାବେ ବିଖ୍ୟାତ । ଏହି ଅତି ପୁରାତନ ସ୍ମୃତିସ୍ତମ୍ଭକୁ ରାଜା ଗୋପଦତ୍ତ ପୁନରୁଦ୍ଧାର କରିଥିଲେ ଜଣେ ପାରସ୍ୟର ସ୍ଥପତିଙ୍କ ଦ୍ୱାରା । ସେହି ସ୍ମୃତି ସ୍ତମ୍ଭରେ ଚାରିଟି ଧାଡ଼ି ଲେଖାଅଛି ।

ଶେଷ ଦୁଇ ଧାଡ଼ି :

(କ) ଏହି ଚଉବନ ସାଲରେ Yuz Asaf ତାଙ୍କର ଦିବ୍ୟ ବାର୍ତ୍ତା (Prophetic Mission) ଘୋଷଣା କରିଥିଲେ ।

(ଖ) ସେ ହେଉଛନ୍ତି ଯିଶୁ – ଇସ୍ରାଏଲର ଦେବବାର୍ତ୍ତା ଘୋଷଣାକାରୀ (Prophet) ସନ୍ତାନ ।

୪. କାଶ୍ମୀରର ପଣ୍ଡିତ Kalhanଙ୍କର 'ରାଜତରଙ୍ଗିଣୀ' ଗ୍ରନ୍ଥରେ ଇଶାନ ନାମକ ଜଣେ ସନ୍ଥଙ୍କ ନାମ ଉଲ୍ଲେଖ ଅଛି । ସେଥିରେ ତାଙ୍କର ଅନେକ ଅଲୌକିକ ଘଟଣା ବର୍ଣ୍ଣନା ଅଛି – ସେଥିରୁ ଗୋଟିଏ ହେଉଛି କ୍ରୁସବିଦ୍ଧ ଅବସ୍ଥାରୁ ମୃତ୍ୟୁରୁ ରକ୍ଷା ପାଇବା । ମନେହୁଏ ସେହିଁ ଇଶାନ – ଈଶା ଯିଶୁ ।

(୫) ଏହା ବ୍ୟତୀତ କାଶ୍ମୀରରେ ବହୁ ସ୍ଥାନ – ଈଶା ଯିଶୁଙ୍କ ନାମ ବହନ କରେ ।

ଯିଶୁ ଯେ ବୁଦ୍ଧଙ୍କ ପରେ ପ୍ରେମ ଓ କରୁଣାର ବାଣୀ ପ୍ରସାର କରିଛନ୍ତି – ସେ ଭାରତରେ ବାସ କରୁଥିବାର କଥାକୁ ଅବିଶ୍ୱାସ କରିବାର କୌଣସି କାରଣ ନାହିଁ । କବି ଜୟଦେବ ବୁଦ୍ଧଙ୍କର ଆବିର୍ଭାବକୁ ଏହିପରି ବର୍ଣ୍ଣନା କରିଛନ୍ତି : –

''ନିନ୍ଦସି ଯଜ୍ଞ-ବିଧେରହହ ଶ୍ରୁତିଜାତମ୍ ।
ସଦୟହୃଦୟ ଦର୍ଶିତପଶୁଘାତମ୍ ॥

କେଶବ ଧୃତବୁଦ୍ଧଶରୀର ଜୟ ଜଗଦୀଶ ହରେ ।''

ବୁଦ୍ଧ ଯେପରି ସେ ସମୟର ଯଜ୍ଞ ନାମରେ ପଶୁବଳିକୁ ନିନ୍ଦା କରି ସହୃଦୟତାର ପରିଚୟ ଦେଇଛନ୍ତି, ଯିଶୁ ତାଙ୍କର ପଦାଙ୍କ ଅନୁସରଣ କରିଥିବେ ।

ଶ୍ରୀମା' କହିଛନ୍ତି ଅତିମାନସ ସୃଷ୍ଟିରେ କୌଣସି ପାରମ୍ପରିକ ଧର୍ମ ରହିବ ନାହିଁ । ଆମେ ଆଶା କରିବା ଭବିଷ୍ୟତ୍ ଯୁଗରେ ଏହି ପୁରାତନ ଧର୍ମମାନଙ୍କର ମୂଳ ତତ୍ତ୍ୱ କେବଳ ପ୍ରଦର୍ଶନୀ ସ୍ତମ୍ଭ ଭଳି ରହିଥିବ, ମନୁଷ୍ୟର ଅଧ୍ୟାତ୍ମ ମାର୍ଗ ଆରୋହଣର ସ୍ମୃତି ରୂପେ ।

❑❑❑

# ତୁମେ ସୃଷ୍ଟିର କାରଣ

## ଗୋପାଳକୃଷ୍ଣ ପଟ୍ଟନାୟକ

ମାଆ ତୁମେ ଅଟ    ଏ ବିଶ୍ୱର ସ୍ରଷ୍ଟା
ତୁମେ ସୃଷ୍ଟିର କାରଣ
ହେ ଚିର ଶାଶ୍ୱତ    ଅମୃତମୟି ମା'
କୃପା ତବ ଅନୁପମ ।

ଏହି ଜଗତର    ସକଳ ସତ୍ତାରେ
ତୁମ ଜ୍ୟୋତିଃ ବିରାଜିତ
ସୁଖ, ଦୁଃଖ, ଶାନ୍ତି,    ଆନନ୍ଦ, ବିଷାଦ
ସବୁ ତୁମ ବିରଚିତ ।

ଅଜଣା ରାଇଜୁ    ଧୀର ସମୀରଣେ
ଭାସି ଆସେ ତବ ସ୍ୱର
ସେ ମଧୁର ସ୍ୱର    ଅନ୍ତରୀକ୍ଷ ଡେଇଁ
ଗୁଞ୍ଜାରେ କର୍ଣ୍ଣେ ମୋହର ।

ସେ ଦିବ୍ୟ ଗୁଞ୍ଜନ    ସୃଜଇ ଅନ୍ତରେ
ଆଧ୍ୟାତ୍ମିକ ଭାବାନ୍ତର
ତବ ଚେତନାର    ମଳୟ ବହଇ
ଜୀବନ ବିତାନେ ମୋର ।

ସଂସାର ସାଗରେ    ଜୀବନ ଡଙ୍ଗା ମୋ
ଭ୍ରମଇ ଅଜଣା ପଥେ
ପଥ ଚାଲୁ ଚାଲୁ    କର୍ମ କରି ଚାଲେ
ଯେଉଁ କାର୍ଯ୍ୟ ଦିଅ ମୋତେ ।

ସେ କର୍ମ ଉତ୍ତମ    ଅବା ଅନୁତ୍ତମ
ତାହା ମୋତେ ଜଣା ନାହିଁ
ପୁଣ୍ୟ କରୁଛି କି    ପାପ ମୁଁ କରୁଛି
ସେ ସକଳ ଜାଣୁ ତୁହି ।

ଚାହେଁ ତବ ପଦେ    ନିବେଦିତ ହେବି
ମୁକୁଳିତ ପୁଷ୍ପ ହୋଇ
ରୂପ ଓ ମହକ    ଭରିଯିବ ତହିଁ
ତୁମରି ପରଶ ପାଇ । ❑

ପ୍ରଣାମ ନାରୀଶକ୍ତି (୧୬) :

# କମଳା ପୂଜାରୀ

## ସୂର୍ଯ୍ୟକାନ୍ତି ମହାନ୍ତି

କୋରାପୁଟରେ ଧାନ ସଂରକ୍ଷକ, କୃଷି ବୈଜ୍ଞାନିକ ଓ ଆବିଷ୍କାରକ କମଳା ପୂଜାରୀଙ୍କର ଜନ୍ମ ହୋଇଥିଲା ୧୯୪୮ ମସିହାରେ – କୋରାପୁଟର ବୈପାରିଗୁଡ଼ା ନିକଟସ୍ଥ ପାତ୍ରପୁଟ ଗ୍ରାମରେ ଏବଂ ତାଙ୍କର ମାତାପିତା ଥିଲେ 'ପରଜା' ଆଦିବାସୀ ସମ୍ପ୍ରଦାୟର ଏକ ଦରିଦ୍ର ପରିବାର । କମଳାଙ୍କର ବିବାହ ହୋଇଥିଲା ଦଶବର୍ଷ ବୟସରେ । ବହୁ ପିଢ଼ି ଧରି ତାଙ୍କର ପରିବାର ଧାନ ଉତ୍ପାଦନ କ୍ଷେତ୍ରରେ ସମ୍ପୃକ୍ତ ରହି ଆସିଥିଲେ । କମଳାଙ୍କର ମଧ୍ୟ ଶୈଶବାବସ୍ଥାରୁ ଧାନ ଚାଷ ପ୍ରତି ଥିଲା ଅହେତୁକ ଆକର୍ଷଣ ଏବଂ ଏହାହିଁ ତାଙ୍କୁ ନିଜ ଜମିରେ ଧାନ ଉତ୍ପାଦନ ପାଇଁ ପ୍ରେରିତ କରିଥିଲା । ପରବର୍ତ୍ତୀ ସମୟରେ ସେ ନିରବଚ୍ଛିନ୍ନ ଭାବରେ ଏହି ପରମ୍ପରାକୁ ବଜାୟ ରଖି ଆସିଛନ୍ତି ଅସାଧାରଣ ସାମର୍ଥ୍ୟର ସହିତ । ଅଳ୍ପ ବର୍ଷ ଭିତରେ ସେ ମଧ୍ୟ ଲୋକଙ୍କର ଉପକାର ପାଇଁ ଧାନ ବିହନର ସଂରକ୍ଷଣ ଆରମ୍ଭ କରିଥିଲେ । ମାତ୍ର ଏ ପ୍ରକାର କାର୍ଯ୍ୟ ଆବଶ୍ୟକ କରେ ପ୍ରସାରିତ ଜ୍ଞାନ ଓ ବ୍ୟାପକ ପ୍ରଚେଷ୍ଟା । କମଳା ନିରକ୍ଷର ଥିଲେ ବି ଏସମସ୍ତ ଗୁଣର ଅଧିକାରିଣୀ ଥିଲେ ।

ତେବେ ବହୁବର୍ଷ ଧରି କୃଷି କରିବା ଭିତରେ ସେ ବିଭିନ୍ନ କିସମର ଧାନ ବିହନ ସଂରକ୍ଷଣ ସାଙ୍ଗକୁ ହଳଦୀ, ତିଳ, କଳାଜିରା, ମହାକାନ୍ତା, ଫୁଲା, ଘଣ୍ଟିଆ ଏବଂ ଅନ୍ୟ କେତେକ ବିଲୋପନ୍ମୁଖ ମଞ୍ଜି ଓ ଶସ୍ୟକୁ ସଂରକ୍ଷଣ କରିବାରେ ମଧ୍ୟ ସଫଳ ହୋଇଥିଲେ । ତାଙ୍କର ଏହି ଉଦ୍ଭାବନ ସକାଶେ ସ୍ୱତ୍ୱାଧିକାର ଲାଭର ସେ ହକଦାର ହୋଇଥିଲେ ମଧ୍ୟ ସେଥିପାଇଁ ସେ କୌଣସି ଦାବି କରି ନଥିଲେ । ମାତ୍ର ତାଙ୍କର ଏହି କାର୍ଯ୍ୟକୁ ଏମ୍.ଏସ୍. ସ୍ୱାମୀନାଥନ୍ ଫାଉଣ୍ଡେସନ୍ ଚିହ୍ନି ଥିଲେ ଏବଂ କମଳା ଏଠାରୁ ପାରମ୍ପରିକ କୌଶଳ ସହିତ ଚାଷ କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତିର ବ୍ୟବହାରଜନିତ ଶିକ୍ଷା ଲାଭ କରିପାରିଥିଲେ । ପରବର୍ତ୍ତୀ ସମୟରେ ଏହି ଜ୍ଞାନ ତାଙ୍କୁ ସାହାଯ୍ୟ କରିଥିଲା ବିହନ ବ୍ୟାଙ୍କ୍ (Seed Bank) ପ୍ରତିଷ୍ଠା କରିବାରେ ।

ଇତି ମଧ୍ୟରେ କମଳା ଅଳ୍ପ ସଂଖ୍ୟକ ମହିଳାଙ୍କ ସହିତ ମିଶି କାର୍ଯ୍ୟଟିକୁ ଆଗକୁ ବଢ଼ାଇଥିଲେ । ତା'ପରେ ସେ ନିଜ ଅଞ୍ଚଳର କୃଷକମାନଙ୍କୁ ବୁଝାଇଥିଲେ ଯେ କିପରି ରାସାୟନିକ ସାର ବ୍ୟବହୃତ ଉତ୍ପାଦିତ ଶସ୍ୟସବୁ ମଣିଷର ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ଏବଂ ସେମାନଙ୍କୁ ସେ ପ୍ରେରଣା ଦେବା ସହ ଏଇ ଶିକ୍ଷା ମଧ୍ୟ ଦେଇଥିଲେ ଯେ କିପରି ଜୈବିକ ପ୍ରଣାଳୀରେ ଚାଷ କରି ଅଧିକ ଧାନ ଅମଳ କରାଯିବା ସମ୍ଭବ ।

ସାମାଜିକ ସ୍ଥିତି ଅନୁଯାୟୀ ଜନସଂଖ୍ୟା ବୃଦ୍ଧି କାରଣରୁ କୃଷି ବୈଜ୍ଞାନିକମାନେ ଅଧିକ ଶସ୍ୟ ଅମଳ କରିବାର କୌଶଳ ବାହାର କଲେ, ଯାହାକୁ କୌଳିକ ଗୁଣ ପରିବର୍ତ୍ତିତ କିସମର ଧାନ କୁହାଯାଏ । ଏହା ଫଳରେ ପୃଥିବୀର କୋଟି କୋଟି ଲୋକଙ୍କର କ୍ଷୁଧା ନିବାରଣ କରାଯାଇପାରିବ ବୋଲି ଏହାକୁ ଗ୍ରହଣ କରାଗଲା ଏବଂ ଯାହାକୁ ସବୁଜ ବିପ୍ଳବ କୁହାଗଲା । ଭାରତରେ ବିଶିଷ୍ଟ କୃଷି ବୈଜ୍ଞାନିକ ଏମ୍.ଏସ୍. ସ୍ୱାମୀନାଥନ୍ ଆମ ଦେଶରେ ସବୁଜ ବିପ୍ଳବର ମୂଳଦୁଆ ପକାଇଥିଲେ ।

ଗବେଷଣାରୁ ଜଣାଯାଏ ଯେ ଅଧିକ ଅମଳକ୍ଷମ ଧାନ ଓ ଗହମ ଶସ୍ୟରେ ଦସ୍ତା, ଲୁହା ଏବଂ ଅନ୍ୟ କେତେକ ଭିଟାମିନ୍ ବା ଜୀବନିକାର ପରିମାଣ ଦେଶୀ କିସମ ଶସ୍ୟଠାରୁ କମ୍ ରହୁଛି । ଫଳରେ ଏହା ମଣିଷ ଶରୀରର ଯଥାର୍ଥ ଆବଶ୍ୟକତାକୁ ପୂରଣ କରିପାରୁ ନାହିଁ । ପୁନଶ୍ଚ ଜମିରେ ମାତ୍ରାଧିକ ରାସାୟନିକ ସାରର ପ୍ରୟୋଗ ଫଳରେ ମାଟିର ଭୌତିକ ଗୁଣ ନଷ୍ଟ ହୋଇଯାଉଛି ଏବଂ ଏହାର ଜଳ ଓ ଉତ୍ତାପ ଧାରଣ ଶକ୍ତି ମଧ୍ୟ କମିଯାଉଛି; ଯାହା ଫଳରେ ମାଟିରେ ଥିବା କେତେକ ଉପକାରୀ ବୀଜାଣୁ ମଧ୍ୟ ନଷ୍ଟ ହୋଇଯାଆନ୍ତି । ପୁନଶ୍ଚ, ରାସାୟନିକ ସାର ପ୍ରୟୋଗପୂର୍ବକ ଉତ୍ପାଦିତ ଶସ୍ୟରେ ବିଭିନ୍ନ ରୋଗ ଜୀବାଣୁ ଓ ପୋକ ଲାଗିଥାଆନ୍ତି । ଏହାର ପ୍ରତିକାର ପାଇଁ ବିଷାକ୍ତ ଔଷଧ ମଧ୍ୟ ପ୍ରୟୋଗ କରିବାକୁ ପଡ଼େ । ଏହିପରି ଉତ୍ପାଦିତ ଶସ୍ୟ ଖାଇ ମଣିଷ ବିଭିନ୍ନ ଭାବରେ ରୋଗାକ୍ରାନ୍ତ ହୁଏ । ଅଧିକନ୍ତୁ ନିଜ ଅମଳରୁ ଏହି କୌଳିକ ଗୁଣ ପରିବର୍ତ୍ତିତ କିସମର ବିହନକୁ କୃଷକ ମଞ୍ଜି ରୂପେ ଏହାକୁ ବ୍ୟବହାର କରିପାରେ ନାହିଁ । ବରଂ ନିଶ୍ଚିତ ରୂପେ ସେମାନଙ୍କୁ ପ୍ରତିବର୍ଷ ବିହନ କିଣିବାକୁ ପଡ଼େ ।

ଏଣୁ ଦେଶୀୟ କିସମର ଶସ୍ୟ ଉତ୍ପାଦନ ପାଇଁ ଜୈବିକ ପ୍ରଣାଳୀ କୃଷିର ଆବଶ୍ୟକତା ଅଛି ବୋଲି କମଳା ବୁଝି ପାରିଥିଲେ । ଏହା ପରେ ବିନା ରାସାୟନିକ ସାରର ବ୍ୟବହାର କରି ଅଧିକ ପରିମାଣରେ ଶସ୍ୟ ଉତ୍ପାଦନ କରିବାରେ କମଳା ପ୍ରେରିତ ହୋଇଥିଲେ । ତାଙ୍କର ପ୍ରଚେଷ୍ଟାରେ ନିଜ ଗ୍ରାମର କୃଷକମାନେ ଅସାଧାରଣ ଫଳାଫଳ ଲାଭ କଲେ । ପାରମ୍ପରିକ ପ୍ରଣାଳୀରେ ଚାଷ କରିବାକୁ ଏବଂ ରାସାୟନିକ ସାର ଓ ପୋକମରା ବିଷ ପ୍ରୟୋଗକୁ କମ୍ କରିବାରେ ସେ ସକ୍ଷମ ହୋଇଥିଲେ । ଏହି ପ୍ରଚେଷ୍ଟାର ଫଳସ୍ୱରୂପ କମଳାଙ୍କ ଗ୍ରାମର କୃଷକମାନେ ବର୍ତ୍ତମାନ ସ୍ୱାଭାବିକ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ଶସ୍ୟ ବିକ୍ରି କରିବାକୁ ସକ୍ଷମ ହୋଇଛନ୍ତି ଏବଂ ସେମାନେ ମଧ୍ୟ କୃଷିର ପରିବର୍ତ୍ତିତ ପ୍ରଣାଳୀ ପାଇଁ ଭାରତର ଅନ୍ୟ କୃଷକମାନଙ୍କର ଉଦାହରଣ ହୋଇ ପାରିଛନ୍ତି ।

କମଳାଙ୍କର ଏହି କାର୍ଯ୍ୟର ଯେ କେବଳ ନିଜ ଗ୍ରାମରେ ସକାରାତ୍ମକ ପ୍ରଭାବ ଅଛି ତାହା ନୁହେଁ ବରଂ ଉନ୍ନତତର କୃଷିର ପାରମ୍ପରିକ ଜ୍ଞାନ ଓ ବ୍ୟାବହାରିକ କୌଶଳ ଏବଂ ଉତ୍ତମ ସଂରକ୍ଷଣ ସମ୍ପର୍କୀୟ ସଚେତନତା ସୃଷ୍ଟି କରିବାରେ ମଧ୍ୟ ସାହାଯ୍ୟ କରିଛି । ତାଙ୍କ କାର୍ଯ୍ୟର ସ୍ୱୀକୃତି ସ୍ୱରୂପ କମଳାଙ୍କୁ ପ୍ରଦାନ କରାଯାଇଛି 'ପଦ୍ମଶ୍ରୀ' ଉପାଧି; ଯାହା ହେଉଛି ଭାରତର ଉଚ୍ଚତମ ବେସାମରିକ ପୁରସ୍କାର । ୨୦୨୨ ମସିହାରେ ଭାରତର ତତ୍କାଳୀନ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ଏହି ପୁରସ୍କାର ପ୍ରଦାନ କରିଥିଲେ । ଭାରତର କୃଷକଙ୍କୁ ସାହାଯ୍ୟ କରିବା ଏବଂ ସଫଳତା ପ୍ରଦାନ କରାଇବା ପଶ୍ଚାତରେ ରହିଛି କମଳାଙ୍କର ଅକ୍ଳାନ୍ତ ପରିଶ୍ରମ ଓ ଦୃଢ଼ ମନୋବଳ । ଏଥିପାଇଁ ସେ ଦ୍ୱାରରୁ ଦ୍ୱାର, ଗ୍ରାମରୁ ଗ୍ରାମ ବୁଲି ଲୋକଙ୍କୁ ବୁଝାଇଛନ୍ତି । ତାଙ୍କ ପ୍ରଚେଷ୍ଟାରେ ନିଜ ଗ୍ରାମ ତଥା ପଡ଼ୋଶୀ ଗ୍ରାମର କୃଷକମାନେ ରାସାୟନିକ ସାର ପରିତ୍ୟାଗ କରି ଜୈବିକ ପ୍ରଣାଳୀକୁ ଆପଣାଇ ଅଧିକ ଶସ୍ୟ ଅମଳ ଏବଂ ମାଟିର ଉର୍ବରତା ବୃଦ୍ଧି କରିପାରିଛନ୍ତି । ଆସନ୍ତା ପିଢ଼ି ପାଇଁ କମଳା ହେଉଛନ୍ତି ଜଣେ ପ୍ରେରଣାଦାୟିନୀ କୃଷି ବିଶାରଦ ।

ଏପରିକି ତାଙ୍କୁ 'ପଦ୍ମଶ୍ରୀ' ଉପାଧିରେ ପୁରସ୍କୃତ କରାଗଲା ପରେ ମଧ୍ୟ ସେ କହିଥିଲେ ମୋର ଅତି କମ୍ ଜ୍ଞାନ ଅଛି ଏହି ପୁରସ୍କାର ବିଷୟରେ । ଏହା କେଉଁ ଉଦ୍ଦେଶ୍ୟରେ ମୋତେ ପ୍ରଦାନ କରାଯାଇଛି, ମୋତେ ଜଣା ନାହିଁ । ପୁନଶ୍ଚ, ସେ ନୂଆ ଦିଲ୍ଲୀରୁ ଲାଭ କରିଛନ୍ତି ଜାତୀୟ ପୁରସ୍କାର – 'କୃଷି ବିଶାରଦ ସମ୍ମାନ' । ସେ ପୁଣି ହେଉଛନ୍ତି ପ୍ରଥମ ଆଦିବାସୀ ମହିଳା, ଯିଏ Odisha State Planning Boardର ଜଣେ ସଭ୍ୟା ହୋଇ ପାରିଛନ୍ତି । ଅଧିକନ୍ତୁ ରାଜ୍ୟର ପଞ୍ଚବର୍ଷୀୟ ଯୋଜନାରେ ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦି ନୀତି ପ୍ରସ୍ତୁତ କରିବାରେ ୨୦୧୮ ମସିହାରେ ପାଞ୍ଚଜଣିଆ ଦଳରେ ସେ ଜଣେ ସଭ୍ୟା ହୋଇଥିଲେ । ଏହା ପୂର୍ବରୁ ୨୦୦୪ ମସିହାରେ ଓଡ଼ିଶା ସରକାର ତାଙ୍କୁ ପ୍ରଦାନ କରିଛନ୍ତି 'ଶ୍ରେଷ୍ଠ ମହିଳା କୃଷକ' ସମ୍ମାନ । ପୁନଶ୍ଚ ୨୦୦୨ ମସିହାରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ 'Equator of Initiative Award' ଲାଭ କରିଛନ୍ତି କମଳା । ସେଠାରେ ସମବେତ ହୋଇଥିବା ପୃଥିବୀର ବିଭିନ୍ନ ଦେଶର ପ୍ରତିନିଧିମାନେ ତାଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ ।

ଶହ ଶହ ଆଞ୍ଚଳିକ କିସମର ଧାନ ସଂରକ୍ଷଣ କାର୍ଯ୍ୟରେ ଏବଂ ଜୈବିକ ପ୍ରଣାଳୀକୁ ପ୍ରୋତ୍ସାହିତ କରିବାରେ କମଳା ପୂଜାରୀ ହେଉଛନ୍ତି ପ୍ରଥମ ଅନ୍ୱେଷଣକାରୀ ଆବିଷ୍କାରକ । ଏହି ସକ୍ରିୟ ବୈଜ୍ଞାନିକ କମଳା ପୂଜାରୀ ତାଙ୍କର ଗବେଷଣା କାର୍ଯ୍ୟରେ ଦେଇଛନ୍ତି ଏକ ବୃହତ୍ ଓ ମହତ୍ ସେବା ।

ଏହା ସତ୍ତ୍ୱେ କମଳା ଦୁଃଖ ପ୍ରକାଶ କରି କହିଛନ୍ତି ଯେ ଓଡ଼ିଶା ହରାଇଛି ବହୁ ଦେଶୀ କିସମର ଶସ୍ୟ । ସେ ମଧ୍ୟ ଅଭିଯୋଗ କରିଛନ୍ତି ଯେ ଯେଉଁସବୁ ମାଟିପାତ୍ରରେ ସେ ବିହନ ସଂରକ୍ଷିତ କରି ରଖିଥିଲେ, ସେସବୁର ଅଧିକାର ବର୍ତ୍ତମାନ ତାଙ୍କ ହାତରେ ନାହିଁ । ଏସବୁକୁ ଏମ୍.ଏସ୍. ସ୍ୱାମୀନାଥନ୍ ଫାଉଣ୍ଡେସନ୍ ନେଇ ଯାଇଛି । ତାଙ୍କର ମତାନୁଯାୟୀ ବର୍ତ୍ତମାନ ଆଦିବାସୀଙ୍କର ଏହିସବୁ ଜିନିଷର ସ୍ୱତ୍ୱାଧିକାରକୁ ସେ କିପରି ସାବ୍ୟସ୍ତ କରିପାରିବେ ଯାହା ଅନ୍ୟର ଅଧିକାରରେ ଅଛି ।

ଏହିସବୁ ପ୍ରାଚୀନ ଓ ଦେଶୀ କିସମର ଧାନର ଅଦ୍ୱିତୀୟ ବିଶେଷତ୍ୱ ଥିବାରୁ ନିଶ୍ଚିତ ଭାବରେ ଏଥିପାଇଁ Geographical Indication (GI) tag ପାଇଁ ଆବେଦନ କରିବା ଆବଶ୍ୟକ ।

ଏସବୁ ସମ୍ଭବ ହୋଇପାରିଛି କମଳାଙ୍କ ଜ୍ଞାନ ଓ ତାଙ୍କର ଅବିଶ୍ରାନ୍ତ କର୍ମର ଫଳ ଯୋଗୁଁ । ଛଅ ଦଶନ୍ଧି ଧରି ସୂର୍ଯ୍ୟ କିରଣରେ କଠିନ ପରିଶ୍ରମ କାରଣରୁ ସେ ଅସୁସ୍ଥ ହୋଇ ଦୈନିକ ଖବରକାଗଜ 'ସମ୍ବାଦ' ଅନୁଯାୟୀ ତାଙ୍କୁ ୨୦୨୩ ଅକ୍ଟୋବର ୧୫ ତାରିଖ ଜୟପୁରର ସବ୍‌ଡ଼ିଭିଜନାଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅଧିକ ଅସୁସ୍ଥତା କାରଣରୁ ପରେ ତାଙ୍କୁ S.C.B Medical Collegeରେ ଭର୍ତ୍ତି କରାଯାଇଥିଲା ।

ସୂଚନା ଅନୁଯାୟୀ ତାଙ୍କର 'ରେନାଲ୍ କଲିକ୍' (Kidney stone) ବେମାରି ସହ ରକ୍ତଚାପ ଓ ହିମୋଗ୍ଲୋବିନ୍‌ର ପରିମାଣ କମ୍ ଥିଲା । ଏହା ସହ ଛାତିରେ ମଧ୍ୟ ଯନ୍ତ୍ରଣା ହେଉଥିଲା । ୨୦୨୪ ଜାନୁଆରୀ ପାଞ୍ଚ ତାରିଖ 'ସମ୍ବାଦ' ଅନୁଯାୟୀ ତାଙ୍କୁ S.C.B Medical Collegeରୁ ଘରକୁ ଅଣା ଯାଇଥିଲା । ତେବେ କୋରାପୁଟର ଏକ ଡାକ୍ତରୀ ଦଳ ତାଙ୍କ ଘରକୁ ଯାଇ ନିୟମିତ ବ୍ୟବଧାନରେ ତାଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରିବେ ବୋଲି ଭେଷଜ ବିଶେଷଜ୍ଞ ଡାକ୍ତର ଜୟନ୍ତ ପଣ୍ଡା କହିଥିଲେ ।

ଏଠାରେ ଓଡ଼ିଶାର ପୂର୍ବ ଇଂରାଜୀ ଶବ୍ଦ 'Orissa'କୁ ନେଇ ଏକ ତଥ୍ୟର ଅବତାରଣା କରୁଛୁ । 'Orissa'ର ନାମ 'Rice'ରୁ ବ୍ୟୁତ୍ପତ୍ତି ହୋଇଛି । Rice ହେଉଛି ଏକ ପ୍ରକାର ଖାଦ୍ୟ ଶସ୍ୟ ଯାହା 'Oryza Sativa' ପ୍ରଜାତିର ବୋଲି ଗ୍ରହଣ କରାଯାଏ । Oryza ହେଉଛି Rice ଶବ୍ଦର ପ୍ରାଚୀନ ଲାଟିନ୍ ଶବ୍ଦ ଏବଂ Sativaର ଅର୍ଥ ଉତ୍ପାଦିତ ହୋଇଥିବା; ଅର୍ଥାତ୍, Oryza Sativaର ଅର୍ଥ ହେଉଛି ଉତ୍ପାଦିତ ହେଉଥିବା ଚାଉଳ । ଏହା ହେଉଛି Riceର ଦ୍ୱିପଦ ବିଶିଷ୍ଟ ନାମ । ସମ୍ଭବତଃ ଏହି କାରଣରୁ ଇଂରେଜମାନେ ଏହି ଧାନ ଉତ୍ପାଦନକାରୀ ରାଜ୍ୟର ଇଂରାଜୀ ନାମ Orissa ରଖିଥିଲେ ।

ପୁନଶ୍ଚ ଓଡ଼ିଶାରେ ନୂତନ ଧାନ ଅମଳ କରି ଏହାକୁ ପୂଜା କରିବାର ଏକ ସୁନ୍ଦର ଓ ଅଦ୍ୱିତୀୟ ପାରମ୍ପରିକ ପର୍ବ ରହିଛି; ଯାହା ମାର୍ଗଶୀର ମାସର ମାଣବସା ଗୁରୁବାରରେ ଲକ୍ଷ୍ମୀପୂଜା ଭାବରେ ପରିଚିତ । ଓଡ଼ିଶାର ପ୍ରତ୍ୟେକ ଘରେ ଏହା ପାଳିତ ହୁଏ, ଭାରତର ଅନ୍ୟ କୌଣସି ରାଜ୍ୟରେ ଏପରି ପରମ୍ପରା ନାହିଁ । ଏଠାରେ ଉଲ୍ଲେଖନୀୟ ଯେ ସୁବର୍ଣ୍ଣରଙ୍ଗର ପାଚିଲା ଧାନକୁ ନେଇ ଏହି ପୂଜା ସଂଗଠିତ ହେବା ସହିତ ଏଥିରେ ଜଡ଼ିତ ରହିଛି ପରିଷ୍କାର ପରିଚ୍ଛନ୍ନତା, ସୁନ୍ଦର ପରିବେଶ, ସ୍ୱାସ୍ଥ୍ୟପ୍ରଦ ଓ ସଂଯମୀ ଜୀବନ-ଚର୍ଯ୍ୟା ଭଳି କେତେକ ସୁସଂସ୍କୃତ କାର୍ଯ୍ୟ କରିବା ଉପରେ ମହତ୍ତ୍ୱ ପ୍ରଦାନ । ଏଣୁ ଅନେକଙ୍କ ମତରେ ଏହି ମହାନ୍ ପର୍ବ ହେଉଛି ଓଡ଼ିଶାର 'ସ୍ୱର୍ଣ୍ଣପର୍ବ' ।

ଗତ ୨୦୨୩ ମସିହା ଜାନୁଆରୀ ମାସରେ କଟକର ବିଦ୍ୟାଧରପୁର ସ୍ଥିତ ରାଷ୍ଟ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ 'National Rice Research Institutation'ରେ ଆୟୋଜିତ ଦ୍ୱିତୀୟ ଭାରତୀୟ ଧାନ ପ୍ରତିଷ୍ଠାନ କେନ୍ଦ୍ରକୁ ଉଦ୍‌ଘାଟନ କରି ମାନନୀୟା ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ କହିଥିଲେ ଯେ ଧାନ ହେଉଛି ସମୃଦ୍ଧିର ପ୍ରତୀକ । ସେ ମଧ୍ୟ ତାଙ୍କ ଭାଷଣରେ କମଳା ପୂଜାରୀଙ୍କୁ ତାଙ୍କ କାର୍ଯ୍ୟ ପାଇଁ ଭୂୟସୀ ପ୍ରଶଂସା କରିଥିଲେ ।

ଧାନ ଉତ୍ପାଦନକୁ ନେଇ ଶତାବ୍ଦୀ ଶତାବ୍ଦୀ ଧରି ଯେଉଁ ପର୍ବ ପାଳନ କରାଯାଇ ଆସୁଛି, ତାହା ହେଉଛି 'ଅକ୍ଷୟ ତୃତୀୟା' । ବୈଶାଖ ଶୁକ୍ଳ ତୃତୀୟା ତିଥିର ଏହି ପର୍ବ ଧାନ ଉତ୍ପାଦନ ଓ ଅମଳ ସହ ଲୋକଙ୍କର ରହିଥିବା ଗଭୀର ଭାବାତ୍ମକ ସମ୍ପର୍କକୁ ସୂଚୀତ କରେ ।

ଓଡ଼ିଶାର ୪୮୫ କି.ମି. ବ୍ୟାପୀ ଉପକୂଳ ଅଞ୍ଚଳରେ ଅଛି ପ୍ରଚୁର ଧାନ ଉତ୍ପାଦନ କ୍ଷେତ୍ର । ଅର୍ଥାତ୍, ଏହାର ଅଧିବାସୀମାନଙ୍କର ମୁଖ୍ୟ ଖାଦ୍ୟ ହେଉଛି ଭାତ । ଏଥିପାଇଁ ଆଜିକାଲି ପ୍ରତିବର୍ଷ ଓଡ଼ିଆମାନେ ଗର୍ବର ସହ ପାଳନ କରନ୍ତି ମାର୍ଚ୍ଚ ୨୦ ତାରିଖକୁ 'ପଖାଳ ଦିବସ' ଭାବରେ ।

ଏହିପରି ଭାବରେ ଧାନ, ଚାଉଳ ବା ଭାତକୁ ନେଇ ଓଡ଼ିଶାରେ ରହିଛି ବହୁ ଗୌରବମୟ ଆକର୍ଷଣୀୟ କାହାଣୀ ।

ଏହି ଧାନ ସଂରକ୍ଷଣରେ ଜୀବନବ୍ୟାପୀ ସାଧନାରତା ଓଡ଼ିଶାର ସର୍ବଶ୍ରେଷ୍ଠ ମହିଳା କୃଷକ, ଜୈବିକ କୃଷି ପ୍ରଣାଳୀର ପୃଷ୍ଠପୋଷିକା, ପାରମ୍ପରିକ ବିହନ ବ୍ୟାଙ୍କର ପ୍ରତିଷ୍ଠାତା, ଲକ୍ଷ ଲକ୍ଷ କୃଷକଙ୍କର ଦିଗ୍‌ଦର୍ଶକ, କୃଷି ବୈଜ୍ଞାନିକ ଏବଂ ବହୁ ବିସ୍ମୟର ଅନୁସନ୍ଧିତ୍ସୁ ଓ ଆବିଷ୍କାରକ ତଥା ଏକ ବିନମ୍ର ଓ ମହନୀୟ ବ୍ୟକ୍ତିତ୍ୱର ଅଧିକାରିଣୀ ଶ୍ରୀମତୀ କମଳା ପୂଜାରୀଙ୍କର ସମ୍ପୂର୍ଣ୍ଣ ନିରାମୟ ତଥା ଦୀର୍ଘାୟୁ ଜୀବନ କାମନା କରି ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଉଛି ସମଗ୍ର ଓଡ଼ିଆ ଜାତି ।

❑❑❑

ତୁମର ପ୍ରାଣିକ ସତ୍ତାର ଦରଜାରେ ବର୍ତ୍ତମାନଠାରୁ ଶ୍ରୀମାଙ୍କର ଏହି ବିଜ୍ଞପ୍ତିଟି ରଖିଦିଅ, ''ଏହା ପରଠାରୁ କେବେ ବି ଏଠାରେ କୌଣସି ମିଥ୍ୟା ପ୍ରବେଶ କରିପାରିବ ନାହିଁ'' ଏବଂ ଏହାକୁ କାର୍ଯ୍ୟକାରୀ କରାଯାଉଛି ବୋଲି ତଦାରଖ କରିବା ପାଇଁ ସେଠାରେ ଏକ ପ୍ରହରୀ ନିଯୁକ୍ତ କରିଦିଅ ।

— ଶ୍ରୀଅରବିନ୍ଦ

# ୨୦୨୪ ସଂଖ୍ୟାର କେତେ କୌତୁକ !

## ଧର୍ମକୁମାର ଶତପଥି

ସମୟର ମାପଦଣ୍ଡରେ ୨୦୨୪ ମସିହା ଆସି ଯାଇଛି । ଆଜି ଏ ବର୍ଷର ପ୍ରଥମ ରବିବାର ।

ସପ୍ତାହର ଏଇ ରବିବାର ଏମିତି ଏକ ଦିନ, ଯାହା ଆମ ପରି ଚାକିରିଆମାନଙ୍କ ପାଇଁ ଅଲଗା ଜଣାପଡ଼େ । ଛଅ ଦିନର ଚିରାଚରିତ ଢଙ୍ଗରେ ଚଳି ଆସିଥିବା ରୁଟିନ୍ ବନ୍ଧା କାର୍ଯ୍ୟକ୍ରମରୁ କିଛିଟା ଆଶ୍ୱସ୍ତି ମିଳେ । ଅଜାଣତରେ ପଞ୍ଜରା ଭିତରୁ ''ଓଃ ...''ଟେ ବାହାରି ପଡ଼େ । ନହେଲେ ଆଗାମୀ ରବିବାରକୁ ପୁଣି ଅବଶିଷ୍ଟ କାମ ରଖିବାକୁ ହୁଏ ।

ଏଣୁ ଏଇ ରୁଟିନ୍‌ବନ୍ଧା କାର୍ଯ୍ୟଧାରାରୁ ମୁଁ ମୁକୁଳି କିଛି ଅଲଗା କାମରେ ବ୍ୟସ୍ତ ରହିବାକୁ ପ୍ରସ୍ତୁତ ହେଉଛି; ଝିଅ ପହଞ୍ଚିଗଲା – ଦଲକାଏ ଗରମ ପବନ ଭଳି । ଶୀତୁଆ ସକାଳକୁ ଉଷୁମ କରିଦେଲା । ହାତରେ ତା'ର ଖାତା ଓ କଲମ । ''ସମଝଦାର ଆଦ୍‌ମି କୋ ଇସାରା କାଫି'' – ନ୍ୟାୟରେ ବୁଝିଗଲି, ଆଗକୁ ମୋ କାର୍ଯ୍ୟଧାରା କେଉଁ ମୋଡ଼ ନେଉଛି । ଝିଅ ବସିଗଲା, ଆଉ ଉପସ୍ଥାପନ କଲା ତା'ର ଖାତା କଲମ ସହ ମୋ ପାଖକୁ ଆସିବାର ଉଦ୍ଦେଶ୍ୟ, ''ଏଇ ନୂଆ ବର୍ଷରେ ଆଜି ପ୍ରଥମ ରବିବାରରେ ତୁମେ ମୋତେ କିଛି ବିଶେଷ କୌତୁକ କଥାଟିଏ କୁହ ।''

ମୁଁ କହିଲି – ''ଆଜି ରବିବାର । ମୁଁ ମୋର ପୁରୁଣା ପତ୍ରପତ୍ରିକା ସବୁ ଦୀର୍ଘ ଦିନରୁ ଇତଃସ୍ତତ ଭାବେ ପକାଇ ରଖିଛି । ସେସବୁ ସଜାଡ଼ି ଯତ୍ନରେ ରଖିବାକୁ ପ୍ରସ୍ତୁତ ହେଉଛି । ଆଜି ମୋର ଫୁରୁସତ ନାହିଁ । ମୁଁ ତୋତେ ଆଉ କେବେ କହିବି । ତୁ ଯା' ଏଠାରୁ ।''

ଝିଅ କିନ୍ତୁ ଜିଗର କଲା – ''ନାଇଁ, ନାଇଁ । ତୁମର ଏ କାମକୁ ଆସନ୍ତା ରବିବାରକୁ ରଖ । ଆଜି ମୋତେ ଗୋଟିଏ କୌତୁକ ଅଙ୍କ କଥା କୁହ ।''

ମୁଁ ଧୀର ସ୍ୱରରେ ବୁଝାଇଲି – ''ଦେଖ ଝିଅ । ଇତି ମଧ୍ୟରେ ମୁଁ ତୋତେ କୌତୁକ ଅଙ୍କର ଅନେକ ମନମୁଗ୍ଧକର କଥା କହି ସାରିଛି । ଆଉ କି କଥା କହିବି ? ମୁଁ ଯାହା କହିଛି, ତୁ ସେସବୁକୁ ମନ ଧ୍ୟାନ ଦେଇ ଶୁଣିଛୁ ? ହେଲେ ସେସବୁକୁ ତୁ କେତେ ମନ ରଖିଛୁ ?''

''ଗତବର୍ଷ ଏମିତି ୨୦୨୩ ମସିହାର ପ୍ରଥମ ରବିବାରରେ ତୁମେ ମୋତେ ୨୦୨୩ ସଂଖ୍ୟାର ବିଶେଷ କୌତୁକ ବିଷୟରେ କହିଥିଲ । ଅବଶ୍ୟ ତୁମେ ତାକୁ ବର୍ଷ ହିସାବରେ ନୁହେଁ ଏକ ସଂଖ୍ୟା ହିସାବରେ କହିଥିଲ ।'' ସେ ଅନୁନୟ ହେଲା ।

''ହଁ, ହଁ । ଠିକ୍ ମନେ ପକାଇ ଦେଲୁ । ଆଚ୍ଛା, ଏଇ ୨୦୨୩ ସଂଖ୍ୟାର କୌତୁକ ଗୁଣ ସମ୍ପର୍କରେ କ'ଣ ମନେ ରଖିଛୁ କହିଲୁ ?'' ମୁଁ ଝିଅର ସ୍ମରଣ ଶକ୍ତିର ପ୍ରଖରତା ପରଖିବାକୁ ପଚାରିଲି ।

ଝିଅ ନିରୀହ କଣ୍ଠରେ ଉତ୍ତର ଦେଲା, ''ତୁମେ ୨୦୨୩ ସଂଖ୍ୟାର କୌତୁକ ଗୁଣ ସମ୍ପର୍କରେ କେତୋଟି ସୁନ୍ଦର କଥା କହିଥିଲ । ସବୁତକ ମୋର ମନେ ନାହିଁ । ତେବେ ଗୋଟିଏ କୌତୁକ ମୋର ମନେ ଅଛି । ତାକୁ କେବେ ବି ଭୁଲି ପାରିବି ନାହିଁ । ଖୁବ୍ ଆଗ୍ରହୋଦ୍ଦୀପକ ।'' – ଝିଅ ଏକ ପ୍ରକାର ଜୋର୍ ଦେଇ କହିଲା । ତା' କଣ୍ଠ ସ୍ୱରରେ ଯେତେ ଦାମ୍ଭିକତା ଥିଲା, ତା'ଠାରୁ ଅଧିକ ଥିଲା କୋମଳ, ନିରୀହତାର ସ୍ପର୍ଶ ।

ମୁଁ ଉତ୍ସାହିତ ହେଲା ପରି ଜିଜ୍ଞାସା କଲି,– ''ମାତ୍ର ଗୋଟିଏ କୌତୁକ ? କହିଲୁ, କ'ଣ ସେଇଟା ?''

ସେ କହିଲା – ''ତୁମେ କହିଥିଲ :

୨୦୨୩ = ୭x୨୮୯ = ୭x୧୭x୧୭

= (୨+୦+୨+୩) ହେଉଛି (୨ର ବର୍ଗ + ୦ର ବର୍ଗ + ୨ର ବର୍ଗ + ୩ର ବର୍ଗ)ର ବର୍ଗ ।

ଏଠାରେ ୨୦୨୩ ସଂଖ୍ୟାର ପରିପ୍ରକାଶରେ ୦, ୨ ଓ ୩ର ଅଙ୍କର ସୁନ୍ଦର ସଜ୍ଜୀକରଣ ମୋ ସ୍ମୃତିପଟକୁ ଛୁଇଁ ଯାଇଛି ।''

''ଧନ୍ୟବାଦ ! ତୋ'ର ଆଗ୍ରହ ତଥା ସ୍ମରଣ ଶକ୍ତି ମୋତେ ୨୦୨୪ ସଂଖ୍ୟାରେ ଥିବା କୌତୁକ ଗୁଣକୁ ତୋ' ଆଗରେ ଉପସ୍ଥାପନ କରିବାକୁ ଉତ୍ସାହିତ କରୁଛି । ଏଣୁ ମୁଁ ୨୦୨୪ର କିଛି ଜାଣିଥିବା କୌତୁକ କଥା କହୁଛି । ତୁ ଖାତା କଲମ ବାହାର କର । ମନ ଦେଇ ଶୁଣ ।'' ମୁଁ ସଳଖି ବସିଲି ।

ବାସ୍ତବିକ ଆମର ଶିଶୁମାନେ କେତେ ପ୍ରଖର ସ୍ମରଣ

ଶକ୍ତିର ଅଧିକାରୀ । କେତେ ଚାଲାଖ । ମୋର ମନେ ପଡ଼ିଗଲା, ଶିଶୁ ଗଣେଶଙ୍କର ସେଇ ଚତୁରତାର କଥା, ଯିଏ ନିଜ ମୂଷା ବାହନରେ ବସି ମାତାପିତାଙ୍କୁ ପ୍ରଦକ୍ଷଣ କରିବା ଦ୍ୱାରା ପ୍ରତୀକାତ୍ମକ ରୂପେ ସାରା ପୃଥିବୀକୁ ପ୍ରଦକ୍ଷଣ କରିଥିଲେ ଆଉ ବଡ଼ ଭାଇ କାର୍ତ୍ତିକଙ୍କୁ ପରାସ୍ତ କରି ଅଗ୍ରପୂଜ୍ୟ ହେଲେ ।

ଝିଅ ମଧ୍ୟ ମୋର ଅନୁରୂପ ଭାବରେ ସଳଖି ବସିଲା । ଉତ୍ସାହିତ ହେଲା । ମୋ ପାଖରୁ କ'ଣ ସବୁ ଶୁଣି ଖାତାରେ ଟିପି ନେବ ବୋଲି ଅପେକ୍ଷା କଲା ।

ମୁଁ ଆରମ୍ଭ କଲି – ''ଏଇ ଦେଖ, ୨୦୨୪ ସଂଖ୍ୟାକୁ **ତିନୋଟି** ବର୍ଗ ସଂଖ୍ୟାର ସମଷ୍ଟି ରୂପେ ଚାରି ପ୍ରକାରରେ ପ୍ରକାଶ କରି ହୁଏ –

(କ) ୨୦୨୪ = ୪+୨୫୬+୧୭୬୪
= ୨ର ବର୍ଗ+୧୬ର ବର୍ଗ+୪୨ର ବର୍ଗ ।

(ଖ) ୨୦୨୪ = ୬୪+୧୯୬+୧୭୬୪
= ୮ର ବର୍ଗ+୧୪ର ବର୍ଗ+୪୨ର ବର୍ଗ ।

(ଗ) ୨୦୨୪ = ୧୦୦+୩୨୪+୧୬୦୦
= ୧୦ର ବର୍ଗ+୧୮ର ବର୍ଗ+୪୦ର ବର୍ଗ ।

(ଘ) ୨୦୨୪ = ୨୫୬+୩୨୪+୧୪୪୪
= ୧୬ର ବର୍ଗ+୧୮ର ବର୍ଗ+୩୮ର ବର୍ଗ ।

ପୁଣି ୨୦୨୪ ସଂଖ୍ୟାକୁ **ଚାରୋଟି** ବର୍ଗ ସଂଖ୍ୟାର ସମଷ୍ଟି ରୂପେ ଦୁଇ ପ୍ରକାରରେ ଆମେ ପ୍ରକାଶ କରିପାରିବା :

ଯଥା :

(କ) ୨୦୨୪ = ୧୬+୩୨୪+୬୮୪+୯୦୦
= ୪ର ବର୍ଗ+୧୮ର ବର୍ଗ+୨୮ର ବର୍ଗ+୩୦ର ବର୍ଗ

(ଖ) ୨୦୨୪ = ୬୪+୪୮୪+୫୭୬+୯୦୦
= ୮ର ବର୍ଗ+୨୨ର ବର୍ଗ+୨୪ର ବର୍ଗ+୩୦ର ବର୍ଗ

ଠିକ୍ ସେହିପରି **ପାଞ୍ଚୋଟି** ବର୍ଗ ସଂଖ୍ୟାର ସମଷ୍ଟି ରୂପେ ଆମେ ଏହି ୨୦୨୪ ସଂଖ୍ୟାକୁ ଦୁଇ ପ୍ରକାରରେ ପ୍ରକାଶ କରିପାରିବା :

ଯଥା : (କ) ୨୦୨୪ = ୨୫+୩୬୧+୪୮୪ +୫୨୯+୬୨୫

= ୫ର ବର୍ଗ+୧୯ର ବର୍ଗ+୨୨ର ବର୍ଗ+୨୩ର ବର୍ଗ+୨୫ର ବର୍ଗ

ଏବଂ (ଖ) ୨୦୨୪ = ୧୬୯+୨୮୯ + ୩୬୧ + ୫୨୯+୬୭୬

ଝିଅ ଏକ ଲୟରେ ଅପଲକ ନୟନରେ ଏଇ ବର୍ଗ ସଂଖ୍ୟାମାନଙ୍କର ସଜ୍ଜୀକରଣକୁ ଚାହିଁ ରହିଥିଲା । ମୁଁ ତା'ର ଦୃଷ୍ଟିଭଙ୍ଗୀକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କଲି । କହିଲି : ''ଖାଲି ଏତିକି ନୁହେଁ, ୨୦୨୪ ସଂଖ୍ୟାକୁ ଘନ ସଂଖ୍ୟାର ସମଷ୍ଟି ଆକାରରେ ମଧ୍ୟ ପ୍ରକାଶ କରାଯାଇ ପାରିବ ।

ଯଥା : ୨୦୨୪ ହେଉଛି ୬ଟି ଘନ ସଂଖ୍ୟାର ସମଷ୍ଟି ।

'କିପରି ?' – ଝିଅର ଚିରାଚରିତ ଆଶ୍ଚର୍ଯ୍ୟ ମିଶା ପ୍ରଶ୍ନ ।

ଏଇ ଦେଖ : ୧+୮+୧୨୫+୨୧୬+୩୪୩+ ୧୩୩୧ = ୨୦୨୪

ଯାହାକି ଅନ୍ୟ ପ୍ରକାରେ – ୧ର ଘନ+୨ର ଘନ+ ୫ର ଘନ+୬ର ଘନ+୭ର ଘନ+୧୧ର ଘନ = ୨୦୨୪

ସବୁଠାରୁ ବଳି ଆଶ୍ଚର୍ଯ୍ୟକର କଥା ହେଉଛି ଯେ ଏଇ ୨୦୨୪ ସଂଖ୍ୟାଟି ୮ଟି ଘନ ସଂଖ୍ୟାର ମଧ୍ୟ ସମଷ୍ଟି ଅଟେ । ଆଉ ସେଇ ୮ଟି ସଂଖ୍ୟା କ୍ରମାନ୍ୱୟରେ ୨ ଠାରୁ ୯ ପର୍ଯ୍ୟନ୍ତ ଅଟନ୍ତି ।

ଯଥା : ୨୦୨୪ =
୮+୨୭+୬୪+୧୨୫+୨୧୬+୩୪୩+୫୧୨+୭୨୯ ।

ଅର୍ଥାତ୍ – ୨୦୨୪ = ୨ର ଘନ+୩ର ଘନ+୪ର ଘନ+୫ର ଘନ+୬ର ଘନ+୭ର ଘନ+୮ର ଘନ+୯ର ଘନ ।''

ଝିଅ ଅନାଇ ଥିଲା ଏଇ ସଂଖ୍ୟାମାନଙ୍କର ଅପୂର୍ବ, ଆଶ୍ଚର୍ଯ୍ୟମୟ ସଜ୍ଜୀକରଣକୁ । ପ୍ରତ୍ୟେକ ସ୍ଥଳରେ ମିଶାଣ ଫଳ ୨୦୨୪ ହେଉଥିବାରୁ ତା'ର ଖୁସି କାହିଁରେ କେତେ ।

''ଆରେ ବାପ୍ରେ ! ୨୦୨୪ ସଂଖ୍ୟାଟି ଏପରି ମଜାଳିଆ, କୌତୁକିଆ ସଂଖ୍ୟାମାନଙ୍କର ସମଷ୍ଟି । ଏହା ଆମ ଗଣିତ ଶିକ୍ଷକଙ୍କୁ ଆଗାମୀକାଲି କହିବି । ସେ ନିଶ୍ଚୟ ଖୁସି ପ୍ରକାଶ କରିବେ । ମୋ ସାଙ୍ଗମାନଙ୍କୁ ମଧ୍ୟ ଜଣାଇ ଖୁସି କରାଇବି । ସେମାନେ ବି ଏକଥା ଜାଣି ନଥିବେ ।'' – ଝିଅ କହି ହେଲା ।

ମୁଁ ୨୦୨୪ର ଗୁଣନୀୟକ କଥା କହିବି କି ନାହିଁ ମନେ ମନେ ଭାବୁଥିଲି । କାରଣ ମୋର ମନେ ହେଉଥିଲା, ଗୁଣନ ଆକାରରେ ୨୦୨୪ ସଂଖ୍ୟାର ପରିପ୍ରକାଶରେ ସେତେଟା କୌତୁକ ନାହିଁ । ତେଣୁ ବିରତ ରହିଲି ।

ଝିଅ ପୁଣି କହି ଚାଲିଲା – ''ଏତେ ଏତେ କୌତୁକ ଭରା ୨୦୨୪ ସଂଖ୍ୟାଟି ଆମ ପାଇଁ ଚଳିତ ବର୍ଷ ରୂପେ ପରିଗଣିତ । ଏହା ସମସ୍ତଙ୍କ ପାଇଁ ହସ, ଖୁସି ଓ କୌତୁକର ବର୍ଷ ହେଉ । ସମସ୍ତଙ୍କର କୁଶଳ ଓ ମଙ୍ଗଳକର ହେଉ । ସମସ୍ତେ ଖୁସିରେ ରହନ୍ତୁ ।''

– ''ହଁ ବାପା ମୁଁ ଏବେ ଯାଇପାରେ ?'' – ସିଏ ଅନୁମତି ମାଗିଲା ।

ମୁଁ ମୋର କିଛି ସମୟର ମୌନତା ଭାଙ୍ଗି କହିଲି – ''ହଉ, ତୁ ଏବେ ଯାଇପାରୁ ।''

❑❑❑

ଧୀବରଟିଏ ନଦୀରୁ ମାଛ ଧରି ପରିବାର ପ୍ରତିପୋଷଣ କରେ । ଥରେ ମାଛ ଧରିବା ସମୟରେ ତା' ଜାଲରେ ଗୋଟିଏ ଭାରି ଜିନିଷ ଥିବାର ସେ ଅନୁଭବ କଲା । ଜାଲଟିକୁ କୌଣସି ପ୍ରକାରେ କୂଳକୁ ଆଣି ଦେଖିଲା ଜାଲରେ ମାଛ ବଦଳରେ ପଡ଼ିଛି ଗୋଟାଏ ସୁଦୃଶ୍ୟ ମାଟିର ମାଠିଆ । ସେଇଟିକୁ ଅଦରକାରୀ ଭାବି ନଈକୂଳରେ ଫିଙ୍ଗି ଦେଇ ଯିବାକୁ ବାହାରିଲା ବେଳେ ଶୁଣିଲା ଗୋଟିଏ ମୃଦୁ କଣ୍ଠ ସ୍ୱର, ''ମୋତେ ସାଥୀରେ ନିଅ । ମୁଁ ତୁମର ଖୁବ୍ ଉପକାର କରିବି ।'' କୌତୂହଳୀ ଧୀବର ମାଠିଆଟିକୁ ଧରି ଘରକୁ ଫେରିଲା । ଘରେ ପହଞ୍ଚି ଧରିଥିବା ମାଛରୁ ଗୋଟିଏ ସେ ମାଠିଆରେ ରଖି ଦେଉଁ ଦେଉଁ ମାଠିଆଟି ମାଛରେ ପୂର୍ଣ୍ଣ ହୋଇଗଲା । ଏହା ଦେଖି ଧୀବର ଓ ତା'ର ପତ୍ନୀ ଅବାକ୍ ବିସ୍ମିତ ହେବା ସଙ୍ଗେ ସଙ୍ଗେ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇ ଉଠିଲେ ।

ଏବେ ପ୍ରତିଦିନ ଧୀବର ନଦୀରୁ ମାଛଟିଏ ଆଣି ସେ ମାଠିଆ ଭିତରେ ରଖିଦିଏ ଏବଂ ତତ୍‌କ୍ଷଣାତ୍ ମାଠିଆଟି ମାଛରେ ଭରିଯାଏ । ଏହା ଫଳରେ ସେମାନଙ୍କର ଜୀବନ ନିର୍ବାହ ସୁଗମ ହେବା ସଙ୍ଗେ ସଙ୍ଗେ ଦୈନିକ ଅଧିକ ପରିମାଣର ମାଛ ବଜାରରେ ବିକ୍ରୀ କରି ଧୀବରଟି ମଧ୍ୟ ଧନୀ ହେବାରେ ଲାଗିଲା ।

ହେଲେ ସବୁଦିନ ସମାନ ଯାଏନି । ଦିନେ ଘର ଭିତରେ ଥିବା ଭାଡ଼ି ଉପରୁ ଭୁଆ ବିଲେଇଟା ମାଠିଆ ଉପରକୁ ଡେଇଁ ପଡ଼ିବାରୁ ମାଟିଆଟି ଭାଙ୍ଗି ଚୂର୍‌ମାର ହୋଇଗଲା । ତା' ସହିତ ଚୂର୍‌ମାର ହୋଇଗଲା ଧୀବର ପରିବାରର ଆର୍ଥିକ ସୁଖ-ସ୍ୱାଚ୍ଛନ୍ଦ୍ୟ । ସେମାନଙ୍କର ଜୀବନ ଓ ଜୀବିକା ପୁଣି ପୁରୁଣା ଧନ୍ଦାକୁ ଆଦରି ନେଲା ।

ଏହି ବିଷାଦଗ୍ରସ୍ତ ମୁହୂର୍ତ୍ତରେ ଦିନେ ଧୀବର ଗୃହରେ ଆସି ଉପସ୍ଥିତ ହେଲେ ତା'ର ଗୁରୁଦେବ । ସେମାନଙ୍କ ଜୀବନର ଦୁଃଖଦ ଘଟଣା ଶୁଣି ଗୁରୁଦେବ ମନ୍ତବ୍ୟ ଦେଲେ,– ଯଦି ସେ ମାଠିଆରେ ସେମାନେ ମାଛ ବଦଳରେ ସୁନା ଗହଣାଟିଏ ରଖି ଦେଇଥା'ନ୍ତେ ତା'ହେଲେ ସେଇଟା ସୁନାରେ ଭରି ଯାଇଥା'ନ୍ତା ଏବଂ ଖାଲି ସେମାନଙ୍କ ପାଇଁ ନୁହେଁ ତାଙ୍କର ଆଗାମୀ ପିଢ଼ି ପାଇଁ ମଧ୍ୟ ଆର୍ଥିକ ସମସ୍ୟାର ସମାଧାନ ହୋଇ ଯାଇଥା'ନ୍ତା ।

ଏହା କହିବା ପରେ ଅବଶ୍ୟ ଗୁରୁଦେବ କଥାଟିର ତାତ୍ପର୍ଯ୍ୟ ଭିନ୍ନ ଭାବେ ବୁଝାଇଲେ । ତାଙ୍କ ବକ୍ତବ୍ୟର ମର୍ମବାଣୀ ହେଲା, ଆମେ ସଂସାର ରୂପକ ସାଗରରୁ ଏ ମାନବ-ଶରୀର ରୂପକ ଦିବ୍ୟ ମାଠିଆଟିଏ ପାଇଛନ୍ତି । ଅଜ୍ଞାନତାବଶତଃ ଆମେ ତା' ମଧ୍ୟକୁ ଭଗବାନଙ୍କର ଦିବ୍ୟ ଉପସ୍ଥିତିକୁ ଆବାହନ କରିବା ତଥା ପ୍ରତିଷ୍ଠା କରିବା ପାଇଁ ସାଧନା କରିବା ପରିବର୍ତ୍ତେ ଜୀବନକୁ ଧନ, ମାନ, ଯଶ, କୀର୍ତ୍ତି ପଦପଦବୀ ମଣ୍ଡିତ କରିବାରେ ବ୍ୟସ୍ତ ରହୁଛେ । ମାତ୍ର ଏହି ଦେବ ଦୁର୍ଲଭ ଦିବ୍ୟ ମାନବ ଶରୀରକୁ ଯଦି ଭଗବାନଙ୍କର ଦିବ୍ୟନାମ ଗୋଟିକରେ ଭରି ଦେବାକୁ ଚେଷ୍ଟା କରନ୍ତେ ତାହା ଆମକୁ ଦିବ୍ୟତାରେ ପରିପୂର୍ଣ୍ଣ ହେବାରେ ସାହାଯ୍ୟ କରନ୍ତା ଏବଂ ଆମର ଭଗବତ୍ ପ୍ରାପ୍ତିର ମାର୍ଗ ସୁଗମ ହୋଇପାରନ୍ତା ।

(ସଂଗୃହୀତ) ❑

ଚେତନାର ଦିଗ୍‌ବଳୟ :

# ଜୀବନ ଜିଜ୍ଞାସା

***ପ୍ରଶ୍ନ :** ଲୋକକଥାସବୁରେ ଯେଉଁ ସବୁ ରାଜା ଓ ରାଜ୍ୟ, ସହର, ନଗର, ନଦନଦୀ ବିଷୟ ଆମେ ଶୁଣୁ, ସେସବୁ କ'ଣ ଐତିହାସିକ ?*

**ଉତ୍ତର :** ତା'ହେଲେ ତ ଲୋକକଥା ଇତିହାସ ହୁଅନ୍ତା ! ଐତିହାସିକ କିଂବଦନ୍ତିମାନଙ୍କରେ ଇତିହାସର ଉପାଦାନ ରହିଛି । କିନ୍ତୁ ଲୋକକଥା ହେଲା କାହାଣୀ; ଅଭିଜ୍ଞତା, ଅନୁଭୂତି, କଳ୍ପନା, ଦୂରଦୃଷ୍ଟି, ସର୍ବୋପରି ସୃଜନଶୀଳତା — ଏସବୁରୁ ଲୋକକଥାର ଉଦ୍ଭବ ।

ତେବେ, ଲୋକକଥା ପ୍ରାୟତଃ କିଂବା କେବେ କେବେ ଇତିହାସକୁ ଆଧାର କରିଥାଏ । ଧରନ୍ତୁ ସାତବାହନ ରାଜ ଦରବାରର ପଣ୍ଡିତ ଗୁଣାଢ଼୍ୟ ଦେଶ ପର୍ଯ୍ୟଟନ କରି ଅସଂଖ୍ୟ କାହାଣୀ ସଂଗ୍ରହ କଲେ । ''ବୃହତ୍ କଥା'' ନାମରେ, ବହୁ କାଳ ତଳେ ଅବଲୁପ୍ତ ଏକ ଭାଷାରେ ଲିଖିତ ସେହି ବିଶାଳ ସଂକଳନହିଁ ସୋମଦେବଙ୍କ ''କଥା ସରିତ୍-ସାଗର''ର ଉତ୍ସ । ସାତବାହନ ରାଜା ଗୁଣାଢ଼୍ୟଙ୍କୁ ସଂକଳନ ଦିଗରେ ସହାୟତା ଦେବା ଇତିହାସ-ସମର୍ଥିତ ସତ୍ୟ । ସେ ରାଜବଂଶର ରାଜଧାନୀ 'ପ୍ରତିଷ୍ଠାନ' ନଗରୀ । ତାହା ପଇଥାନ୍ ନାମରେ ଅଦ୍ୟାବଧି ବିଦ୍ୟମାନ । କିନ୍ତୁ ବିଷ୍ଣୁଶର୍ମାଙ୍କ 'ପଞ୍ଚତନ୍ତ୍ର'ର ପଟ୍ଟଭୂମି ଯେଉଁ ମହିଳାରୂପ୍ୟ ନଗରୀ, ତାହା ସମ୍ଭବତଃ କଳ୍ପନା ।

ରାଜା ବିକ୍ରମାଦିତ୍ୟଙ୍କ ଉପରେ 'ବେତାଳ ପଞ୍ଚବିଂଶତି'ର ସମସ୍ତ କାହାଣୀ ଆରୋପିତ । ଯେହେତୁ ବିକ୍ରମାଦିତ୍ୟ ଏକ ସର୍ବଜନପ୍ରିୟ ନାମ, କାହାଣୀ ସବୁ ତାଙ୍କ ନାମ ବହନ କରି ନିଜ ନିଜକୁ ଯେପରି ପ୍ରାମାଣ୍ୟ ପ୍ରତିପାଦିତ କରିବାରେ ପ୍ରୟାସୀ, ସେହିପରି ସେମାନେ ରାଜା ବିକ୍ରମାଦିତ୍ୟଙ୍କ ସ୍ମୃତିକୁ ମଧ୍ୟ ସବୁଜ ରଙ୍ଗିନ କରି ରଖୁଛନ୍ତି । ଭାରତର ଅସଂଖ୍ୟ ସହର, ନଗର, ପଲ୍ଲି, ଜନପଦ ଓ ନଦନଦୀ ପାହାଡ଼ ପର୍ବତର ନାମ ବଦଳି ଗଲାଣି, ମାନଚିତ୍ର ବି ବଦଳି ଗଲାଣି । ''କନ୍ୟା ତେଜସ୍ୱିନୀ'' ସାବିତ୍ରୀଙ୍କ ଜନ୍ମସ୍ଥାନ ମଦ୍ର ଦେଶ ଆଜିର ଆଫଗାନିସ୍ତାନ ବୋଲି କେତେଜଣ ମନେ ପକାଇବେ ? ଅବଶ୍ୟ ଧ୍ୱନିଗତ ସାମଞ୍ଜସ୍ୟ ଯୋଗୁଁ ଆଜିର କାନ୍ଦାହାର ଯେ ରାଣୀ ଗାନ୍ଧାରୀଙ୍କ ପିତୃରାଜ୍ୟ ଗାନ୍ଧାର, ସେତିକ ଆମେ ଜାଣୁ ।

ନଦନଦୀ କଥା ! ସରସ୍ୱତୀ ନଦୀ ଅନ୍ତର୍ହିତ । ପୁରାଣରେ ଆମେ ପଢୁ ମାଳିନୀ ନଦୀ କୂଳରେ ଥିଲା ଋଷି କଣ୍ୱଙ୍କ ଆଶ୍ରମ; ପୁଷ୍ପଭଦ୍ରା ନଦୀ କୂଳରେ ଋଷି ମାର୍କଣ୍ଡେୟଙ୍କ ଆଶ୍ରମ; ସମଙ୍ଗା ନଦୀ କୂଳରେ ତପସ୍ୟାରତ ଥିଲେ ଶୁକ୍ରାଚାର୍ଯ୍ୟ; କୌଶିକୀ ନଦୀ ତୀରରେ ଧ୍ୟାନସ୍ଥ ରହିଥିଲେ ବିଖ୍ୟାତ ବିଶ୍ୱାମିତ୍ର । କାହାନ୍ତି ସେସବୁ ନଦୀ ? ଜାଣେନା; ହୁଏତ ପରିବର୍ତ୍ତିତ ନାମରେ ରହିଥିବେ ବହମାନ । ଆଜିର ସତ୍‌ଲେଜ୍ ଏବଂ ବ୍ୟାସ ନଦୀ ବ୍ରହ୍ମର୍ଷି ବଶିଷ୍ଠଙ୍କ ସହାୟିକା ଶତଦ୍ରୁ ଓ ବିପାଶା ବୋଲି ମନେ ପକାଇବାକୁ ହୁଏ — ସଚରାଚର ମନେ ରହେନା । ମହାଭାରତରେ ବହୁ ଛୋଟ ବଡ଼ ରାଜ୍ୟ ଓ ରାଜାମାନଙ୍କର ଉଲ୍ଲେଖ ରହିଛି । ମହାକାଳ ସେସବୁକୁ ନିଶ୍ଚିହ୍ନ କରିଛି । ତେବେ ଲୋକକଥା, ଉପକଥା ଓ ପରୀଗଳ୍ପ ସବୁର ରାଜ୍ୟ, ରାଜପୁତ୍ର ଓ ରାଜକନ୍ୟାମାନେ ଏକ ଭିନ୍ନ କଥାଲୋକର ସ୍ଥାନ କାଳ ପାତ୍ର । ସେମାନେ ଇତିହାସ ଓ ରୁକ୍ଷ ବାସ୍ତବତାର ଅନ୍ତର୍ଭୁକ୍ତ ନୁହଁନ୍ତି ।

***ପ୍ରଶ୍ନ :** ଆପଣ ଥରେ କହୁଥିଲେ ବାସ୍ତବତାର ବହୁ ପର୍ଯ୍ୟାୟ, ବହୁ ସ୍ତର ରହିଛି । ଲୋକକଥା, ଉପକଥା, ପରୀଗଳ୍ପ ଇତ୍ୟାଦିରେ ଆମେ କେଉଁ ସ୍ତରର ବାସ୍ତବତା ଆଶା କରିପାରୁ ?*

**ଉତ୍ତର :** ସବୁ ଲୋକକଥା ବା ଉପକଥାର ଆପଣ ନିର୍ଦ୍ଦିଷ୍ଟ ଗୋଟାଏ କୌଣସି ସ୍ତରର ବାସ୍ତବତା ଆଶା କରିପାରିବେ ନାହିଁ । ସେ ପର୍ଯ୍ୟାୟର ସମସ୍ତ କାହାଣୀର ଉତ୍ସ ଏକ ନୁହେଁ । ଟିକିଏ ଆଗରୁ ଏହି ସମାବେଶରେ ଉପସ୍ଥିତ ଜଣେ ଶିକ୍ଷକ ମୋର ''ଉପକଥା ଶତକ'' ବହିରେ ସନ୍ତକ ନେଇଗଲେ । ସେ ବହିର କାହାଣୀସବୁକୁ ଲୋକକଥା ବୋଲି ଆମେ କହିବା । କିନ୍ତୁ ସେଗୁଡ଼ିକର ଉତ୍ସ ସାଧୁ ସନ୍ଥଙ୍କ ଜ୍ଞାନ ଓ ପ୍ରେରଣା । ଗହନ ମନସ୍ତାତ୍ତ୍ୱିକ ଓ ଆଧ୍ୟାତ୍ମିକ ସତ୍ୟ ପରିବେଷଣ ମାଧ୍ୟମରେ ଜନଜୀବନକୁ ଆଲୋକିତ ଓ ଆଶ୍ୱସ୍ତ କରିବା ସେସବୁ କାହାଣୀର

ଆଭିମୁଖ୍ୟ । କିନ୍ତୁ କିଛି ସମୟ ପୂର୍ବରୁ ଯେଉଁ ଗଳ୍ପଟି କହୁଥିଲି — ତରୁଣ ପଣ୍ଡିତ ବକ୍ତାଙ୍କ ଅନ୍ତର୍ଗତ ଭାଷଣ ଶୁଣି ସଜଳ ନୟନରେ ମଧରାତ୍ରି ଯାଏ ବସିଥିବା ବୃଦ୍ଧାଟି ତା' ବକ୍ତୃତା ଶୁଣି ମୁଗ୍ଧ ବୋଲି ବକ୍ତା ଭାବୁଥିବା ସ୍ଥଳେ ବୃଦ୍ଧା କିନ୍ତୁ ପଣ୍ଡିତର ଈଷତ୍ ଦୋଦୁଲ୍ୟ କଅଁଳ ଦାଢ଼ି ଯୋଗୁଁ ସମତୁଲ ଦାଢ଼ିବନ୍ତ ତା'ର ହୃତ ଛାଗଟିର ସ୍ମୃତିରେ ଅଶ୍ରୁ ରୋକିପାରୁ ନଥିବାର କାହାଣୀ — ଆମର ଅତି ସାଧାରଣ ବାସ୍ତବ ମନସ୍ତାତ୍ତ୍ୱିକ କ୍ରିୟା-ପ୍ରତିକ୍ରିୟାର ଅନୁଶୀଳନ ଉପରେ ପର୍ଯ୍ୟବସିତ । ଆମେ ନିଜ ନିଜ ଉପରେ କେତେ ଗୁରୁତ୍ୱ ଦେଉ ଏବଂ ସେହି ମାନସିକତାରୁ ଅନ୍ୟମାନଙ୍କ ଆଚରଣର ବ୍ୟାଖ୍ୟା କରୁ, ଗଳ୍ପଟି ତାହାରି ଉପରେ ଏକ ଚମତ୍କାର ବିଦ୍ରୂପ । ଆଉ ଗୋଟାଏ କାହାଣୀ — ଥରେ ଥରେ ସ୍ୱତନ୍ତ୍ର ଭାବରେ ବିବୃତ ହେଉଥାଏ ତ ଥରେ ଥରେ ପୂର୍ବୋକ୍ତ କାହାଣୀର ପ୍ରଥମାର୍ଦ୍ଧ ଭାବରେ ପରିବେଶିତ ହୁଏ । ତାହା ଏହିପରି : ତରୁଣ ପଣ୍ଡିତଟି ପୂର୍ବାହ୍ଣରେ ଗୋଟାଏ ଗାଁ ଭିତର ଦେଇ ଯାଉଥା'ନ୍ତି । ତାଙ୍କର ଗୈରିକ ଝିଲିମିଲି ବସ୍ତ୍ର ଓ ଶ୍ମଶ୍ରୁଶୋଭିତ ମୁଖମଣ୍ଡଳ ଯୋଗୁଁ ତାଙ୍କୁ ସନ୍ନ୍ୟାସୀ ରୂପେ ଗ୍ରହଣ କରି ବାଟୋଇମାନେ ପ୍ରଣାମଟିମାନ କରନ୍ତି । ସେ ମୁହୂର୍ତ୍ତକ ପାଇଁ ଆଖିବୁଜି ଧାଡ଼ିଏ ମନ୍ତ୍ର ସହକାରେ ସେମାନଙ୍କ ଶିର ସ୍ପର୍ଶ କରି ଆଶୀର୍ବାଦ କରନ୍ତି ।

ଆଶୀର୍ବାଦ-ପଟୁ ତରୁଣ ପଣ୍ଡିତ ଗାଁ ମୁଣ୍ଡ ହାଟରେ ପହଞ୍ଚିଛନ୍ତି । ତହିଁ ଦୁଇଟି ମେଣ୍ଢା ଲଢ଼େଇ ପାଇଁ ପ୍ରସ୍ତୁତ ହେଉଥିଲେ । ସେ ଯୋଦ୍ଧା ଯୁଗଳରୁ ଗୋଟାଏ କାହିଁକି କେଜାଣି ଧାବମାନ ପଣ୍ଡିତଙ୍କ ଗୈରିକ ବସ୍ତ୍ରାବୃତ ତନୁ ଓ କେଶପାଶ ବିରୁଦ୍ଧରେ ପ୍ରତିବାଦର ନିଷ୍ପତ୍ତି ନେଇ ମୁଣ୍ଡ ତଳକୁ କଲା; ଅର୍ଥାତ୍ ଆକ୍ରମଣ ପାଇଁ ପ୍ରସ୍ତୁତ ହେଲା । ପଣ୍ଡିତେ କିନ୍ତୁ ଧରି ନେଲେ ମେଣ୍ଢା ତାଙ୍କୁ ପ୍ରଣାମ କରିବାକୁ ଉଦ୍ୟତ । ତତ୍‌କ୍ଷଣାତ୍ ଆଖି ବୁଜି ସେ ଆଶୀର୍ବାଦ ସକାଶେ ହାତ ଟେକିବା ବେଳକୁ ଅନ୍ୟମାନେ ହାଁ ହାଁ କରିବା ମଝିରେ ମେଣ୍ଢା ମୁଣ୍ଡିଆ ଖାଇ ସେ ହେଲେ ଭୂପତିତ !

ଯାହା କହୁଥିଲି, ସବୁ ଲୋକକଥାର ପ୍ରେରଣାର ଉତ୍ସ ଏକ ନୁହେଁ । କେତେକର ସୃଷ୍ଟି ଆଧ୍ୟାତ୍ମିକ ପ୍ରଜ୍ଞାରୁ, କେତେକର ସୃଷ୍ଟି ମନସ୍ତାତ୍ତ୍ୱିକ ଓ ବ୍ୟାବହାରିକ ବିଚକ୍ଷଣତାରୁ, କେତେକର ସୃଷ୍ଟି ଦାର୍ଶନିକ ଭାବନା ଭିତରୁ, ଆଉ କେତେକର ସୃଷ୍ଟି ପୁଣି ଆମକୁ ଆମୋଦ ଯୋଗାଇ ଦେବାର ସଦିଚ୍ଛା ପ୍ରଣୋଦିତ ଆବେଗ ଭିତରୁ । କେତେକ କ୍ଷେତ୍ରରେ ଏକ ବିଗତ ସମୟ ଓ ସମାଜର ବିଧି-ବିଧାନ ଓ ପରମ୍ପରା ସମ୍ପର୍କରେ ମଧ୍ୟ ଆମେ ପାଇଥାଉ ଚିତ୍ତାକର୍ଷକ ତଥ୍ୟ । 'ବେତାଳ ପଞ୍ଚବିଂଶତି'ର ଏକ କାହାଣୀ ମନେ ପକାନ୍ତୁ । ଜଣେ ସମ୍ଭ୍ରାନ୍ତ ଜନପଦବାସୀଙ୍କର ଥାଏ ଏକ ସୁନ୍ଦରୀ କନ୍ୟା । ତାକୁ ଭଲ ପାଆନ୍ତି ଜନପଦର ତିନିଜଣ ଯୁବକ । ହଠାତ୍ ଦିନେ ଯୁବତୀଟିର ମୃତ୍ୟୁ ହୁଏ । ପାର୍ଶ୍ୱବର୍ତ୍ତୀ ଶ୍ମଶାନରେ ଦେହ ତା'ର ଚିତା-ବିସର୍ଜିତ ହେଲା । ତିନିକୁ ତିନି ପ୍ରେମିକଙ୍କୁ ଗ୍ରାସ କଲା ଅପ୍ରତିରୋଧ ବୈରାଗ୍ୟ । ପ୍ରଥମ ଜଣକ ହିମାଳୟ ଚାଲିଗଲା । ଦ୍ୱିତୀୟ ଜଣକ ତରୁଣୀର ଚିତା ଭସ୍ମରୁ କିଞ୍ଚିତ୍ ଧରି ଗଙ୍ଗାରେ ବିସର୍ଜନ ଦେବା ନିମନ୍ତେ ବାରାଣାସୀ ବାହାରିଗଲା । ତୃତୀୟ ପ୍ରେମିକ କିନ୍ତୁ ସେହି ଶ୍ମଶାନରେ ନିର୍ବାପିତ ଚିତା ପାଖରେ କୁଡ଼ିଆଟାଏ ବନାଇ ଦିନାତିପାତ କଲା ।

ହିମାଳୟ ଯାତ୍ରୀ ଯୁବକ ଦୈବାତ୍ ଏମନ୍ତ ଜଣେ ସାଧୁଙ୍କୁ ଭେଟିଲା, ଯିଏ ତାକୁ ମୃତ ସଞ୍ଜୀବନୀ ମନ୍ତ୍ର ଶିଖାଇ ଦେଲେ । ଯୁବକ ଜନପଦକୁ ପ୍ରତ୍ୟାବର୍ତ୍ତନ କଲାବେଳକୁ ଦ୍ୱିତୀୟ ଜଣକ ବି ଲେଉଟି ଆସିଥାଏ । ତୃତୀୟ ତ ସେଇଠି ଥାଏ ।

ସର୍ବ ସମକ୍ଷରେ ହିମାଳୟ ପ୍ରତ୍ୟାଗତ ଯୁବକ ନିଜର ଅଦ୍ଭୁତ ବିଦ୍ୟା ସହାୟତାରେ ଚିତା ଭିତରୁ ଜୀବନ୍ୟାସ ଦେଲା ଯୁବତୀକୁ । ବିସ୍ମୟ ଓ ଆନନ୍ଦର କୋଳାହଳ ଭିତରେ କିନ୍ତୁ ପ୍ରଶ୍ନ ଉଠିଲା : ତିନି ଜଣଙ୍କ ଭିତରୁ କନ୍ୟାର ପାଣିଗ୍ରହଣ କରିବ କିଏ ?

ବେତାଳର ଏ ପ୍ରଶ୍ନରେ ରାଜା ବିକ୍ରମାଦିତ୍ୟଙ୍କ ଉତ୍ତର : ଯିଏ ତରୁଣୀକୁ ଜୀବନ୍ୟାସ ଦେଲା, ସିଏ ତା'ର ପିତାର ଭୂମିକାରେ ଅବତୀର୍ଣ୍ଣ ହେଲା । ଯିଏ ଗଙ୍ଗାରେ ତା'ର ଭସ୍ମ ବିସର୍ଜନ ଦେଲା, ସିଏ ସମାଧା କଲା ପୁତ୍ରର କର୍ତ୍ତବ୍ୟ । ଅତଏବ ଯେଉଁ ପ୍ରେମିକଟି କିଛି ନକରି ସେଇଠି ପଡ଼ି ରହିଥିଲା, ସିଏହିଁ ତରୁଣୀକୁ ବିବାହ କରିବାକୁ ହକଦାର !

କୌଣସି ଏକ ଯୁଗର ସାମାଜିକ ଧ୍ୟାନ ଧାରଣାର କେଡ଼େ ତାତ୍ପର୍ଯ୍ୟପୂର୍ଣ୍ଣ ଦଲିଲ ଏ କାହାଣୀ !

**— ମନୋଜ ଦାସ**

['ଜୀବନ ଜିଜ୍ଞାସା ଏବଂ ସ୍ମରଣିକା ସ୍ତବକ'ରୁ ସଂଗୃହୀତ, ପୃ. ୨୨-୨୫]

❑❑❑

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com


**Vol. LV, No. 6** **R.N.I. No. 18163/70.**
Navaprakash (Monthly), June, 2024 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

ଶ୍ରୀ ପ୍ରପତ୍ତିଙ୍କର ଜନ୍ମ ଶତବାର୍ଷିକୀର (୧୯୨୪-୨୦୨୪)
ଶୁଭ ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**
**(ଦ୍ୱିତୀୟ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୭୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**